# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

BHUBANESWAR

♦VOLUME- 43 ♦ISSUE-245 ♦MONDAY ♦02 MARCH 2026 ♦PAGE-12 ♦₹ 7.00 | ♦ବର୍ଷ-୪୩ ♦ସଂଖ୍ୟା-୨୪୫ ♦ସୋମବାର ♦୦୨ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦





## ୱେଷ୍ଟ ଇଣ୍ଡିଜ୍ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଲେ ସଞ୍ଜୁ ସାମ୍‌ସନ୍


■ କୋଲକାତା, ୧।୩ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ର ସୁପର୍ ୮ ପର୍ଯ୍ୟାୟ ଶେଷ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି। କର ବା ମର ସ୍ଥିତିରେ କୋଲକାତାର ଇଡେନ୍ ପିଚ୍‌କୁ ଓହ୍ଲାଇଥିବା ଭାରତୀୟ ଦଳ ପାଇଁ ଆଜି 'ସାଞ୍ଜୁ' ସାଜିଥିଲେ ସଞ୍ଜୁ ସାମ୍‌ସନ୍। ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂକୁ ଓହ୍ଲାଇଥିବା ଭାରତୀୟ ଦଳର ଓପନର୍ ସଞ୍ଜୁ ସାମ୍‌ସନ୍ ୫୦ ଟି ବଲ୍‌ରେ ୪ଟି ଛକ୍କା ଓ ୧୨ଟି ଚୌକା ବଳରେ ୯୭ ରନ୍‌ର ବିସ୍ଫୋରକ ବ୍ୟାଟିଂ କରି ଶେଷ ୪ ବଲ୍ ବାକି ଥାଇ ୱେଷ୍ଟଇଣ୍ଡିଜ୍ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ସୁପର୍ ୮ ପର୍ଯ୍ୟାୟରେ ବିଜୟୀ ହୋଇଥିବା ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଆସନ୍ତା ୪ ତାରିଖରେ ଇଡେନ୍ ଗାର୍ଡେନ୍‌ରେ ହେବାକୁ ଥିବା ପ୍ରଥମ ସେମିରେ ପରସ୍ପରକୁ ଭେଟିବେ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ୫ ତାରିଖର ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ। ୮ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ।

# ରକ୍ତମୁଖା ଇରାନ

## ଖାମନେଇଙ୍କ ମୃତ୍ୟୁ ପରେ ଆମେରିକୀୟ ଘାଟି, ଇସ୍ରାଏଲ ଉପରେ ଘନଘନ କ୍ଷେପଣାସ୍ତ୍ର ମାଡ଼

■ ତେହରାନ/ ତେଲ ଆଭିଭ, ୧।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧ କାୟା ବିସ୍ତାର କରିବାରେ ଲାଗିଛି। ଏହା ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରି ଚାଲିଛି। ଇରାନରେ ଆରମ୍ଭ ହୋଇଥିବା ନିଆଁ ସମ୍ପୂର୍ଣ୍ଣ ଅଞ୍ଚଳକୁ ବ୍ୟାପି ଚାଲିଛି। ଉଭୟ ପକ୍ଷ ପରସ୍ପରକୁ ଧମକ ପରେ ଧମକ ଦେଇ ଚାଲିଛନ୍ତି। ମିଳିତ ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ (୮୬)ଙ୍କ ମୃତ୍ୟୁ ପରେ ରକ୍ତମୁଖା ହୋଇଛି ଇରାନ। ଆକ୍ରମଣର ଭୟଙ୍କର ପ୍ରତିଶୋଧ ନେବୁ ବୋଲି ଇରାନର ରାଷ୍ଟ୍ରପତି ମାସୁଦ୍ ଧମକ ଦେଇଛନ୍ତି। ଗତରାତି ଠାରୁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ୧୪ଟି ସାମରିକ ଘାଟୀ ସମେତ ଇସ୍ରାଏଲ ଉପରେ ଭୟଙ୍କର କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି ଇରାନ। କେବଳ ଏତିକି ନୁହେଁ ଆକ୍ରମଣରେ ଆମେରିକାକୁ ସହାୟତା କରିଥିବା ଉପସାଗରୀୟ ରାଷ୍ଟ୍ର ଏବଂ ବିଶେଷ କରି ଆରବ ଏମିରେଟ୍ସ, କୁଏତ, ଦୁବାଇ, ଅବୁଧାବି, ▶ପୃଷ୍ଠା-୭

**ସର୍ବୋଚ୍ଚ ନେତାଙ୍କ ସମ୍ମାନାର୍ଥେ ଇରାନରେ ୪୦ଦିନିଆ ରାଷ୍ଟ୍ରୀୟ ଶୋକ**





- ଭୟଙ୍କର ଆକ୍ରମଣ ଅଭିଯାନ ଆରମ୍ଭ କରିବୁ: ଇରାନ
- ଯୁଦ୍ଧପୋତ 'ଆବ୍ରାହାମ୍ ଲିଙ୍କନ୍' ଉପରେ କ୍ଷେପଣାସ୍ତ୍ର ମାଡ଼
- ଇରାନ ଉପରେ ଆକ୍ରମଣକୁ ଚୀନ, ଋଷ, ଉ.କୋରିଆର ନିନ୍ଦା
- ଅନ୍ତଃରାଷ୍ଟ୍ରୀୟ ସମ୍ପର୍କକୁ ନଷ୍ଟ କରିଛି ଆମେରିକା: ଚୀନ୍
- ଖାମନେଇଙ୍କ ହତ୍ୟା ବିରୋଧରେ ବିଭିନ୍ନ ଦେଶରେ ବିକ୍ଷୋଭ

## ବଢ଼ିଲା ତେଲ ଓ ଗ୍ୟାସ୍ ଚିନ୍ତା

## ୧୨ ଟଙ୍କା ମହଙ୍ଗା ହେବ ପେଟ୍ରୋଲ-ଡିଜେଲ !

■ ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଇରାନ୍ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟାରେ ଛାଇଯାଇଛି। ଏହି ପରିସ୍ଥିତିରେ ଭାରତ ସମେତ ସମଗ୍ର ବିଶ୍ୱରେ ତୈଳ ଯୋଗାଣକୁ ନେଇ ବଡ଼ ଆଶଙ୍କା ସୃଷ୍ଟି ହୋଇଛି। କାରଣ ହରମୁଜ୍ ପ୍ରଣାଳୀକୁ ବନ୍ଦ କରିବା ସହ ଆକ୍ରମଣ ପାଇଁ ଇରାନ୍ ଧମକ ଦେଇଛି। ତେଣୁ ଏହି ଯୁଦ୍ଧରେ ହରମୁଜ୍ ପ୍ରଣାଳୀରେ ୧୫୦ ତୈଳ ଜାହାଜ ଅଟକି ରହିଥିବାରୁ ଭାରତକୁ ତୈଳ ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯଦି ଏହି ଯୁଦ୍ଧ ଜାରି ରୁହେ ଏବଂ ହରମୁଜ୍ ପ୍ରଣାଳୀରେ ତୈଳ ମାର୍ଗ ବନ୍ଦ ହୋଇଯାଏ, ତେବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇପାରେ। ଏହାର ପ୍ରଭାବ ସିଧାସଳଖ ଭାରତ ଉପରେ ପଡ଼ିବ। ଏଥିଯୋଗୁ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026
Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



VOLLEYBALL WORLD BEACH PRO TOUR | FIVB | KHELO INDIA | KISS



FIVB
1st TIME in INDIA in a University Campus
WORLD BEACH VOLLEYBALL CHAMPIONSHIP 2026
(MEN & WOMEN)
Proudly Hosted By
KIIT UNIVERSITY
Bhubaneswar, Odisha
4th-8th March, 2026 | KIIT, BHUBANESWAR, ODISHA

52 + COUNTRIES | 82 TEAMS | 164 ATHLETES | 306 PARTICIPANTS | OLYMPIC GOLD MEDALLISTS | CHAMPIONSHIP TROPHY (MEN & WOMEN) | UNLIMITED PASSION ON THE SAND

Participating Countries:
Australia | Austria | Belgium | Brazil | Canada | China | Czech Republic | Denmark | England | Estonia | Finland | France | Germany | Greece | ungary | India | Israel | Italy | Japan | Korea | Latvia | Lithuania | New Zealand | Norway | Poland | Portugal | Puerto Rico | Qatar | Romania | Saudi Arabia | Serbia | Singapore | Slovakia | Slovenia | Spain | Sri Lanka | Switzerland | Thailand | Türkiye | Ukraine | United Arab Emirates | United Kingdom | United States | Argentina | Bulgaria | Cuba | Egypt | Hong Kong | Peru | Philippines | Netherlands | Nigeria

KIIT, Patia, Bhubaneswar, Odisha, India 751024 | kiit@kiit.ac.in | kiit.ac.in | KISS Campus-3, Bhubaneswar, Odisha, India 751024 | info@kiss.ac.in | kiss.ac.in

ଧରାପଡ଼ିଲା ମ୍ୟୁଲ୍ ଆକାଉଣ୍ଟ

# ଦିଲ୍ଲୀରୁ ୨ ସାଇବର୍ ଠକ ଗିରଫ

**ସମ୍ବଲପୁର, ୧।୩ (ସମିସ)**

ମ୍ୟୁଲ୍ ଆକାଉଣ୍ଟ ଯାଞ୍ଚ ସମୟରେ ଏସ୍‌ବିଆଇ, ବାମରା ଶାଖାର ଏକ କୃଷି ଉପକରଣ ବିକ୍ରୟ ସଂସ୍ଥାର ଆକାଉଣ୍ଟରେ ବହୁ ପରିମାଣରେ ଟଙ୍କା ଜମା ଓ ବାହାର କରୁଥିବା ଜଣାପଡ଼ିଥିଲା। ସାଇବର ଠକମାନେ ତାଙ୍କଠାରୁ ସାମଗ୍ରୀ କିଣିବା ବାହାନାରେ ଅଗ୍ରିମ ଲକ୍ଷ ଲକ୍ଷ ଟଙ୍କା ଦେଇ ତାହା ପୁଣି ବିଭିନ୍ନ ବାହାନାରେ ସ୍ଥାନାନ୍ତରଣ କରିଥିଲେ। ସଂସ୍ଥାର ମାଲିକ ଠକେଇର ଶିକାର ହୋଇଥିବା ଜାଣିବାପରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପୁଲିସ କେସ ନଂ. ୬/୨୮-୨-୨୦୨୬ ଦଫା ୩୧୮ (୨)/୩୧୮(୪)/୩୧୯(୨)/୩୩୬(୨)/୩୩୬(୩)/୩୩୮/୩୪୦(୨) ବିଏନ୍‌ଏସ୍ ଆର/ଡବ୍ଲୁ ଧାରା ୬୬(ସି)/୬୬(ଡି) ଆଇଟି ଆଇନରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସର ଏକ ଟିମ୍ ଯାଇ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରଣ କରାଯାଇଥିବା ଦୁଇଜଣ ଠକ ଉତ୍ତର-ପଶ୍ଚିମ ଦିଲ୍ଲୀର ନରେଲାର ଜୀବନପାର୍କର ଜଗଦୀଶ କୁମାର (୪୪) ଏବଂ ଉତ୍ତର ଦିଲ୍ଲୀର ମାଲକାଗଞ୍ଜ, ରାଜପୁରାର ରାମ ଆଶ୍ରେ (୩୯) ଙ୍କୁ ଦିଲ୍ଲୀରୁ ଗିରଫ କରିଥିବା ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଡଃ ଶଶାଙ୍କ ଶେଖର ବେଉରା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି।

ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ବିରୋଧରେ ସ୍ୱତନ୍ତ୍ର 'ସାଇବର କବଚ' ଅଭିଯାନ ଅଧୀନରେ, ସମ୍ବଲପୁରର ସିସି ଏବଂ ଇଓ ଥାନା ଜିଲ୍ଲା ମଧ୍ୟରେ ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ, ଗୋବିନ୍ଦପୁର ଥାନା ଅଧୀନରେ ଥିବା ଏସ୍‌ବିଆଇ, ବାମରାରେ ସୁନୁଷି ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଥିବା ଏକ ଆକାଉଣ୍ଟକୁ ଏକ ସନ୍ଦିଗ୍ଧ ମ୍ୟୁଲ୍





ଆକାଉଣ୍ଟ ଭାବରେ ଚିହ୍ନଟ କରାଯାଇଥିଲା। ତଦନ୍ତ ସମୟରେ ଆକାଉଣ୍ଟଧାରୀ ଅଚ୍ୟୁତାନନ୍ଦ ପଟେଲ ସଂଗଠିତ ସାଇବର ଠକେଇର ଶିକାର ହୋଇଥିବା ଜଣାପଡ଼ିଥିଲା। ଅଭିଯୋଗକାରୀଙ୍କ ସହ ଅଜଣା ବ୍ୟକ୍ତିମାନେ ହ୍ୱାଟ୍‌ସଆପ୍ କଲ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ଯେଉଁମାନେ ଏକ ବଡ଼ ଅର୍ଡର (୫୦ ଖଣ୍ଡ କୃଷି ଉତ୍ପାଦ ରିପର୍) ଦେଇଥିଲେ। ୫-୮-୨୦୨୫ ଏବଂ ୧୪-୮-୨୦୨୫ ମଧ୍ୟରେ, ବ୍ୟବସାୟିକ ଅଗ୍ରିମ ବାହାନାରେ ୧୨ଟି କାରବାରରେ ତାଙ୍କ ଆକାଉଣ୍ଟରେ ୨୦, ୭୦, ୦୦୫/- ଟଙ୍କା ଜମା କରାଯାଇଥିଲା। ପରେ, ଠକମାନେ ତାଙ୍କୁ କୋଲକାତାରେ ଏକ ମିଥ୍ୟା ଚିକିତ୍ସା ଜରୁରୀକାଳୀନ ପରିସ୍ଥିତି ଦର୍ଶାଇ ନଗଦ ଉଠାଇବା ଏବଂ ବିତରଣ କରିବାକୁ ପ୍ରବର୍ତ୍ତାଇଥିଲେ। ଅଭିଯୋଗକାରୀ ବ୍ୟକ୍ତିଗତ ଭାବରେ କୋଲକାତାକୁ ନଗଦ ୧୩ ଲକ୍ଷ ଟଙ୍କା ନେଇ ସେମାନଙ୍କୁ ଦେଇଥିଲେ। ବିଶ୍ୱାସ ସୃଷ୍ଟି କରିବା ପାଇଁ ଅଚ୍ୟୁତାନନ୍ଦ ପଟେଲଙ୍କୁ ୨ ଲକ୍ଷ ଟଙ୍କା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଜଗଦୀଶ କୁମାରଙ୍କ ନାମରେ ଏକ ଆକାଉଣ୍ଟକୁ ୪, ୯୮, ୦୦୦/- ଟଙ୍କା ସ୍ଥାନାନ୍ତର କରାଯାଇଥିଲା। ରାମ ଆଶ୍ରେ ଏବଂ ତାଙ୍କ ପତ୍ନୀଙ୍କ ସହ ଜଡ଼ିତ ଆକାଉଣ୍ଟକୁ ୨ଟି କାରବାରରେ ୭ ଲକ୍ଷ ଟଙ୍କା ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବ୍ୟବସାୟିକ ଆକାଉଣ୍ଟକୁ 'ଅନବ୍ଲକ' କରିବା ବାହାନାରେ ଅନେକ ଛୋଟ ପରିମାଣର ଟଙ୍କା ବିଭିନ୍ନ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଏହାବ୍ୟତୀତ, ଯେତେବେଳେ ଅଭିଯୋଗକାରୀ ଶ୍ରୀ ପଟେଲଙ୍କ ବ୍ୟାଙ୍କ ଆକାଉଣ୍ଟ ସନ୍ଦେହଜନକ କାର୍ଯ୍ୟକଳାପ ଯୋଗୁଁ ଅବରୋଧ କରାଯାଇଥିଲା, ଠକମାନେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ପରିଚୟ ଦେଇ, ବରିଷ୍ଠ ରାଜନୈତିକ ନେତା ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅଧିକାରୀଙ୍କ ସହିତ ନିକଟତର ବୋଲି କହି ସେମାନଙ୍କର ଠକେଇକୁ ବୃଦ୍ଧି କରିଥିଲେ। ଆଇନଗତ ପରିଣାମର ଭୟ ସୃଷ୍ଟି କରି ଏବଂ ଆକାଉଣ୍ଟକୁ ଅନ୍-ଫ୍ରିଜ୍ କରିବା ପାଇଁ ହସ୍ତକ୍ଷେପର ପ୍ରତିଶ୍ରୁତି ଦେଇ, ସେମାନେ ଅଭିଯୋଗକାରୀଙ୍କଠାରୁ ଅତିରିକ୍ତ ଟଙ୍କା ଆଦାୟ କରିଥିଲେ। ଠକେଇର ଶିକାର ଅଚ୍ୟୁତାନନ୍ଦ ପଟେଲ ସାଇବର ଥାନାରେ ଅଭିଯୋଗ କରିବାପରେ ସମ୍ବଲପୁରର ସିସି ଏବଂ ଇଓ ଥାନାର ଏକ ଦଳ ଦିଲ୍ଲୀ ଯାଇ ଜଗଦୀଶ କୁମାର (୪୪) ଏବଂ ରାମ ଆଶ୍ରେ (୩୯)ଙ୍କୁ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ସାଇବର ଠକେଇ କାର୍ଯ୍ୟକଳାପ ପାଇଁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ଏବଂ ସୁବିଧା ଯୋଗାଇବାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ବ୍ୟାପକ ଆନ୍ତଃରାଜ୍ୟ ନେଟୱାର୍କ ଏବଂ ଅତିରିକ୍ତ ହିତାଧିକାରୀଙ୍କୁ ଖୋଜିବା ପାଇଁ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

### ସତର୍କ କଲା ଜିଲ୍ଲା ପୁଲିସ

ଜିଲ୍ଲା ପୋଲିସ, ସମ୍ବଲପୁର ନାଗରିକମାନଙ୍କୁ ବ୍ୟବସାୟିକ ପ୍ରସ୍ତାବ ପ୍ରଦାନ କରୁଥିବା ଅଜଣା କଲର୍ ମାନଙ୍କ ସହିତ ମୁକାବିଲା କରିବା ସମୟରେ ସତର୍କ ରହିବାକୁ ଏବଂ ସନ୍ଦିଗ୍ଧ ଆର୍ଥିକ କାରବାର ବିଷୟରେ ତୁରନ୍ତ ସାଇବର ହେଲପଲାଇନ୍ ୧୯୩୦ କିମ୍ବା ନିକଟତମ ପୋଲିସ ଷ୍ଟେସନକୁ ରିପୋର୍ଟ କରିବାକୁ ଅନୁରୋଧ କରିଛି।

## ଟ୍ରିବ୍ୟୁନାଲ ଗସ୍ତ ସମୟରେ ଚାଷୀଙ୍କ ଗିରଫକୁ ରୋହିତଙ୍କ ନିନ୍ଦା

**ସମ୍ବଲପୁର, ୧।୩ (ସମିସ):** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଶ୍ରୀ ରୋହିତ ପୂଜାରୀ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି ଯେ ମହାନଦୀ ଜଳ ବିବାଦର ସମୀକ୍ଷା ପାଇଁ ଆସିଥିବା ଟ୍ରିବ୍ୟୁନାଲ ବୋର୍ଡ ଗସ୍ତ ଅବସରରେ ଚାଷୀ ମାନଙ୍କୁ ଆଗୁଆ ଗିରଫ କରିବା ଘଟଣାକ୍ରମ ଉଦ୍ଦେଶ୍ୟଜନକ। ଶ୍ରୀ ପୂଜାରୀ ଏହି ମର୍ମରେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ବିରୋଧୀ ଦଳରେ ଥିବା ସମୟରେ ସବୁବେଳେ ମହାନଦୀ ଜଳ ବିବାଦ ପାଇଁ ତୀବ୍ରତର ସହ ବିଜେଡି ସରକାରକୁ ଆକ୍ରମଣାତ୍ମକ ଭୂମିକା ନେଇ ଅଡୁଆରେ ପକାଉଥିବାବେଳେ ବର୍ତ୍ତମାନ ଟ୍ରିପଲ୍ ଇଞ୍ଜିନ ସରକାର ଚାଲିଥିବା ସମୟରେ କେଉଁ ଉଦ୍ଦେଶ୍ୟରେ ଏବଂ କଣ ପାଇଁ ପୂର୍ବୋକ୍ତ ସମସ୍ୟାର ସମାଧାନ ନ କରି ଓଡ଼ିଶାର ଜନସାଧାରଣଙ୍କୁ ଟ୍ରିବ୍ୟୁନାଲର ଦ୍ୱାହି ଦେଇ ଭୁଆଁ ବୁଲେଇବା ବନ୍ଦ କରନ୍ତୁ। ବର୍ତ୍ତମାନ ସମ୍ବଲପୁରର ଚାଷୀ ମାନଙ୍କୁ ଟ୍ରିବ୍ୟୁନାଲ ଗସ୍ତ ପାଇଁ ଆଗୁଆ ଗିରଫ କରିବା ଏକ ଦୁର୍ଭାଗ୍ୟଜନକ ଅବସ୍ଥା ଏବଂ ଏଥିରୁ ସ୍ପଷ୍ଟ ଭାବରେ ପ୍ରମାଣ ହେଉଛି ଯେ ରାଜ୍ୟ ସରକାରର ମହାନଦୀ ଜଳ ବିବାଦର ସମାଧାନ ପାଇଁ କୌଣସି ଆନ୍ତରିକତା ନାହିଁ। ଯଦି ସରକାରଙ୍କ ଆନ୍ତରିକତା ଥାଆନ୍ତା ତେବେ ସମୀକ୍ଷା ପାଇଁ ଆସିଥିବା ଟ୍ରିବ୍ୟୁନାଲ ପାଇଁ ଚାଷୀମାନଙ୍କୁ ଗିରଫ କରିବା ପରିବର୍ତ୍ତେ ଟ୍ରିବ୍ୟୁନାଲ୍‌ର ସଦସ୍ୟ ମାନେ ଚାଷୀମାନଙ୍କ ସହ ପ୍ରକୃତ ସମସ୍ୟା ଆଲୋଚନା କରି ଅବଗତ ହୋଇପାରିଥାନ୍ତେ, ଯାହା କି ବହୁଦିନରୁ ରହିଥିବା ଜଳ ବିବାଦର ସମାଧାନ ପାଇଁ ଫଳପ୍ରଦ ହୋଇଥାନ୍ତା। ପ୍ରକୃତ ସମସ୍ୟାର ସମାଧାନ କରିବା ବଦଳରେ ଟ୍ରିବ୍ୟୁନାଲ ସଦସ୍ୟଙ୍କ ପାଇଁ ପର୍ଯ୍ୟଟନ ତଥା ମଉଜ ମଜଲିସ କରିବାର ବ୍ୟବସ୍ଥା କରିବାର ପରିଲକ୍ଷିତ ହୋଇଥିଲା। ଏହି ଘଟଣାକ୍ରମ ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ସମ୍ବଲପୁର ପ୍ରେସ୍ କ୍ଲବ୍ ନୂତନ କର୍ମକର୍ତ୍ତା

## ତ୍ରିବିକ୍ରମ ସଭାପତି, ଭବାନୀ ସମ୍ପାଦକ



**ସମ୍ବଲପୁର, ୧।୩ (ସମିସ):** ସମ୍ବଲପୁର ପ୍ରେସ କ୍ଲବର କର୍ମକର୍ତ୍ତା ନିର୍ବାଚନ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁଣିଥରେ ତ୍ରିବିକ୍ରମ ପ୍ରଧାନ ସଭାପତି ଏବଂ ଭବାନୀ ଶଙ୍କର ଭୋଇ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ସୁନିଲ କୁମାର ମିଶ୍ର, ବୈଶମ୍ପାୟନ ଆଚାର୍ଯ୍ୟ, ଦିପ୍ତିକାନ୍ତ ଠାକୁର ଓ ଅଶୋକ କୁମାର ସେନାପତି ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ। ନିର୍ବାଚନରେ ପ୍ରେସ କ୍ଲବର ସଦସ୍ୟମାନେ ମତଦାନ କରିଥିଲେ। ଆଜିର ନିର୍ବାଚନରେ ଆସନ୍ତା ଦୁଇବର୍ଷ ପାଇଁ ସଭାପତି ଭାବେ ତ୍ରିବିକ୍ରମ ପ୍ରଧାନ ନିର୍ବାଚିତ ହୋଇଥିବାବେଳେ ନରେଶ ଚନ୍ଦ୍ର ସେଠ ଓ ବିରାଜ କୁମାର ମିଶ୍ର ଉପସଭାପତି, ଭବାନୀ ଶଙ୍କର ଭୋଇ ସାଧାରଣ ସମ୍ପାଦକ, ଅମଳେନ୍ଦୁ କୁମାର ନାୟକ ଓ ଅନିଲ ଶ୍ରୀରାମକା ଯୁଗ୍ମ ସମ୍ପାଦକ ଏବଂ ସୁବ୍ରତ ମିଶ୍ର କୋଷାଧ୍ୟକ୍ଷ ଭାବେ ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରି ବିଜୟ ଲାଭ କରିଛନ୍ତି।

## ଚନ୍ଦ୍ରଗ୍ରହଣରେ ସମଲେଶ୍ୱରୀ ମନ୍ଦିରରେ ନୀତିକାନ୍ତି

**ସମ୍ବଲପୁର, ୧।୩ (ସମିସ):** ଆସନ୍ତା ୩ ତାରିଖ ମଙ୍ଗଳବାର ହେବାକୁ ଥିବା ଚନ୍ଦ୍ର ଗ୍ରହଣକୁ ଦୃଷ୍ଟିରେ ରଖି ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିରରେ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ସମ୍ବନ୍ଧୀୟ ବିଶେଷ ସୂଚନା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦିଆଯାଇଛି। ଉକ୍ତ ଦିନ ପ୍ରାତଃ ସାଢ଼େ ୪ଟା ସମୟରେ ମା' ସମଲେଶ୍ୱରୀଙ୍କ ଦ୍ୱାର ଖୋଲିବାପରେ ଦେବସ୍ନାନ ନୀତି ସହ ମଙ୍ଗଳ ଆଳତି ଓ ପୂଜାର୍ଚ୍ଚନା ସମ୍ପନ୍ନ ହେବାପରେ ପ୍ରସାଦ ଅର୍ପଣ ପୂର୍ବକ ସମସ୍ତ ବିଧିପରେ ଦର୍ଶନ ବନ୍ଦ ହେବାସହ ମଙ୍ଗଳବାର ପାଇଁ ଦ୍ୱାର ବନ୍ଦ ରହିବ। ପରଦିନ ଅର୍ଥାତ ୪ ତାରିଖ ବୁଧବାର ଦିନ ପ୍ରାତଃ ସାଢ଼େ ୪ଟା ସମୟରେ ଦ୍ୱାର ଖୋଲିବା ସହ ମନ୍ଦିର ସୋଧ ହେବାପରେ ମା'ଙ୍କ ନିତ୍ୟ ନିତିକାନ୍ତି ଯଥାବିଧି ହେବାସହ ମଙ୍ଗଳ ଆଳତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହେବ। ଗ୍ରହଣ ଓ ହୋଲିକୁ ଦୃଷ୍ଟିରେ ରଖି ମଙ୍ଗଳବାର ୩ ତାରିଖ ଓ ବୁଧବାର ୪ ତାରିଖ ଦୁଇଦିନ ଭୋଗ ମଣ୍ଡପ ବନ୍ଦ ରହିବ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଜଣାଇଛନ୍ତି।

## ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଶାଶ୍ୱତ ପୂଜାରୀଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୧।୩ (ସମିସ) :** ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଗୁଡେଶ୍ୱର ମନ୍ଦିର ନିକଟରେ ଆୟୋଜିତ ସଭାରେ ସମ୍ବଲପୁରର ବିଶିଷ୍ଟ ନାଟ୍ୟ ଅଭିନେତା ଶାଶ୍ୱତ ପୂଜାରୀଙ୍କ ସ୍ମୃତିରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ଡଃ ସୁରୁବାବୁ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଡଃ ସିଦ୍ଧାର୍ଥ ପଣ୍ଡାଙ୍କ ସମେତ ସହସମ୍ପାଦକ ବିରୁପାକ୍ଷ ପ୍ରଧାନ, ପ୍ରଶାନ୍ତ ମହାରଣା, ସୂର୍ଯ୍ୟ ପାଣିଗ୍ରାହୀ, ଦେବାର୍ଚ୍ଚନ ଠାକୁର, ଅଶୋକ କୁମାର ମିଶ୍ର ପ୍ରମୁଖ ସ୍ୱର୍ଗତ ପୂଜାରୀଙ୍କ ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା।

# ଝରିଆ ଗଉଡ କଲ୍ୟାଣ କମିଟି ପକ୍ଷରୁ ଦୋଳ ଉତ୍ସବ

**କୁଚିଣ୍ଡା, ୧।୩(ସମିସ):** ସମ୍ବଲପୁର ଜିଲ୍ଲା ଜରିଆ ଗଉଡ କଲ୍ୟାଣ କମିଟି ତରଫରୁ କୁଚିଣ୍ଡାସ୍ଥିତ ଝରିଆ ଗଉଡ ଭବନ ପରିସରରେ ରବିବାର ଜିଲ୍ଲାସ୍ତରୀୟ ଦୋଳ ଉତ୍ସବପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ବିରଞ୍ଚି ଦର୍ଭାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।ଗଉଡ ସମାଜ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି।ତେଣୁ ସଂଗଠନକୁ ସୁଦୃଢ କରି ହକ ହାସଲ ପାଇଁ ଲଢେଇ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଜିଲ୍ଲା କମିଟି ଉପଦେଷ୍ଟା ଖୁସିରାମ କଉଡ଼ି, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପୂର୍ବତନ କାଉନସିଲର ଶୁଶିଳ କର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ, ଜିଲ୍ଲା ଉପସଭାପତି ସନାତନ ଭଇଁଷା, ମଦନ ମୋହନ ଭଇଁଷା, ସରୋଜ ପରୁଆ, ମହିଳା ସଭାନେତ୍ରୀ ଚିନୁପମା ଭଇଁଷା, ଯମୁନା ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦେବାନନ୍ଦ କର୍ସେଲ ବାର୍ଷିକ ବିବରଣୀ ପଠନ କରିଥିଲେ।ଏହି ଅବସରରେ ଅତିଥିମାନେ ୨୦୨୫ମାଟ୍ରିକ ଓ ଯୁକ୍ତଦୁଇ ବାର୍ଷିକ ପରୀକ୍ଷାରେ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ



୧୭ଜଣ ଛାତ୍ରୀଛାତ୍ରଙ୍କୁ ଝରିଆ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।ପୂର୍ବାହ୍ନରେ ଭଗବାନ ଶ୍ରୀକୃଷ୍ଣଙ୍କୁ ସୁସଜ୍ଜିତ ରଥରେ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରୁ ବିରାଟ ଶୋଭାଯାତ୍ରାରେ ଝରିଆ ଗଉଡ ଭବନକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା।ଯୁବ ସଂଗଠକ ଡୋଳାମଣି ଷଣ୍ଢ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ଏନ୍‌ଏସି ସଭାପତି ସୁରେନ୍ଦ୍ର ରାଉତ, ବ୍ଲକ ସଭାପତି ପରମାନନ୍ଦ ଷଣ୍ଢ, ହେମନ୍ତ ବଗର୍ତ୍ତି, ଚୂଡ଼ାମଣି ମାକର, ରାଜକୁମାର ରକ୍ସା, ଲିଙ୍କନ ଦର୍ଭା, ଜିତେନ୍ଦ୍ର ଭଇଁଷା, ଅଭିଳାଷ ବାଘ, ପିଣ୍ଟୁ ରକ୍ସା, ପ୍ରଶାନ୍ତ ହଂସ, ତ୍ରିଲୋଚନ ଭଇଁଷା, ସଦାଶିବ ଦର୍ଭା ପ୍ରମୁଖ ସହଯୋଗ କରିଥିଲେ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଦୋଳ ଉତ୍ସବରେ ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାରୁ ବହୁସଂଖ୍ୟକ ମହିଳା ପୁରୁଷ ସାମିଲ ହୋଇଥିଲେ।

# ଧନକଉଡ଼ାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର

**ସମ୍ବଲପୁର, ୧।୩ (ସମିସ) :** ଧନକଉଡ଼ାସ୍ଥିତ ରତ୍ନାକର ବେହେରା ଯୁବକ ସଂଘ ଓ ଜନ ଆରୋଗ୍ୟ ସମିତି (ଯୁପିଏସସି), ଧନକଉଡ଼ା ମିଳିତ ଆନୁକୂଲ୍ୟରେ ଆଜି ଏକ ବିଶାଳ





ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଧନକଉଡ଼ା ସରକାରୀ ଡାକ୍ତରଖାନାରେ ଆୟୋଜିତ ହୋଇଯାଇଛି। ଭୀମସାର, ବୁର୍ଲାର ନିର୍ଦ୍ଦେଶକ ପ୍ରଫେସର ଡା. ଲାଲମୋହନ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଶିବିରରେ ମୋଟ ୫୧୯ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ୮୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରୋଗୀମାନଙ୍କ ରକ୍ତ ପରୀକ୍ଷା, ରକ୍ତଚାପ ପରୀକ୍ଷା ଓ ମାପ ବ୍ୟବସ୍ଥା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ରତ୍ନାକର ବେହେରା ଯୁବକ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଶିବିର ପରିଚାଳନା କରିଥିଲେ। ଭିମସାରର ଅନେକ ବିଶେଷଜ୍ଞ ଡାକ୍ତର ଯୋଗ ଦେଇଥିଲେ। ପ୍ରଫେସର ଲାଲମୋହନ ନାୟକ, ପ୍ରଫେସର ପଲ୍ଲବୀ ଠାକୁର, ପ୍ରଫେସର ଅରବିନ୍ଦ ବେହେରା, ପ୍ରଫେସର ଅଶୋକ କୁମାର ପାଣିଗ୍ରାହୀ, ପ୍ରଫେସର ମନୋରଞ୍ଜନ ନାୟକ, ଡା. ଅରୁଣ ଦାଶ, ପ୍ରଫେସର ପ୍ରମୋଦ କୁମାର ଶର୍ମା, ପ୍ରଫେସର ବିଶ୍ୱରଞ୍ଜନ ରାଉତରାୟ, ଡା. କେ.କେ. ଗୁପ୍ତା, ପ୍ରଫେସର ସତ୍ୟଜିତ ମିଶ୍ର, ପ୍ରଫେସର ଏସ.କେ. ପାଟଯୋଶୀ, ପ୍ରଫେସର ଚୌବର୍ଗ ନାଏକ, ଡା.ଅଭିଷେକ ଆଚାର୍ଯ୍ୟ, ଡା. ଜ୍ୟୋତିର୍ମୟୀ ସାହୁ, ଡା. ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ରୋଗୀମାନଙ୍କ ପରୀକ୍ଷା ଓ ଚିକିତ୍ସା ସହ ସେମାନଙ୍କୁ ଅବଶ୍ୟାକ ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ଭୀମସାର ରକ୍ତଭଣ୍ଡାରର କର୍ମକର୍ତ୍ତା ମାନଙ୍କ ଦ୍ୱାରା ରକ୍ତଦାନ ଶିବିର ପରିଚାଳନା କରାଯାଇଥିଲା।

ରତ୍ନାକର ବେହେରା ଯୁବକ ସଂଘର ସଭାପତି ବିଶ୍ୱଜିତ ପଣ୍ଡା, ସମ୍ପାଦକ ହିରାଲାଲ ବେହେରା, କୋଷାଧ୍ୟକ୍ଷ ରାଧେଶ୍ୟାମ ପ୍ରଧାନ, ସନନ୍ଦ ସାହୁ, ଅଖଣ୍ଡଳ ପଣ୍ଡା, ମହେଶ ବଗର୍ତ୍ତୀ, ପର୍ଶୁରାମ ପଣ୍ଡା, ଅଙ୍ଗଦ ସ୍ୱାଇଁ, ଯୋଗାନନ୍ଦ ପଣ୍ଡା, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖଙ୍କ ସହ ଉପଦେଷ୍ଟା ମଣ୍ଡଳୀର କିଶୋର ସାହୁ, ଅରୁଣ ରାୟ, ମୋତିଲାଲ ବେହେରା, ଝସକେତନ ସାହୁ, ପ୍ରେମାନନ୍ଦ ଦାଶ ଶିବିରକୁ ପରିଚାଳନା କରିଥିଲେ। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଶିବିରରେ ସହଯୋଗ କରିଥିଲେ।


## ଜିଲ୍ଲାସ୍ତରୀୟ ଟୀକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ସମ୍ବଲପୁର, ୧।୩ (ସମିସ) :** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ (ଏଚପିଭି) ସଂକ୍ରମଣର ନିରାକରଣ ପାଇଁ ଟୀକାକରଣ ଅଭିଯାନ ଆରମ୍ଭ ହୋଇଛି। ଏହି ଟୀକାକରଣ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଟୀକା ଦ୍ୱାରା ଆଗାମୀ ଦିନରେ ଜରାୟୁ ଗ୍ରିବା କର୍କଟ ରୋଗକୁ ଅଟକାଇ ଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ୩୯୦୦ ଟୀକା ଆସିଥିବାବେଳେ ଆଗକୁ ସମୁଦାୟ ୧୧୦୦୦ ଟୀକାକରଣର ଲକ୍ଷ୍ୟ ରହିଥିବା ଜଣାପଡ଼ିଛି। ଏହି ଅଭିଯାନ ଆସନ୍ତା ୩ ମାସ ଧରି ଚାଲିବ ଏବଂ ସବୁ ୧୪ ରୁ ୧୫ ବର୍ଷ ବୟସ ବାଳିକା ମାନେ ଏହି ଟୀକା ନେବେ।

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଆଜି ଆନୁଷ୍ଠାନିକ ଭାବେ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାସ, ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡା. ସୁଧାଂଶୁ ପଣ୍ଡା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ତୁଳାବତୀ ସାହୁ, ଡ. ଅବନୀନ୍ଦ୍ର ସାହୁ (ଡବ୍ଲୁଏଚ୍‌ଓ), ଜିଲ୍ଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଭବାନୀ ଶଙ୍କର ସାହୁ ତଥା ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡ଼. ମାୟା ନନ୍ଦ

ଆବିର୍ଭାବ : ୧୩.୦୬.୧୯୫୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ

ସିଦ୍ଧାର୍ଥ ଏବଂ ଅର୍ଚ୍ଚନା, ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ, ବରୁଣ, ଶ୍ରେୟାସ୍, କେତନ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।


## ଏସ୍‌ବିଆଇ ଗଳି ରାସ୍ତାରେ ଲାଗିଲା ଷ୍ଟ୍ରିଟ୍ ଲାଇଟ୍



**କୁଚିଣ୍ଡା, ୧।୩(ସମିସ):** କୁଚିଣ୍ଡା ଏନ୍‌ଏସି ସମସ୍ତ ଗଳିରେ ଷ୍ଟ୍ରିଟ ଲାଇଟ ଜଳି ଆଲୋକିତ ହେଉଥିବା ବେଳେ ବହୁ ଦିନ ଧରି ଅନ୍ଧାରରେ ରହିଥିଲା ଷ୍ଟେଟ ବ୍ୟାଙ୍କ ଗଳି ରାସ୍ତା। ଅନ୍ଧାର ଭିତରେ ଏଟିଏମ୍ କାଉଣ୍ଟର ଅନ୍ଧାରୁଆ ରାସ୍ତା ସାଙ୍ଗକୁ ଅସୁରକ୍ଷିତ ସ୍ଥାନକୁ ଦେଖି ଏଟିଏମରୁ ଟଙ୍କା ଉଠାଇବାକୁ ଏକାକି ଯିବାକୁ ସୁରକ୍ଷିତ ମଣୁ ନଥିଲେ। କୁଚିଣ୍ଡା ଏନଏସିର ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତିଙ୍କ ସହାୟତାରେ ବିଦ୍ୟୁତ୍ ବିଭାଗର ଠିକାଦାର ପ୍ରାଣପ୍ରିୟ ପଟେଲଙ୍କ ପ୍ରଚେଷ୍ଟାରେ ବିଦ୍ୟୁତ୍ ଖୁଣ୍ଟ ଗୁଡିକ ଅନ୍ୟ ଠାରୁ ଉଠାଇ ଆଣି ଅନ୍ଧାରରେ ଥିବା ଉକ୍ତ ସ୍ଥାନକୁ ଆଲୋକ ମୟ କରାଇଥିବାରୁ ଅଞ୍ଚଳବାସୀଙ୍କୁ ସାମାନ୍ୟ ଭୟରୁ ମୁକ୍ତି ମିଳିଛି।

ସମ୍ବଲପୁର ସେଲିବ୍ରିଟି ଲିଗ୍ କ୍ରିକେଟ୍ ଉଦ୍‌ଯାପିତ

# ଫୋକ୍ ଇଲେଭେନ୍ ଚାମ୍ପିଅନ

**ସମ୍ବଲପୁର, ୧।୩ (ସମିସ)**



କମିଶନର୍ସ କଲୋନୀ କ୍ରିକେଟ୍ କ୍ଲବ (ଫୋର୍-ସି) ପଡ଼ିଆରେ ଦୁଇଦିନିଆ କ୍ରିକେଟ୍ ପ୍ରତିଯୋଗିତା 'ସମ୍ବଲପୁର ସେଲିବ୍ରିଟି ଲିଗ୍ -୨୦୨୬' ଆଜି ଉଦ୍‌ଯାପିତ ହୋଇଯାଇଛି। 'ଫୋକ୍ ଇଲେଭେନ୍' ଦଳ ଚଳିତବର୍ଷର ଚମ୍ପିଆନ ହୋଇଥିବାବେଳେ 'ନ୍ୟୁଜ୍ ୱାରିଅର୍' ଦଳ ରନର୍ସଅପ୍ ହୋଇଛନ୍ତି। ଏଥିରେ ଚାରୋଟି ଦଳ 'ଫୋକ୍ ଇଲେଭେନ୍', 'ଥିଏଟର ଲିଜେଣ୍ଡସ୍', 'ରକ୍‌ଷ୍ଟାର୍ -୧୧' ଏବଂ 'ନ୍ୟୁଜ୍ ୱାରିଅର୍' ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚ୍ 'ଫୋକ୍ ଇଲେଭେନ୍' ଓ 'ନ୍ୟୁଜ୍ ୱାରିଅର୍' ମଧ୍ୟରେ ହୋଇଥିଲା। 'ନ୍ୟୁଜ୍ ୱାରିଅର୍' ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ୱିକେଟ୍ ହରାଇ ୭୮ ରନ୍ କରିଥିବାବେଳେ 'ଫୋକ୍ ଇଲେଭେନ୍' ଜବାବରେ ୭.୫ ଓଭରରେ ବିଜୟ ହାସଲ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ମହମ୍ମଦ ଇସାକ୍, ପ୍ରଭଞ୍ଜନ ବଳ ଓ ପିୟୁଷ ଶର୍ମା ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ସୂର୍ଯ୍ୟନାରାୟଣ ତ୍ରିପାଠୀ ସ୍କୋରର ଦାୟିତ୍ୱ ନିର୍ବାହ କରିଥିବା ବେଳେ ଭାଷ୍ୟକାର ଭାବେ ଦୀପକ ଗୁପ୍ତା ଧାରା ବିବରଣୀ ଦେଇଥିଲେ। 'ଫୋକ୍ ଇଲେଭେନ୍'ର ରାଜକୁମାର ବେସନ୍‌ଙ୍କୁ ମେନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସେ ଶ୍ରେଷ୍ଠ ବ୍ୟାଟ୍‌ସ ମ୍ୟାନ ଏବଂ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମଧ୍ୟ ପୁରସ୍କୃତ ହୋଇଥିଲେ। ସେହିପରି 'ଫୋକ୍ ଇଲେଭେନ୍'ର ସଚିନ 'ମ୍ୟାନ୍ ଅଫ୍ ଦ ସିରିଜ୍' ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ସଭାରେ ଅତିଥିଭାବେ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ହରଜିତ ସିଂ ଭୁର୍ଜି, ସ୍ୱାଧୀନ ପଣ୍ଡା, ଗାର୍ଗୀ ଶତପଥୀ, ଅରୁଣ ତରିଆ, ସତ୍ୟେନ୍ ଦାଶ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ 'ଫୋକ୍ ଇଲେଭେନ୍'ର ୬ ବର୍ଷ ବୟସ୍କ ଖେଳାଳି ଅନୀକେତ ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସେଲିବ୍ରିଟି ଲିଗ୍‌ର ଆୟୋଜକ କମିଟି ସଦସ୍ୟ ନନ୍ଦକିଶୋର ସାହୁ (ବଣ୍ଟି), ବିପ୍ଳବ ଡନସନା, ସରୋଜ ମିଶ୍ର ଓ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଦୋଳ ପୂର୍ଣ୍ଣିମା ପାଇଁ ଶାନ୍ତି କମିଟି ବୈଠକ



ବରଗଡ଼, ୧।୩(ସମିସ): ଆଗକୁ ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବ ରହିଥିବା ବେଳେ ଏହି ଆନନ୍ଦର ପର୍ବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳାବଦ୍ଧ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତୋରା, ପାଣିଛତ୍ର, ବରାହଗୋଡା, କଳାପାଣି ସମେତ ବିଭିନ୍ନ ପ୍ରତିନିଧି ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ହୋଲି ପାଳନ ସମୟରେ କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବ ଓ କୌଣସି ପ୍ରକାରର ଅପ୍ରୀତିକର ଘଟଣା ନ ଘଟେ ସେଥିପାଇଁ ଆଲୋଚନା ହୋଇଥିଲା। ପରସ୍ପର ସହଯୋଗ ଓ ସଚେତନତା ମାଧ୍ୟମରେ ପର୍ବକୁ ଆନନ୍ଦ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ନିଶା କାରବାର ଉପରେ କଟକଣା ଲଗାଇବା ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ଥାନା ଅଧିକାରୀ ଶ୍ରୀ ଦାଶ ସମସ୍ତଙ୍କୁ ପୁଲିସ ପ୍ରଶାସନ ସହ ସହଯୋଗ କରି ଶୃଙ୍ଖଳିତ ଭାବେ ଦୋଳ ଓ ହୋଲି ପାଳିବାକୁ ଅନୁରୋଧ କରିଥିଲେ।

# ଗଞ୍ଜେଇ ଚାଲାଣରେ ଜଣେ ଗିରଫ, ଜଣେ ଫେରାର

ପାଇକମାଳ, ୧।୩(ସମିସ)



ଗଞ୍ଜେଇ ଚାଲାଣ ପାଇଁ ପାଇକମାଳ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ପାଇକମାଳ ଥାନା ଚେରଙ୍ଗାଝାଞ୍ଜର ହରି ମାଝୀ (୪୧) ଓ ଫେରାର ଅଭିଯୁକ୍ତ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଗାଁର ଦିଲ୍ଲୀପ ଚନ୍ଦନ ବୋଲି ଜଣାଯାଇଛି। ଶନିବାର ଗଞ୍ଜେଇ ଚାଲାଣ ହେଉଥିବା ନେଇ ପାଇକମାଳ ପୁଲିସକୁ ଖବର ମିଳିଥିଲା। ପାଇକମାଳ ଓଆଇସି କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଝାରମୁଣ୍ଡା ବିଜୁ ଏକ୍ସପ୍ରେସ ୱେ ଛକ ନିକଟରେ ଚେକିଂ କରିଥିଲା। ଏହି ସମୟରେ ସେହିରାସ୍ତା ଦେଇ ହରି ଓ ଦିଲ୍ଲୀପ ବାଇକ୍‌ରେ ଆସୁଥିଲେ। ପୁଲିସକୁ ଦେଖି ପଛରେ ବସିଥିବା ଦିଲ୍ଲୀପ ଫେରାର ହୋଇଥିଲା। ଗାଡ଼ି ଚଳାଉଥିବାରୁ ହରି ଖସି ଯାଇ ନ ପାରି ପୁଲିସ ହାତରେ ଧରାପଡ଼ିଥିଲା। ବାଇକ୍ ଚେକିଂ କରିବାରୁ ସିଲ ପ୍ୟାକେଟରେ ୭ କେଜି ଗଞ୍ଜେଇ ବାହାରିଥିଲା। ପୁଲିସ ହରିକୁ ଗିରଫ କରିବା ସହ ୭ କେଜି ଗଞ୍ଜେଇ, ନଗଦ ୫୮୦ ଟଙ୍କା, ବାଇକ୍ ଓ ଗୋଟିଏ ଭିବୋ ମୋବାଇଲ ଜବତ କରିଛି। ଘଟଣା ନେଇ ଉଭୟ ହରି ଓ ଦିଲ୍ଲୀପଙ୍କ ବିରୋଧରେ ପାଇକମାଳ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ହରିକୁ ପଦ୍ମପୁର କୋର୍ଟ ଚାଲାଣ କରାଯାଇଥିବା ବେଳେ ଫେରାର ଥିବା ଦିଲ୍ଲୀପକୁ ପୁଲିସ ଖୋଜୁଥିବା ସୂଚନା ରହିଛି।


# ଜନଔଷଧି ସପ୍ତାହରେ ନିଃଶୁଳ୍କ ଚିକିତ୍ସା

ବରଗଡ଼, ୧।୩(ସମିସ): ଜନଔଷଧି ସପ୍ତାହ ପାଳନ ଅବସରରେ ଅମ୍ବାପାଲି ଗଜପତି ମଣ୍ଡପ ସମ୍ମୁଖରେ ଥିବା ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ



ଶତାଧିକ ଲୋକଙ୍କର ନିଃଶୁଳ୍କ ରକ୍ତସର୍କରା ଓ ରକ୍ତଚାପ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଔଷଧ ମଧ୍ୟ ଯୋଗାଇ ଦିଆଯାଇଛି। ଶିବିରରେ ବିଶିଷ୍ଟ ଚିକିତ୍ସକ ଡାକ୍ତର ପଞ୍ଚାନନ ଖମାରୀ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ସମସ୍ତ ବ୍ୟବସ୍ଥାକୁ ଜନଔଷଧି କେନ୍ଦ୍ରର ପରିଚାଳକ ନାରାୟଣ ନାୟକ ନିଜ ତରଫରୁ ପରିଚାଳନା କରିଥିଲେ। ଲୋକଙ୍କ ମଧ୍ୟରେ ଉନ୍ନତ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ସେ ଏହି ପଦକ୍ଷେପ ଗ୍ରହଣ କରିଥିଲେ।

# ଅନୁକୂଳଚନ୍ଦ୍ର ଦେବଙ୍କ ଜନ୍ମୋତ୍ସବ



ବରପାଲି, ୧।୩(ସମିସ): ବରପାଲି ନୃସିଂହ ମନ୍ଦିର ପରିସରରେ ପୁରୁଷୋତ୍ତମ ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଶୁଭ ଜନ୍ମୋତ୍ସବ ତଥା ୧୫ତମ ବାର୍ଷିକ ସତସଙ୍ଗ ସମାରୋହରେ ପାଳିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ଉଷା କୀର୍ତ୍ତନ ପରେ ଉଷା ବିନତି ପ୍ରାର୍ଥନା, ସଙ୍ଗୀତାଞ୍ଜଳି, ସତସଙ୍ଗ ଓ ସଦାଲୋଚନା ସମ୍ପୂର୍ଣ୍ଣ ହୋଇଥିଲା। ଉତ୍ସବରେ ସମ୍ବଲପୁରରୁ ଆଗତ ରମେଶ ଚନ୍ଦ୍ର ମିଶ୍ର (ସପ୍ରରି) ଓ ଶ୍ୟାମ ସୁନ୍ଦର ନାୟକ (ସପ୍ରରି) ତଥା ବିଭିନ୍ନ ପ୍ରାନ୍ତରୁ ଠାକୁରଙ୍କ ପଞ୍ଜାଧାରୀ କର୍ମୀମାନେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନର୍ଲାର ପ୍ର. ସରୋଜ ଜେନା ଉପସ୍ଥିତ ଥିଲେ। ରାଜକିଶୋର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଫିରୋଜ ସେଠ୍ ଧ୍ୱନି ଦେଇ ସତସଙ୍ଗ ସାଙ୍ଗ କରିଥିଲେ। ସତସଙ୍ଗରେ ବରପାଲି ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ଏକ ହଜାର ଅନୁଗାମୀ ସାମିଲ ହୋଇଥିଲେ।

# ଭୁକ୍ତା ମାର୍କେଟ ୟାର୍ଡ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅମ୍ବାଭୋନା, ୧।୩(ସମିସ): ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ମାର୍କେଟ ୟାର୍ଡ ଠାରେ କାର୍ଯ୍ୟରତ ଅଧିକାରୀ ମହେନ୍ଦ୍ର ସାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଛି। ସଭାରେ ବରଗଡ଼ ଏସିଏସଓ ବ୍ୟୋମୋକେଶ ମାଝୀ, ଯୋଗାଣ ଅଧିକାରୀ ଧରୁଆ ବାବୁ, ବ୍ଲକ ଯୋଗାଣ ଅଧିକାରୀ ପ୍ରଭାତ ପ୍ରଦୀପ୍ତ, ସାଂସଦ ପ୍ରତିନିଧି ଗୁନାରୁ ପ୍ରଧାନ, ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀ କେଶବ ଦେହେରୀ, କଣ୍ଡପଲା ସମବାୟ ସମିତିର ସମ୍ପାଦକ ବଳରାମ ବାରିକ ଏବଂ ଲଖନପୁର ସମବାୟ ସମିତିର କର୍ମଚାରୀମାନେ ଯୋଗ ଦେଇଥିଲେ। ଉପହାର ଓ ମାଲ୍ୟାର୍ପଣ କରି ଶ୍ରୀ ସାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ବର୍ଦ୍ଧନା ସଭାରେ ମିଲର୍ସ ଏଜେଣ୍ଟମାନେ, ମାର୍କେଟ ୟାର୍ଡର ସମସ୍ତ କର୍ମଚାରୀ ଓ ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଭୁକ୍ତା ମାର୍କେଟ ୟାର୍ଡର କର୍ମଚାରୀ ଡୋଳାମଣୀ ବାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପେର ତାଙ୍କୁ ଏକ ଭବ୍ୟ ଶୋଭାଯାତ୍ରାରେ କୃଷ୍ଣଗୁରୁ ଦଳ ସହିତ ଘରକୁ ନିଆଯାଇଥିଲା।

# ଚୈତ୍ର ବାସନ୍ତିକ ପୂଜା ପାଇଁ ପ୍ରସ୍ତୁତି



ପାଇକମାଳ, ୧।୩(ସମିସ): ନୃସିଂହନାଥ ବିନ୍ଧ୍ୟବାସିନୀ ମନ୍ଦିର ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟବାସିନୀ ବିଞ୍ଝାଲ ସମାଜର ଚୈତ୍ର ବାସନ୍ତିକ ପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଟ ସଭାପତି ହୃଷିକେଶ ବରିହା ସଭାପତିତ୍ୱ କରିଥିଲେ। ସଭାରେ ପାଇକମାଳ, ଝାରବନ୍ଧ, ପଦ୍ମପୁର ବ୍ଲକର ସମାଜର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପୂଜା କିପରି ଶାନ୍ତି ଶୃଙ୍ଖଳାରେ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ହୃଷିକେଶ ବରିହା, ଦେବରାଜ ବରିହା, ପ୍ରେମାନନ୍ଦ ବରିହା, ଅଇତରାମ ବରିହା, ନନ୍ଦଲାଲ ବରିହା, ବିଲାଧର ଭୂଏ, ବାସୁଦେବ ବରିହା, ଗୋପାଳ ବରିହା, ସନତରାମ ବରିହା, ହରେକୃଷ୍ଣ ମହାଲିଙ୍ଗ, ରାଧେଶ୍ୟାମ ବରିହା, ମନୋହର ବରିହା, ଝାଙ୍କରୁ ବରିହା, ଦୁଗୁରୁ ବରିହା, ଚମ୍ପେଶ୍ୱର ବାଗ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଯାଦବ ସାଂସ୍କୃତିକ ସମାଜର ବ୍ଲକ୍‌ସ୍ତରୀୟ ବନ୍ଧୁମିଳନ




ଅମ୍ବାଭୋନା, ୧।୩(ସମିସ): ଅମ୍ବାଭୋନା ବ୍ଲକ ବାଞ୍ଜିପାଲି ପଞ୍ଚାୟତ ଅଧୀନ ମାଁ ପଥରାସେନୀ ପୀଠ ମନ୍ଦିର ପ୍ରାଙ୍ଗଣରେ ରବିବାର ଅମ୍ବାଭୋନା ଯାଦବ ସାଂସ୍କୃତିକ ସମାଜ ପକ୍ଷରୁ ବ୍ଲକସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅମ୍ବାଭୋନା ବ୍ଲକ ଯାଦବ ସମାଜର ସଭାପତି ପୂର୍ଣ୍ଣାନନ୍ଦ ବଡ଼େଇ (ମଣ୍ଟୁ) ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲା ଯାଦବ ସମାଜର ସଭାପତି ରାଜୁ ଘିବେଲା, ମୁଖ୍ୟବକ୍ତା ଯାଦବ ସମାଜର ରାଜ୍ୟ ଉପସଭାପତି ଧନସିଂ ଭୋଇ, ସମ୍ମାନିତ ଅତିଥି ଯାଦବ ସମାଜର ମହିଳା ଜିଲ୍ଲା ସଭାପତି କଳ୍ପନା ମାଝୀ, ଯାଦବ ସମାଜର ଜିଲ୍ଲା ଯୁବ ସଭାପତି ପ୍ରଦୀପ ଥପା, ବରଗଡ଼ ବ୍ଲକ ସଭାପତି ରାମନାରାୟଣ ଭୋଇ, ବରଗଡ଼ ଜିଲ୍ଲା ଯାଦବ ସମାଜର ସହ ସମ୍ପାଦକ ନୀଳାମ୍ବର ଯାଦବ, ଅନୁପମା ଯାଦବ, ଛତିଶଗଡ଼ର ଶିବ ପ୍ରସାଦ ଯାଦବ, ସାମରିକ ବାହିନୀର କର୍ମଚାରୀ ଝସକେତନ ପୋଡ଼ ପ୍ରମୁଖ ଯୋଗ ଦେଇଥିଲେ। ଯାଦବ ସାଂସ୍କୃତିକ ସଂସ୍କୃତି ଓ ଐତିହ୍ୟ ପରମ୍ପରା, ଜାତି ସ୍ୱାଭିମାନ, ଏକତା, ସମାଜିକ ବ୍ୟବସ୍ଥା ଉପରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାର ଘୁଲିପାଲି ଠାରେ ଆସନ୍ତା ୨୩ରେ ହେବାକୁ ଥିବା ଯାଦବ ସମାଜ ପକ୍ଷରୁ ବିଶ୍ୱଶାନ୍ତି ଯଜ୍ଞ ଓ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କାର୍ଯ୍ୟକ୍ରମ ନିମନ୍ତେ ସୂଚନା ପ୍ରଦାନ ସହ ଏଥିରେ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭା ପରିଚାଳନା ଓ ଉଦ୍ଦେଶ୍ୟ ଜ୍ଞାପନ ଉପସଭାପତି ମୀନକେତନ ଥପା କରିଥିଲେ। ଅମ୍ବାଭୋନା ବ୍ଲକ ଯାଦବ ସାଂସ୍କୃତିକ ସମାଜର ସଭାପତି ପୂର୍ଣ୍ଣାନନ୍ଦ ବଡ଼େଇଙ୍କ ନେତୃତ୍ୱରେ, ଅମ୍ବାଭୋନା ବ୍ଲକ ଯାଦବ ସାଂସ୍କୃତିକ ସମାଜର ସମ୍ପାଦକ ଗୁଣମଣି ନାଗ, ଉପସମ୍ପାଦକ ସତ୍ୟନାରାୟଣ ଗରିଆ, ବୁଦ୍ଧଦେବ ବାଗ, ସନ୍ତୋଷ ବାଗ, କୁମର ବଡ଼େଇ ସମେତ ଯାଦବ ସମାଜର ବହୁ ଯୁବକ ପରିଚାଳନାରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ପଦ୍ମପୁର, ୧।୩(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇ ଯାଇଛି। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ବିଜ୍ଞାନ ଦିବସର ଉଦ୍ଦେଶ୍ୟ କଥନ କହିଥିଲେ। ବିଦ୍ୟା ମନ୍ଦିର ପ୍ରମୁଖ ଦେବରାଜ ତନସନା ଶିଶୁ ଭାଇ ଭଉଣୀମାନଙ୍କୁ ସିଭି ରମଣଙ୍କ ଜୀବନୀ ବିଷୟରେ ମାର୍ଗଦର୍ଶନ କରିଥିଲେ। ବିଜ୍ଞାନ ପ୍ରମୁଖ ମମତା ଗୁରୁମା କାର୍ଯ୍ୟକ୍ରମରେ କୃତୀ ଭାଇ ଭଉଣୀମାନଙ୍କ ନାମ ଘୋଷଣା କରିଥିଲେ। ସମସ୍ତ କୃତୀ ଭାଇ ଭଉଣୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଜ୍ଞାନ ବିଭାଗର ଗୁରୁଜୀ ଗୁରୁମା ମାନଙ୍କ ଦ୍ୱାରା ବିଜ୍ଞାନ ପ୍ରଶ୍ନମଞ୍ଚ ଅନୁଷ୍ଠିତ ହୋଇଥିଲା। କେତେକ ପିଲାମାନଙ୍କର ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରଜତ ଗୁରୁଜୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସଂଗ୍ରାମ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଉତାଲଗଡ଼ ନାଟ୍ୟ ସଂସଦ ପକ୍ଷରୁ ରକ୍ତଦାନ ଶିବିର

ବିଜେପୁର, ୧।୩(ସମିସ): ରକ୍ତଦାନର ବିକଳ୍ପ ନାହିଁ। ମଣିଷ ପାଇଁ ମଣିଷକୁ ହିଁ ରକ୍ତଦାନ କରି ଜୀବନ ରକ୍ଷା କରିବାରେ ସହାୟକ ହେବାକୁ ହେବ। ତେଣୁ ରକ୍ତଦାନ କରିବାକୁ ସଚେତନତାର ଆବଶ୍ୟକତା ରହିଛି ବୋଲି ଉତାଲଗଡ଼ ନାଟ୍ୟ ସଂସଦ ତାଳପଦର ମିଳିତ ଆୟୋଜନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମତପ୍ରକାଶ ପାଇଛି। ତାଳପଦର ଖଗେଶ୍ୱର ମଣ୍ଡପ ଠାରେ ରବିବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୧୧ ମହିଳାଙ୍କ ସମେତ ୪୫ଜଣ ରକ୍ତଦାନ କରିଥିଲେ। ଅନୁଷ୍ଠାନର ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସାମାଜିକ କର୍ମୀ ସୁନୀଲ ମହାପାତ୍ର, ଦୁଷ୍ମନ୍ତ ପାତ୍ର, ସରପଞ୍ଚ କାମିନୀ ପଧାନ, ସମିତି ସଭ୍ୟା ସଞ୍ଜୁ ପଧାନ, ଅଜିତ ମେହେର, ଅବସରପ୍ରାପ୍ତ



ଯବାନ ନବୀନ ପଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ, ପୂର୍ବତନ ଶିକ୍ଷକ ପଦ୍ମଟଲାଲ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ରକ୍ତଦାନ ସଂଯୋଜକ ଗଜାନନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକ ସୁଶାନ୍ତ ରଞ୍ଜନ ପଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆମ୍ପାୟାର ପରୀକ୍ଷାରେ ଓଡ଼ିଶାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବରଗଡ଼ ଜିଲ୍ଲା କୁଚିପାଲି ଗାଁର ଯୁବ ଖେଳାଳି ହନୁ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟସଂସଦର ସଭାପତି ହୃଦମଣି ସାହୁ, ଉପସଭାପତି ବିବେକାନନ୍ଦ ପଧାନ, ବରିଷ୍ଠ ସଦସ୍ୟ ବାସୁଦେବ ପଧାନ, କ୍ଷିତିପତି ରଣା, ଭାସ୍କର ସାହୁଙ୍କ ସମେତ ଉପଦେଷ୍ଟା ଓ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଚୈତନ୍ୟ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ଉମେଶ ଭୋଇ, ଗଣନାଥ ସାହୁ, ଦୀପକ ସାହୁ, ମୁକେଶ ସାହୁ, ଦେବାଶିଷ ପଧାନ, ଅନାଦିନନ୍ଦନ ପଧାନ, ସୁଦର୍ଶନ ବନଛୋର, ସତ୍ୟ ପଧାନ, ପ୍ରଫୁଲ୍ଲ ସାହୁ, ଆଲୋକ ସାହୁ, ଅଶୋକ କୁମୁରା, ଗିରିଶ ବାରିକ, ରାଜକିଶୋର ବେହେରା, ସୁମନ୍ତ ରଣା, ଗାଙ୍ଗୁଲି ବିଶ୍ୱାଳ, ଚିକୁ ସାହୁଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ତଥା ସାମ୍ବାଦିକ ସୁନୀଲ ମିଶ୍ର, ରକ୍ତଭଣ୍ଡାର କର୍ମଚାରୀ ଅମରଜିତ ମହାନ୍ତି, ଭୁବନ ସାହୁ, ଅନନ୍ତ ଶତପଥୀ ମହେନ୍ଦ୍ର ମେହେର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବରପାଲି, ୧।୩(ସମିସ): ବରପାଲି ବ୍ଲକ ପଧାନପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ଆର୍ଯ୍ୟଶେଖର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାହୋଇଛି। ସଭାରେ ଚିତ୍ରସେନ ମେହେର ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମହରା ମୁଖ୍ୟ ଅତିଥି ଭାବେ ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ପୂର୍ବତନ ମହାବିଦ୍ୟାଳୟ ଅଧ୍ୟକ୍ଷ ପୁରନ୍ଦର ନନ୍ଦ ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଲୁହା, ବିନାୟକ ସିଡ୍‌ର ମୁଖ୍ୟ ଭେଙ୍କଟ ରାଓ, ସରପଞ୍ଚ ପ୍ରେମରାଜ ତାଣ୍ଡି, ସଭାପତି ସୁରେନ୍ଦ୍ର ମହାନନ୍ଦ, ଗୌରାଙ୍ଗ ଚରଣ ପଧାନ, ନେପାଳ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବିରେନ୍ଦ୍ର ବାରିକ ସଭା ସଂଯୋଜନା କରିଥିବା ବେଳେ ଦୁଷ୍ମନ୍ତ ପଧାନ ଅତିଥି ପରିଚୟ, ଫିଙ୍ଗ ପଧାନ ମାନପତ୍ର ପଠନ ଓ ନରେଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ୩୦୦ରୁ ଅଧିକ ଲୋକଙ୍କ ସହ ବିଦାୟୀ ଶିକ୍ଷକଙ୍କୁ ତାଙ୍କର ଜନ୍ମମାଟି ତୁଲଣ୍ଡି ଗାଁକୁ ମେଲାଣି ଦିଆଯାଇଥିଲା। ଏଥିରେ ଅନେକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଚୂଡ଼ାମଣି ମେହେର, ଟୁନା ପଧାନ, ଚକ୍ର ପଧାନ, ସୁଶୀଲ ପଧାନ, ପୁରୁଷୋତ୍ତମ ବାଗ, ବୀରସେନ ମେହେର, ମହେନ୍ଦ୍ର ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଭୂତମୁଣ୍ଡା ଜୟ ବୁଢ଼ାରଜା କ୍ରିକେଟ କପ୍ ଉଦ୍‌ଯାପିତ

# ସାଇପଲାକୁ ହରାଇ ଢେଙ୍କିମୁଣ୍ଡା ଚାମ୍ପିଅନ୍

ପାଇକମାଳ, ୧।୩(ସମିସ)




ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ଚାଲିଥିବା ୬ଷ୍ଠ ଜୟ ବୁଢ଼ାରଜା କ୍ରିକେଟ କପ୍ ଉଦ୍‌ଯାପିତ ହୋଇଯାଇଛି। ରବିବାର ଦୁଇଟି ସେମିଫାଇନାଲ ସମେତ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲରେ ଛିନପାଣିକୁ ହରାଇ ସାଇପଲା ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଭୂତମୁଣ୍ଡାକୁ ହରାଇ ଢେଙ୍କିମୁଣ୍ଡା ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଢେଙ୍କିମୁଣ୍ଡା ଓ ସାଇପଲା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଢେଙ୍କିମୁଣ୍ଡା ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା। ନେପାଳ ମାଝୀ ଓ ହେମାନନ୍ଦ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଯଦୁମଣି ମାଝୀ ସ୍କୋରର ଥିବା ବେଳେ କୈଳାସ ମାଝୀ ଓ ସୌମ୍ୟରଞ୍ଜନ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଗ୍ରାମ୍ୟ କମିଟି ସଦସ୍ୟ ଜଗଦୀଶ ନାୟକ, ଲବ ପଟେଲ, ଭଗବାନ ମାଝୀ, ଲଳିତ ଜଗତ, ଫିରୋଜ ମହମ୍ମଦ, ମନ୍ମଥ ମହାନ୍ତି, ଭୋଜରାଜ ପଟେଲ, ଅଜିତ ପ୍ରଧାନ, ମିହିର ମହାନ୍ତି, ବିହାରୀ ପଟେଲ, ବାଳମୁକୁନ୍ଦ ପ୍ରଧାନ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ ଅମୀୟ ପ୍ରଧାନ, ଆଶିଷ ପ୍ରଧାନ, ଯଦୁମଣି ମାଝୀ, ଚକ୍ରଧର ପ୍ରଧାନ, ସାର୍ଥକ ମହାନ୍ତି, ହେମନ୍ତ ମାଝୀ, ଭରତ ଧରୁଆ, ସରଜୁ ବାରିକ, ଦିଲ୍ଲୀପ ବଡେଇ, ନୂତନ ନାଗଙ୍କ ସମେତ କ୍ଲବର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା କ୍ରିକେଟ ଆସୋସିଏସନର ଅମ୍ପାୟାର ପରୀକ୍ଷା ଫଳ ପ୍ରକାଶିତ

**ବରଗଡ଼ର ହନୁ ଅଗ୍ରୱାଲ ପ୍ରଥମ**













ବରଗଡ଼, ୧।୩(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ଅମ୍ପାୟାର ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ଏହି ପରୀକ୍ଷାରେ ବରଗଡ଼ ଜିଲ୍ଲାରୁ ୪ ଜଣ ଅମ୍ପାୟାର କୃତକାର୍ଯ୍ୟ ହୋଇଛନ୍ତି। ପୁଣି ଜିଲ୍ଲାର ହନୁ ଅଗ୍ରୱାଲ ପ୍ରକାଶିତ ତାଲିକାରେ ଓଡ଼ିଶାରେ ଏକ ନମ୍ବର ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଗତବର୍ଷ ଆୟୋଜିତ ଏହି ପରୀକ୍ଷାରେ ଆସୋସିଏସନର ଅନୁବନ୍ଧିତ ବିଭିନ୍ନ ଜିଲ୍ଲା, କ୍ଲବ୍ ଓ ଅନୁଷ୍ଠାନରୁ ମୋଟ ୧୨୬ ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୯୫ ଜଣ କୃତକାର୍ଯ୍ୟ ହୋଇଥିଲେ। ତେବେ ଏଥିରେ ବରଗଡ଼ ଜିଲ୍ଲା କୁଚିପାଲି ଗାଁର ହନୁ ଅଗ୍ରୱାଲ ସର୍ବାଧିକ ୧୩୬ (୯୦.୬୭%) ମାର୍କ ରଖି ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରଗଡ଼ ଜିଲ୍ଲା ନାଗେନ ପାଲି ଗାଁର ଶୁଭମ୍ ପାତ୍ର, କଟାପାଲିର ସାଜନ ସାହୁ ଓ ସୋହେଲାର ଅଶୋକ ମିଶ୍ର ମଧ୍ୟ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ସମସ୍ତ କୃତୀ ଅମ୍ପାୟାର ମାନଙ୍କୁ ଜିଲ୍ଲା କ୍ରିକେଟ ଆସୋସିଏସନର ସଭାପତି ହରିହର ପ୍ରଧାନ, ପ୍ରାକ୍ତନ ସଭାପତି ଅରୁଣ ମହାନ୍ତି, ପ୍ରାକ୍ତନ ଉପସଭାପତି ପୃଥ୍ୱୀରାଜ ନାୟକ ଓ ପ୍ରଭାତାଦିତ୍ୟ ମିଶ୍ର, ପ୍ରାକ୍ତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ସମ୍ପାଦକ ରବି ପଣ୍ଡା, ଉପସଭାପତି ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଅମିୟ ଭୂଷଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ କିଶୋର ରଥ, ଗିରିଜା ପ୍ରସାଦ ନାଥ, ପ୍ରଦୀପ ନନ୍ଦ, ଚନ୍ଦ୍ର ଶେଖର ପ୍ରଧାନ, ବରିଷ୍ଠ ସଦସ୍ୟ ସନ୍ତୋଷ ପଣ୍ଡା, ଗୁରୁଦତ୍ତ ଦାସ, ପ୍ରଦୀପ ସାହୁ, ଶୌର୍ଯ୍ୟରଞ୍ଜନ ରାଏ, ରଜତ ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ରାଉରକେଲାରେ ପହଞ୍ଚିଲା ଲୋକ ଅଧିକାର ଯାତ୍ରା

# 'ମାଟି ବିକ୍ରି କରି ରାଜ୍ୟ ଚଳାଇବା ଦେବାଳିଆପଣର ଲକ୍ଷଣ'

ରାଉରକେଲା, ୧।୩(ସମିସ)

ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କ ବାହାରିଥିବା 'ଲୋକ ଅଧିକାର ଯାତ୍ରା' ଆଜି ଅପରାହ୍ନରେ ରାଉରକେଲାରେ ପହଞ୍ଚିଥିଲା। ଏହି ଯାତ୍ରାକୁ ଗାଙ୍ଗପୁର ମଜଦୂର ୟୁନିଅନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଫୁଲ୍ଲ ସାମନ୍ତରା କହିଥିଲେ ଯେ, ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଯେତିକି ଖଣି ଖନନର ଆବଶ୍ୟକତା ରହିଛି, ତାହାଠାରୁ ଅଧିକ ଉତ୍ତୋଳନ ହେଉଛି। ପୂର୍ବରୁ ଯେତିକି ଖଣି ଖୋଲିବାକୁ ଅନୁମତି ଦିଆଯାଇଛି, ସେତିକି ଉତ୍ତୋଳନ ସାରିବା ପୂର୍ବରୁ ପୁଣି ଖଣି ଲିଜ ଦିଆଯାଇ ଲୁହାପଥର ଠାରୁ ଆରମ୍ଭ କରି କୋଇଲା, କ୍ରୋମ, ମାଙ୍ଗାନିଜ, ବକ୍ସାଇଟ ସବୁକିଛି ଖଣି କର୍ପୋରେଟ ମାନଙ୍କ ହାତରେ ଟେକି ଦିଆଯାଉଛି। ଏବେ ପୁଣି ୪୯ ଟି ଖଣି କମ୍ପାନୀ ମାନଙ୍କୁ ଦେବା ସ୍ଥିର ହୋଇଥିବା ଜଣା ପଡ଼ିଛି। ଯଦି ଏହିଭଳି ଚାଲେ, ତାହେଲେ



୨୦୩୬ ମସିହା ବେଳକୁ ଯେତେବେଳେ ଓଡ଼ିଶାକୁ ଶହେ ବର୍ଷ ପୂରିବ, ଆମ ରାଜ୍ୟରେ ଏୟାର ପୋର୍ଟ ଥିବ, ଆଠ ଥାକିଆ ରୋଡ୍ ଥିବ, ହେଲେ ଜଳ ଜଙ୍ଗଲ, ଜମି ପ୍ରାକୃତିକ ସମ୍ପଦ ଶେଷ ହୋଇ ରାଜ୍ୟର ଅର୍ଦ୍ଧାଧିକ ଅଞ୍ଚଳ ମରୁଭୂମି ପାଲଟି ଯାଇଥିବ।

ସେ କହିଲେ ସୁନ୍ଦରଗଡ଼ ଜିଲ୍ଲାର ବରସୁଆଁ ଅଞ୍ଚଳରେ ଦୁମାଳ ଗାଆଁରେ ଏକ କମ୍ପାନୀ କୁରାଡ଼ି ନାଳ ଜଳ ସ୍ରୋତକୁ ରୋକି ନିଜ ବ୍ୟବହାରରେ ଲଗାଇଛି। ଖଣ୍ଡାଧାର ଜଳପ୍ରପାତର ଧାରାକୁ ରୋକି କମ୍ପାନୀ ପାଣି ନେଉଛି। ତାହେଲେ ଜଳ ସମ୍ପଦ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓଡ଼ିଶାରେ କ'ଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଓଡ଼ିଶାରୁ ଖଣି ଖୋଲୁଥିବା କମ୍ପାନୀମାନେ ଏଠାରୁ ଖଣିଜ ଦ୍ରବ୍ୟ ବିଦେଶକୁ ନେଇ, ଅନ୍ୟ ଦେଶରେ ବ୍ୟବହୃତ ସାମଗ୍ରୀ ନିର୍ମାଣ କରୁଥିବା ବେଳେ ଆମ ରାଜ୍ୟରେ ଆଲୁମିନିୟମ, ଲୁହା ଆଦି ସାମଗ୍ରୀରୁ ବ୍ୟବହୃତ ସାମଗ୍ରୀ କାହିଁକି ତିଆରି କରାଯାଉ ନାହିଁ ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ରାଜ୍ୟର ଖଣିଜ ସମ୍ପଦ ବିକ୍ରୟ କରି ଦେଶ ଚଳାଇବା ଠାରୁ ଆଉ ଅଧିକ ଲଜ୍ଜାକର ବିଷୟ କିଛି ନାହିଁ ବୋଲି ସେ କହିଥିଲେ।

ଗାନ୍ଧୀବାଦୀ ନେତା ତଥା ଯାତ୍ରାର ସଂଯୋଜକ ଡାକ୍ତର ବିଶ୍ୱଜିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବୀରମିତ୍ରପୁର ବିଧାୟକ ରୋହିତ ଯୋସେଫ ତୀର୍କି ଯୋଗଦେଇ କହିଲେ ଯେ, ପରିବେଶ ପ୍ରକୃତିର ଅବାଧ ଲୁଟ ବନ୍ଦ ନହେଲେ, ଆଦିବାସୀ ବନବାସୀମାନଙ୍କ ଜୀବନ ଦୁର୍ବିସହ ହୋଇଯିବ। ଏ ବାବଦରେ ସେ ବିଧାନସଭାରେ ପ୍ରଶ୍ନ କରିବେ ବୋଲି ମଧ୍ୟ କହିଥିଲେ। ଲୋକ ଅଧିକାର ଯାତ୍ରା ଦଳରେ ଆସିଥିବା ସର୍ବେଶ୍?ର ସାହୁ, ସୁଶାନ୍ତ ମହାନ୍ତି, ଲକ୍ଷ୍ମଣ ନାୟକ, ରାଜକିଶୋର ସୁନାନୀ, ସୁକାନ୍ତ ପ୍ରଧାନ, ବିଜୟ ସିଙ୍କୁ ଆଡ଼ିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ଲୋକ ଅଧିକାର ଯାତ୍ରା ଝାରସୁଗୁଡ଼ା ଜିଲ୍ଲାର ଲାଞ୍ଜିବେର୍ଣ୍ଣା ଅଭିମୁଖେ ଗସ୍ତ କରିଥିଲା।

## ଚିନ୍ମୟ ପବ୍ଲିକ ସ୍କୁଲରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା



ରାଉରକେଲା, ୧।୩(ସମିସ): ସ୍ଥାନୀୟ ସେକ୍ଟର - ୨୨ ସ୍ଥିତ ଚିନ୍ମୟ ପବ୍ଲିକ ସ୍କୁଲରେ ପ୍ରି ନର୍ସରୀ ଠାରୁ ଆରମ୍ଭ କରି ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ରାଉରକେଲା ଲାୟନ୍ସ ଚକ୍ଷୁ ହସ୍ପିଟାଲ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେଚିନ୍ମୟ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାଶମୋହିନୀ, ରାଜେଶ ଦାଶମୋହିନୀ, ଚିନ୍ମୟ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ବିରେନ୍ଦ୍ର ସିଂହ, ଏକାଡେମୀ ପ୍ରଶାସକ ନୃସିଂହ ଚରଣ ପାତ୍ର ଉପସ୍ଥିତ ହୋଇ ଛାତ୍ର ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।""ଏହି ସ୍ୱାସ୍ଥ୍ୟ ଶିବିରରୁ ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ଦାଶ, ନମିତା ସେନାପତି, ବୀଣାପାଣି ସାହୁ, ଶ୍ରୀକାନ୍ତ ବୁଡା, ସୁଶୀଲ କୁମାର ଦାସ ସୁଚାରୁରୂପେ ପରିଚାଳନା କରିଥିଲେ।

## ସଙ୍ଗୀତ ଶିଳ୍ପୀ ସମାଜର ସଙ୍ଗୀତ ସନ୍ଧ୍ୟା



ରାଉରକେଲା, ୧।୩(ସମିସ): ସଙ୍ଗୀତ ଶିଳ୍ପୀ ସମାଜର ଫେବୃଆରୀ ମାସର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ସଭାପତି ଶରତ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ତବଲା ବାଦକ ଗୁରୁ ରଞ୍ଜନ ସାହୁ ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଗୁରୁ ପ୍ରଫୁଲ୍ଲ ମଙ୍ଗଳଙ୍କ ନିର୍ଦ୍ଦେଶନାରେ ପୁଷ୍ପ ଲତା ବିଶ୍ୱାଳ, ସୁନୀତା ବିଶ୍ୱାଳ, ଦିପ୍ତୀ ନାୟକ, ରଞ୍ଜିତା ସାହୁ, ଦ୍ରିଷ୍ଟୀ ତ୍ରିପାଠୀ, ସାଇ ସମୀକ୍ଷା ବଳ, ଛବିରାଣୀ ପାତ୍ର, ରଶ୍ମିତା ସତପଥୀ, ସବିତା ପରିଡ଼ା, ଅବିନାଶ ଆର୍ଯ୍ୟ, ଦିପୀକା ରାଣୀ ଦାସ, ପ୍ରତିକ୍ଷା ସାହୁ, ନମ୍ରତା ମହନ୍ତ, ନାନ୍ସୀ ରାଣୀ ଜେନା, ଚିରସ୍ମିତା ଜେନା ପ୍ରମୁଖ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ନରସିଂହ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ନବନୀତା ଜେନା, ରୁଦ୍ରାଂଶ ପଣ୍ଡା, ପ୍ରିତିରାଣୀ ପଣ୍ଡା, ମନିଷା ରାଣୀ ପଣ୍ଡା, ଅନ୍ୟୁଷା ପଣ୍ଡା, ପୟୋଷ୍ମିକା ମହାରଣା, ଆରାଧ୍ୟା ସ୍ୱାଇଁ, ଆଦ୍ୟଶା ଦାସ ପ୍ରମୁଖ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ବିଭୁତି ପତି, ଗୁରୁ ନୃସିଂହ ଚରଣ ସାହୁ, ଗୁରୁ ସୁଶାନ୍ତ ସାହୁ, ଚିନ୍ତାମଣୀ ଗୌଡ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଶୁଭେନ୍ଦୁ ପଟ୍ଟନାୟକ, ଦିଲ୍ଲିପ ପଣ୍ଡା, ଦିଲ୍ଲୀପ ମଙ୍ଗଳ, ସ୍ମୃତିରେଖା ପଣ୍ଡା, ଜଗସ୍ମିତା ବେହେରା, କମଳା ମହନ୍ତ, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ପୁଲିସ ସମିତି ବୈଠକ

# 'ପୁଲିସ-ଜନତା ସମନ୍ୱୟ ସୁଦୃଢ଼ ହେବ'

ରାଉରକେଲା/ବଣାଇ, ୧।୩(ସମିସ): ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ବାଙ୍କୀ ପଞ୍ଚାୟତର ପାତ୍ର ସାହି କମ୍ୟୁନିଟି ସେଣ୍ଟରରେ ପୁଲିସ ଓ ସ୍ଥାନୀୟ ଜନସାଧାରଣ ମଧ୍ୟରେ ସମନ୍ୱୟ ଓ ସହଯୋଗ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଚାନ୍ଦିପୋଷ ପୁଲିସ ପକ୍ଷରୁ ଏକ ଆମ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ବାଙ୍କୀ ସରପଞ୍ଚ, ପିଆରଆଇ ସଦସ୍ୟ, ଗ୍ରାମବାସୀ ଏବଂ ପୁଲିସ ଅଞ୍ଚଳର ବିଟ୍ ଅଫିସରମାନେ ଉପସ୍ଥିତ ଥିଲେ। ସଭା ସମୟରେ ଚାନ୍ଦିପୋଷ ଥାନା ଅଧିକାରୀ ସମସ୍ୟା ସମ୍ପର୍କରେ ସମୟ ମତେ ସୂଚନା ଦେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଅପରାଧ ପ୍ରତିରୋଧ, ସଡ଼କ ସୁରକ୍ଷା, ସାଇବର ଠକେଇ ଓ ଅନ୍ୟାନ୍ୟ ଉଦୟମାନ ଆପଦା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇ ଗ୍ରାମବାସୀମାନଙ୍କୁ ସତର୍କ ଓ ସହଯୋଗୀ ରହିବାକୁ ଆହ୍ୱାନ କରାଯାଇଥିଲା। ସରପଞ୍ଚ ଓ ପିଆରଆଇ ସଦସ୍ୟମାନେ ଚାନ୍ଦିପୋଷ ପୁଲିସର ଏହି ପଦକ୍ଷେପକୁ ପ୍ରଶଂସା କରି ଗ୍ରାମ ପଞ୍ଚାୟତ ପକ୍ଷରୁ ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ପରିବେଶ



ଶ୍ରୀକାନ୍ତ ଖମାରୀ, ଫଣୀଭୂଷଣ ମହାନ୍ତ, ଗ୍ରାମବାସୀ ଓ ସମୁଦାୟ ପ୍ରତିନିଧିମାନଙ୍କ ସହ ସାମଗ୍ରିକ ଭାବେ ଆଲୋଚନା କରି ଆଇନ ଓ ସୁଶାସନ ବଜାୟ ରଖିବାରେ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପୁଲିସ ଅଧିକାରୀମାନେ ସନ୍ଦେହଜନକ କାର୍ଯ୍ୟକଳାପ, ଅପରାଧ ପ୍ରତିରୋଧ ଓ ଶାନ୍ତି-ସମନ୍ୱୟକୁ ପ୍ରଭାବିତ କରୁଥିବା ସାମାଜିକ ଗଢ଼ି ତୋଳିବାରେ ପୂର୍ଣ୍ଣ ସହଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ଭରସା ଓ ସହଯୋଗକୁ ପୁନଃଦୃଢ଼ କରାଯାଇ, ତାମଡ଼ା ପଞ୍ଚାୟତ ଅଞ୍ଚଳର ସୁରକ୍ଷା ଓ ସାମାଜିକ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ଉଭୟପକ୍ଷ ମିଶି କାମ କରିବାକୁ ସଙ୍କଳ୍ପବ୍ୟକ୍ତ କରିଥିଲେ। ସମାଜସେବୀ ରୋହିତ କୁମାର ଜୟସ୍ୱାଲ ଧନ୍ୟବାଦ ଦେଇଥିଲେ।

## ପେଲେଟ୍ ପ୍ଲାଣ୍ଟ ପ୍ରକଳ୍ପ ଅଞ୍ଚଳରେ ଆର୍ଏସ୍ପିର ସ୍ୱାସ୍ଥ୍ୟ ଶିବିର

ରାଉରକେଲା, ୧।୩(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପେଲେଟ୍ ପ୍ଲାଣ୍ଟ ପ୍ରକଳ୍ପ ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ ଶିବିର ଇଏସଆଇ ଡିସପେନ୍ସରୀ ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲ ସହାୟତାରେ ମାନବ ସମ୍ବଳ ଠିକା ଶ୍ରମିକ ସେଲ୍ ଦ୍ୱାରା ଅନୁଷ୍ଠିତ ହୋଇଛି। ଇଏସଆଇ ଡିସପେନ୍ସରୀ, ଇଏସଆଇ ମଡେଲ୍ ହସ୍ପିଟାଲ ଏବଂ ଆଇଜିଏଚର ଡାକ୍ତର ଏବଂ ଟେକ୍ନିସିଆନମାନେ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ପ୍ରକଳ୍ପ ବିଭାଗର ସିଜିଏମ



ରାହୁଲ ଅଗ୍ରୱାଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଚଆର ସିଏଲସି ବିଭାଗର ଡେପୁଟି ମ୍ୟାନେଜର ନୀଳମଣି ମାଝୀ ଏବଂ ପିକେ ପରିଡ଼ା ଶିବିରର କାର୍ଯ୍ୟକାରିତା ବିଷୟରେ ଅବଗତ କରାଇଥିଲେ। ଚିହ୍ନଟ ହୋଇଥିବା ରୋଗୀମାନଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଚିନ୍ତା ବିଷୟରେ ଠିକା ଶ୍ରମିକଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ସେମାନଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଉତ୍ସାହିତ କରାଯାଇଥିଲା।

## ଏସ୍ପିଏସ୍ବି ଆନ୍ତଃଷ୍ଟିଲ୍ ବାସ୍କେଟବଲ୍ ଚାମ୍ପିଅନସିପ୍ ଆରମ୍ଭ



ରାଉରକେଲା, ୧।୩(ସମିସ): ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଆୟୋଜିତ ଷ୍ଟିଲ୍ ପ୍ଲାଣ୍ଟ ସ୍ପୋର୍ଟ୍ସ ବୋର୍ଡ ଆନ୍ତଃ-ଷ୍ଟିଲ୍ ବାସ୍କେଟବଲ୍ ଚାମ୍ପିଅନସିପ୍ ୨୦୨୫-୨୬ ଫେବୃଆରୀ ୨୬ ତାରିଖରେ ସେକ୍ଟର-୬ ସ୍ଥିତ ଇସ୍ପାତ ବାସ୍କେଟବଲ୍ କମ୍ପ୍ଲେକ୍ସରେ ଆରମ୍ଭ ହୋଇଛି। ଆଭ୍ୟନ୍ତରୀଣ ଅଡିଟ୍ ବିଭାଗର ସିଜିଏମ ଜି.ଏସ୍. ଦାସ ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବି.କେ. ଜୋଜୋ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ଦାସ ଏହି ଟୁର୍ଣ୍ଣାମେଣ୍ଟ ଉଦୀୟମାନ ଖେଳାଳିମାନଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା ସହ ଦଳଗତ କାର୍ଯ୍ୟ ଏବଂ କ୍ରୀଡା ବିନିମୟକୁ ପ୍ରୋତ୍ସାହିତ କରେ ବୋଲି ମତବ୍ୟକ୍ତ କରିଥିଲେ। ଫେବୃଆରୀ ୨୮ ତାରିଖରେ ଶେଷ ହେବାକୁ ଥିବା ଏହି ତିନି ଦିନିଆ ଚାମ୍ପିଅନସିପ୍ରେ ଆୟୋଜକ ଆର୍ଏସ୍ପି ସହିତ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ, ଟାଟା ଷ୍ଟିଲ୍, ଜେଏସଡବ୍ଲୁ ଦଳ ଅଂଶଗ୍ରହଣ କରୁଛନ୍ତି।

ଉଦ୍ଘାଟନୀ ମ୍ୟାଚ୍ରେ, ଆର୍ଏସ୍ପି ଦଳ ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ ଦଳକୁ ୯୩-୮୯ ପଏଣ୍ଟରେ ପରାସ୍ତ କରିଥିଲା। ଟାଟା ଷ୍ଟିଲ୍ ଦଳ ଦ୍ୱିତୀୟ ମ୍ୟାଚ୍ରେ ଜେଏସଡବ୍ଲୁ ଦଳକୁ ପରାସ୍ତ କରି ବିଜୟୀ ହୋଇଛି। କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ଆର୍ଏନ୍ ପାଢ଼ୀ ଉଦ୍ଘାଟନୀ ଅଧିବେଶନ ସଂଯୋଜନା କରିଥିଲେ। କ୍ରୀଡ଼ା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ବୁଧୁ ସିଂ ଟୁର୍ଣ୍ଣାମେଣ୍ଟର ପରିଚାଳନା କରୁଛନ୍ତି।

## ରାଉରକେଲା ମହାନଗର ନିଗମ କମିଶନରଙ୍କ ଛେଣ୍ଡ ଅଞ୍ଚଳ ପରିଦର୍ଶନ

ରାଉରକେଲା, ୧।୩(ସମିସ): ରାଉରକେଲା ମହାନଗର ନିଗମର କମିଶନର ସୁଶ୍ରୀ ଦିନାଃ ଦସ୍ତଗିର ଶୁକ୍ରବାର ଛେଣ୍ଡ ଅଞ୍ଚଳ ଗସ୍ତ କରିବା ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ନାଗରିକ ସମସ୍ୟାର ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ କମିଶନର ଡ୍ରେନେଜ୍ ସିଷ୍ଟମ, ରାସ୍ତାର ଭିତ୍ତିଭୂମି, ପରିମଳ ପରିଚାଳନା ଏବଂ ଜବରଦଖଲ ଘଟଣା ସହିତ ଜଡ଼ିତ ପ୍ରଚଳିତ ପରିସ୍ଥିତିର ମୂଲ୍ୟାଙ୍କନ କରିଛନ୍ତି। ସେ ଘଟଣାସ୍ଥଳରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ଚିହ୍ନଟ ହୋଇଥିବା ତ୍ରୁଟିକୁ ଦୂର କରିବା ପାଇଁ ଆବଶ୍ୟକୀୟ ସଂଶୋଧନମୂଳକ ପଦକ୍ଷେପ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଥପାର୍ଶ୍ୱ ବିକ୍ରେତାଙ୍କ ପୁନର୍ବାସ ପାଇଁ ଉଦ୍ଦିଷ୍ଟ ଟିସ୍କୋ ମାର୍କେଟ ପ୍ଲାଟଫର୍ମର ପ୍ରସ୍ତାବିତ ନିର୍ମାଣ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଟେଣ୍ଡର ପ୍ରକ୍ରିୟା ପୂର୍ବରୁ ଶେଷ ହୋଇ ସାରିଥିବାରୁ, କମିଶନର ପ୍ରକଳ୍ପ ସ୍ଥିତି ସମୀକ୍ଷା କରିଥିଲେ। ବିକ୍ରେତାଙ୍କୁ ସେମାନଙ୍କ ବିକ୍ରି ପାଇଁ ସହାୟତା କରିବା ଏବଂ ରାସ୍ତାପାର୍ଶ୍ୱ ଭିଡ଼କୁ ହ୍ରାସ କରିବା ପାଇଁ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ଏକ ଘରୋଇ ହସ୍ପିଟାଲ ମଧ୍ୟ ଗସ୍ତ କରି ରୋଗୀ ଏବଂ ପରିଦର୍ଶକଙ୍କ ପାଇଁ ସୁବିଧା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପାର୍କିଂ ବ୍ୟବସ୍ଥାକୁ ସୁଗମ କରିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାଗୁଡ଼ିକୁ ଉନ୍ନତ କରିବା ପାଇଁ କମିଶନର ମହାନଗର ନିଗମ ପରିଚାଳନାକୁ ପରାମର୍ଶ ଦେଇଥିଲେ। ଏହାପରେ ସେ ବିଏସଏନଏଲ ଛକ ନିକଟସ୍ଥ ଫୁଡ୍ କୋର୍ଟ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଦୋକାନୀମାନଙ୍କୁ ଉପଯୁକ୍ତ ପରିଷ୍କାର ମାନଦଣ୍ଡ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଖାଦ୍ୟ ସାମଗ୍ରୀ ଘୋଡ଼ାଇ ରଖିବାକୁ ସେ ଅନୁରୋଧ କରିଥିଲେ। ସେ ସେମାନଙ୍କ ପ୍ରତିଷ୍ଠାନର ପାଞ୍ଚ ମିଟର ପରିଧି ମଧ୍ୟରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବିକ୍ରେତାମାନଙ୍କୁ ପରିଚ୍ଛନ୍ନତା ନିର୍ଦ୍ଦେଶାବଳୀ ଅନୁଯାୟୀ ଓଦା ଏବଂ ଶୁଖିଲା ଅଳିଆ ପାଇଁ ପୃଥକ ଡଷ୍ଟବିନ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜନସୁରକ୍ଷା ଉପରେ ଆଲୋକପାତ କରି, କମିଶନର ନାଗରିକମାନଙ୍କୁ ଅନୁମୋଦିତ କୋଠା ଯୋଜନା (ବିଲଡିଂ ଯୋଜନା) ଅନୁଯାୟୀ ନିର୍ମାଣ କାର୍ଯ୍ୟ କରିବାକୁ ଏବଂ ବିଲଡିଂ ନିର୍ମାଣ ଶେଷ ହେବା ପରେ ପ୍ରମାଣପତ୍ର ପାଇବାକୁ ଅନୁରୋଧ କରିଥିଲେ। ସେ ନିୟମିତ କ୍ଷେତ୍ର ଯାଞ୍ଚ କରିବାକୁ ଏବଂ ଜନଅଭିଯୋଗର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଗୋପନା ମଣ୍ଡଳରେ ହିନ୍ଦୁ ସମ୍ମିଳନୀ ଓ ଧର୍ମରକ୍ଷା ଯଜ୍ଞ



ଲହୁଣୀପଡ଼ା, ୧।୩(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକୀ ଅବସରରେ ସ୍ଥାନୀୟ ସମଗ୍ର ହିନ୍ଦୁ ସମାଜ ଦ୍ୱାରା ଗୋପନା ପଞ୍ଚାୟତ ହାତୀକୁଚା ଜଗନ୍ନାଥ ମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଛି। ଗ୍ରାମ ମୁଖିଆ ହରେକୃଷ୍ଣ ମାହାନ୍ତଙ୍କ ପୋଖରୀରୁ ମାତୃମଣ୍ଡଳୀ ନିଜ ନିଜର କଳସରେ ଗଙ୍ଗାଜଳ ଭରି ପୂଜାର୍ଚ୍ଚନା ପରେ କୀର୍ତ୍ତନ ମଣ୍ଡଳୀ ସହିତ ହାତୀକୁଚା ଗ୍ରାମ ଦେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ହାତୀକୁଚା ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ମୋଟ ୫୦୦ ଜଣ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ମୁଖ୍ୟକର୍ତ୍ତା ଭାବରେ ହରେକୃଷ୍ଣ ମାହାନ୍ତଙ୍କ ସହ ତାଙ୍କ ଧର୍ମପତ୍ନୀ ଧନେଶ୍ୱରୀ ମାହାନ୍ତ ଏବଂ ହରିହର ମାହାନ୍ତଙ୍କ ସହ ତାଙ୍କ ଧର୍ମପତ୍ନୀ ଲଳିତା ମାହାନ୍ତ ଯୋଗଦାନ କରିଥିଲେ। ଶିଶୁ ସଂସ୍କାର ମନ୍ଦିର, ଗୋପନାର ଭଉଣୀଙ୍କ ଦ୍ୱାରା ସାମୂହିକ ହନୁମାନ ଚାଳିଶା ପାଠ ଗାନ କରା ଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଜିଲ୍ଲା ସମ୍ପର୍କ ପ୍ରମୁଖ ଦୟାନିଧି ମାହାନ୍ତ, ମୁଖ୍ୟବକ୍ତା ଭାବେ ରାଉରକେଲା ଗ୍ରାମୀଣ ଜିଲ୍ଲା ସଂଘ ଚାଳକ ଶିବଶଙ୍କର ସାଥୁଆ ଉପସ୍ଥିତ ଥିଲେ। ସଂଯୋଜକ ସୁରେନ୍ଦ୍ର ମାହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଇଡ଼ା ଖଣ୍ଡ ସଂଘ ଚାଳକ ଦୁବରାଜ ମାହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲବ ମାହାନ୍ତ, ଗୁଣନିଧି ମାହାନ୍ତ, ହେମେନ୍ଦ୍ର ମାହାନ୍ତ, ଜ୍ଞାନେନ୍ଦ୍ର ମାହାନ୍ତ, ରାମଚନ୍ଦ୍ର ମାହାନ୍ତ, ଦେବବ୍ରତ ମାହାନ୍ତ, ସଞ୍ଜୟ ମାହାନ୍ତ, କୁଶ ମାହାନ୍ତ, ବଳଦେବ ମାହାନ୍ତ ଓ ହିମାଂଶୁ ଶେଖର ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ





ରାଉରକେଲା, ୧।୩(ସମିସ): ଓଡ଼ିଆ ଭାଷା ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ବୀର ସୁରେନ୍ଦ୍ର ସାଏଙ୍କ ୧୪୨ତମ ତିରୋଧାନ ଦିବସ ଅବସରରେ ଭକ୍ତି-ମାଲ୍ୟାର୍ପଣ, ପୁଷ୍ପାଞ୍ଜଳି ଓ ସ୍ମୃତି ତର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି। ଶକ୍ତିନଗର ଜଗନ୍ନାଥ ମନ୍ଦିର ସନ୍ନିକଟ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ହମିରପୁର ଉନ୍ନୟନ ପରିଷଦର ସଭାପତି ସୁମନ ଦତ୍ତ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିରେ ବିଶିଷ୍ଟ ସାହିତ୍ୟ ସଂଗଠକ ରାଧାମୋହନ ନାୟକ, ସମାଜସେବୀ ଗଗନ ବିହାରୀ ଧଳ, ଆଡଭୋକେଟ୍ ଆରତି ଚୌଧୁରୀ, ପ୍ରଫେସର ମନୋଜ ମିଶ୍ର, କବି ବଳରାମ ରାଉଳ, ଶିକ୍ଷାବିତ୍ ନମିତା ଜେନା, ଜନରଞ୍ଜନ ଜେନା, ନମିତା ସାଉଁଆଲ, ପ୍ରଦୀପ କୁମାର ପ୍ରଧାନ, ସମାଜସେବୀ ଶିବଶଙ୍କର ପଣ୍ଡା, ଶ୍ରୀମନ୍ତ ବେହେରା, ଗୌରୀଶଙ୍କର ପାତ୍ର, ରତ୍ନାକର ବିଶ୍ୱାଳ ଓ କବୟିତ୍ରୀ ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ରଙ୍ଗ ଅବିର ଦୋକାନରେ ଭିଡ଼, ବଢୁଛି ହର୍ବାଲ ରଙ୍ଗର ଚାହିଦା

ବଣାଇଁ, ୧।୩ (ସମିସ)

ଆଉ ଦୁଇଦିନ ପରେ ରଙ୍ଗର ପର୍ବ ହୋଲି। ସାତ ରଙ୍ଗରେ ରଙ୍ଗୀନ ହେବା ପାଇଁ ପ୍ରସ୍ତୁତ ହେଲେଣି ସମସ୍ତେ। ଦୋଳ ପରେ ଧରାପୃଷ୍ଠ ରଙ୍ଗମୟ ହୋଇ ଉଠିବ। ସେଥିପାଇଁ ରଙ୍ଗ ବ୍ୟବସାୟ ମଧ୍ୟ ଜମି ଆସିଲାଣି। ବଣାଇଁ ଅଞ୍ଚଳରେ ଭଳିକି ଭଳି ରଙ୍ଗ ଦୋକାନରେ ଗ୍ରାହକମାନଙ୍କ ଭିଡ଼ ଆରମ୍ଭ ହେଲାଣି। ଫଗୁଣ ଆସିଲେ ଦୋଳ ପୂର୍ଣ୍ଣିମା କଥା ମନେ ପଡ଼େ। ବିମାନରେ ବସି ଫଗୁ ଖେଳି ବିଭିନ୍ନ ଗାଁ ସାହିରେ ଭୋଗ ଖାଇଥାନ୍ତି ରାଧା କୃଷ୍ଣ ଆଉ ତା ପରେ ହୋଲି ପର୍ବ। ସବୁ ଦୁଃଖ କଷ୍ଟକୁ ଭୁଲି ଆବାଳ ବୃଦ୍ଧ ବନିତା ଏହି ରଙ୍ଗରେ ରଙ୍ଗେଇ ହୋଇଥାଆନ୍ତି। ସେଥିପାଇଁ ବ୍ୟବସାୟୀମାନେ ବଣାଇଁର ବଜାରଠୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ହୋଲି ରଙ୍ଗର ବିଭିନ୍ନ ପସରା ମେଲାଇଛନ୍ତି।



ବିଭିନ୍ନ ଦେଶୀ ବିଦେଶୀ ରଙ୍ଗ ସାଙ୍ଗକୁ ହର୍ବାଲ ରଙ୍ଗର ଚାହିଦା ବଢ଼ିଛି। ତା ସହିତ ବିଭିନ୍ନ ପ୍ରକାର ପିଚକାରୀ ମୁଖା ଖେଳନା ସହ ଭଳିକି ଭଳି ରଙ୍ଗ ଖେଳ ସାମଗ୍ରୀ ଚଳିତ ବର୍ଷ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ବଜାର ଚାହିଦାକୁ ଦେଖି ଚଳିତ ବର୍ଷ ରଙ୍ଗ ଏବଂ ପିଚକାରୀ ସାମଗ୍ରୀ ଦାମ୍ ମଧ୍ୟ ବେଶୀ ନାହିଁ, ତେଣୁ ବେପାର ଜମିବ ବୋଲି ବ୍ୟବସାୟ କହିଛନ୍ତି।

# ଅସମ୍ପୂର୍ଣ୍ଣ କେନାଲ ରାସ୍ତା ନିର୍ମାଣକାରୀଙ୍କୁ ଅନୁକମ୍ପା

କଳମପୁର, ୧।୩(ସମିସ)





ପ୍ରକଳ୍ପ ନିର୍ମାଣ ପୂର୍ବରୁ ସୂଚନା ଫଳକ ଲଗାଇବାକୁ ସରକାର ନିୟମ କରିଛନ୍ତି। ଏଠାରେ ବ୍ଲକ ପ୍ରଶାସନ ପାଇଁ ସୂଚନା ଫଳକ ବାଧ୍ୟତାମୂଳକ କିନ୍ତୁ ଅନ୍ୟ ବିଭାଗ ଲାଗି ନିୟମ କାଗଜପତ୍ରରେ ସୀମିତ, ଆରଡି, ପିଡ୍ଲ୍ୟୁଡି, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ଲାଗି ଅନେକ ବିଭାଗ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଚାଲିଛନ୍ତି। ଯାହାର ନଗ୍ନ ନମୁନା କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ଇନ୍ଦ୍ରାବତୀ ବିଭାଗ ଦ୍ୱାରା ସମ୍ପାଦିତ କାର୍ଯ୍ୟରେ ଦେଖିବାକୁ ମିଳିଛି। ଏହି ବିଭାଗ ବାର୍ଷିକ କୋଟି କୋଟି ଟଙ୍କାର କାମ କରି ଚାଲିଛନ୍ତି, କିନ୍ତୁ କାର୍ଯ୍ୟସ୍ଥଳରେ ଜନ ସାଧାରଣଙ୍କ ଅବଗତ ଲାଗି ସୂଚନା ଫଳକ ବ୍ୟବହାର କରିଥିବା ନଜିର ନାହିଁ। ଫଳରେ କାମରମାନ ଅଟକଳ ମୂଲ୍ୟ ଠାରୁ କାର୍ଯ୍ୟକର୍ତ୍ତାଙ୍କ ନାମ ମଧ୍ୟ ଜଣାପଡେ ନାହିଁ। ନିକଟରେ ଅଞ୍ଚଳର ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କାର ଶାଖା କେନାଲ ମରାମତି କାର୍ଯ୍ୟ ସମ୍ପାଦିତ ହୋଇଛି। ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉଦବୃତ୍ତ ପାଣିକୁ ଜଳସେଚନ ଲାଗି ବ୍ୟବହାର କରିବାର ଧାର୍ଯ୍ୟ ତାରିଖ ପାଖେଇ ଆସିଲେ କାମ ତରବରିଆ ଭାବେ ସମ୍ପାଦନ କରାଯାଇ ଆସୁଛି। ଫଳରେ କେନାଲରେ ପାଣି ଆସିଲେ କାମ ଅଧପନ୍ତରିଆ ଥିଲେ ମଧ୍ୟ ବିଲ ହାତେଇବାରେ ଅସୁବିଧା ହୁଏ ନାହିଁ। ଏଥିପାଇଁ ଶାଖା କେନାଲ ମରାମତି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ସମ୍ପାଦନ ନ କରି ସୁପାରିଶ ଅନୁସାରେ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ବିଭାଗ ଦ୍ୱାରା ସମ୍ପାଦିତ ବିଭିନ୍ନ କାମମାନଙ୍କ ମଧ୍ୟରେ ଇନ୍ଦ୍ରାବତୀ ଡାହାଣ କେନାଲ ପୁନରୁଦ୍ଧାର ଓ ରାସ୍ତା କାମ ଅନ୍ୟତମ, ଏହା ଅନେକ ଅଭିଯୋଗକୁ ଲଂଘି ଶିର୍ଷସ୍ଥାନରେ ଉପନିତ ହୋଇଛି। ତିନି ଶତରୁ ଅଧିକ କୋଟି ଟଙ୍କାରେ ଡାହାଣ କେନାଲ ପୁନରୁଦ୍ଧାର କାର୍ଯ୍ୟ ହେଲା, ମରାମତି ଯୋଗୁଁ ଚାଷୀମାନେ ପ୍ରଭାବିତ ହେଲେ, ଜଳ ସେଚନ ନ ହେବାରୁ ତିନି ବର୍ଷ ଚାଷ ହେଲା ନାହିଁ, ଚାଷୀଙ୍କ ଆପତ୍ତି ପରେ ଅଧାପନ୍ତରିଆ

## ପୁଣି ୨ କେନାଲ ରାସ୍ତା ନିର୍ମାଣ ଦାୟିତ୍ୱ

କେନାଲରେ ଜଳସେଚନ କରାଗଲା। ସେବେ ଠାରୁ ଦୁଇ ବର୍ଷ ହେବାକୁ ବସିଲାଣି ଅଧାପନ୍ତରିଆ କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ସେହି ଅସମ୍ପୂର୍ଣ୍ଣ କେନାଲ ଉପରେ ରାସ୍ତା କାମ ଆରମ୍ଭ ହେଲା, ହାଲୁକା ମାଟିରେ ତରବରିଆ ରାସ୍ତା କାମ ନିର୍ମାଣ ହେଲା, ମଙ୍ଗଳପୁର ଶୂନ୍ୟ କିଲୋମିଟରରୁ ୪୧ କିଲୋମିଟର ଦେପୁର ପର୍ଯ୍ୟନ୍ତ ଏହି ରାସ୍ତା ପାଇଁ ଶତାଧିକ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଗଲା। ସେହି କାମ ମଧ୍ୟ ଏବେ ଅଧପନ୍ତରିଆ ଭାବେ ପଡ଼ି ରହିଛି, କିଛି ଭଲ ଭଲ ସ୍ଥାନମାନଙ୍କରେ କାମ ସାରି ଦିଆଯାଇ ଟିକେ ଅସୁବିଧା ଓ ଲୋକଙ୍କ ଅତ୍ୟନ୍ତ ଆବଶ୍ୟକ ଥିବା ସ୍ଥାନମାନଙ୍କରେ କାମ ଛାଡି ଦିଆଯାଇଛି। ଏପଟେ ବିଭାଗ କିନ୍ତୁ ଶ୍ରେୟ ନେବାକୁ ପଛେଇ ନାହାନ୍ତି, କ୍ୱାଲିଟୀ କଣ୍ଟ୍ରୋଲ ବୋର୍ଡ ଅଧିକାରୀଙ୍କୁ ଆଣି ଭଲ କାମ ହୋଇଥିବା ସ୍ଥାନମାନଙ୍କୁ ଦେଖାଇ ବାହାବା ନେଇଛି। ରାସ୍ତା ନିର୍ମାଣର କେତେକ ଛାଡି ଦିଆଯାଇଥିବା ସ୍ଥାନରେ ମାଟି ଗାଣ୍ଡୁଏ ମଧ୍ୟ ପକାଇ ସମତୁଲ କରାଯାଇ ନାହିଁ, ପାତ୍ରବସାଗ୍ରାମ ଶିବ ମନ୍ଦିର ନିକଟସ୍ଥ ଘାଟି ରାସ୍ତା ଜ୍ୱଳନ୍ତ ଉଦାହରଣ ପାଲଟିଛି। ଏହି କେନାଲ ରାସ୍ତା ମଧ୍ୟ ଦୁଇ ବର୍ଷ ହେଲାଣି ସମ୍ପୂର୍ଣ୍ଣ ହୋଇ ପାରିନାହିଁ, ଏହି କାର୍ଯ୍ୟକାରୀ ସଂସ୍ଥାକୁ ପୁଣି ଅହେତୁକ ଅନୁକମ୍ପା ଦେଖାଇ ବିଭାଗ ଆଉ ଦୁଇଟି କେନାଲ କାମ ଉପହାର ସଦୃଶ୍ୟ ଭେଟି ଦେଇଥିବା ଅଭିଯୋଗ ହେଉଛି, ବର୍ଛି କେନାଲ ଛକରୁ ଡୁମେରମୁଣ୍ଡା ଓ ମଣ୍ଡଳ ପଞ୍ଚାୟତ କେନାଲ ଠାରୁ ନୂଆଗାଁ ପର୍ଯ୍ୟନ୍ତ ଏହି ସଂସ୍ଥା କାମ କରୁଛି। ବିଭାଗ ପକ୍ଷରୁ କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ଲଗାଯାଇ ନ ଥିବାରୁ ସବିଶେଷ ବିବରଣୀ ମିଳି ପାରି ନ ଥିବା ବେଳେ ବିଭାଗରେ କର୍ମଚାରୀଙ୍କ ଅଦଳବଦଳ ଫଳରେ ଫୋନ ଯୋଗାଯୋଗ ହୋଇ ପାରିନାହିଁ। ଫଳରେ ସଠିକ ତଥ୍ୟ ମିଳି ନ ଥିଲେ ମଧ୍ୟ ମଙ୍ଗଳପୁର ଠାରୁ ଦେପୁର ପର୍ଯ୍ୟନ୍ତ କେନାଲ ରାସ୍ତା ନିର୍ମାଣ କରିଥିବା ଠିକାଦାର ହିଁ ବର୍ତ୍ତମାନ ଦୁଇଟି ରାସ୍ତା କାମ କରୁଥିବା ଠିକାଦାରଙ୍କ ଠାରେ ନିୟୋଜିତ ବ୍ୟକ୍ତି ମାନଙ୍କ ଠାରୁ ଜଣାପଡ଼ିଛି। ସମ୍ପୃକ୍ତ ଠିକାଦାରଙ୍କ ପ୍ରତି ବିଭାଗର ଅହେତୁକ ଅନୁକମ୍ପା କେଉଁ ସ୍ୱାର୍ଥରେ ତାହା ତଦନ୍ତ ହେବା ଆବଶ୍ୟକ ବୋଲି ଅଞ୍ଚଳର ଚାଷୀଙ୍କ ମହଲରେ ମତ ପ୍ରକାଶ ପାଇଛି।

## ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ନେଇ ବୈଠକ

କୋକସରା, ୧।୩(ସମିସ): କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ନେଇ ଶନିବାର ପୋଡାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଲକ୍ଷ୍ମୀକାନ୍ତ ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜୀବ କୁମାର ଅଗ୍ରୱାଲ, ପୁରୁଷୋତ୍ତମ ଦାସ ଗୁପ୍ତା, ପୋଡାଗୁଡା ସରପଞ୍ଚ ଜୟରାମ ନାଏକ, ସମିତି ସଭ୍ୟ ରାଜୀବ ଖମାରୀ, ରଘୁମଣି ଖମାରୀ, ଧର୍ମାନନ୍ଦ ନାଏକ, ଶ୍ରୀମନ୍ତ ପାତ୍ର, କେଶବ ଚନ୍ଦ୍ର ନାଏକ, ଧବଳେଶ୍ୱର ନାଗ, ସନତ କୁମାର ପ୍ରଧାନ, ରବିନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ଉପରେ ବିଶେଷ ଆଲୋଚନା କରାଯାଇ ଜନମତ ସଂଗ୍ରହ



କରାଯାଇଥିଲା। ଛଡ଼ାଇ ନେଇଥିବା ସର୍ବପୁରାତନ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପୁନଃ ଫେରେଇ ଆଣିବା ପାଇଁ ବୈଠକରେ ଉପସ୍ଥିତ ରହିଥିବା ପୋଡାଗୁଡା ପଞ୍ଚାୟତର ନେରିଗୁଡା, ମଙ୍ଗଳପୁର, କୁଲେରଗୁଡା ସମେତ ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ ସମେତ ବ୍ୟକ୍ତି ବିଶେଷ ସମସ୍ତଙ୍କ ସହଯୋଗ ରହିବା ସହ ଉକ୍ତ ଦାବିକୁ ସମର୍ଥନ ଦେଇଥିଲେ। ପଞ୍ଚାୟତସ୍ତରରୁ ଦାବିକୁ ତ୍ୱରାନ୍ୱିତ କରିବା ପାଇଁ ୧୧ ଜଣିଆ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକରେ ହରେକୃଷ୍ଣ ନାଏକ, ଧନୁର୍ଜୟ ବାଗ, କ୍ଷୀରସିନ୍ଧୁ ଦାସ, ପ୍ରଶାନ୍ତ କୁମାର ନାଏକ, ଗାଙ୍ଗୁରାମ ନାଏକ, ଚନ୍ଦ୍ରଦ୍ୱାର ସାହୁ, ଅଜୟ କୁମାର ମାଝୀ, ଉମା ଶଙ୍କର ନିଏଲ, ଲକ୍ଷ୍ମଣ ଯୁଏଲ, ସୁରେନ୍ଦ୍ର ଗୋପାଳ, ପବିତ୍ର ପୂଜାରୀ, ଜଳନ୍ଧର ଯୁଏଲ, କଳଦେବ ନିଆଲ, ଗଜାନନ ଖମାରୀ, ଟଙ୍କଧର ଧରୁଆ, ଦୈତନ ବେହେରା, ଭରତ ନାଏକ, ଗୁଲସନ ବାଗ ସମେତ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ରହିଥିଲେ।

## କୁଷ୍ଠରୋଗ ସନ୍ଦେହ ବ୍ୟକ୍ତିଙ୍କ ପ୍ରାଥମିକ ପରୀକ୍ଷଣ କର୍ମଶାଳା

ଧର୍ମଗଡ଼, ୧।୩(ସମିସ): ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତ ସଭାଗୃହରେ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ସମିତି କୁଷ୍ଠ ନିରାକରଣ ବିଭାଗ ଓ ଲେପ୍ରା ସୋସାଇଟୀ ସ୍ୱାଭିମାନ ପ୍ରକଳ୍ପଙ୍କ ମିଳିତ ଆନୁକୂଲ୍ୟରେ କୁଷ୍ଠରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କୁ ପ୍ରାଥମିକ ପରୀକ୍ଷଣ ଏବଂ ନିଦାନ ଓ ଚିକିତ୍ସା ଲାଗି ସରକାରୀ ଡାକ୍ତରଖାନାକୁ ପ୍ରେରଣ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହାତୀରାମ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ଧର୍ମଗଡ଼ ବ୍ଲକ ନୋଡାଲ୍ ଲେପ୍ରୋସି ୱର୍କର୍ ସୁଶାନ୍ତ କୁମାର ବେହେରା ଓ



ଟିପିଗୁଡା ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ବିଷ୍ଣୁ ପ୍ରସାଦ ନାଏକ ଉପସ୍ଥିତ ରହି ଚବିଶ ଜଣ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ପିଏମପି, ଆରଏମ୍‌ପି, ଟିଏଚ ଙ୍କୁ କୁଷ୍ଠରୋଗର କାରଣ, ଲକ୍ଷଣ, ପ୍ରଭାବ ଓ ଚିକିତ୍ସା ତଥା ଏହାର ନିରାକରଣ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବୁଝାଇବାସହ କୁଷ୍ଠରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ପ୍ରେରଣ ଲଗି ଅବଗତ କରିଥିଲେ। କର୍ମଶାଳାରେ ସରପଞ୍ଚ ହାତୀରାମ ଦୁର୍ଗା, କୁଷ୍ଠରୋଗପ୍ରତି ରହିଥିବା ଦୀର୍ଘ କାଳର ଅନ୍ଧ ବିଶ୍ୱାସ ଓ ଘୃଣାଭାବକୁ ଜନ ଜାଗରଣ ଓ ସ୍ୱାସ୍ଥ୍ୟ ସଚେତନ ଦ୍ୱାରା ହଟାଇ ଆମ ସମାଜକୁ ସମ୍ପୂର୍ଣ୍ଣ କୁଷ୍ଠ ମୁକ୍ତ କରିବା ପାଇଁ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜକ ଶିଶିର କୁମାର ସାବତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଓ ଜେଜେମା ସମ୍ମିଳନୀ

ଭବାନୀପାଟଣା, ୧।୩(ସମିସ): ବ୍ରଜବିହାର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ଜେଜେବାପା ଓ ଜେଜେମା ସମ୍ମିଳନୀ ପ୍ରଧାନାଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହୋଇଯାଇଛି। କାର୍ଯ୍ୟକ୍ରମ ଦାୟିତ୍ୱ ନେଇଥିଲେ ବାଟିକା ପ୍ରମୁଖ ଶ୍ରୀମତୀ ସୁକାନ୍ତି ଦାଶ। ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ବିଦ୍ୟାଳୟର କଣ୍ଠଶିଳ୍ପୀ ବୃନ୍ଦ। ମୁଖ୍ୟଅତିଥି ଭାବେ ମଞ୍ଚାସୀନ ହୋଇଥିଲେ ଅବସପ୍ରାପ୍ତ ସଂସ୍କୃତ ପଣ୍ଡିତ ସୁରେନ୍ଦ୍ର କୁମାର ପତି, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର



ପଣ୍ଡା ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ମନୋଜ କୁମାର ନାୟକ ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଗୁରୁମା ସୁମତି ମୁଣ୍ଡ। ବର୍ତ୍ତମାନର ସମୟରେ ଜେଜେବାପା ଜେଜେମା ଓ ଶିଶୁର ସମ୍ପର୍କ କେତେ ନିବିଡ଼ ହେବା ଆବଶ୍ୟକ ଏବଂ ପରିବାର ମଧ୍ୟରେ ଜେଜେ ବାପା ଜେଜେମାଙ୍କ ଗୁରୁତ୍ୱ ରହିଲେ ଶିଶୁ ବହୁତ କିଛି ଶିଖିପାରିବେ ବୋଲି ପ୍ରଧାନଆଚାର୍ଯ୍ୟ କହିଥିଲେ। ମୁଖ୍ୟବକ୍ତା ଜରାଶ୍ରମର କଥା ଦୁଃଖର ସହ କହିଥିଲେ ଓ ସଂସ୍କାର, ଆଦର୍ଶବାଦ ଶିକ୍ଷା ଦେବା ପାଇଁଆଜିର ସମୟରେ ବାପା ମାଆ ପାଖରେ ସମୟ ନାହିଁ। ବର୍ତ୍ତମାନ ନୈତିକ ଶିକ୍ଷାର ଓ ସ୍ନେହ ଢେର ଅଭାବ ରହୁଛି ଯାହା ପୂର୍ଣ୍ଣକରିପାରିବେ ଜେଜେମା ଜେଜେ ବାପା ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ପରିବାରରେ ବୟସ୍କ ମା ବାପାଙ୍କୁ ଅବହେଳା ନ କରାଯାଉ ଓ ସେମାନଙ୍କ ଉପସ୍ଥିତିର ଗୁରୁତ୍ୱ ଦିଆଯାଉ ବୋଲି ସଭାପତି କହିଥିଲେ। ବାଟିକା ପ୍ରମୁଖ ଆଜିର ଦିବସର ଗୁରୁତ୍ୱ କେତେ ରହିଛି ପରିବାର ମଧ୍ୟରେ ତାହା ଉପସ୍ଥାପନା କରିଥିଲେ। ଶିଶୁ ବାଟିକାର କୁନି କୁନି ଛୁଆ ଶେଷରେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସୁଶାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

● ସର୍ଦ୍ଦାର ପାଖରେ ବନ୍ଧା ପଡ଼ିଛି ଦାଦନ ଶ୍ରମିକ

## ପୁଅକୁ ଉଦ୍ଧାର କରିବାକୁ ପରିବାର ଲୋକଙ୍କ ନିବେଦନ

ଗୋଲାମୁଣ୍ଡା, ୧।୩(ସମିସ): କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ଦାଦନ ସମସ୍ୟା ଉଗ୍ରରୂପ ନେବାରେ ଲାଗିଛି। ପେଟ ପାଇଁ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ ହେଲେ ଦାଦନ ସର୍ଦ୍ଦାର ପାଖରେ ପ୍ରାୟ ୧୦ମାସ ହେଲା ବନ୍ଧା ପଡ଼ିଛନ୍ତି। କେବଳ ଖାଇବାକୁ ଦେଇ କାମ କରାଇବା ସହିତ



ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ଦାଦନ ମୁକ୍ତ ପାଇଁ ନୂଆପଡ଼ା ଜିଲ୍ଲାକୁ ଡାଲଖାଇ ଯୋଜନାରେ ସାମିଲ କରିଛନ୍ତି ହେଲେ କଳାହାଣ୍ଡି ଜିଲ୍ଲାକୁ ଅଣଦେଖା କରାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲେଇ ଗାଁର ନରେନ୍ଦ୍ର ନାଏକ(୨୬) ଓ ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ସିନାପାଲି ଗ୍ରାମର ପ୍ରେମରାଜ ନାଗ ଦାଦନ ସର୍ଦ୍ଦାର ପାଖରେ ପ୍ରାୟ ୧୦ ମାସ ହେବ ବନ୍ଧା ପଡ଼ିଛନ୍ତି। ନରେନ୍ଦ୍ର ନାଏକ ଗତ ୨୦୨୫ ମସିହା ମାର୍ଚ୍ଚ ମାସରେ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାଇଥିଲେ। କିଛି ମାସ କାମ କରିବା ପରେ ଦାଦନ ଦଲାଲ ଅଧିକ ମଜୁରୀ ଦେବାକୁ କହି ଦୁଇ ସାଙ୍ଗଙ୍କୁ ଟ୍ରେନ ଯୋଗେ ନେଇ ସର୍ଦ୍ଦାର ପାଖରେ ଛାଡି ଦେଇ ଫେରାର ହୋଇଥିଲା। ଦାଦନ ଶ୍ରମିକ ନରେନ୍ଦ୍ର ଏବଂ ପ୍ରେମରାଜଙ୍କୁ ଦାଦନ ସର୍ଦ୍ଦାର ଆନ୍ଧ୍ରପ୍ରଦେଶର ପେହେନା ନଦୀ ଆରପଟେ ରଖି ମାଛମରା କାମରେ ନିୟୋଜିତ କରିଛନ୍ତି। ନରେନ୍ଦ୍ର ଓ ପ୍ରେମରାଜଙ୍କୁ ଟଙ୍କା ପଇସା କିଛି ଦେଉନ ଥିବା ବେଳେ ସକାଳ ଭୋର ୪ଟା ରୁ ଦିନ ୧ ଟା ପର୍ଯ୍ୟନ୍ତ ଏବଂ ଦିନ ୨ଟା ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କେବଳ କାମ କରୁଛନ୍ତି। ଭଲ ସେ ଖାଇବାକୁ ମଧ୍ୟ ଦେଉନାହିଁ। ଶୀଘ୍ର ଉଦ୍ଧାର କରିବାକୁ ଏକ ଫୋନ ମାଧ୍ୟମରେ ପରିବାର ଲୋକଙ୍କୁ ଜଣାଇଛନ୍ତି। ଅନ୍ୟ ପଟେ ପୁଅଙ୍କୁ ଉଦ୍ଧାର କରିବା ପାଇଁ ନରେନ୍ଦ୍ରଙ୍କ ବାପା ଅଶ୍ୱିନୀ ନାଏକ କଳାହାଣ୍ଡି ଜିଲ୍ଲାପାଳ ଠାରୁ ଆରମ୍ଭ କରି ଶ୍ରମ ବିଭାଗ, ଜୁନାଗଡ଼ ଥାନା ଓ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ତାଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି ତୁରନ୍ତ ବନ୍ଧା ପଡ଼ିଥିବା ଦୁଇ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦାବି ହୋଇଛି।

## ବ୍ଲକ୍‌ସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

କେସିଙ୍ଗା, ୧।୩(ସମିସ): ବ୍ଲକ ବିଜ୍ଞାନ ସାଧନ କେନ୍ଦ୍ର, କେସିଙ୍ଗା ଓ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ମିଳିତ ସହଯୋଗରେ ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ବାଗଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଓ କେସିଙ୍ଗା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ରାଜେଶ କୁମାର ଅଗ୍ରୱାଲ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ରୂପେ ଯୋଗଦାନ କରି 'ବିଜ୍ଞାନରେ ମହିଳା: ଏକ ବିକଶିତ ଭାରତକୁ ତ୍ୱରାନ୍ୱିତ କରିବା ବିଷୟବସ୍ତୁ ଉପରେ ନିଜ ବକ୍ତବ୍ୟରେ ବିଶଦ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଅଭୟ କୁମାର ଦେବତା, ସଭାପତି, ବ୍ଲକ ବିଜ୍ଞାନ ସାଧନ କେନ୍ଦ୍ର, କେସିଙ୍ଗା ଓ ବରିଷ୍ଠ ବିଜ୍ଞାନ



ଶିକ୍ଷକ ପରମାନନ୍ଦ ଛୁଆଳସିଂହ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜି.କ୍ରିଷ୍ଣା ରେଡି ସଂଯୋଜନା କରିଥିବା ବେଳେ ଅଭୟ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପରମାନନ୍ଦ ଛୁଆଳସିଂହ ବିଜ୍ଞାନର ରହସ୍ୟମୟ ଯାଦୁ ଖେଳ ଓ କରିସ୍ମା ଆଧାରିତ ପ୍ରଦର୍ଶନ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ନୂଆପଡ଼ା, ୧।୩(ସମିସ): ନୂଆପଡ଼ା ଜିଲ୍ଲା ସଦର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂଆପଡ଼ା କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଯୋଗିନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ନୂଆପଡ଼ା ମୁଖ୍ୟଅତିଥି, ପୂର୍ବତନ ସିଆରସିସି ଅହିଂସା ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶରତ ପଣ୍ଡା, ପୂର୍ବତନ ସିଆରସିସି ଅଇଁଲାଯୁବା ଶରତ କୁମାର ପଣ୍ଡା, ନୂଆପଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ନୂଆପଡ଼ା ଡାଏଟ ଅଧ୍ୟକ୍ଷ ନରୋତ୍ତମ ଭୋଇ, ଡାଏଟ ବରିଷ୍ଠ ଶିକ୍ଷକ ବିକ୍ରମାଦିତ୍ୟ ସିଂ ବରିହା, ଏସ୍ଏମସି ଅଧ୍ୟକ୍ଷା ଲୀଳାବତୀ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଡ଼.ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଖରିଆରରୋଡ଼ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା, ଯୁକ୍ତ ସରୋଜ କୁମାର ଅଗସ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୧୩ଟି ବିଦ୍ୟାଳୟର ସମସ୍ତ ଏଫଏଲଏନ୍ ଶିକ୍ଷକଙ୍କୁ ଅଂଶଗ୍ରହଣ ପ୍ରମାଣ ପତ୍ର ଦିଆଗଲା। ଶେଷରେ ସାଲେଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

## ମନରେଗା ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ

ଭବାନୀପାଟଣା, ୧।୩(ସମିସ): ମହାତ୍ମାଗାନ୍ଧି ନିଶ୍ଚିତ ଗ୍ରାମ୍ୟ କର୍ମନିଯୁକ୍ତି ଆଇନକୁ ପରିବର୍ତ୍ତନ କରି କେନ୍ଦ୍ର ବିଜେପି ସରକାର ବି.ଜି.ରା.ମ.ଜୀ ନାମରେ ନାମିତ କରିଛନ୍ତି। ଡ଼. ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବା ସମୟରେ ମନରେଗା ଆଇନ ଆଣିଥିଲା। ବର୍ଷକୁ ୧୦୦ ଦିନର ରୋଜଗାର ଦେଇ ବିସ୍ଥାପନ ଓ ଗରିବିକୁ ରୋକିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ମନରେଗା ମାଧ୍ୟମରେ ନିଜ ଗାଁ ଓ ପଞ୍ଚାୟତରେ ଲୋକେ କାମ କରିପାରୁଥିଲେ। ଯେଉଁକାମ ପାଇଁ ଲୋକେ ଦାବି କରୁଥିଲେ ତୁରନ୍ତ ଉକ୍ତ ସ୍ଥାନରେ କର୍ମ ନିଯୁକ୍ତି ସୃଷ୍ଟି ହେଉଥିଲା। ଏହାଦ୍ୱାରା ଗ୍ରାମ ତଥା ପଞ୍ଚାୟତରେ ରାସ୍ତାଘାଟ, ପୋଖରୀ ନିର୍ମାଣ, ଜମି ମରାମତି, ବଗିଚା ସୃଷ୍ଟି, ଆଡ଼ିବନ୍ଧ ନିର୍ମାଣ ଭଳି ବିଭିନ୍ନ ପ୍ରକାର କାମ ହୋଇ ପାରୁଥିଲା। ଏହିସବୁ କାମକୁ ତ୍ୱରାନ୍ୱିତ କରିବା ପାଇଁ ଗାଁରେ ଗାଁସାଥି ଓ ପଞ୍ଚାୟତରେ ଗ୍ରାମରୋଜଗାର ସେବକ ନିୟୋଜିତ ଥିଲେ। କେନ୍ଦ୍ରସରକାର ୧୦୦ ପ୍ରତିଶତ ଅର୍ଥ ପ୍ରଦାନ କରିବାର ବ୍ୟବସ୍ଥା ଥିଲା। ଏପରିକି ଶ୍ରମିକଙ୍କୁ କାମ ଯୋଗାଇ ନ ପାରିଲେ ଭତ୍ତା ପ୍ରଦାନ ଏବଂ କାମର ପ୍ରାପ୍ୟ ଦେବା ବିଳମ୍ବ ହେଲେ କ୍ଷତିପୂରଣ ଦେବାର ବ୍ୟବସ୍ଥା ଥିଲା। ବର୍ତ୍ତମାନ କେନ୍ଦ୍ର ବିଜେପି ସରକାର କେବଳ ନାମ ପରିବର୍ତ୍ତନ କରିନାହାନ୍ତି ଶ୍ରମିକମାନଙ୍କର କାମର ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି। ଗାଁ ସାଥି ଓ ଗ୍ରାମରୋଜଗାର ସେବକମାନେ କାମରେ ନିୟୋଜିତ ହେବେ ନାହିଁ। କେନ୍ଦ୍ର ମାତ୍ର ୬୦ ପ୍ରତିଶତ ଓ ରାଜ୍ୟ ୪୦ ପ୍ରତିଶତ ଅର୍ଥ ପ୍ରଦାନକରିବ। ବର୍ଷକରେ ଚାଷ ସମୟରେ ତିନିମାସ କାମ ବନ୍ଦ ରହିବ। ଏହି ସବୁ କଟକଣା ଯୋଗୁଁ ଗ୍ରାମରେ ଶ୍ରମଦିବସ ସୃଷ୍ଟି ହେବା ବଦଳରେ ଲୋକେ ଦେଶାନ୍ତର ହେବାକୁ ବାଧ ହେବେ। ସାରାଦେଶରେ କଂଗ୍ରେସ ମନରେଗା ବଞ୍ଚାଅ ଅଭିଯାନ ଡାକରା ଦେଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରେ ରାଜୀବଗାନ୍ଧି ପଞ୍ଚାୟତିରାଜ ସଂଗଠନ ତରଫରୁ ମନରେଗା ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତସ୍ତରରେ ଶ୍ରମିକ ଓ ଜନସାଧାରଣଙ୍କୁ ମନରେଗାକୁ ପୁଣିଥରେ ପୂର୍ଣ୍ଣକ୍ଷ୍ୟମ କରିବାପାଇଁ ସଚେତନ କରାଯାଉଛି। କଳମପୁର ବ୍ଲକ ଆବାହକ ପଦ୍ମକିଶୋର ନାଏକଙ୍କ ନେତୃତ୍ୱରେ ବୀଜମରା ପଞ୍ଚାୟତର ଡୁମେରଗୁଡା ଗ୍ରାମରେ ଜନସାଧାରଣ ଙ୍କୁ ସଚେତନ କରାଯାଇଥିଲା।

## ଧର୍ମଗଡ଼ ଥାନା ପୁଲିସ୍ ପକ୍ଷରୁ ଶାନ୍ତି କମିଟି ବୈଠକ

ଧର୍ମଗଡ଼, ୧।୩(ସମିସ): ଧର୍ମଗଡ଼ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଥାନା ସମ୍ମିଳନୀ ଗୃହରେ ଥାନା ଅଧିକାରୀ ସୁଦର୍ଶନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଧର୍ମଗଡ଼ ଚାମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁ, ବିଶିଷ୍ଟ ସମାଜସେବୀ ହୃଷିକେଶ ମିଶ୍ର, ସାମାଜିକ କର୍ମୀ ବ୍ରଜେସ ପଣ୍ଡା, ମାରୱାଡ଼ି ସମାଜର ବରିଷ୍ଠ ସଦସ୍ୟ ସୁକଲାଲ ଅଗ୍ରୱାଲ, କାଉନସିଲର ପ୍ରବୀଣ କୁମାର ପଣ୍ଡା, ଅବଦୁଲ ରେହେମାନ ସମେତ ଅନ୍ୟାନ୍ୟ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ରଙ୍ଗର ପର୍ବ ହୋଲି, ହନୁମାନ ଜୟନ୍ତୀ ହଉ ଅବା ପ୍ରଫେଟ୍ ମହମ୍ମଦ ଜୟନ୍ତୀ, ଇଦୁଲ ଫିଦର୍ କିମ୍ବା ଖ୍ରୀଷ୍ଟମସ ଡେ ଭଳି ସବୁ ସମ୍ପ୍ରଦାୟର ପର୍ବ ପର୍ବାଣୀରେ ଶାନ୍ତି, ସଦଭାବନା ଓ ଏକତାବଜାୟ ରଖିବାକୁ ଥାନା ଅଧିକାରୀ ଶ୍ରୀ ନାୟକ ଆଗ୍ରହ ପ୍ରକାଶ କରିଥିଲେ। ସମ୍ପ୍ରତି ସୋସିଆଲ ମିଡିଆରେ ପ୍ରଚାରିତ ହେଉଥିବା ଗୁଜବକୁ ଅଣଦେଖା କରି ଶାନ୍ତିର ସହର ଧର୍ମଗଡ଼ରେ ସର୍ବଧର୍ମ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ଅନୁରୋଧ କରିଥଲେ। ବୈଠକରେ ମହମ୍ମଦ ଇସଲାମ, ମହମ୍ମଦ ଫିରୋଜ, ଅବଦୁଲ୍ ହାରୁନ, ବିକ୍ରମ ସୁନାନୀ, ସତ୍ୟବାନ୍ ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମଗଡ଼ ଥାନା ସବ ଇନ୍ସପେକ୍ଟର ଲୋରିସ ପଧାନ ଧନ୍ୟବାଦ୍ ଅର୍ପଣ କରିଥଲେ।

● ନାମକୁ କେବଳ ଫାଷ୍ଟଫୁଡ୍ ଦୋକାନ

## ମିଳୁଛି ମଦ, ବିପଥଗାମୀ ହେଉଛନ୍ତି ଛାତ୍ର

ଭବାନୀପାଟଣା, ୧।୩(ସମିସ): କଳାହାଣ୍ଡି ଜିଲ୍ଲା ଜାତୀୟ ରାଜପଥ-୨୬ ବନ୍ଧୁପଲାସ୍ଥିତ ସରକାରୀ ଇଂଜିନିୟରିଂ କଲେଜ ସମ୍ମୁଖରେ ଥିବା ଏକ ଫାଷ୍ଟ ଫୁଡରେ ମିଳୁଛି ଦେଶୀ ଓ ବିଦେଶୀ ମଦ। ଦୂର ଦୁରାନ୍ତରୁ ନିଜର ଭବିଷ୍ୟତ ଗଢିବା ପାଇଁ ଆଶା ରଖି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହରର ସରକାରୀ ଇଞ୍ଜିନିୟରିଂ କଲେଜକୁ ପାଠ ପଢ଼ିବା ପାଇଁ ଅନେକ ଛାତ୍ର ଛାତ୍ରୀ ଆସିଥାନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା କଲେଜ ମୁଖ ଗେଟ ପାଖରେ ସରକାରୀ ଜାଗାରେ ବେଆଇନ ଭାବରେ ଏକ ଫାଷ୍ଟ ଫୁଡ ଦୋକାନ ଗଢି ଉଠିଛି ଯେଉଁଠାରେ ପ୍ରତିଦିନ ସକାଳୁ କିଛି ଅସାମାଜିକ ବ୍ୟକ୍ତିଙ୍କ ସହିତ କଲେଜରେ ପାଠ ପଢୁଥିବା କିଛି ଛାତ୍ର ମଦ ପିଇବା ଆରମ୍ଭ କରନ୍ତି। ପାଠ ପଢ଼ିବାକୁ ଆସିଥିବା ଛାତ୍ରଙ୍କ ଅଭିଭାବକ ଘରେ ଥାଇ ଭାବୁଥିବେ ଆମ ପୁଅ ପାଠ ପଢୁଛି କିନ୍ତୁ ଏଠି ପାଠ ପଢ଼ିବା ପରିବର୍ତ୍ତେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଦ ପିଆ ହେଉଛି। କଲେଜ କର୍ତ୍ତୃପକ୍ଷ ମଧ୍ୟ ସବୁ ଜାଣିଛନ୍ତି କିନ୍ତୁ ନ ଜାଣିଲା ପରି ଅଭିନୟ କରୁଛନ୍ତି। କଲେଜ କର୍ତ୍ତୃପକ୍ଷ ଯଥେଷ୍ଟ ଚତୁର, ଯଦି କିଛି ଅଘଟଣ ଘଟେ ତେବେ ପୁଲିସ ପ୍ରଶାସନକୁ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଯଥା ଶୀଘ୍ର ପୁଲିସ ଓ ଅବକାରୀ ବିଭାଗଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

ଗଣ୍ଡାବାହାଲି ମୁଖ୍ୟ ରାସ୍ତା ନିର୍ମାଣରେ ବିଳମ୍ବ

## ୫ ସୁଦ୍ଧା ଜବରଦଖଲ ଉଚ୍ଛେଦ ପାଇଁ ପ୍ରତିଶ୍ରୁତି

ସିନାପାଲି, ୧।୩(ସମିସ)

ସିନାପାଲି ଖଡ଼ିଆଳ ମୁଖ୍ୟରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲୁଥିବା ବେଳେ ଗଣ୍ଡାବାହାଲି ନିକଟରେ ବିବାଦୀୟ ହୋଇ ଅଟକି ରହିଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିଲା। କେବଳ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଥିଲେ। ଦିନକୁ ଦିନ ମୁଖ୍ୟ ରାସ୍ତା ଅଦିନିଆ ନଇ ପାଲଟି ଥିବା ଦେଖିବାକୁ ମିଳୁଛି। ଏନେଇ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରି ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଗ୍ରାମବାସୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତୁରନ୍ତ ଜବରଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ ସହ ପ୍ରଶସ୍ତିକରଣ କରିବାକୁ ଅନୁରୋଧ କରିଥିଲେ। ନଚେତ ଆଗାମୀ ୫ତାରିଖରୁ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଥିଲେ।



ପ୍ରଶାସନ ତତ୍ପରତା ଦେଖାଇ ସମ୍ପୃକ୍ତ ଗଣ୍ଡାବାହାଲି ଠାରେ ପହଞ୍ଚି ଗ୍ରାମବାସୀଙ୍କ ସହ ବୈଠକ ମାଧ୍ୟମରେ ଆଲୋଚନା କରିଥିବା ଜଣାପଡ଼ିଛି। ଆଗାମୀ ୫ତାରିଖ ସୁଦ୍ଧା ଜବରଦଖଲ ଉଚ୍ଛେଦ କରିବା ସହ ରାସ୍ତା ପ୍ରଶସ୍ତିକରଣ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଉକ୍ତ ଆଲୋଚନାରେ ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ସିନାପାଲି ଆଇଆଇସି ଦୁର୍ଗାମାଧବ ବାଗ ତଥା ପୁଲିସ ବିଭାଗୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ କୌଶଲ୍ୟା ମେହେର, ଜିଲ୍ଲାପରିଷଦ ସଦସ୍ୟା ଯଜ୍ଞସେନି କଟା ପ୍ରମୁଖଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଜନପ୍ରତିନିଧି, ଭଦ୍ରବ୍ୟକ୍ତି ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ ଉକ୍ତ ରାସ୍ତା ନିର୍ମାଣ ଦ୍ୱାରା ଅନେକ ଘର କୋଠା ଭାଙ୍ଗିବା ଆବଶ୍ୟକ ରହିଛି। ହେଲେ ଏନେଇ ରାଜସ୍ୱ ବିଭାଗ ଜବରଦଖଲ ଉଚ୍ଛେଦ କରି କୋଠା ଭାଙ୍ଗିବାରେ ସକ୍ଷମ ହୋଇପାରୁ ନାହିଁ। ଯଦ୍ୱାରା ଗଣ୍ଡାବାହାଲି ଠାରେ ମୁଖ୍ୟ ରାସ୍ତା ନିର୍ମାଣ ବାଟବଣା ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜସ୍ୱ ବିଭାଗ ଜବରଦଖଲ ଚିହ୍ନଟ କରି ସାରିଥିଲେ ହେଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇପାରୁ ନାହିଁ କାହିଁକି। ଏଥିରେ ସିନାପାଲି ରାଜସ୍ୱ ବିଭାଗ ନୀରବ ପାଲଟିବାର ଅସଲ ଉଦ୍ଦେଶ୍ୟ କଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିନାପାଲି ତହସିଲଦାର ତଥା ରାଜସ୍ୱ ବିଭାଗ କାହା ଚାପରେ ପଡ଼ି ଉଚ୍ଛେଦ ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ହାତ ବାନ୍ଧି ବସିଛନ୍ତି ବୋଲି ମତ ପ୍ରକାଶ ପାଇବା ସହ ଆଜିର ବୈଠକ ତଥା ଆଲୋଚନାରେ ତହସିଲଦାର ତଥା ରାଜସ୍ୱ ବିଭାଗର ଅନୁପସ୍ଥିତି କୁ ନେଇ ଆଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏଥର ପ୍ରଶାସନ ପକ୍ଷରୁ ଗାଁକୁ ଆସି ବୈଠକ ମାଧ୍ୟମରେ ଆଲୋଚନା କରି ନିଷ୍ପତ୍ତି ନିଆଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ଡ଼. ମାୟା ନନ୍ଦ

ଆବିର୍ଭାବ : ୧୩.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ

ସିଦ୍ଧାର୍ଥ ଏବଂ ଅର୍ଚ୍ଚନା, ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ, ବରୁଣ, ଶ୍ରେୟାସ୍, କେତନ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

## ଆଗଲପୁରରେ ପୁଲିସ ଉପରେ ଆକ୍ରମଣ

**ବଲାଙ୍ଗିର/ଲୋଇସିଂହା, ୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ସଦର ଗାଁ ଆଗଲପୁରରେ ରବିବାର ପୁଲିସକୁ ଆକ୍ରମଣ ହୋଇଛି। ଏହି ଘଟଣାରେ ଲୋଇସିଂହା ଥାନାର ଏଏସ୍ଆଇ ଜୀବନାନନ୍ଦ ବେହେରା ଆହତ ହୋଇଛନ୍ତି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ଗାଁରେ ଏହି ଘଟଣାକୁ ଗାଁରେ ନେଇ ଉତ୍ତେଜନା ଦେଖା ଦେଇଛି। ରବିବାର ଜରୁରୀକାଳୀନ ନମ୍ବର ୧୧୨କୁ ଏକ ଫୋନ୍ ଯାଇଥିଲା। ଖବର ପାଇ ଆଗଲପୁର ଥାନାର ଏକ ଟିମ୍ ଆଗଲପୁର ଘସିଆପଡ଼ା ଯାଇଥିଲା। ସେଠାରେ ରହୁଥିବା ଏକ ଦମ୍ପତିଙ୍କ ମଧ୍ୟରେ ନିୟମିତ ଗଣ୍ଡଗୋଳ ହୋଇଥାଏ। ହଠାତ୍ ପୁଲିସ ପହଞ୍ଚିବା ଦେଖି କେତେକ ବ୍ୟକ୍ତି ଅତର୍କିତ ଭାବେ ପୁଲିସ ଟିମ୍ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୁଲିସ ଟିମ୍ ଓ କେତେକ ବ୍ୟକ୍ତିଙ୍କ ମଧ୍ୟରେ ଟଣାଓଟରା ହୋଇଥିଲା। ଏଥିରେ ଜଣେ କନେଷ୍ଟବଳ ସାମାନ୍ୟ ଆହତ ହୋଇଥିଲେ। ପରେ ଏହି ଘଟଣାକୁ ନେଇ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ କରିଥିଲା। ଆଗଲପୁର ପୁଲିସ ସହ ଲୋଇସିଂହା ପୁଲିସର ମଧ୍ୟ କିଛି ଅଧିକାରୀଙ୍କ ଏକ ଟିମ୍ ଆଗଲପୁରରେ ପହଞ୍ଚିଥିଲା। ଏହି ସମୟରେ ପଡ଼ାରେ ପୁଲିସ ଉପରକୁ ପୁଣି ଆକ୍ରମଣ ହୋଇଥିଲା।

## ଟାକ୍ସ ବାର୍‌କୁ ହରାଇ ଆୟକର ବିଭାଗ ବିଜୟୀ

**ବଲାଙ୍ଗିର, ୧।୩(ସମିସ):** ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଜିଲ୍ଲା ଟାକ୍ସ ବାର୍ ଓ ଆୟକର ବିଭାଗ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଆୟକର ବିଭାଗ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଟାକ୍ସ ବାର୍ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୭୦ ରନ୍ ସଂଗ୍ରହ କରିଥିଲା। ଆୟକର ବିଭାଗ ୭୧ ରନ୍‌ର ପିଛା କରି ବିଜୟ ହାସଲ କରିଥିଲା। ପୁରସ୍କାର ବିତରଣ ସଭାରେ ସଭାପତି ଶାନ୍ତନୁ ଭୋଇ, ବରିଷ୍ଠ ସଭ୍ୟ ଦୁଲିଚାନ୍ଦ ଅଗ୍ରୱାଲ, ନକୁଳ ଅଗ୍ରୱାଲ, ଅଶୋକ ଦାସ, ଆୟକର ଅଧିକାରୀ ଅଜୟ କୁମାର ଓ ଟୁନା କୁମାର ମଞ୍ଚାସୀନ ଥିଲେ। ସମ୍ପାଦକ ପ୍ରଭଞ୍ଜନ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟକର ବିଭାଗ ବିଜେତା ହୋଇଥିବାବେଳେ ଟାକ୍ସ ବାର୍ ଉପବିଜେତା ହୋଇଥିଲା। ରତନା କରନ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବାବେଳେ ସନାତନ ସାହୁ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ଦୀପକ ଛାପାଡିଆ ବେଷ୍ଟ ବୋଲର ପୁରସ୍କାର ପାଇଥିଲେ। ଗଣେଶ ପ୍ରସାଦ ଦୀକ୍ଷିତ, ଶଶାଙ୍କ ପଟ୍ଟନାୟକ, ରାୟ କିଶୋର ଜେନା, ସନ୍ତୋଷ ଆନନ୍ଦ ମିଶ୍ର, ଆଶିଷ ଦୀକ୍ଷିତ, ଅଭିଷେକ ଅଗ୍ରୱାଲ, ସାର୍ଥକ ପଟ୍ଟନାୟକ, ସରୋଜ କୁମାର ମାଝି, ସଞ୍ଜିବ ମାଝି, ଆଶୁତୋଷ ଅଗ୍ରୱାଲ, କସ୍ତୁବ ଥପା ପ୍ରମୁଖ ସହଯୋଗ କରିଥିଲେ।

## ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୧।୩(ସମିସ):** ବିଲେଇସର୍ଡା ଭାରତୀୟ ବିଦ୍ୟା ନିକେତନର ୧୩ତମ ବାର୍ଷିକ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁଇଁତଲା ବ୍ଲକ ଅଧ୍ୟକ୍ଷ ଭାବେ ସରୋଜ ପ୍ରଧାନ, ମୁଖ୍ୟବକ୍ତା ଭାବେ ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ କୌତୁକ ପନ୍ଦର, ସମ୍ମାନିତ ଅତିଥି ରୂପେ ବ୍ୟଙ୍ଗ କୁଇନ ଅନୁପ୍ରିୟା ମିଶ୍ର, ବିଲେଇସର୍ଡା ସରପଞ୍ଚ ସୁଶାନ୍ତ ଛତ୍ରିଆ, ସ୍କୁଲର ସଭାପତି ବୁଲୁ ପଣ୍ଡା, ସମିତି ସଭ୍ୟ ସୁରେନ୍ଦ୍ର ବୁଡେକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଶଶୀକଳା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଜ୍ୟୋତି ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଦେବାଶିଷ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସଇନ୍ତଲା, ୧।୩(ସମିସ):** କନ୍ଦଉଲବା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦୟ ଶଙ୍କର ବାଗଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ଅନୁରାଧା ସେଠ, ଅତିରିକ୍ତ ବିଇଓ ନାରାୟଣ ଭୋଇ, ନରେନ୍ଦ୍ର ସାହୁ, ସିଆରସିସି ବାଳକୃଷ୍ଣ ନାଗ, ସଇନ୍ତଲା ବ୍ଲକ ଶିକ୍ଷକ ସଂଘ ସଭାପତି ବୈକୁଣ୍ଠ ଭୋଇ, ବିଦ୍ୟାଳୟ ପରିଚାନା କମିଟି ସଭାପତି ଦର୍ଶନ ବାଗ, ଗଣ୍ଡପତ୍ରାପାଲି ସିଆରସିସି ହରେକୃଷ୍ଣ ନାଗ, ପର୍ଶୁରାମ ମୁଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଶିଶକେଲା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ବେହେରା ସଭାପତିତ୍ୱ କରିଥିଲେ। ଶିକ୍ଷକ ନିରଞ୍ଜନ ମାଝୀ, ସୁବୀନ୍ଦ୍ର ନାଏକ, ସନ୍ଧ୍ୟାରାଣୀ ସାହୁ, ବଞ୍ଚାନିଧି ମିଶ୍ର, ରାକେଶ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## କୁଲିପଡ଼ା ମହାନଦୀ ଘାଟରେ ବୁଡ଼ି ନାବାଳକ ମୃତ

**ବୌଦ୍ଧ, ୧।୩(ସମିସ):** ବୌଦ୍ଧ ସହର ମହାନଦୀର କୁଲିପଡ଼ା ଘାଟକୁ ଗାଧୋଇବାକୁ ଯାଇ ଜଣେ ନାବାଳକ ବୁଡିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ସହର ସୁଦ ସାହିର ସୁବୋଧ ଭଞ୍ଜଙ୍କ ୧୬ ବର୍ଷର ପୁଅ ଆଦିତ୍ୟ। ସାଙ୍ଗମାନଙ୍କ ସହ ସେ କୁଲିପଡ଼ା ଘାଟ ନିକଟ ମହାନଦୀକୁ ଗାଧୋଇବାକୁ ଯାଇଥିଲେ; ହେଲେ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ଘର ଲୋକ ଖୋଜା ଖୋଜି କରିଥିଲେ। ନ ପାଇବାରୁ ପାଣିରେ ବୁଡି ଯାଉଥିବା ସନ୍ଦେହ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ପହଞ୍ଚି ବୋଟ୍ ଓ ଦେଶୀଡଙ୍ଗା ସାହାଯ୍ୟରେ ଖୋଜିଥିଲେ। ତଳ ମୁଣ୍ଡରେ ପ୍ରାୟ ୩ ଘଣ୍ଟା ଧରି ଖୋଜା ଖୋଜି କରିବା ପରେ ମୃତଦେହ ମିଳିଥିଲା। ବୌଦ୍ଧ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ।

**ଇମ୍ପାରିୟାଲ କ୍ଲାସିକ ରାଜ୍ୟ ପ୍ରତିଯୋଗିତା ଉଦ୍‌ଯାପିତ**

# ବଲାଙ୍ଗିର ଦେଖିଲା ସୁନ୍ଦର ସ୍ୱାସ୍ଥ୍ୟ

ବଲାଙ୍ଗିର, ୧।୩(ସମିସ)



ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡସ୍ଥିତ ଫଳ ବଜାରଠାରେ କଳିଙ୍ଗ ବଡି ବିଲ୍ଡି ଆସୋସିଏସନ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ୨ ଦିନ ଧରି ଅନୁଷ୍ଠିତ ଇମ୍ପାରିୟାଲ କ୍ଲାସିକ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ ବଲାଙ୍ଗିରର ବରିଷ୍ଠ ଆଇନଜ୍ଞ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଶ୍ରୀ ମିଶ୍ର କହିଥିଲେ ବଡିଂ ବିଲଡିଂ ଏବଂ ଫିଟନେସ ପ୍ରତିଯୋଗିତାରେ ଭାଗ ନେଉଥିବା ଖେଳାଳିମାନେ ବହୁତ ଶୃଙ୍ଖଳା ସହିତ ନିଜର ଶରୀର ଗଠନ କରିଥାନ୍ତି। ଅନେକ ତ୍ୟାଗ ଓ ଶୃଙ୍ଖଳା ହିଁ ଜଣେ ଖେଳାଳିକୁ ବଡି ବଲଡିଂ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦାନ କରିଥାଏ। କଳିଙ୍ଗ ବଡି ବିଲ୍ଡିଂ ଆସୋସିଏସନର ବଲାଙ୍ଗିର ଜିଲ୍ଲା ଶାଖା ପ୍ରତ୍ୟେକ ବର୍ଷ ଏପରି ଏକ ଖେଳ ପ୍ରତିଯୋଗିତା ଆୟୋଜନ ଆୟୋଜନ କରୁଥିବାରୁ ସେ ପ୍ରଶଂସା କରିଥିଲେ। ଏହି ପ୍ରତିଯୋଗିତା ଆଗାମୀ ଦିନରେ ଆହୁରି ସୁଦୂର ପ୍ରସାରିତ ହେଉ ବୋଲି ଶ୍ରୀ ମିଶ୍ର କହିଥିଲେ।

ତେବେ ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୧୯ଟି ଜିଲ୍ଲାର ୧୨୫ ଜଣ ଖେଳାଳି ଭାଗ ନେଇଥିଲେ। ୭ଟି ଓଜନ ବିଭାଗ, ପୁରୁଷ ଫିଜିକ୍‌ରେ ୨ଟି ବିଭାଗ ଓ ମାଷ୍ଟର କାଟାଗୋରିରେ ଗୋଟିଏ ବିଭାଗ ସହ ମହିଳା ବିଭାଗରେ ମଧ୍ୟ ପ୍ରତିଯୋଗିତା ହୋଇଥିଲା। ଜାତୀୟସ୍ତର ବିଚାରକ ସନ୍ତୋଷ ମହାନ୍ତି, ବାଳକୃଷ୍ଣ ବାଗ, ଏମ୍.କେ. ସ୍ୱାଇଁ ଓ ଅମିତାବ ପରିଡ଼ାଙ୍କ ଦ୍ୱାରା ଗଠିତ ବିଚାରକ ମଣ୍ଡଳି ପ୍ରତିଯୋଗୀଙ୍କ ପ୍ରଦର୍ଶନକୁ ଆକଳନ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୁଷ ଚାମ୍ପିଅନ ଅଫ୍ ଚାମ୍ପିଅନ ଟ୍ରଫି ସମ୍ବଲପୁରର ଶଙ୍କର ମେହେର ହାସଲ କରିଥିବା ବେଳେ ମହିଳା ବିଭାଗରେ ସମ୍ବଲପୁରର ଉର୍ମିଳା ବେହେରା ଚାମ୍ପିୟାନ ଅଫ୍ ଚାମ୍ପିଅନ ଆଖ୍ୟା ହାସଲ କରିଥିଲେ। ମେନ୍ ଫିଜିକ୍ ବିଭାଗରେ ଯାଜପୁରର ଲକ୍ଷ୍ମୀଧର ସାହୁ ପ୍ରଥମ, ବଲାଙ୍ଗିରର ଅଭିଷେକ ବିଭାର ଦ୍ୱିତୀୟ, କଟକର ବିଷ୍ଣୁ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ମେନ୍ ଫିଜିକ୍ ଟଲ୍ କେଟାଗୋରିରେ ସମ୍ବଲପୁରର ତରୁଣ ମହାକୁର ପ୍ରଥମ, ରାୟଗଡ଼ାର ଡି.ଭେଙ୍କଟ ପ୍ରସାଦ ଦ୍ୱିତୀୟ, ଭଦ୍ରକର ଦୀପକ ଦାଶ ତୃତୀୟ ସ୍ଥାନ ହାସଲ କରିଥିଲେ। ମହିଳା ବିଭାଗରେ ସମ୍ବଲପୁରର ଉର୍ମିଳା ବେହେରା ପ୍ରଥମ, ବଲାଙ୍ଗିରର ଶିବାନୀ ନାଏକ ଦ୍ୱିତୀୟ, ସମ୍ବଲପୁରର ପୂଜା ଗୁପ୍ତା ତୃତୀୟ, ରାୟଗଡ଼ାର ସସ୍ମିତା ମାଝି ଚତୁର୍ଥ ଏବଂ ନୂଆପଡ଼ାର ଯାଜ୍ଞସେନି ପଣ୍ଡା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ୫୫ କେଜିରୁ କମ୍ ଓଜନ ବର୍ଗରେ ପୁରୀର ଆଦିତ୍ୟ ନାରାୟଣ ରଣା ପ୍ରଥମ, ସମ୍ବଲପୁରର ଅକ୍ଷୟ କୁମ୍ଭାର ଦ୍ୱିତୀୟ, ଝାରସୁଗୁଡାର ଆଶୁ କୁମାର କେଶରି ତୃତୀୟ ସ୍ଥାନ ହାସଲ କରିଥିଲେ। ୬୦ କେଜିରୁ କମ୍ ବୟସ ବର୍ଗରେ କଳାହାଣ୍ଡିର ଦେବେନ୍ଦ୍ର ନାଏକ ପ୍ରଥମ, କେନ୍ଦ୍ରାପଡ଼ାର ତନ୍ମୟ ସାହୁ ଦ୍ୱିତୀୟ ଓ ବଲାଙ୍ଗିରର ଅଭିଷେକ ବିଭାର ତୃତୀୟ ସ୍ଥାନ ହାସଲ କରିଥିଲେ। ୬୫ କେଜିରୁ କମ୍ ଓଜନ ବର୍ଗରେ ଯାଜପୁରର ଚନ୍ଦନ ବିଶ୍ୱାଳ ପ୍ରଥମ, ବଲାଙ୍ଗିରର ବୁଲୁ ବାଗ ଦ୍ୱିତୀୟ, ସମ୍ବଲପୁରର ଜୟନ୍ତ ବାଗ ତୃତୀୟ ସ୍ଥାନ ହାସଲ କରିଥିଲେ। ୭୦ କେଜିରୁ କମ୍ ଓଜନ ବର୍ଗରେ ପୁରୀର ବିଜୟ ବଡପଣ୍ଡା ପ୍ରଥମ, ରାୟଗଡ଼ାର ଡି. ଭେଙ୍କଟପ୍ରସାଦ ଦ୍ୱିତୀୟ, କଟକର ସାଗର ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରିଥିଲେ। ୭୫ କିଜିରୁ କମ୍ ଓଜନ ବର୍ଗରେ ସମ୍ବଲପୁରର ପ୍ରକାଶ ସିଂ ପ୍ରଥମ, ଯାଜପୁରର ଲକ୍ଷ୍ମୀଧର ସାହୁ ଦ୍ୱିତୀୟ, ବଲାଙ୍ଗିରର ଗଣେଶ ମିଶ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। ୭୫ କେଜିରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ସମ୍ବଲପୁରର ଶଙ୍କର ମେହେର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଖୋର୍ଦ୍ଧାର ରଘୁ ମାରାଣ୍ଡି ଦ୍ୱିତୀୟ ସ୍ଥାନ ଏବଂ ଯାଜପୁରର ମାନସ ବାରିକ ତୃତୀୟ ସ୍ଥାନ ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବଲାଙ୍ଗିରର ବରିଷ୍ଠ ଆଇନଜ୍ଞ ଅମରେନ୍ଦ୍ର ମିଶ୍ର, ଶିକ୍ଷାବିତ ସଙ୍କୀର୍ତ୍ତନ ବାଗ, ଅର୍ଜୁନ ଦୀପ, କୃଷ୍ଣଚନ୍ଦ୍ର ପାତ୍ର, ଗୋପାଳକୃଷ୍ଣ ବାଗ, କେବିବିଏର ରାଜ୍ୟ ସମ୍ପାଦକ ସନ୍ତୋଷ ମହାନ୍ତି, ଆୟୋଜକ କମିଟି ସମ୍ପାଦକ ବାଳକୃଷ୍ଣ ବାଗ ପ୍ରମୁଖ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ମନରେଗାରେ ଡଙ୍କକତା କରି ଅର୍ଥ ଆତ୍ମସାତ

**କାମ କରି ନ ଥିବା ଶ୍ରମିକଙ୍କ ନାଁରେ ଟଙ୍କା ଉଠାଯାଇଥିବା ଅଭିଯୋଗ**

**ଦେଓଗାଁ, ୧।୩(ସମିସ):** ଦେଓଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ବାଟମାରଣ ଚାଲଛି। ଏ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ପ୍ରକଳ୍ପଗୁଡିକରେ ନିୟୋଜିତ ହୋଇ ନ ଥିବା ଶ୍ରମିକଙ୍କ ନାମରେ ଟଙ୍କା ପଡୁଛି। ବିଭାଗୀୟ ଅଧିକାରୀମାନେ ଗାଁ ସାଥିଙ୍କୁ ହାତବାରିଶ କରି ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଏପରିକି ପୁରୁଣା କାମକୁ ପୁନଶ୍ଚ ଦେଖାଇ ବିଲ୍ କରାଯାଉଛି। କେତେକ ଶ୍ରମିକ ଏଭଳି ଗୁରୁତର ଅଭିଯୋଗ ଉଠାଇଛନ୍ତି। ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ସିଂହାମୁଣ୍ଡା ପଞ୍ଚାୟତର ସିଂହାମୁଣ୍ଡା, ବାକିଆମୁଣ୍ଡା, ଆମଘାଟ ଓ ଘାଟୁଲ ଆଦି ଗାଁରେ କାମ ଚାଲିଛି; ହେଲେ ଏହି ସବୁ କାମରେ ନିୟୋଜିତ ହୋଇ ନ ଥିବା ଶ୍ରମିକମାନଙ୍କ ନାମରେ ଟଙ୍କା ଉଠାଯାଉଛି। ପଞ୍ଚାୟତର କେତେକ ଶ୍ରମିକ ଏଭଳି ଅଭିଯୋଗ ଉଠାଇ ଏହାର ତଦନ୍ତ ଦାବି କରିଛନ୍ତି। ସେହିପରି ଗୁଡଖାପଲା, ଗୌରଗୋଠ, ବ୍ରାହ୍ମଣୀଯୋର, ଲଣ୍ଡାପଥର, ଗାଇବାହାର ଆଦି ପଞ୍ଚାୟତରେ ମଧ୍ୟ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହେଉଛି। ବିଭିନ୍ନ ପ୍ରକଳ୍ପରେ ସମ୍ପୃକ୍ତ ଅଧିକାରୀମାନେ ବାଟମାରଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି ସଚେତନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ମନରେଗା ଯୋଜନାରେ ଚାଲିଥିବା କାମଗୁଡିକର ନିରପେକ୍ଷ ଭାବେ ତଦନ୍ତ କରାଗଲେ ବାଟମାରଣର ଅନେକ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା। ଶ୍ରମିକମାନେ ଉପକୃତ ହୋଇପାରନ୍ତେ। ଏପିଓ ସୁଧାଂଶୁ ଭୂଷଣ ମେହେର କହିଛନ୍ତି କେତେକ ଗାଁ ସାଥି ଓ ଏଡିଇଓମାନେ ଏଭଳି ଅନିୟମିତତାରେ ଲିପ୍ତ ରହୁଥିବା ବାରମ୍ବାର ଅଭିଯୋଗ ଆସୁଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦେଓଗାଁ, ୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଅର୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସଚନ୍ଦ୍ର କର୍ତ୍ତି ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୋହନ ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ



ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ କବିରାଜ ମାଝୀ, ସମ୍ମାନୀତ ଅତିଥି ଭାବେ ହରେକୃଷ୍ଣ ରଥ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ସଞ୍ଜୀବ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



**ବଲାଙ୍ଗିର, ୧।୩(ସମିସ):** ଗାନ୍ଧୀନଗରପଡ଼ାସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମହାନ ବିଜ୍ଞାନୀ ସିଭିରମଣଙ୍କ ପ୍ରଭାବ ଆବିଷ୍କାରକୁ ସ୍ମରଣ କରି ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପୂଝାହାରୀ ଓ ନୂତନ ନାୟକ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ରମଣ ପ୍ରଭାବ ବିଷୟରେ ଛାତ୍ରୀଙ୍କୁ ସଚେତନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଧାରାଶ୍ରୀ ଧୀମୟୀ ବେହେରା, ସୋମନାଞ୍ଜଳି ସାହୁ କୁଇଜ୍ ପରିଚାଳନା କରିଥିଲେ। ଅର୍ଚ୍ଚନା ବେହେରା, ସ୍ମୃତିଶିଖା କୁମ୍ଭାର, ରୁଚିକା ସାଏ, ମାନସୀ ରାଣୀ ଦାଶ, ଦମୟନ୍ତୀ ଖୁଆସ, ଅଙ୍କିତା ନାଏକ, ସ୍ମୃତିପ୍ରିୟା ସାହୁ, ଅମନଲାଲ ଶତପଥୀ, ଶ୍ୟାମ କୁଶୁଲିଆ, ରୁପାଲୀ ମଧୁସ୍ମିତା ମହାଲିଙ୍ଗ ପ୍ରମୁଖ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ଦେବ, ସବିତା ମିଶ୍ର, ସ୍ୱରୂପା ହୋତା, ଜସ୍ମିନ ସାହୁ, ଲିଲି ଭୋଇ, ପୂଜା ଦାଶ ପ୍ରମୁଖ ସହଯୋଗ କରିଥିଲେ।

**● କଣ୍ଟାବାଞ୍ଜିରେ ବେଆଇନ ମଦ ଡେଲିଭରି ଘଟଣା**

## ଅବକାରୀ ବିଭାଗର ତତ୍ପରତା, ପୁଲିସର ବେଖାତିର

**କଣ୍ଟାବାଞ୍ଜି, ୧।୩(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ରାତି ହେଲେ ବେଆଇନ ଏବଂ ବେଧଡକ ଭାବେ ମଦ ଡେଲିଭରି ହେଉଛି। ଏହି ଘଟଣା ଏବେ ସହରରେ ଚର୍ଚ୍ଚା ବିଷୟ ହୋଇଛି। ଏନେଇ ଦୈନିକ 'ସକାଳ'ରେ ଲଗାତାର ଖବର ପ୍ରକାଶିତ ହେବା ପରେ କଣ୍ଟାବାଞ୍ଜି ଅବକାରୀ ବିଭାଗ ତତ୍ପରତା ପ୍ରକାଶ କରିଛି। କଣ୍ଟାବାଞ୍ଜି ସହରରେ ଯେଉଁ ଯୁବକମାନେ ରାତିରେ ବେଆଇନ ଭାବେ ମଦ ଡେଲିଭରି କରୁଛନ୍ତି ଏବଂ ଅବକାରୀ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଅବକାରୀ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। କଣ୍ଟାବାଞ୍ଜି ସହରରେ ଜଣେ ଯୁବକ ପୂର୍ବରୁ ଏହିଭଳି ବେଆଇନ ଭାବେ ମଦ ଡେଲିଭରି କରୁଥିଲା। ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବର୍ତ୍ତମାନ କଣ୍ଟାବାଞ୍ଜି ସହରରେ ଯେଉଁ ଯୁବକମାନେ ବିଭିନ୍ନ ସ୍ଥାନକୁ ମଦ ଡେଲିଭରି କରି ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ କରୁଛନ୍ତି ସେମାନଙ୍କ ଉପରେ ଅବକାରୀ ବିଭାଗ ନଜର ରଖିଛି। ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କଣ୍ଟାବାଞ୍ଜି ସହରରେ ବେଆଇନ ମଦ ଡେଲିଭରି କାରବାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ। କଣ୍ଟାବାଞ୍ଜି ଅବକାରୀ ଅଧିକାରୀ ସଚିନ୍ ବେହେରା ଏନେଇ ଦୈନିକ 'ସକାଳ'କୁ ସୂଚନା ଦେଇଛନ୍ତି। ବେଆଇନ ମଦ କାରବାରକୁ ନେଇ ଖବର ପ୍ରକାଶ ପରେ ଅବକାରୀ ବିଭାଗ ତତ୍ପରତା ଦେଖାଇ ଥିବା ବେଳେ କଣ୍ଟାବାଞ୍ଜି ପୁଲିସ ପରୋକ୍ଷରେ ବେଆଇନ ମଦ ଡେଲିଭରି କରୁଥିବା ଯୁବକମାନଙ୍କଠାରୁ ହାତଗୁଞ୍ଜା ନେଇ ସହଯୋଗ କରୁଥିବା ଅଭିଯୋଗ ହେଉଛି। କଣ୍ଟାବାଞ୍ଜିରେ ରାତିରେ ବେଆଇନ ମଦ ଡେଲିଭରି ଘଟଣାକୁ ନେଇ ଖବର ପ୍ରକାଶିତ ହେବା ପରେ କଣ୍ଟାବାଞ୍ଜି ପୁଲିସ ନିଜ ମୁଣ୍ଡରୁ ଦୋଷ ହଟାଇବାବାକୁ ଯାଇ କିଛି କୁଚିଆ ବା ଛୋଟ ମଦ ବେପାରକୁ ଧରିଥିଲା। ତାଙ୍କଠାରୁ କିଛି ମଦ ପାଉଚ ଜବତ କରିଥିଲା। ସେମାନଙ୍କୁ ଥାନାକୁ ନେଇ ପୁଲିସ ତାଙ୍କ ନାଁରେ

**● ବନ୍ଦ ହେବ ବେଆଇନ ମଦ ଡେଲିଭରି**
**● ଫସିବେ ନିୟମ ଉଲ୍ଲଂଘନକାରୀ**
**● ସବୁ ଜାଣି ନିରବ ପୁଲିସ**

କେସ୍ କରିଥିଲା। ଚୁକ୍ତିନାମା ଲେଖି ଶେଷରେ ଛାଡ଼ି ଦେଇଛି। ଏଣୁ କଣ୍ଟାବାଞ୍ଜି ପୁଲିସର ଭୂମିକାକୁ ନେଇ ଆହୁରି ସନ୍ଦେହ ବଢ଼ିବାରେ ଲାଗିଛି। ଏହି ଛୋଟ ମଦ ବେପାରୀକୁ ପୁଲିସ କାହିଁକି ଗିରଫ କଲା, ଯଦି ଗିରଫ କଲା ତେବେ ପୁଣି କାହିଁକି ସେମାନଙ୍କୁ ଜାମିନ ଦେଇ ଛାଡି ଦେଲା ବୋଲି ପ୍ରଶ୍ନ ଉଠୁଛି। ତେବେ ବେଆଇନ ମଦ ଡେଲିଭରି କରୁଥିବା ଯୁବକମାନଙ୍କ ବିଷୟରେ ପୁଲିସ ପାଖରେ ସମସ୍ତ ଖବର ଥିବା ସତ୍ତ୍ୱ ମଧ୍ୟ ଆଜିଯାଏ ତାଙ୍କ ବିରୋଧରେ କାହିଁକି କଣ୍ଟାବାଞ୍ଜି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ସାଧାରଣରେ ପ୍ରଶ୍ନ ଉଠୁଛି। ଏହାକୁ ନେଇ କଣ୍ଟାବାଞ୍ଜି ସହରରେ ଏବେ ଗୋଟିଏ ଚର୍ଚ୍ଚା ଛୋଟ ମଦ ବେପାରୀ ଫସୁଛି ଓ ବଡ଼ ମଦ ବେପାରୀ ଖସୁଛି।

# ବଲାଙ୍ଗିରରେ ବସୁନ୍ଧରା ଜ୍ୱେଲର୍ସ





ବଲାଙ୍ଗିର, ୧।୩(ସମିସ)

ଆଭୂଷଣ ନାରୀକୁ ପୂର୍ଣ୍ଣତା ପ୍ରଦାନ କରିଥାଏ। ଆବହମାନ କାଳରୁ ଆଭୂଷଣ ନାରୀର ପ୍ରଥମ ରୁଚି ଓ ପସନ୍ଦ ଭାବେ ରହିଆସିଛି। ଏହା ନାରୀର ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିଥାଏ। ସୁନା, ରୁପା, ହୀରାର ପ୍ରମୁଖ ପ୍ରତିଷ୍ଠାନ ବସୁନ୍ଧରା ଜ୍ୱେଲର୍ସ ଭବାନୀପାଟଣା ସହରରେ ବ୍ୟବସାୟିକ ସଫଳତା ହାସଲ କଲାପରେ ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରମୁଖ ସହର ବଲାଙ୍ଗୀରରେ ପଦାର୍ପଣ କରିଛି। ପରିଚାଳନା ନିର୍ଦ୍ଦେଶକ ମଳୟ ପଣ୍ଡା ଏବଂ ଲିପିକା ପଣ୍ଡାଙ୍କ ତତ୍ତ୍ୱାବଧାନରେ ରବିବାର ବଲାଙ୍ଗିରରେ ବସୁନ୍ଧରା ଜ୍ୱେଲର୍ସ ଉଦ୍‌ଘାଟିତ ହୋଇଛି। ସୀତାଂଶୁ ପଣ୍ଡା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ

**● ପଶ୍ଚିମ ଓଡ଼ିଶାର ଭରସାଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ**
**● ଅଳଙ୍କାରର ଗୁଣବତ୍ତା ଉପରେ ଅଧିକ ପ୍ରାଧାନ୍ୟ**
**● କମ୍ ମୂଲ୍ୟ ସହ ଅତ୍ୟନ୍ତ ଆକର୍ଷଣୀୟ ଡିଜାଇନ ଉପଲବ୍ଧ ହେବ**

ଅତିଥି ଭାବେ ଓଡ଼ିଶାର ପ୍ରସିଦ୍ଧ ଟେଲି ତାରକା ସୁଶ୍ରୀ ସସ୍ମିତା ଯୋଗ ଦେଇଥିଲେ। ଏଠାରେ ସୁଲଭ ଦରରେ ସୁନା, ରୂପା, ହୀରା ଗହଣା ଉପଲବ୍ଧ ହେଉଛି। ଅଳଙ୍କାର ଗୁଡିକର ଗୁଣବତ୍ତା ଉପରେ ଅଧିକ ପ୍ରାଧାନ୍ୟତା ଦିଆଯାଉଛି। କମ୍ ମୂଲ୍ୟରେ ଓ ଅତ୍ୟନ୍ତ ଆକର୍ଷଣୀୟ ଡିଜାଇନରେ ଗହଣା ଉପଲବ୍ଧ ହେବ ବୋଲି ପ୍ରତିଷ୍ଠାନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ଆଜିକାଲି ଶୁଦ୍ଧ ଓ ଗୁଣାତ୍ମକ ମାନର ଗହଣା ସୁଲଭ ମୂଲ୍ୟରେ ମିଳିବା ସହଜ ନୁହେଁ; ମାତ୍ର ବସୁନ୍ଧରା ଜ୍ୱେଲର୍ସ ବଲାଙ୍ଗିରବାସୀଙ୍କ ପାଇଁ ଏହି ସୁବିଧା ଓ ସୁଯୋଗ ନେଇ ଆସଥିବା କହିଛି। ଆଗକୁ ସମ୍ବଲପୁର ଓ ଜୟପୁର ସହରରେ ମଧ୍ୟ ଏହି ପ୍ରତିଷ୍ଠାନ ପଦାର୍ପଣ କରିବ। ତେବେ ବଲାଙ୍ଗିର ସହରରେ ଏଭଳି ଏକ ପ୍ରତିଷ୍ଠିତ ଓ ପରିଚିତ ପ୍ରତିଷ୍ଠାନର ଶୁଭାରମ୍ଭ ହେବା ସ୍ଥାନୀୟ ଗ୍ରାହକଙ୍କ ମହଲରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଛି। ଏହି ଅଳଙ୍କାର ପ୍ରତିଷ୍ଠାନଟି ସହରର ଏକ ଅଗ୍ରଣୀ ପ୍ରତିଷ୍ଠାନ ରୂପେ ପରିଗଣିତ ହେବ ବୋଲି ଆଶା ରହିଛି।

## ବଲାଙ୍ଗିରର ଦୀର୍ଘଦିନର ଦାବିକୁ ଅଣଦେଖା କରାଯାଇଛି

**ବଲାଙ୍ଗିର, ୧।୩(ସମିସ):** ରାଜ୍ୟ ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ପଶ୍ଚିମ ଓଡ଼ିଶା ତଥା କେବିକେ ଅଞ୍ଚଳ ପାଇଁ ଅନେକ ଉନ୍ନୟନମୂଳକ ଘୋଷଣା କରିଛନ୍ତି; ହେଲେ ବଲାଙ୍ଗିରଠାରେ କୃଷି ବିଶ୍ୱବିଦ୍ୟାଳୟ ପରିବର୍ତ୍ତେ କୃଷି ମହାବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରିଛନ୍ତି।



**● ଅସନ୍ତୋଷ ପ୍ରକାଶ କଲେ କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ**
**● ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କିମ୍ବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ପ୍ରତିଷ୍ଠା ଦାବି**

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହି ଦାବି ଉଠାଇଛନ୍ତି। ବଲାଙ୍ଗିରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କିମ୍ବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର କେନ୍ଦ୍ର ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ବଜେଟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ୫୦୦ କୋଟି ଟଙ୍କା, କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ୨୫୦ କୋଟି ଟଙ୍କାର ବ୍ୟବସ୍ଥା, ଝାରସୁଗୁଡ଼ାରେ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁରରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ବଲାଙ୍ଗିରରେ ସରକାରୀ ଇଞ୍ଜିନିୟରିଂ କଲେଜ ଓ କୃଷି ମହାବିଦ୍ୟାଳୟ ସ୍ଥାପନ କରିବାକୁ ଘୋଷଣା କରାଯାଇଛି। ତେବେ ଏନେଇ ଶ୍ରୀ ମିଶ୍ର କହିଛନ୍ତି ଯେ, ଇଞ୍ଜିନିୟରିଂ କଲେଜ ଓ ଅନ୍ୟାନ୍ୟ ପ୍ରକଳ୍ପ ସ୍ୱାଗତଯୋଗ୍ୟ; କିନ୍ତୁ କୃଷି ବିଶ୍ୱବିଦ୍ୟାଳୟ ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବିକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନର ସରକାରରେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହ ଦେଓ ଉପ-ମୁଖ୍ୟମନ୍ତ୍ରୀ ଅଛନ୍ତି। ଏହାସହ ସେ କୃଷି ବିଭାଗ ଦାୟିତ୍ୱରେ ରହିଛନ୍ତି। ଏଣୁ ତାଙ୍କ ଉପରେ ଜନସାଧାରଣଙ୍କ ଆଶା ବହୁତ ଥିଲା; ହେଲେ ବଲାଙ୍ଗିର ବଞ୍ଚିତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ସୁବିଧା ରହିଛି। ଆଞ୍ଚଳିକ ବୈଷମ୍ୟ ଦୂର କରିବା ଏବଂ ବିକାଶର ସମ ବଣ୍ଟନ ପାଇଁ ଏହି ଜିଲ୍ଲାରେ ମହାବିଦ୍ୟାଳୟ ନୁହେଁ, ବରଂ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି। ରାଜ୍ୟ ସରକାର ଏହି ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

ସକାଳ THE SAKALA



## ଗଞ୍ଜେଇ ତେଲ ଘଣା ସମ୍ପର୍କରେ ଜାଣି ନଥିଲେ ଲୋକେ

# ତରଳ ଗଞ୍ଜେଇ ଅପରେସନ ପରେ ଦୁଇ ଗାଁ ପୁରୁଷ ଶୂନ୍ୟ








ନନ୍ଦପୁର,୧।୩ (ସମିସ): କୋରାପୁଟ ପୁଲିସର ତରଳ ଗଞ୍ଜେଇ ଅପରେସନ ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। କୋରାପୁଟ ପରି ବଣ ଜଙ୍ଗଲ ପ୍ରକୃତି ଭରା ଅଞ୍ଚଳରେ ଏହାର ପ୍ରସ୍ତୁତି ସମସ୍ତଙ୍କୁ ଚକିତ କରିବା ସ୍ୱାଭାବିକ। ଏହି ମାମଲାରେ ତିନି ସ୍ଥାନୀୟ ଯୁବକଙ୍କ ସମେତ ଚାରି ଜଣ କେରଳ ଯୁବକ ସାମିଲ ରହିବା ଘଟଣା ଲୋକଙ୍କୁ ଆହୁରି ଚଞ୍ଚକିତ କରିଛି । ତେବେ ପୁଲିସ ଅପରେସନ ପରେ ଜଳବନ୍ଦୀ ଏହି ଦୁଇ ଗ୍ରାମ ପୁରୁଷ ଶୂନ୍ୟ ହୋଇ ଯାଇଥିବା ଦେଖିବାକୁ ମିଳିଛି। ରବିବାର ସ୍ଥିତି ପରଖିବା ପାଇଁ ନନ୍ଦପୁର ଗଣମଧ୍ୟମ ପ୍ରତିନିଧି ଗ୍ରାମରେ ପହଞ୍ଚିଥିଲେ। ସାମ୍ବାଦିକମାନଙ୍କୁ ଦେଖି କେହି ଘର ବାହାରକୁ ଆସିବାକୁ ଚାହୁଁ ନଥିଲେ। ମହିଳାମାନେ ମଧ୍ୟ ଘରୁ ପଦାକୁ ଆସିବାକୁ ଭୟ କରୁଥିଲେ। ଦୀର୍ଘ ଦୁଇ ଘଣ୍ଟା ପରେ କିଛି ମହିଳା ବୃଦ୍ଧା ଘରୁ ବାହାରକୁ ଆସିଥିଲେ। ମୁହଁରେ ସ୍ପଷ୍ଟ ବାରି ହୋଇ ପଡୁଥିଲା ଭୟ ଓ ଆତଙ୍କ। ସେପଟେ ଗିରଫ ହୋଇଥିବା ତିନି ସ୍ଥାନୀୟ ଯୁବକଙ୍କ ପରିବାରଙ୍କ ଚୁଲିରେ ନିଆଁ ନଥିବା ସାହି ବାସିନ୍ଦା କହିଛନ୍ତି । ଗଞ୍ଜେଇ ଚାଷ ଓ ଜଳ ଭଣ୍ଡାରରୁ ମାଛ ଧରି ଜୀବିକା ନିର୍ବାହ କରୁଥିବା ଲୋକେ କହିଥିଲେ। ଗଞ୍ଜେଇ ତେଲ ପ୍ରସ୍ତୁତି କଥାକୁ କେହି ଜାଣି ନଥିବା କହିଥିଲେ। ସେଠାରୁ ଗଞ୍ଜେଇ ତେଲ ପ୍ରସ୍ତୁତି ସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲେ ଗଣମାଧ୍ୟମ ପ୍ରତିନିଧି। ହେଲେ ଘଟଣା ସ୍ଥଳରେ ଏବେ ମଧ୍ୟ କିଛି ବୋତଲ, ଔଷଧ ସହ କେମିକାଲ ପଡ଼ି ରହିଛି । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଏହି ଦୁଇ ଗ୍ରାମବାସୀ ଜୀବିକା ପାଇ ନିଲ ଶାଗ ଓ ଜଳ ଭଣ୍ଡାରରୁ ମାଛ ମାରି ଜୀବିକା ନିର୍ବାହ କରି ଆସୁଛନ୍ତି। ତେବେ ଗଞ୍ଜେଇରୁ ତେଲ ବାହାର କରିବା କୌଶଳ ସ୍ଥାନୀୟ ଲୋକଙ୍କୁ ଆଦୌ ଜଣା ନଥିଲା। ତେଣୁ ଏହି ତେଲ ବାହାର କରିବାକୁ ବାହାରୁ ପ୍ରୋତ୍ସାହନ ମିଳିଥିବା ସ୍ପଷ୍ଟ ହୋଇଛି। ତେବେ ଏହା ପଛରେ ବଡ଼ମୁଣ୍ଡ ହାତ ରହିବା ଘଟଣାକୁ ଏଡାଇ ଦେଇ ହେବ ନାହିଁ। ପୁଲିସର ଅନୁସଂଧାନ ମଧ୍ୟ ଏ ଦିଗରେ ଯାଉଛି। ତେବେ ରୋଜଗାର ଲୋଭରେ ସ୍ଥାନୀୟ ନିରୀହ ଯୁବକ ଏହି ବ୍ୟବସାୟରେ ବଳି ପଡୁଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ପ୍ରେମିକର ପ୍ରତାରଣା, ପ୍ରେମିକା ଥାନା ଦ୍ୱାରସ୍ଥ

ପାପଡାହାଣ୍ଡି,୧।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ମହୁଲପଦର ଗ୍ରାମରେ ବିବାହର ମିଥ୍ୟା ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରିବା ପରେ ପ୍ରେମିକ ଫେରାର ହୋଇଯାଇଛି। ନ୍ୟାୟ ପାଇଁ ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।
ସୂଚନା ଅନୁଯାୟୀ, ମହୁଲପଦର ଗ୍ରାମର ତିଳେଇ ଭତରା (୨୫) କୁ ବିବାହ ପ୍ରତିଶୃତି ଦେଇ ୧୦ ବର୍ଷ ହେବ ଗ୍ରାମର ଶଙ୍କର ଦାସ ମାଝୀ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ତିଳେଇ ଭତରା ଅଭିଯୋଗ ଅନୁଯାୟୀ ସେ ଦୁଇ ଥର ଗର୍ଭବତୀ ହୋଇଛନ୍ତି। ଶଙ୍କର ଔଷଧ ଖୁଆଇ ତାର ଗର୍ଭ ନଷ୍ଟ କରିଥିଲେ। ବିବାହ କରି ସ୍ତ୍ରୀ ର ମାନ୍ୟତା ଦେବା ତିଳେଇ ଶଙ୍କରଙ୍କୁ କହିଥିଲେ। କିନ୍ତୁ ଶଙ୍କର ବିବାହ କରିବାକୁ ମନା କରିଥିଲେ। ଏହା ପରେ ସେ ଏ ସମ୍ପର୍କରେ ନିଜ ପରିବାରରେ ଜଣାଇବାରୁ ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତରେ ବୈଠକରେ ଆଲୋଚନା ହୋଇଥିଲା। କିନ୍ତୁ ଶଙ୍କର ନିଜ ଭୁଲ ସ୍ୱୀକାର କରିବା ପରେ ବିବାହ କରିବାକୁ ମନା କରିଥିଲେ। ଏହା ପରେ ତିଳେଇ ନ୍ୟାୟ ପାଇବା ନେଇ ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାପଡାହାଣ୍ଡି ଥାନା କେଶ ନ ୩୮/୨୬ ରୁଜୁ କରି ତଦନ୍ତ ଜାରି ରଖିଛନ୍ତ। ଅଭିଯୁକ୍ତ ଶଙ୍କର ଫେରାର ରହିଥିବା ତଦନ୍ତ ଅଧିକାରୀ ଉମାକାନ୍ତ ଶବର ସୂଚନା ଦେଇଛନ୍ତି।

## ପୁଟାସିଂ ଥାନାରେ 'ଆମ ପୁଲିସ ସମିତି' କାର୍ଯ୍ୟକ୍ରମ



ଗୁଣୁପୁର,୧।୩(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ପୁଟାସିଂ ଥାନା ପରିସରରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିନ୍ଦୁ ଲତା ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଲାଞ୍ଜିଆ ସୌରା ଅଞ୍ଚଳର ଜନସାଧାରଣଙ୍କୁ ନେଇ ବିଭିନ୍ନ ଦିଗରେ ସଚେତନତା କରିଥିଲେ। ଅଞ୍ଚଳରେ ବାଲ୍ୟ ବିବାହ ରୋକିବା, ଅନ୍ଧବିଶ୍ୱାସରୁ ନିବୃତ ରହିବା, ଗୁଣିଗାରେଡ଼ିକୁ ବିଶ୍ୱାସ ନକରି ଲୋକଙ୍କ ଭିତରେ ସୁସମ୍ପର୍କ ରଖିବା, ସାଇବର କ୍ରାଇମ୍ ଉପରେ ସଚେତନ ରହିବା, ଟ୍ରାଫିକ ନିୟମ ମାନିବା ସହ ବାଇକ୍ ଚଳାଇବା ସମରେ ନିୟମିତ ଭାବେ ହେଲମେଟ ବ୍ୟବହାର କରିବା, ପୁଲିସ ସହ ସୁସମ୍ପର୍କ ରଖି ଯେ କୌଣସି ସମସ୍ୟା ସମ୍ପର୍କରେ ଅବଗତ କରାଇବା ଭଳି ଭଳି ଅନେକ ସଚେତନ ବାର୍ତ୍ତା ଥାନା ଅଧିକାରୀ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ



ରାୟଗଡ଼ା,୧।୩(ସମିସ): ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅବସରରେ ଜିଲ୍ଲା ଯୋଜନା ବୈଠକ ଶିରୀଗୁଡା ସ୍ଥିତ ରାୟଗଡା ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସଫଳତାର ସହ ଆୟୋଜିତ ହୋଇଥିଲା। ବୈଠକରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ, ରାୟଗଡା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ଦିଦି, ରାଷ୍ଟ୍ରୀୟ ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା କୋରାପୁଟ ଲୋକସଭା ପ୍ରାର୍ଥୀ କଳିରମ ମାଝୀ, ରାୟଗଡା ବିଧାୟକ ପାର୍ଥୀ ବସନ୍ତ ଉଲ୍ଲକା, ଗୁଣୁପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପାର୍ଥୀ ତ୍ରିନାଥ ଗମାଙ୍ଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ଶଙ୍କର ଉଲକା, ଜିଲ୍ଲା ଉପସଭାପତି ରଜତ ମାଦଲା, ଜିଲ୍ଲା ସାଧାରଣ ସମ୍ପାଦକ ଭିକାରୀ ନାହାକ, ସମ୍ପାଦକ ଦେବାଶିଷ ପଣ୍ଡା, ତରୁଣ ଗରଡିଆଙ୍କ ସହ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତା, ମଣ୍ଡଳ ସଭାପତି ଓ ମୋର୍ଚ୍ଚା ସଭାପତିମାନେ ଉପସ୍ଥିତ ରହିଥିଲେ। ବୈଠକରେ ବିଜେପିର ବିଚାରଧାରା, କାର୍ଯ୍ୟଶୈଳୀ, ସଂଗଠନ ଶକ୍ତି ଓ ଆତ୍ମନିର୍ଭର ଭାରତ ଗଠନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି ଦିଆଯାଇଥିବା ପ୍ରଶିକ୍ଷଣକୁ କିପରି ବୁଥ୍ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଯାଇପାରିବ ଏବଂ ଆଗାମୀ ନିର୍ବାଚନରେ କୋରାପୁଟ ଲୋକସଭା ସହିତ ସମସ୍ତ ବିଧାନସଭା ମଣ୍ଡଳୀରେ ଆଶାନୁରୂପ ଫଳାଫଳ ହାସଲ କରିବା ପାଇଁ ରଣନୀତି ଉପରେ ମଧ୍ୟ ଚର୍ଚ୍ଚା ହୋଇଥିଲା।

## ଲିଟିଲ୍ ଲଲିପପ୍ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ




ଉମରକୋଟ,୧।୩ (ସମିସ): ଉମରକୋଟ ପୌରପରିଷଦ ସ୍ଥିତ ଲିଟିଲ ଲଲିପପ୍ ପ୍ଲେ ସ୍କୁଲ ଠାରେ ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚଡେଇଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପେନ୍ଥ୍ରାଣୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ସରଜ କାନ୍ତ ପଟ୍ଟନାୟକ ଓ ଲିଟିଲ ଲଲିପପ ପ୍ଲେ ସ୍କୁଲର ଅଧ୍ୟକ୍ଷ ଆନନ୍ଦ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ୩ୟ ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରତି ଯୋଗିତାରେ ଭାଗ ନେଇଥିବ ଅକଶୀତା ପାତ୍ର, ବି ସ୍ୱାତୀ ସିଦ୍ଧି , ପ୍ରତୀକ ସାହୁ, ପିଆଲି ଅଧିକାରୀ, ସ୍ୱସ୍ତିକା ସାହୁ, ଆରାଧ୍ୟା ମଲ୍ଲିକ, ଅନିକା ବ୍ରହ୍ମନ, ସ୍ୱରାନ୍ସ ସାହୁ, ରିଆ ଦୀକ୍ଷା ଲାକ୍ରା, ଏସ ଅକିରା, ଶ୍ରୀଅଂଶୀ ସାହୁ ଓ ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ୩ୟ ବାର୍ଷିକ ଉତ୍ସବରେ ଲିଟିଲ ଲଲିପପ୍ ପ୍ଲେ ସ୍କୁଲର ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଓ ସମସ୍ତ ଅଭିଭାବକ ଅଂଶ ଗ୍ରହଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଲିଟିଲ ଲଲିପପ ପ୍ଲେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ରାକେଶ କୁମାର ନାୟକ, ପାରମିତା ଡାକୁଆ, ଲିଳିମା ପାଣ୍ଡେ, ମିତାଲି ଚାନ୍ଦ, ଶିଲ୍ପା ସରକାର, ଶକୁନ୍ତଳା ବାଘ, ଡ଼ମାଇ ଭତ୍ରା, ରାଜମନ ହରିଜନ, ଚାନ୍ଦ ହରିଜନ, ସୋମ୍ୟ ରଞ୍ଜନ ପାଢୀ, କେ ଚନ୍ଦ୍ର ଶେଖର ପାତ୍ର, ମାର୍କୋଣ୍ଡ ବେବର୍ତ୍ତା, ଇନ୍ଦିରା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିଳ୍ପା ସରକାର ଓ ରାକେଶ ନାୟକ ପରିଚାଳନା କରିଥିବା ବେଳେ ପ୍ଲେ ସ୍କୁଲର ଅଧକ୍ଷ ଆନନ୍ଦ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଶେଷରେ. ପାରମିତା ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡୁ ବଂଶୀୟ ଭତରା ସମାଜର ମହା ସମ୍ମିଳନୀ

ପାପଡାହାଣ୍ଡି,୧।୩ (ସ ମି ସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତରଗତ ଜଟାବାଲ ପଞ୍ଚାୟତ ସଦର ଗ୍ରାମଠାରେ ଆଜି ପଣ୍ଡୁ ବଂଶୀୟ ଭତରା ସମାଜର ମହା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପଣ୍ଡୁ ବଂଶୀୟ ଭତରା ସମାଜର ଆବାହକ ହିରଣ୍ୟ ମଝି ଏବଂ ଜୟରାମ ଭତରାଙ୍କ ନେତୃତ୍ୱରେ ଏହି ସମାବେଶ ହୋଇଥିଲା । ଏହି ସମ୍ମିଳନୀରେ କୋରାପୁଟ ଜିଲ୍ଲା, କଳାହାଣ୍ଡି ଜିଲ୍ଲା , ନବରଙ୍ଗପୁର ଜିଲ୍ଲା , ପଡୋଶୀ ଛତିଶଗଡ ରାଜ୍ୟର ବସ୍ତର ଏବଂ କୋଣ୍ଡାଗା ଜିଲ୍ଲାରୁ ପ୍ରାୟ ୧୦ ହଜାର ପଣ୍ଡୁ ବଂଶୀୟ ଭତରା ସମାଜର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।



ସମ୍ମାନିତ ଅତିଥିଭାବେ ହିରଣ୍ୟ ମଝି, ଜଗଦିଶ ଚନ୍ଦ୍ର ନାୟକ, ସୁନା ମଝି, ଦୟାସିଙ୍ଗ ଭତରା, ଜୟରାମ ଭତରା, ସ୍ୱାମ ସୁନ୍ଦର ନେତାମ ଏବଂ ଲୋଚିମଧର ନେତାମ ଯୋଗ ଦେଇଥିଲେ। ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ପଣ୍ଡୁ ବଂଶୀୟ ମୂଳନିବାସୀ ଯଥା ଅନନ୍ତ ପୁରିଆ , କିରମାରିଆ , ବିଞ୍ଜିଲିଆ ଏବଂ କୋଟଲା ପାରିଆଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ନିଜ ନିଜର ସଂସ୍କୃତି ଏବଂ ପରମ୍ପରାକୁ ବଞ୍ଚାଇ ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣ ରଖି ଥିଲେ। ଆଗାମୀ ଦିନରେ ଏହାକୁ ତ୍ୱରାନ୍ୱିତ କରି କମିଟି ଗଠନ କରାଯିବ ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯିବ ବୋଲି ମୁଖ୍ୟ ଅଥିତି କହିଥିଲେ। ଏହି ଅବସରରେ ଦୟାସିଙ୍ଗ ଭତରା ମଞ୍ଚ ପରିଚାଳନା କରିଥିଲେ।

## ଜଳୁନି ଷ୍ଟ୍ରିଟ୍ ଲାଇଟ୍, ଲୋକେ ହନ୍ତସନ୍ତ



ଗୁଣୁପୁର,୧।୩(ସମିସ): କିଛଦିନ ହେବ ଗୁଣୁପୁର ପୌର ପରିଷଦ ଅଞ୍ଚଳର ୧୮ ନଂ ୱାର୍ଡରେ ଥିବା ନିଳଦ୍ରବିହାର ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ଜଳୁନଥିବାରୁ ଅସନ୍ତୋଷ ଦେଖାଦେଇଛି। ପୌରପରିଷଦ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳ ବାସିନ୍ଦା ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ଫଟୋ ଜାରି କରିଛନ୍ତି। ରାତି ହେଲେ ଷ୍ଟ୍ରିଟ୍ ଲାଇଟ୍ ନ ଜଳିବାରୁ ବସବାସ କରୁଥିବା ଲୋକେ ଅନ୍ଧାର ମଧ୍ୟରେ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀମାନେ ଟିୟୁସନ ଯିବା ଆସିବା ପାଇଁ ଯାତାୟତ କରୁଥିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନାବଶ୍ୟକ ଜାଗାରେ ନୂତନ ଷ୍ଟ୍ରିଟ୍ ଲାଇଟ୍ ପୋତା ଯାଉଥିବା ବେଳେ ଜନସାଧାରଣ ବସବାସ କରୁଥିବା ସ୍ଥାନରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ମରାମତି କରାଯାଉନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଭାଇରଲ ଫୋଟକୁ ନେଇ ପୌର ନିର୍ବାହୀ ଅଧିକାର ସନ୍ତୋଷ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ଅତିଶୀଘ୍ର ମରାମତି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବୁଣାକାର ଗୋଷ୍ଠୀ କଲ୍ୟାଣ ସଂଘ ଗୃହ ଉଦ୍‌ଘାଟିତ




ଜୟପୁର,୧।୩(ସମିସ): ଜୟପୁର ସହରର ଡଙ୍ଗାଗୁଡା ଠାରେ ବୁଣାକାର ଗୋଷ୍ଠୀ କଲ୍ୟାଣ ସଂଘର ନୂତନ ଗୃହ ଆଜି ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସଂଘର ଗୃହ ନିର୍ମାଣ ନେଇ ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆଗାମୀ ଦିନରେ ପୁଣି ୫ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ବାହିନୀପତି ଆଜି ଉଦ୍‌ଘାଟନ ଉତ୍ସବରେ ଘୋଷଣା କରିଛନ୍ତି। ଏହି ବୁଣାକାର ସମାଜର ଲୋକମାନେ ଜୟପୁର, କୋରାପୁଟ, ରାୟଗଡା, ନବରଙ୍ଗପୁର ଜିଲ୍ଲା ସମେତ ପୋଡଶୀ ଆନ୍ଧ୍ରପ୍ରଦେଶରେ ସମ୍ପର୍କୀର୍ୟ ମାନେ ରହୁଛନ୍ତି। ସମାଜର ବିଭିନ୍ନ ବିବାହ ଏବଂ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଏହି ନୂତନ ଭବନକୁ ବ୍ୟବହାର କରିପାରିବେ। ଏହିପରି ବୁଣାକାର ସମାଜର ସଦସ୍ୟମାନଙ୍କ ସାମାଜିକ ଆର୍ଥିକ ଉନ୍ନତି ସମେତ ଅନ୍ୟାନ୍ୟ କ୍ଷେତ୍ରରେ କିଭଳି ଉନ୍ନତି ହେବ। ସେ ନେଇ ବିଧାୟକ ଶ୍ରୀ ବାହିନୀପତି ପରାମର୍ଶ ଦେଇଥିଲେ। ଏହି ଅବସରରେ ଜୟପୁର ବୁଣାକାର ସଂଘର ସଭାପତି ଏମ.ଆପ୍ପାରାଓ, ସମ୍ପାଦକ ପି.ଶଙ୍କର ରାଓ, ଉପ ସଭାପତି ପି. ସୋମରାଜୁଙ୍କ ସହ ବିଜୟନଗର ବୁଣାକାର ଗୋଷ୍ଠୀ କଲ୍ୟାଣ ସଂଘର ସଭାପତି ଭି.ନାନି ଓ ରାୟଗଡ଼ା ସଂଘ ସଭାପତି ଏମ. ଭେଙ୍କଟରାଓ ଉପସ୍ଥିତ ଥିଲେ।


## ମହିଳା ଓ ଶିଶୁ ଆଇନ ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର,୧।୩ (ସମିସ): ସୁଭଦ୍ରା ଶକ୍ତି ମେଳା ଅବସରରେ ମହିଳା ଓ ଶିଶୁ ସମ୍ପର୍କିତ ବିଭିନ୍ନ ଆଇନ, ଅଧିକାର ଓ ସରକାରୀ ସୁବିଧା ବିଷୟରେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅଭିଭାଷଣରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମହୋଦୟା ଘରୋଇ ହିଂସାରୁ ସୁରକ୍ଷା ପାଇଁ ଏହି ଆଇନ, ଯୌତୁକ ନିଷେଧ ଅଧିନିୟମ, ୧୯୬୧ , କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ ଅଧିନିୟମ, ୨୦୧୩ , ମାତୃତ୍ୱ ଲାଭ ଅଧିନିୟମ, ୧୯୬୧ ,ଓଡିଶା ଡାହାଣୀ ଅଭିଯୋଗ ଓ ନିର୍ଯାତନା ନିବାରଣ ଅଧିନିୟମ, ୨୦୧୩ ,ଶିଶୁ ବିବାହ ନିଷେଧ ଅଧିନିୟମ, ୨୦୦୬,ଅନୈତିକ ମାନବ ବ୍ୟବସାୟ ଆଇନ, ୧୯୫୬, ଶିଶୁମାନଙ୍କର ନିଶୁଳ୍କ ଓ ଅନିବାର୍ଯ୍ୟ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ -ଶିଶୁ ଶ୍ରମିକଙ୍କ ପାଇଁ ଆଇନ , ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଅଧିନିୟମ ୨୦୧୨, ଗର୍ଭାଧାନ ପୂର୍ବ ଓ ଗର୍ଭାବସ୍ଥା ପୂର୍ବ ନିଦାନ ପ୍ରଣାଳୀ ଅଧିନିୟମ, ୧୯୯୪ ସହିତ ଅନ୍ୟାନ୍ୟ ମହିଳା ଓ ଶିଶୁ ସମ୍ପର୍କିତ ଆଇନ ବିଷୟରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଏହି ସମସ୍ତ ଆଇନ ମହିଳା ଓ ଶିଶୁଙ୍କ ଅଧିକାର ସୁରକ୍ଷା, ସମ୍ମାନ ଓ ସମାଜିକ ନ୍ୟାୟ ସୁନିଶ୍ଚିତ କରିବାରେ ମୂଲ୍ୟବାନ ଭୂମିକା ନିଭାଉଛି। ଓନ୍ ଷ୍ଟପ୍ ସେଣ୍ଟରର ପ୍ରଶାସକା ଅଧୀନରେ ମିଳୁଥିବା ବିଭିନ୍ନ ସୁବିଧା ବିଷୟରେ




ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଓଏସସି ମାଧ୍ୟମରେ ନିର୍ଯାତିତ ମହିଳାମାନେ ଆଶ୍ରୟ, ଆଇନ ସହାୟତା, ମାନସିକ ପରାମର୍ଶ, ଚିକିତ୍ସା ସହାୟତା ଓ ପୁଲିସ ସହଯୋଗ ଗୋଟିଏ ସ୍ଥାନରେ ପାଇପାରୁଛନ୍ତି। ଅଗାନ୍ ଟ୍ରଷ୍ଟର ସମନ୍ୱୟକାରୀ ଶିଶୁଙ୍କ ଅଧିକାର ଓ ସୁରକ୍ଷା ବିଷୟରେ ମତ ପ୍ରକାଶ କରିଥିଲେ। ହବ୍ ଫର୍ ଉମେନ୍ ଏମ୍ପାୱରମେଣ୍ଟର ହବ୍ କର୍ମଚାରୀମାନେ ମହିଳାଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ସଶକ୍ତିକରଣ, ସ୍ୱାବଲମ୍ବନ ଓ ଶିକ୍ଷାର ଗୁରୁତ୍ୱ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ମିଶନ ଶକ୍ତିର ଡିପିସିଙ୍କ ପରିଚାଳନା ଓ ନିୟନ୍ତ୍ରଣରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଚନ୍ଦାହାଣ୍ଡି, କୋଷାଗୁମୁଡା, ଝରିଗାଁ ,ଉମେରକୋଟ ଓ ପାପଡାହାଣ୍ଡି ବ୍ଲକର ସିଡପଓ, ସୁପରଭାଇଜର,ଏମ ବି କେ ଓ ଏସ ଏଚ୍ ଜି ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହୀ ମହିଳା ଓ ଶିଶୁ ସୁରକ୍ଷା ବିଷୟରେ ସଚେତନତା ବଢ଼ାଇବାକୁ ସଙ୍କଳ୍ପ ଗ୍ରହଣ କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ
ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

## ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା

# ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ



କାଳିମେଳା,୧।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକରେ ପୁଣି ଚାଷୀ ଆନ୍ଦୋଳନ । ବ୍ଲକର ବିଭିନ୍ନ ସ୍ଥାନରେ ମଣ୍ଡିରେ ଧାନ କିଣାବିକାରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଟୋକନ ସମସ୍ୟା, ଧାନ ଉଠାରେ ବିଳମ୍ବ, ମଣ୍ଡିରେ ଧାନବସ୍ତା ପଡିରହିବା ଏବଂ କଟନୀ-ଛଟନୀ ଭଳି ସମସ୍ୟା ଯୋଗୁଁ ଚାଷୀମାନେ ବାଧ୍ୟ ହୋଇ ରାସ୍ତା ଅବରୋଧ କରିଛନ୍ତି । ବ୍ଲକର ୨ଟି ସ୍ଥାନରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ । କାଳିମେଳା ବ୍ଲକ ଅଫିସ ଓ ଏମଭି -୬୬ ଗ୍ରାମ ଠାରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ ଚାଷୀ । ମଣ୍ଡିରୁ ତୁରନ୍ତ ଧାନକୁ କିଣି ନେବା ପାଇଁ ଦାବି କରି ରାସ୍ତା ଉପରେ ଧାନ ବସ୍ତାମାନ ରଖି ଧାରଣା ଦେଇଥିଲେ । ଆନ୍ଦୋଳନ ଯୋଗୁ ରାସ୍ତାରେ ଶହ ଶହ ଗାଡ଼ି ଘଣ୍ଟା ଘଣ୍ଟା ଧରି ଅଟକି ରହିଥିବା ଦେଖିବାକୁ ମିଳିଥିଲା । ବ୍ଲକର ହଜାର ହଜାର ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେସନ କରିଥିବା ବେଳେ ବହୁ ଚାଷୀଙ୍କ ଟୋକନ ଆସିନଥିବା ଅଭିଯୋଗ ହୋଇଛି । ଏହାସହ କିଛି ଚାଷୀଙ୍କୁ ଟୋକନ ମିଳିବାର ଦୀର୍ଘ ଦିନ ପରେ ବି ଧାନ ବିକ୍ରି ହୋଇପାରୁନାହିଁ । ଯାହା ଦ୍ୱାରା ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି । ମଣ୍ଡିରେ ପଡିଥିବା ଧାନବସ୍ତାକୁ ତୁରନ୍ତ ଉଠାଇବା ଏବଂ କିଣାବିକା ବ୍ୟବସ୍ଥା ସୁଧାରିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଆନ୍ଦୋଳନର ଖବର ପାଇଁ କାଳିମେଳା ଥାନା ପୁଲିସ, କାଳିମେଳା ବ୍ଲକ ଯୋଗାଣ ନିରୀକ୍ଷକ , କାଳିମେଳା ଲ୍ୟାମ୍ପ୍ସ ଏମଡି ଘଟଣାସ୍ଥଳକୁ ଯାଇ ଆନ୍ଦୋଳନରତ ଚାଷୀ ମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

● ବଦଳି ହେଉନି

# ୨୫ ବର୍ଷ ହେଲା ଗୋଟିଏ ସ୍ଥାନରେ କର୍ମଚାରୀ

ମାଲକାନଗିରି,୧।୩ (ସମିସ): ସରକାରୀ ନିୟମ ଅନୁସାରେ ଗୋଟିଏ କର୍ମଚାରୀ ଗୋଟିଏ କାର୍ଯ୍ୟାଳୟରେ ୩ ବର୍ଷରୁ ଅତିବେଶୀରେ ୫ବର୍ଷ ଯାଏ ରହି ପାରିବେ । 'କୋଳି ଖାଇ ମଞ୍ଜି ପୋତିବା ପରି' ମାଲକାନଗିରି ଜିଲ୍ଲାର ଗୋଟିଏ କାର୍ଯ୍ୟାଳୟରେ ପ୍ରାୟ ୨୫ ବର୍ଷ ହେଲା କାର୍ଯ୍ୟକରି ଆସୁଛନ୍ତି କର୍ମଚାରୀ । ଏହା ଯେତିକି ଚିନ୍ତା ଜନକ, ସେତିକି ଆଶ୍ଚର୍ଯ୍ୟ ଲାଗୁଛି । ମିଳିଥିବା ସୂଚନା ଅନୁସାରେ ରାଜ୍ୟ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟାଳୟ ୨୦୦୧ରେ ଆରମ୍ଭ ହୋଇଥିଲା । ସେହି ସମୟରେ ଯେଉଁମାନେ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତି ପାଇଥିଲେ ସେମାନଙ୍କ ମଧ୍ୟରୁ କେତେକ କର୍ମଚାରୀ ଆଜି ପର୍ଯ୍ୟନ୍ତ ସେହି କାର୍ଯ୍ୟାଳୟରେ କାର୍ଯ୍ୟ କରି ଆସୁଛନ୍ତି । ନାଁ ଅଛି ବଦଳି ନାଁ ଅଛି ବିଭାଗ ପରିବର୍ତ୍ତନ । ମିଳିଥିବା ସୂଚନା ଅନୁଯାୟୀ ପ୍ରମୋସନ ନଥିବା ଆଳକରି ସମସ୍ତ ସୁବିଧା ସୁଯୋଗ ପାଇ ବେଶ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ନିର୍ଣ୍ଣୟ ସହ ପୁରା ହାକିମାତି ଚଳାଇ ଥିବା ଗୁରୁତର ଅଭିଯୋଗ ହେଉଛି । ପ୍ରକଳ୍ପ ଅଧିକାରୀ ପରିବର୍ତ୍ତନ ହେଉଛନ୍ତି । କିନ୍ତୁ ସଂଯୋଜକ ପଦବୀରେ ଅବସ୍ଥାପିତ କର୍ମଚାରୀ ସେମିତି ଅଛନ୍ତି । ଜେଣ୍ଡର, ଟ୍ରାଇବାଲ୍, ଇନକ୍ଲୁସିଭ , ପେଡାଗୋଜି ସଂଯୋଜକ ପ୍ରମୁଖଙ୍କ ସହିତ ଡାଟା ଏଣ୍ଟ୍ରି କର୍ମଚାରୀ ରହିଛନ୍ତି । ବିଭିନ୍ନ ପ୍ରକାରର ଶୈକ୍ଷିକ ଓ ସହ ଶୈକ୍ଷିକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟକୁ ଆସୁଛି । ଏହି ଅନୁଦାନ ରାଶି ଏହି କାର୍ଯ୍ୟାଳୟରୁ ସିଧା ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି ଓ ବିଦ୍ୟାଳୟକୁ ଯାଉଛି ଏବଂ ବିଭିନ୍ନ ଅନୁଦାନର ବ୍ୟୟ ଫର୍ଦ୍ଦ ଦାଖଲ ହେଉଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କେବଳ ପ୍ରଶାସନିକ କାର୍ଯ୍ୟ କରୁ ଥିଲାବେଳେ ବିଭିନ୍ନ ଶିକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟ ଏହି କାର୍ଯ୍ୟାଳୟ କରି ଆସୁଛି । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଓ ଆର୍ଥିକ କାରବାର ରହୁଥିବାରୁ ଏହି କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ବଦଳି କରାଯିବା କଥା । ପ୍ରକଳ୍ପ ଅଧିନସ୍ଥ କର୍ମଚାରୀ ଦର୍ଶାଇ ବଦଳିକୁ ବିରୋଧ କରି ସଫଳ ହେଉଛନ୍ତି । ଏପରିକି ଇଲେକ୍ସନ ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଛନ୍ତି । ୨୦/୨୫ ବର୍ଷ ଧରି ଗୋଟିଏ ସ୍ଥାନରେ ରହି କାର୍ଯ୍ୟ କରିବା ଯୋଗୁ ଅଧିକାରୀଙ୍କୁ ମଧ୍ୟ ମାନିବାକୁ ନାରାଜ । ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପରେ ସର୍ବଶିକ୍ଷା ଅଭିଯାନ ଏବେ ସମଗ୍ର ଶିକ୍ଷା ନାମ ପରିବର୍ତ୍ତନ ହୋଇସାରିଲାଣି । କିନ୍ତୁ ସଂଯୋଜକ ପ୍ରମୁଖ ମାନେ ଗାଦି ମାଡିବସି ରହିଛନ୍ତି ।

# ତେଲୁଗୁ ସମ୍ପ୍ରଦାୟର ଉଗାଦି ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ

ରାୟଗଡ଼ା,୧।୩(ସମିସ): ତେଲୁଗୁ ସମ୍ପ୍ରଦାୟର ନୂତନ ବର୍ଷ ତଥା ଉଗାଦି ମହୋତ୍ସବ ପାଳନ ପାଇଁ ରବିବାର



ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି । ରାୟଗଡା ଜିଲ୍ଲା ଉତ୍କଳ ତେଲୁଗୁ ସମାଖ୍ୟା ସଭାପତି ଯାଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ)ଙ୍କ ପୌରହିତ୍ୟରେ ରାୟଗଡା ସହର ଖଲିଗୁଡା ପଡିଆ ଠାରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା । ତେଲୁଗୁ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା । ଚଳିତ ମାସ ୧୯ ଏବଂ ୨୦ ତାରିଖ ଦୁଇଦିନ ଧରି ମହା ଆଡମ୍ବରରେ ଉଗାଦି ଉତ୍ସବ ପାଳନ ହେବ । ୧୯ ତାରିଖ ଦିନ ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଠାରେ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ମନ୍ଦିର ଠାରୁ ଆରମ୍ଭ ହୋଇ ଖଲିଗୁଡା ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଲୋକଙ୍କ ମନୋରଂଜନ ନିମନ୍ତେ ୨ ଦିନ ଧରି ଆନ୍ଧ୍ରପ୍ରଦେଶର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କୋଣ୍ଡାବାବୁ ପ୍ରକାଶ କରିଛନ୍ତି । ଶୁଭ ଖୁଂଟି ସ୍ଥାପନ ସମୟରେ ଉଗାଦି ମହୋତ୍ସବର ଆବାହକ ବୀର ବାବୁ, କାଶି ନାଇଡୁ, ଡୋଡଲା ଲକ୍ଷ୍ମଣ ନାଇଡୁ, ଯଦୁ ମଧୁ, ପେଦିନା ଲକ୍ଷ୍ମଣ ରାଓ, ଆନନ୍ଦ ପାତ୍ରୁଡୁ, ସିରା ରାବଣା, ମୁଚି ରାବଣା, ପେଦିନା ମୁରଲି, ପ୍ରସାଦ ହୁଇକା,କୃଷ୍ଣ ଚନ୍ଦ୍ର ପଟନାୟକ, ସୁମନ୍ତ ମହାରଣା, କେ. ଶ୍ରୀନିବାସ ଓ ମନି ରତ୍ନମ ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରି ବାଇକ୍ ଉଦ୍ଧାର କଲା କୁନ୍ଦୁରା

କୁନ୍ଦୁରା,୧।୩ (ସମିସ): କୁନ୍ଦୁରା ଥାନା ଅନ୍ତର୍ଗତ ଲିମା ଗାଁରୁ ଚୋରି ହୋଇଥିବା ବାଇକ୍ ଉଦ୍ଧାର କଲା ପୋଲିସ । ଉଦ୍ଧାର ବାଇକ୍ ମାଲିକକୁ ହସ୍ତାନ୍ତର କରାଯାଇଛି । ସୂଚନା ଥାଉକି, କୁନ୍ଦୁରା ବ୍ଲକ୍ କେରିମିଟି ପଞ୍ଚାୟତ କଣ୍ଟାପଦର ଗାଁର ଧନପତି ସାନ୍ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଗତକାଲି କୁନ୍ଦୁରା ଥାନାରେ ଏତଲା ଦିଆଯାଇଥିଲା । ଅଭିଯୋଗ ପରେ ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ ହୋଇଥିଲା । କୁନ୍ଦୁରା ଏବଂ ବୈପାରୀଗୁଡ଼ା ପୁଲିସର ମିଳିତ ଭାବେ କୁନ୍ଦୁରା - ବୈପାରୀଗୁଡ଼ା ରାସ୍ତାରେ ତଦନ୍ତ ସମୟରେ ରାସ୍ତା କଡ଼ରେ ଏକ ମକାବାଡ଼ ଭିତରେ ବାଇକ୍ ଉଦ୍ଧାର କରାଯାଇଛି ଓ ଗାଡ଼ି ମିଳିଛି । କିନ୍ତୁ କିଏ ନେଇଥିଲା, ତାହା ଜଣା ପଡ଼ିନାହିଁ ବୋଲି କହିଛନ୍ତି ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ । ଉଦ୍ଧାର ବାଇକ୍ ଗାଡି ମାଲିକକୁ ହସ୍ତାନ୍ତର କରାଯାଇଛି । ବାଇକ ପାଇବା ପରେ ଧନପତି ସାନ୍ତା କୁନ୍ଦୁରା ଥାନା ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସାମ୍ବାଦିକ ଭବନ ପାଇଁ ସାଂସଦଙ୍କୁ ଦାବିପତ୍ର



କୁନ୍ଦୁରା,୧।୩(ସମିସ): କୁନ୍ଦୁରା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି । କୁନ୍ଦୁରା ଠାରେ କାର୍ଯ୍ୟରତ ସାମ୍ବାଦିକଙ୍କ ନିମନ୍ତେ ସାମ୍ବାଦିକ ଭବନ ଆବଶ୍ୟକ ରହିଛି । ଏଣୁ ସାମ୍ବାଦିକ ସଂଘ ସଭାପତି ସନ୍ତୋଷ ପ୍ରହରାଜଙ୍କ ନେତୃତ୍ୱରେ ଏକ ଟିମ ସାଂସଦ ଶ୍ରୀ ମାଝୀଙ୍କୁ ଭେଟିଛି ଏବଂ ଗୃହ ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି । ଗତ ଫେବୃଆରୀ ୨୦୨୫ ରେ ସାମ୍ବାଦିକ ସଂଘ ପ୍ରତିଷ୍ଠା ଦିବସରେ ନବରଙ୍ଗପୁର ଏମ୍‌ପି ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ସାମ୍ବାଦିକ ମାନଙ୍କ ଭବନ ନିମନ୍ତେ ଏକ ସରକାରୀ ଜାଗା ଦେବା ନିମନ୍ତେ ବିଡ଼ିଓ ଏବଂ ତହସିଲଦାର ଙ୍କୁ କହିଥିଲେ । କିଛି ଦିନ ପୂର୍ବରୁ ସାମ୍ବାଦିକ ସଘଂ କୋଟପାଡ଼ ବିଧାୟକ ରୂପୁ ଭତ୍ରାଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଥଲେ । ସେ ମଧ୍ୟ ସଙ୍ଘ ଗୃହ ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କୁନ୍ଦୁରା ବ୍ଲକ ସଦର ଉପକଣ୍ଠ ସ୍ଥିତ କାଳିଆକାଦ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ଗୃହ ନିମନ୍ତେ ତହସିଲଦାରଙ୍କ ଦ୍ୱାରା ଜାଗା ଚିହ୍ନଟ ହୋଇଥିବା ବେଳେ ସେଠାରେ ଗୃହ ନିର୍ମାଣ ବାବଦକୁ ବିଡ଼ିଓ, ତହସିଲଦାର, ବିଧାୟକ, ଏମ୍‌ପିଙ୍କୁ ଭେଟି ସଂଘ ଦାବିପତ୍ର ପ୍ରଦାନ କରିଛି । ଏହି ଅବସରରେ ଏମ୍‌ପି ବଳଭଦ୍ର ମାଝୀ ଏବଂ ବିଧାୟକ ରୂପୁ ଭତ୍ରା କହିଛନ୍ତି ଯେ ,ନିଶ୍ଚିତ ଭାବେ ଭବନ ନିର୍ମାଣ ନିମନ୍ତେ ସହାୟତା ଦିଆଯିବ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ କେ କ୍ରିଷ୍ଣା ମୋହନ ରାଓ, ମନୋଜ କୁମାର ମହୁ, ବାବୁଲା ହରିଜନଙ୍କ ସମେତ ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, କୁନ୍ଦୁରା ମଣ୍ଡଳ ସମ୍ପାଦକ ତ୍ରିନାଥ ନାୟକ, ମିଳନ ପ୍ରଧାନ ଓ ଅଭିଳାଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବିକଶିତ ଭାରତ ଜିଲ୍ଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ




ମାଲକାନଗିରି,୧।୩(ସମିସ): ଜିଲ୍ଲା, ରାଜ୍ୟ ଓ ଦେଶର ବିକାଶ ପାଇଁ ପାର୍ଲାମେଣ୍ଟରେ ମତ ରଖିବେ ମାଲକାନଗିରିର ଯୁବକ ଓ ଯୁବତୀ । ବିକଶିତ ଭାରତ ଗଠନରେ ଯୁବକ ଯୁବତୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟର ମୁଖ୍ୟଲକ୍ଷ୍ୟ ହେଉଛି ଭାରତ ବର୍ଷର ୧ରୁ ୨୫ ବର୍ଷ ମଧ୍ୟରେ ଥିବା ସମସ୍ତ ଯୁବକ ଯୁବତୀ, ଯେଉଁ ମାନେ ବିକଶିତ ଭାରତ ଗଠନରେ ନିଜ ମତ ରଖିବାକୁ ଚାହିଁଛନ୍ତି । ସେମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ନିଜ ମତକୁ ସାରା ଦୁନିଆଁ ଆଗରେ ରଖି ପାରିବେ । ଏହାସହ ଜିଲ୍ଲା, ରାଜ୍ୟ ଓ ଦେଶ ଗଠନରେ ଭୂମିକା ଗ୍ରହଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ଯେଉଁ ମାନେ ଉତ୍ତୀର୍ଣ୍ଣ ହେବେ ସେମାନେ ରାଜ୍ୟ ସ୍ତରକୁ ଓ ଶେଷରେ ଜାତୀୟସ୍ତରୀୟ ପାର୍ଲାମେଣ୍ଟରେ ବସି ନିଜ ମତାମତ ରଖିପାରିବେ ଓ ଦେଶ ଗଢିବାରେ ଭାଗିଦାରୀ ହୋଇପାରିବେ । ଏହି କାର୍ଯ୍ୟକ୍ରମଟି ଜିଲ୍ଲା ସଦରରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ମାଲକାନଗିରିରେ ଅନୁଷ୍ଠିତ ହୋଇଥିଲା । ମାଲକାନଗିରି ବିଧାୟକ ନରସିଂହ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହା ସହ ଅନୁଷ୍ଠାନର ଅଧକ୍ଷ୍ୟ ଏଥିରେ ସଭାପତିତ୍ୱ କରିଥିବା ବେଳେ ବହୁ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ ।

# ସମବେଦନା ଜ୍ଞାପନ, ଅର୍ଥ ବିତରଣ କାର୍ଯ୍ୟକ୍ରମ



କୋରୁକୋଣ୍ଡା,୧।୩(ସମିସ): ଆଜି ମାଲକାନଗିରି ବାଙ୍ଗାଳୀ ସମାଜ ତରଫରୁ ଏମଭି-୨୫ ଗ୍ରାମର ରାଧାନଗର ସ୍ଥିତ ହାଇସ୍କୁଲ ଖେଳ ପଡିଆ ଠାରେ ଏମଭି ୨୬ ନଂ ଗ୍ରାମର ପୋଡ଼ାଜଳା ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କ ନିମନ୍ତେ ବିଭିନ୍ନ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ତରଫରୁ ମିଳିଥିବା ଆର୍ଥିକ ଅନୁଦାନର ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା । ସରକାର ଏବଂ ଆଇନ ଦୃଷ୍ଟିରେ ସମସ୍ତେ ସମାନ । ଏଥିପାଇଁ ଉଭୟ କ୍ଷତିଗ୍ରସ୍ତ ପରିବାରର ସଦସ୍ୟ ମାନଙ୍କୁ ଉପସ୍ଥିତ ବଙ୍ଗାଳି ସମାଜ ଏବଂ ବୁଦ୍ଧିଜୀବୀଙ୍କ ଦ୍ୱାରା ପୀଡ଼ିତ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ ଏମ୍ଭି ୨୬ ନମ୍ବର ଗ୍ରାମର କ୍ଷତିଗ୍ରସ୍ତ ହୋଇଥିବା ୧୯୧ଟି ପରିବାରର ମୁଖିଆ ମାନଙ୍କୁ ଯଥାକ୍ରମେ ୭୦ ହଜାର, ୫୦ ହଜାର ଏବଂ ୩୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ନିଜ ନିଜ ବ୍ୟକ୍ତିଗତ ବ୍ୟାଙ୍କ ଖାତା ମାଧ୍ୟମରେ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ରାଖେଲଗୁଡା ଏବଂ ବଙ୍ଗାଳୀ ଗାଁ ଏମଭି -୨୬ ହିଂସାକାଣ୍ଡରେ ପୀଡ଼ିତ ପରିବାରକୁ ମୋଟ ୧ କୋଟି ଆଠ ଲକ୍ଷ ପଚାଶ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏତଦ୍ ବ୍ୟତୀତ, ରାଖେଲଗୁଡ଼ା ଗ୍ରାମର ସ୍ୱର୍ଗତ ଲାକେ ପଡ଼ିଆମିଙ୍କ ପୁତ୍ର ରବି ପଡ଼ିଆମୀଙ୍କୁ ମଧ୍ୟ ବଙ୍ଗାଳୀ ସମାଜ ତରଫରୁ ଏକ ଲକ୍ଷ ଟଙ୍କାର ଚେକ୍ ବଙ୍ଗାଳୀ ସମାଜର କର୍ମକର୍ତ୍ତା ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ପିଡିତଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏହା ସହିତ ଆଗାମୀ ଦିନରେ ଉଭୟ ସମ୍ପ୍ରଦାୟର ଲୋକେ ଏକଜୁଟ ହୋଇ ମାଲକାନଗିରି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଏବଂ ବିକାଶ ନିମନ୍ତେ ଭାଗିଦାରୀ ହେବାକୁ ବଙ୍ଗାଳୀ ସମାଜର ଦାୟୀତ୍ୱ ପରାୟଣ ବୁଦ୍ଧିଜୀବୀ ମାନଙ୍କ ବକ୍ତବ୍ୟ ଓ ଅଭିଭାଷଣରେ ଉକ୍ତ ଅଞ୍ଚଳ ତଥା ସମଗ୍ର ଜିଲ୍ଲାର ବିଭିନ୍ନ ଭାଷାଭାଷୀ ଓ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ସବୁଦିନ ପାଇଁ ସୁନ୍ଦର ଓ ଚୀରସ୍ଥାୟୀ ସୁସମ୍ପର୍କ ସ୍ଥାପନ ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବଙ୍ଗାଳୀ ସମାଜର ଜିଲ୍ଲା ସଭାପତି ଗୌରାଙ୍ଗ କର୍ମକାର, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଉପଦେଷ୍ଟା ତପନ କୁମାର ସାନା, ସାଧାରଣ ସମ୍ପାଦକ ସୁନୀଲ କୁମାର ବିଶ୍ୱାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ନୀହାର ରାୟ, ମାଧବ ଚନ୍ଦ୍ର ସରକାର, ଜଗଦୀଶ ଢାଲି, ଉତ୍ତମ ଓଝା, ନିମାଇଁ ଚନ୍ଦ୍ର ପାଲ ପ୍ରମୁଖ ଉପସ୍ଥିତ ଥିଲେ । ମାଲକାନଗିରି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

# ସୌମ୍ୟରଞ୍ଜନ ଓସିଏ ଆମ୍ପାୟାର ପରୀକ୍ଷାରେ ଉତ୍ତୀର୍ଣ୍ଣ



କାଳିମେଳା,୧।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକରୁ ରାଜ୍ୟସ୍ତରୀୟ ପ୍ରତି ଥିବା ନିଷ୍ଠା ସୌମ୍ୟରଞ୍ଜନ ପ୍ରଧାନଙ୍କୁ ବଡ଼ ସଫଳତା ଆଣିଦେଇଛି । ଓଡ଼ିଶା ଜିଲ୍ଲାର କ୍ରୀଡା ପ୍ରତିଭା ସୌମ୍ୟରଞ୍ଜନ ପ୍ରଧାନ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅଂଶଗ୍ରହଣ କରିଥିଲେ । ଏଥିରେ କାଳିମେଳାର ସୌମ୍ୟରଞ୍ଜନ ପ୍ରଧାନ ୬ ନଂ ମୋଟ ୧୫୦ ନମ୍ବରରୁ ସୌମ୍ୟ ରଞ୍ଜନ ୧୧୨ ନମ୍ବର ରଖିଥିବା ଜଣାପଡ଼ିଛି । ବେଳେ ପୁଅର ଏହି ଉପଲବ୍‌ଧି ଉଭୟ ପିତା ମାତାଙ୍କ ଦୀର୍ଘ ଦିନର ସଂଘର୍ଷ ଛୁଟିଛି । ଆଗାମୀ ଦିନରେ ସେ ଓଡ଼ିଶା କ୍ରିକେଟର ବିଭିନ୍ନ ମ୍ୟାଚ୍ ପରିଚାଳନାରେ କ୍ରିକେଟ ମଇଦାନକୁ ଓହ୍ଲାଇବେ ନୂଆ ଅମ୍ପାୟାର । କଠିନ ପରିଶ୍ରମ ଓ କ୍ରିକେଟ କ୍ରିକେଟ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଅମ୍ପାୟାର ପରୀକ୍ଷା ୨୦୨୫ରେ ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨୫ ଜଣ ପ୍ରତିଯୋଗୀ ଏହି ପରୀକ୍ଷାରେ ସ୍ଥାନରେ ରହି କୃତିତ୍ୱ ଅର୍ଜନ କରିଛନ୍ତି । ଓସିଏ ତରଫରୁ ଅନୁଷ୍ଠିତ ଏହି ପରୀକ୍ଷାରେ ଏହି ସଫଳତା ପାଇଁ ତାଙ୍କୁ ଜିଲ୍ଲାର ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଥିବା ଫଳ ଦେବା ସହ ଉଭୟ ପିତା ମାତା ଓ ସୌମ୍ୟରଞ୍ଜନଙ୍କ ପାଇଁ ଅଭିନନ୍ଦନର ସୁଅ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଲୋକେ ଆଶା ରଖିଛନ୍ତି ।

# ସର୍ଭାଇକଲ କ୍ୟାନସର ମୁକ୍ତ ହେବ ମାଲକାନଗିରି

ମାଲକାନଗିରି, ୧।୩(ସମିସ): ସର୍ଭାଇକଲ କ୍ୟାନସର ମୁକ୍ତ ହେବ ମାଲକାନଗିରି ଜିଲ୍ଲା । ୧୪ ରୁ ୧୫ ବର୍ଷ ଝିଅ ଙ୍କୁ ଦିଆ ହବ ଭ୍ୟାକ୍ସିନ । ଆଜିଠୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ପ୍ରକ୍ରିୟା ଆରମ୍ଭ ହେବା ସହ ପ୍ରତ୍ୟେକ ସିଏଚସିରେ ଏହି ସେବା ସମସ୍ତ ଯୋଗ୍ୟ ବାଳିକାଙ୍କୁ ଦିଆଯିବ । ଏକ ମାସ ପରେ ପିଏଚସି ଗୁଡ଼ିକରେ ଏହି ଭ୍ୟାକ୍‌ସିନ ଦେବା ଆରମ୍ଭ ହେବ ଓ ପରେ ପରେ ଜିଲ୍ଲାରେ ହେଉଥିବା ଇମୁନାଇଜେସନ ସମୟରେ ମଧ୍ୟ ଏହି ଭ୍ୟାକସିନ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଯେଉଁ ମାନେ ଏହି ଟିକା ଦେବେ ସେମାନଙ୍କୁ ଟ୍ରେନିଂ ଦିଆ ହୋଇଛି । ଏଥିସହ ଯଦି ଏହି ଭ୍ୟାକସିନ ଦ୍ୱାରା କିଛି ଅସୁବିଧା ହୁଏ, ସେଥିପ୍ରତି ଦୃଷ୍ଟି ଦେଇ ଆଗୁଆ ପଦକ୍ଷେପ ମଧ୍ୟ ନିଆ ହୋଇଛି । କିନ୍ତୁ ଏହି ଭ୍ୟାକସିନ ଦ୍ୱାରା କୌଣସି ସମସ୍ୟା ହେବ ନାହିଁ ଏବଂ ସମସ୍ତେ ଆସି ଏହି ଭ୍ୟାକସିନ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲାପାଳ ସୋମେସ କୁମାର ଉପଧ୍ୟାୟ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକସ୍ଥାଳୟଅଧିକାରୀ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ମାନେ ଉପସ୍ଥିତ ଥିଲେ ।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଶିକ୍ଷକଙ୍କ ସୁନ୍ଦର ପ୍ରଦର୍ଶନ

ରାୟଗଡ଼ା,୧।୩ (ସମିସ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ହାଇସ୍କୁଲ ପଡିଆରେ ଓଡିଶା ବଡି ବିଲ୍ଡିଂ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଉତ୍କଳ ଶ୍ରୀ ୨୦୨୬ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଗତ ଫେବୃଆରୀ ୨୭ ଓ ୨୮ ଦୁଇଦିନ ଧରି ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ୧୧୦ ଜଣ ଖେଳାଳି ଭାଗ ନେଇଥିଲେ । ପୁରୁଷ ବଡି




ବିଲ୍‌ଡିଂରେ ୯ଟି ବିଭାଗ, ମାଷ୍ଟର ବର୍ଗରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ବିଭାଗରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ସେଥିରେ ରାୟଗଡା ଜିଲ୍ଲାର କଲ୍ୟାଣ ବିଭାଗର ଶିକ୍ଷକ ରାମଚନ୍ଦ୍ର ସେନାପତି ଚତୁର୍ଥ ସ୍ଥାନ ଅଧିକାର କରି ରାୟଗଡା ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି । ଅଦ୍ୟାବଧି ଏରେ ଅର୍ଦ୍ଧଶତକ ହାସଲ କରିସାରିଲେଣି ୫୦ ବର୍ଷୀୟ ଶିକ୍ଷକ ରାମଚନ୍ଦ୍ର । ରାୟଗଡ଼ା ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରି ରାଜ୍ୟର ଅନେକ ସ୍ଥାନରେ ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି ରାମଚନ୍ଦ୍ର । କୌଣସି ବଡ଼ ଇଭେଣ୍ଟରେ ନିଜର ଶେଷ୍ଠତ୍ୱ ପ୍ରତିପାଦନ କରିପାରିନଥିଲେ ମଧ୍ୟ ନିଜର ନାଚୁରାଲ ବଡିବିଲଡିଂ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରହିବା ଯୁବ ସମାଜ ପାଇଁ ପ୍ରେରଣାଦାୟକ ବୋଲି ଆୟୋଜକ ମାନେ କହିଥିଲେ । ରାମଚନ୍ଦ୍ର ବଡି ବିଲଡିଂ କରିବା ସହ ସେ ଜଣେ ପରିବେଶ ଓ ପଶୁପକ୍ଷୀ ପ୍ରେମୀ ମଧ୍ୟ ଅଟନ୍ତି ।

# ଅଦିନିଆ ରଥଯାତ୍ରା ପ୍ରତିବାଦରେ ଜିଲ୍ଲାସ୍ତରୀୟ ସଭା



ପାପଡାହାଣ୍ଡି,୧।୩ (ସମିସ): ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ପକ୍ଷରୁ ଅଦିନିଆ ରଥଯାତ୍ରା ପ୍ରତିବାଦ ରେ ନବରଙ୍ଗପୁର ଜିଲ୍ଲା ସ୍ତରୀୟ ସଭା ଆଜି ଶ୍ରୀ ଜଗନ୍ନାଥ ମନ୍ଦିର, ମୈଦଲପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଗତ ଓ ଅତିଥି ପରିଚୟ ଦକ୍ଷିଣପଶ୍ଚିମାଞ୍ଚଳ ସମ୍ପାଦକ ଶ୍ରୀ ରବୀନ୍ଦ୍ରନାଥ ପରିଡା କରିଥିଲେ । ସେ ଉପସ୍ଥିତ ଅତିଥିମାନଙ୍କ ସଂଗଠନ ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ । ତାଙ୍କ ଉଦ୍‌ବୋଧନରେ ଜଗନ୍ନାଥ ଚେତନାକୁ ଜନମନରେ ପହଞ୍ଚାଇବା ଓ ପାରମ୍ପରିକ ପୂଜା ବିଧିକୁ ଅକ୍ଷୁଣ୍ଣ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିବରଣୀ ପାଠ ଜିଲ୍ଲା ସମ୍ପାଦକ ସୁଶାନ୍ତ କୁମାର ସାହୁ କରିଥିଲେ । ସେ ଅଦିନିଆ ରଥଯାତ୍ରା ପ୍ରତିବାଦରେ ଜଗନ୍ନାଥ ଚେତନାର ପ୍ରଚାର ଓ ପୂଜା ବିଧିର ସଠିକ୍ ପାଳନ ସମ୍ପର୍କରେ ବିସ୍ତୃତ ମତ ପ୍ରକାଶ କରିଥିଲେ । ଜିଲ୍ଲା ସଭାପତି ଶ୍ରୀ ଦାମୋଦର ବିଷୋୟୀ ସଭାକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ରାଧେଶ୍ୟାମ ପଣ୍ଡା ତାଙ୍କ ଉଦ୍ବୋଧନରେ ଅଦିନିଆ ରଥଯାତ୍ରା ପ୍ରତିବାଦର ଆବଶ୍ୟକତା, ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ଜଗନ୍ନାଥ ଚେତନାକୁ ସମାଜର ପ୍ରତ୍ୟେକ ସ୍ତରକୁ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାସହ ମନ୍ଦିର ପରିଚାଳନା ସଦସ୍ୟ ମାନେ ଉକ୍ତ ଅସମ୍ପୂର୍ଣ୍ଣ ମନ୍ଦିରକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ ଓ ଏହାକୁ ଏକ ଆଦର୍ଶ ଧାର୍ମିକ କେନ୍ଦ୍ରରେ ପରିଣତ କରିବାକୁ ସମୁହିକ ପ୍ରୟାସର ଆହ୍‌ୱାନ କରିଥିଲେ । ଜିଲ୍ଲା ସଭାପତିଙ୍କ ଦ୍ୱାରା ମୁଖ୍ୟ ଅତିଥି ଶ୍ରୀ ପଣ୍ଡା, ଅଞ୍ଚଳ ସମ୍ପାଦକ ଶ୍ରୀ ପରିଡା, ଜଗନ୍ନାଥ ମନ୍ଦିର ମଇଦଲପୁର ଉପସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ ଓ ନୂତନ ଆଜୀବନ ସଦସ୍ୟ ଶ୍ରୀ ସହଦେବ ବିଷୋୟୀଙ୍କୁ ଉପଢ଼ୌକନ୍ ସହ ପୁଷ୍ପଗୁଚ୍ଛ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସନ୍ତୋଷ କୁମାର ପାଣିଗ୍ରାହୀ, ନିର୍ମଳ ବିଷୋୟୀ, ସନ୍ତୋଷ କୁମାର ସାହୁ, ତପନ କୁମାର ପଣ୍ଡା, ପ୍ରଦୀପ ସୁନ ସହଯୋଗ କରିଥିଲେ !"ସଭାରେ ଆଜୀବନ ସଦସ୍ୟ ଶ୍ରୀ ଜଗନ୍ନାଥ ନାୟକ, ଶ୍ରୀ ବେଣୀମାଧବ ବିଷୋୟୀ, ଶ୍ରୀ ଚକ୍ରଧର ପଣ୍ଡା, ଶ୍ରୀ ଧର୍ମେନ୍ଦ୍ର ବିଷୋୟୀ, ଶ୍ରୀ ତ୍ରିନାଥ ପଣ୍ଡା, ଶ୍ରୀ ବୃନ୍ଦାବନ ବିଷୋୟୀ, ଶ୍ରୀ ବାଳକୃଷ୍ଣ ବିଷୋୟୀ ସହ କୈଳାଶ ବିଷୋୟୀ,କିଶୋର ବିଷୋୟୀ ଅନ୍ୟାନ୍ୟ ଜଗନ୍ନାଥ ପ୍ରେମୀମାନେ ଉପସ୍ଥିତ ଥିଲେ । ଶେଷରେ ଆଜୀବନ ସଦସ୍ୟ ଶ୍ରୀ ପର୍ଶୁରାମ ବିଷୋୟୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ସପ୍ତମ ସାଗରବେଳା ମହୋତ୍ସବ ଉଦ୍‌ଘାଟିତ

# 'ସମନ୍ୱୟ ରହିଲେ ବିକଶିତ ରାଜନଗର ସ୍ୱପ୍ନ ସାକାର ହେବ'

ରାଜନଗର,୧।୩(ସମିସ)



ପେଣ୍ଠ ବେଳାଭୂମିରେ ସପ୍ତମ ସାଗରବେଳା ମହୋତ୍ସବ ଆରମ୍ଭ ହୋଇଛି। ଶିକ୍ଷାବିତ ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ରାଜନଗରରେ ପ୍ରତିଭାର ଅଭାବ ନାହିଁ, ମାତ୍ର ପ୍ରତିଭା ବିକାଶ ମାଧ୍ୟମରେ ଶେଷ ଧାଡ଼ିରେ ଠିଆ ହୋଇଥିବା ଲୋକଟି ମୁହଁରେ ହସ ଫୁଟାଇ ପାରିଲେ, ସୁନ୍ଦର ରାଜନଗର ଗଢ଼ିଉଠିବ। ସାଗରବେଳା ମହୋତ୍ସବ ରାଜନଗରର ଐତିହ୍ୟ, ସଂସ୍କୃତି ଓ ଲୋକକଥାକୁ ଲୋକ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡଃ ବାସୁଦେବ ଦାଶ ଯୋଗଦେଇ ରାଜନଗର ପ୍ରକୃତିର ଭୂସ୍ୱର୍ଗ। ଏଠି ଉତ୍ତର ପିଢ଼ିଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଅପେକ୍ଷାରତ। ତେଣୁ ପିଢ଼ି ପିଢ଼ି ମଧ୍ୟରେ ସମନ୍ୱୟ ଗଢି ପାରିଲେ ବିକଶିତ ରାଜନଗର ପରିକଳ୍ପନାର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ବରେଣ୍ୟ ବକ୍ତା ଭାବେ ଯୋଗଦେଇ ବ୍ରହ୍ମା ଅବଧୂତ ସୁବ୍ରତବାବା ବିଶ୍ୱକଲ୍ୟାଣ ପାଇଁ କାମନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ପ୍ରତିଭା ପାତ୍ର, ଅବସରପ୍ରାପ୍ତ ପ୍ରଶାସକ ଡଃ କେଳୁଚରଣ ସ୍ୱାଇଁ, ଜିଏସଟି କମିଶନର ଡଃ ପଦ୍ମଲୋଚନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ମାଧ୍ୟମରେ ଅଞ୍ଚଳର ବିକାଶ ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। ମହାସଚିବ ପ୍ରଫେସର ସତ୍ୟବାଦୀ ଜେନା ବିବରଣୀ ପାଠ କରିଥିଲେ। ଡଃ ଧରଣୀଧର ରାଉତ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଭଗବତୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷାବିତ ଅନୀଲ ବଳ ସଂଯୋଜନା କରିଥିଲେ। ସମ୍ବାଦିକତା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଥିବା ରାଜନଗରର ଯୁବ ସାମ୍ବାଦିକ ତାପସ ପତିଡା ଓ ବୋଲଗୋବିନ୍ଦ ଜେନା, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ବଳ, ବିଷ୍ଣୁଚରଣ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଭିନ୍ନ ସ୍ୱାଇଁ, କୈଳାସ ମହାନ୍ତି, ସୁରେଶ ନରେନ୍ଦ୍ର, ସାତାକାନ୍ତ ରାଉଳ, ଅଭୟ ପ୍ରଧାନ, ଗଗନ ସ୍ୱାଇଁ, ସମିରଣ ମଣ୍ଡଳ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ସୈନିକ ଅନୁଧାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ହଂସୁଆ କଳା ପରିଷଦ ଓ ବଳଦେବଜୀଉ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା।

## ରାଜବାଟିରେ ଦୋଳ ମେଳଣ



ପଟ୍ଟାମୁଣ୍ଡାଇ,୧।୩(ସମିସ): ଡେରାବିଶ ବ୍ଲକ ରଘୁଦେବପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଥିବା ରାଜାଙ୍କ ରାଜବାଟିରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗ୍ରାମରେ ଥିବା ରାଧାକାନ୍ତଜୀଉ ମନ୍ଦିରର ବାବା ଦୟାନିଧି ରାମ ଦାସଙ୍କ ତତ୍ତ୍ୱାବଧାନରେ ଏହି ମେଳଣ ଅନୁଷ୍ଠିତ ହୋଇଥିବାବେଳେ ପୂଜକ ରାଧାଶ୍ୟାମ କର ରାଜା ଓ ରାଣୀଙ୍କ ପୂଜା କରିଥିଲେ। ୩ ତାରିଖ ଦିନ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଆଜି ଏହି ମେଳା ଅପରାହ୍ନ ତିନିଟା ବେଳେ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ମଧ୍ୟରେ ଶେଷ ହୋଇଥିଲା। ଏହି ମେଳଣରେ ପ୍ରଥମେ ରାଧାକାନ୍ତଜୀଉ, ଡେରାବିଶରୁ ଆସିଥିବା ଲକ୍ଷ୍ମୀ ଠାକୁରାଣୀଙ୍କ ବିମାନକୁ ଶୋଭାଯାତ୍ରାରେ ଆଣାଯାଇ ପଡ଼ିଆରେ ବସାଇଥିଲେ। ଏହି ମେଳଣରେ ବଜାର ମଠ, ଯୋଗୀ ମଠ, ନାଗା ମଠ, ଚାମ୍ପା ମଠ, ବେଲାରପୁର, କଂସରିପାଟଣା, ଜହଙ୍ଗର, ବାଲିଆ, ଦୁମୁକା ଆଦି ବିମାନ ଯୋଗ ଦେଇଥିଲେ। ଆଜି ରାଜାଙ୍କ ରାଜବାଟିରେ ମେଳଣ ସାରି ଆସନ୍ତାକାଲି ଡେରାବିଶ ମେଳଣରେ ଯୋଗ ଦେବେ। ଆଜି ରାଜ ନଅର ମେଳଣ ପରିଚାଳନାରେ ରମାକାନ୍ତ ମଲ୍ଲିକ, ବିଜୟ ମଲ୍ଲିକ, ହୃଷି ମଲ୍ଲିକ, ସୁବାସ ପାତ୍ର, ମହେଶ୍ୱର ସିଂ, ଅରୁଣ ପତି, ଅକ୍ଷୟ ମଲ୍ଲିକ, ଶୁକଦେବ ମଲ୍ଲିକ, ସୁରେଶ ମଲ୍ଲିକ, ବିଜୟ ସିଂ, ଅଭୟ ସିଂ, ଗୋକଳି ମଲ୍ଲିକ ସହଯୋଗ କରିଥିଲେ।

## ଆଳିରେ ସିରିଜ ଚୋରି

ଆଳି,୧।୩(ସମିସ): ଆଳି ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଏକ ଲୁଟେରା ଗ୍ୟାଙ୍ଗ ଗୋଟିଏ ଗ୍ରାମର ଦୁଇଜଣଙ୍କ ଘରୁ ଚୋରି କରିବା ସହ ଜଣେ ବ୍ୟବସାୟୀଙ୍କ ଘରେ ଓ ଅଫିସରେ ପଶିବା ଘଟଣା ଆଳି ଅଞ୍ଚଳବାସୀଙ୍କୁ ଆତଙ୍କିତ କରିଛି। ଆଳି ଥାନାଠାରୁ ମାତ୍ର ୧ କିଲୋମିଟର ଦୂରରେ ଥିବା ଲୋକାପଡ଼ା ଗ୍ରାମରେ ଲୁଟେରା ଗ୍ୟାଙ୍ଗ ଏଭଳି କାଣ୍ଡ ଭିଆଇଛନ୍ତି। ଲୋକାପଡ଼ା ଗ୍ରାମ ନିବାସୀ ଯୁବ ବ୍ୟବସାୟୀ ସମ୍ବିତ ଦାସଙ୍କ ଘରେ ଓ ଅଫିସରେ ଲୁଟେରା ମୁହଁରେ ମାସ୍କ ଓ ଗାମୁଛା ବାନ୍ଧି ବିଭିନ୍ନ ମାରଣାସ୍ତ୍ର ଧରି ଲୁଟ ଉଦ୍ୟମ କରି ତାଙ୍କ ଘରେ କୁକୁର ଥିବା ଦେଖି ଭୟରେ ଫେରିଆସି ବିଫଳ ହୋଇଥିଲେ। ଗତକାଲି ବିଳମ୍ବିତ ରାତିରେ ଉକ୍ତ ଗ୍ରାମର ମନୋଜ ରାୟଙ୍କ ସପରିବାର ଏକ ବିବାହ ଉତ୍ସବ ନିମନ୍ତେ ଭୁବନେଶ୍ୱର ଯାଇଥିବାବେଳେ ଲୁଟେରା ତାଙ୍କ ଗଡ଼ରେଜ ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟିନେଇଥିବା ଆଳି ଥାନାରେ ଏତଲା ଦେଇଛନ୍ତି। ସେହିପରି ଅବସରପ୍ରାପ୍ତ ଶିକ୍ଷକ ଶରତ ରାୟଙ୍କ ଘରୁ ମଧ୍ୟ ମୂଲ୍ୟବାନ ଆସବାବପତ୍ର ସହ ଅଳଙ୍କାର ଚୋରି ହୋଇଥିବା ଜଣାପଡିଛି। ଆଜି ଦିନତମାମ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଜାରି ରଖିଥିବା ଦେଖିବାକୁ ମିଳିଛି।

## ପୂର୍ବତନ ଜିଲ୍ଲାପାଳ ପଦ୍ମନାଭ ସାମଲଙ୍କ ପରଲୋକ



ମାର୍ଶାଘାଇ,୧।୩(ସମିସ): ମାର୍ଶାଘାଇ ବ୍ଲକ ଦଶିପୁର ମାଟିର ସୁଯୋଗ୍ୟ ସନ୍ତାନ ତଥା ପୂର୍ବତନ ଜିଲ୍ଲାପାଳ ପଦ୍ମନାଭ ସାମଲ(୯୬)ଙ୍କ କଟକ ରାଉତସାହିପାଟଣା ବାସଭବନରେ ପରଲୋକ ଘଟିଛି। ପୁରୀ ଜିଲ୍ଲାପାଳ ଦାୟିତ୍ୱରେ ଥିବା ସମୟରେ ନିଜ ଗ୍ରାମରେ ଶୈବପୀଠ ଉମାମହେଶ୍ୱର ମନ୍ଦିର ପ୍ରତିଷ୍ଠା କରି ପୁରୀ ଠାକୁର ରାଜା ଦିବ୍ୟସିଂହଦେବଙ୍କ କରକମଳରେ ଉଦ୍‌ଘାଟନ କରିଥିଲେ। ନିଜ ଜନ୍ମମାଟି ଦଶିପୁରର ରାସ୍ତାଘାଟ, ବିଦ୍ୟାଳୟ ଉନ୍ନତି ପାଇଁ ସକ୍ରିୟ ସହଯୋଗ କରିଥିଲେ। କଟକ ବାସଭବନରୁ ଦଶିପୁର ବାସଭବନକୁ ମରଶରୀରକୁ ଅଣାଯାଇ ଶେଷ ଦର୍ଶନ ନିମନ୍ତେ ରଖାଯାଇଥିଲା। ପ୍ରାକ୍ତନ ଅଧ୍ୟକ୍ଷ ସୁଶୀଲ ଚୌଧୁରୀ, ସରପଞ୍ଚ ବିକ୍ରମ କେଶରୀ ଦାଶ, ପୀତାମ୍ବର ଦାଶ, ରତ୍ନାକର ଲେଙ୍କା, ଡକ୍ଟର ସୁକାନ୍ତ ସାମଲ, ଅବସରପ୍ରାପ୍ତ ଯନ୍ତ୍ରୀ ନୃସିଂହ ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପରେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ରବିଶଙ୍କର ସାମଲ ମୁଖାଗ୍ନି ଦେଇଥିଲେ।

## ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର

ଆଳି,୧।୩(ସମିସ): ଆଳି ବ୍ଲକ ଅନ୍ତର୍ଗତ ବଡାମ୍ବିଳା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ କଳଦିଆ ଓଡିଶା ଗ୍ରାମୀଣ ବ୍ୟାଙ୍କ ପରିଚାଳକ ଅରୂପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବଡ଼ାମ୍ବିଳା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ବିଜୟ ମହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଦୈନନ୍ଦିନ ଜୀବନରେ ଆର୍ଥିକ ସାକ୍ଷରତାର ଆବଶ୍ୟକତା ସହ ଡିଜିଟାଲ ସାକ୍ଷରତା ଓ ଏହାର ଅନ୍ତର୍ଭୁକ୍ତୀକରଣ ବିଷୟରେ ବିଶେଷ ଭାବେ ବହୁ ଉଦାହରଣ ଦେଇ ବୁଝାଇଥିଲେ। ଓଡିଶା ଗ୍ରାମୀଣ ବ୍ୟାଙ୍କର ଶତାଧିକ ଖାତାଧାରୀଙ୍କ ସହ ମିଶନ ଶକ୍ତିର ଏମବିକେ ଅର୍ଚ୍ଚନା ପରିଡ଼ା, ବ୍ୟାଙ୍କ ମିତ୍ର ବିଦୁଲତା ରାଉତଙ୍କ ସମେତ ସିଆରପି ଓ ଅନ୍ୟ ବରିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ବ୍ୟାଙ୍କ ମିତ୍ର ଶ୍ରୀମତୀ ରାଉତ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୧।୩(ସମିସ): ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଦିଲ୍ଲୀପ ସାମଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଠାକୁରପାଟଣା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ କିରାଣି ଶ୍ରୀ ସାମଲଙ୍କ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଇଓ ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ଖଗେଶ୍ୱର ନାୟକ, ଶଶୀକାନ୍ତ ମିଶ୍ର, ଦେବଦତ୍ତ ଶତପଥୀ, ଡିଇଓ ଅଫିସ ପୂର୍ବତନ ବରିଷ୍ଠ ସହାୟକ ରାଜକିଶୋର ଲେଙ୍କା, ମହିମା ପ୍ରକାଶ ଭୂୟାଁ ଓ ଆଇନଜୀବୀ ବିଶ୍ୱଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବନମାଳୀ ନାୟକ, ରମେଶ ରାଉତ, ଜୟନ୍ତ ପ୍ରଧାନ, ସଞ୍ଜୟ ନାୟକ, ସୁଧୀର ନାୟକ, ନୃସିଂହ ଜେନା, ଜୟନ୍ତ ସ୍ୱାଇଁ, ବିନୋଦ ବିହାରୀ ସାହୁ, ସଚ୍ଚିକାନ୍ତ ବିଶ୍ୱାଳ, ସୁବାସ ପଣ୍ଡା, ତପନ ପରିଡ଼ା, ତ୍ରିଲୋଚନ ମଲ୍ଲିକ ପ୍ରମୁଖଙ୍କ ସମେତ ଡିଇଓ ଅଫିସର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


### ଚିକେନ ବାକି ଦେବାକୁ ମନା କରିବାରୁ

## ଦୋକାନୀଙ୍କ ପେଟରେ ବିୟର ବୋତଲ ଭୁସିଦେଲେ



ଡେରାବିଶ, ୧।୩(ସମିସ): ଚିକେନ ବାକି ଦେବାକୁ ମନା କରିବାରୁ ଦୋକାନୀଙ୍କ ମୁଣ୍ଡକୁ ବିଅର ବୋତଲରେ ପିଟିବା ସହ ପେଟରେ ଭଙ୍ଗା ବିୟର ବୋତଲ ଭୁସିବା ଭଳି ଅଭାବନୀୟ ଘଟଣା ଘଟିଛି। ଚାନ୍ଦୋଳ ଫାଣ୍ଡିଠାରୁ ୫୦୦ ମିଟର ଦୂରରେ ବନ୍ତଲା ପୋଲ ନିକଟରେ ଏହି ଘଟଣା ଘଟିଥିବାବେଳେ ଗୁରୁତର ଅନନ୍ତପୁର ଗ୍ରାମର କାର୍ତ୍ତିକ ମଲିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। କାର୍ତ୍ତିକ ଚାନ୍ଦୋଳ ବଜାରରେ ଏକ ଚିକେନ୍ କାଉଣ୍ଟର କରିଛନ୍ତି। ତାଙ୍କ ଗ୍ରାମର ଦୁଇଜଣ ଯୁବକ ତାଙ୍କୁ ବାକିରେ ଚିକେନ୍ ମାଗିଥିଲେ। ସେ ବାକିରେ ଚିକେନ ଦେବାକୁ ମନା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ କାର୍ତ୍ତିକଙ୍କୁ ବନ୍ତଲା ପୋଲ ଆଡ଼କୁ ଘୋଷାଡ଼ି ନେଇ ସେଠାରେ ଗ୍ରାମର ଅନ୍ୟଜଣେ ଯୁବକଙ୍କ ସହ ମିଶି ତାଙ୍କୁ ମାରଧର କରିଥିଲେ। ପରେ ଏକ ବିଅର ବୋତଲ ଆଣି ତାଙ୍କ ମୁଣ୍ଡରେ ବାଡ଼େଇ ମୁଣ୍ଡକୁ ଫଟାଇବା ସହ ଭଙ୍ଗା ବିଅର ବୋତଲକୁ ତାଙ୍କ ପେଟରେ ଭୁସି ଦେଇଥିଲେ। ପରେ ସେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ପରିବାର ଲୋକ କଟକ ବଡ଼ ମେଡିକାଲ୍‌ରେ ଭର୍ତ୍ତି କରିଥିବା ଜଣାଯାଇଛି। ତେବେ ରିପୋର୍ଟ ଲେଖା ହେଲାବେଳକୁ ଚାନ୍ଦୋଳ ଫାଣ୍ଡି ପୁଲିସ୍ ଅଭିଯୋଗକୁ ଗ୍ରହଣ କରିଥିବାବେଳେ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ତଦନ୍ତ ଆରମ୍ଭ କରିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜରେ ବିଜ୍ଞାନ ଦିବସ



ପଟ୍ଟାମୁଣ୍ଡାଇ,୧।୩(ସମିସ): ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ବିଜ୍ଞାନ ସଂସଦ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ପଦାର୍ଥ ବିଜ୍ଞାନୀ ଓ ନୋବେଲ ବିଜେତା ସାର ସିଭି ରମଣଙ୍କ ଜୀବନୀ ଶୈଳୀକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ଏକ କୁଇଜ ପ୍ରତିଯୋଗିତା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନର ବିଭିନ୍ନ ବିଭାଗର ଅଧିକାଂଶ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟ ଓ ଗଣିତ ବିଭାଗ ମୁଖ୍ୟ ତଥା ବିଜ୍ଞାନ ସଂସଦ ସହକାରୀ ଉପସଭାପତି ଅଧ୍ୟାପକ ଅରବିନ୍ଦ ପାଣ୍ଡବଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ରସାୟନ ବିଭାଗ ପ୍ରାଧ୍ୟାପକ ଡ ଫକିର ଚନ୍ଦ୍ର ପ୍ରଧାନ ଯୋଗଦେଇ ବୈଜ୍ଞାନିକ ସି.ଭି. ରମଣଙ୍କ ଗବେଷଣାତ୍ମକ ଦିଗ ପ୍ରତି ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଜ୍ଞାନ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ଅତିଥି ପରିଚୟ ପ୍ରଦାନ କରିବା ସହ ଚଳିତ ବର୍ଷ ବିଜ୍ଞାନ ଦିବସର ମୂଳ ତତ୍ତ୍ୱ "ବିଜ୍ଞାନରେ ନାରୀ: ବିକଶିତ ଭାରତର ଅଭିବୃଦ୍ଧି' ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ରସାୟନ ବିଭାଗ ମୁଖ୍ୟ ଡ. ସୁନୀଲ ପ୍ରଧାନ, ଉଦ୍ଭିଦ ବିଭାଗ ମୁଖ୍ୟ ଡ ଅଞ୍ଜଳି ଦାଶ, ପ୍ରାଣୀ ବିଭାଗ ମୁଖ୍ୟ ସରୋଜିନୀ ମିଶ୍ର ବିଜ୍ଞାନ ସମ୍ପର୍କିତ ଆଲୋଚନଚକ୍ର ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବାରେ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଅଧ୍ୟାପକ ଜ୍ୟୋତିରଂଜନ ରାଉତ, କମ୍ପ୍ୟୁଟର ସାଇନ୍ସ ଅଧ୍ୟାପକ ନବଜ୍ୟୋତି ସାହୁ, କମଳଲୋଚନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଯୁବକଙ୍କ ଅକାଳ ବିୟୋଗ

ଡେରାବିଶ, ୧।୩(ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ ବଜାରରେ ଆଜି ଜଣେ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ମୃତକ ଜଣକ ବଗଡ଼ା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ବଟକୃଷ୍ଣ ମଲିକଙ୍କ ପୁଅ ସୁବାସ ଚନ୍ଦ୍ର ମଲିକ (୩୮)। ସୁବାସ ଡାଲା ଅଟୋରେ କଞ୍ଚା କଦଳୀ ବୋଝେଇ କରି ଚାନ୍ଦୋଳ ବଜାରକୁ ଜଣେ ବ୍ୟବସାୟୀଙ୍କ ନିକଟକୁ ବିକ୍ରି କରିବାକୁ ଆଣିଥିଲେ। ଚାନ୍ଦୋଳ ବଜାରରେ ପହଞ୍ଚିବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ ଓ କିଛି ସମୟ ପରେ ଅଚେତ ହୋଇପଡ଼ିଥିଲେ। ବ୍ୟବସାୟୀ ଜଣକ ସୁବାସଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକ ଚାନ୍ଦୋଳ ବଜାରରେ ପହଞ୍ଚି ୧୦୮ ସୁବାସଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଘରେ ପଶି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ମହାକାଳପଡା,୧।୩(ସମିସ): ପାଟଲିପଙ୍କ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁଲତା ବେହେରା ନାମ୍ନୀ ଜଣେ ବିଧବା ମହିଳାଙ୍କ ଘରେ କିଛି ଦୁର୍ବୃତ୍ତ ରାତିରେ ପଶି ମରଣାନ୍ତକ ଆକ୍ରମଣ କରିଛନ୍ତି। ଗତକାଲି ରାତି ପ୍ରାୟ ୨ଟା ସମୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସକାଳେ ଗ୍ରାମର କିଛି ମହିଳା ବିଦ୍ୟୁଲତା ବେହେରାଙ୍କୁ ଗୁରୁତର ଅବସ୍ଥାରେ ଦେଖିଥିଲେ। ସେମାନେ ତତକ୍ଷଣାତ୍ ଥାନାକୁ ସୂଚନା ଦେବା ସହ ଆହତ ମହିଳାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ପଠାଯାଇଥିଲେ। ଏହି ଘଟଣା ପରେ ଗ୍ରାମରେ ଭୟ ଓ ଉତ୍କଣ୍ଠାର ପରିବେଶ ସୃଷ୍ଟି ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ମାର୍ଶାଘାଇ ଥାନା ଅଧିକାରୀ କହିଛନ୍ତି।

## ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ନାମଯଜ୍ଞ

ଡେରାବିଶ,୧।୩(ସମିସ): ଡେରାବିଶ ବ୍ଲକ୍ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ାସ୍ଥ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ନବଦିନାତ୍ମକ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅନୁଆପଡ଼ା ଓ ହରିପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ନାମଯଜ୍ଞ ୧୬ ତାରିଖଠାରୁ ଆରମ୍ଭ ହୋଇ ନଗରଭ୍ରମଣ ସହ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାରୁ ୫୦ରୁ ଅଧିକ କୀର୍ତ୍ତନ ମଣ୍ଡଳୀ ବିଭିନ୍ନ ଦିନ ଯୋଗଦେଇ ସଂକୀର୍ତ୍ତନ ଗାନ କରିଥିଲେ। ଏହି ନାମଯଜ୍ଞରେ ସ୍ଥାନୀୟ ପଞ୍ଚାୟତର ବହୁ ଜନସାଧାରଣ ପ୍ରତ୍ୟହ ଉପସ୍ଥିତ ରହି ନାମଯଜ୍ଞରେ ଅଂଶଗ୍ରହଣ କରି ପ୍ରଭୁକୃପା ଲାଭ କରିଥିଲେ।

### ● ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ

## ବଳଦେବଜୀଉ ମନ୍ଦିରରେ ନୀତି ନିର୍ଘଣ୍ଟ

କେନ୍ଦ୍ରାପଡ଼ା,୧।୩(ସମିସ): ଦୋଳ ପୂର୍ଣ୍ଣିମାରେ କେତୁଗ୍ରସ୍ତ ଚନ୍ଦ୍ର ଗ୍ରହଣ ପଡୁଥିବା ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରରେ ନୀତି ନିର୍ଘଣ୍ଟ କରାଯାଇଛି। ଆସନ୍ତା ୨ ତାରିଖ ସୋମବାର ରାତ୍ର ୧୨ଟା ୪୫ ମିନିଟ୍‌ରେ ପହୁଡ଼ ଖୋଲାଯାଇ ଜୟ ମଙ୍ଗଳା ଆଳତି ନୀତି ସମ୍ପନ୍ନ କରାଯିବ। ପରବର୍ତ୍ତୀ ଭାବେ ବଲ୍ଲଭ ଓ ସକାଳ ଧୂପ ନୀତି କ୍ରମାନୁସାରେ ହେବ। ଏହି ସମୟରେ ପହୁଡ଼ ଖୋଲା ରହିବ ବୋଲି ଜଣାପଡ଼ିଛି। ୩ ତାରିଖ ମଙ୍ଗଳବାର ସନ୍ଧ୍ୟା ୬ଟା ୪୦ ମିନିଟ୍‌ରୁ ୫୦ ମିନିଟ୍ ମଧ୍ୟରେ ଗ୍ରହଣ ସ୍ନାନ ଓ ଭୋଗ ନୀତି ପାଳନ କରାଯିବ। ପରେ ପ୍ରଭୁଙ୍କୁ କୃଷ୍ଣବଳରାମ ବେଶରେ ଅଳଙ୍କୃତ କରାଯିବ ଓ ଅଭୀର ଲାଗି ପରମ୍ପରା ଅନୁଯାୟୀ ଦୋଳ ବେଦୀକୁ ରାଧାକୃଷ୍ଣ ବିଜେ କରିବେ। ଗ୍ରହଣକାଳୀନ ସମସ୍ତ ନୀତିରେ ଶୁଷ୍କ ଦ୍ରବ୍ୟରେ ଭୋଗ ନିବେଦନ କରାଯିବ ବୋଲି ମନ୍ଦିର ବଡ଼ପଣ୍ଡା ମାଧବ ପତ୍ରୀ ସୂଚନା ଦେଇଛନ୍ତି। ଭକ୍ତଙ୍କୁ ନୀତି ନିଘଣ୍ଟ ଅନୁସରଣ କରି ଦର୍ଶନ ଓ ପୂଜାରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଦୋଳ ପୂର୍ଣ୍ଣିମା ଓ ଚନ୍ଦ୍ର ଗ୍ରହଣକୁ ନେଇ ମନ୍ଦିର ପରିସରରେ ଭକ୍ତଙ୍କ ମଧ୍ୟରେ ଧାର୍ମିକ ଉତ୍ସାହ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଶୃଙ୍ଖଳାବଦ୍ଧ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଚାଲିଛି।

## ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସ୍ମୃତିସଭା



ଆଳି,୧।୩(ସମିସ): କଳସପୁର ଗ୍ରାମର ରାଜନେତା ତଥା ଆଳି ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ଅବିଭକ୍ତ ଭୂଇଁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ଧଳଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଧନେଶ୍ୱର ରାଉତ, ଦଶରଥ ମଲ୍ଲିକ, ଜଗନ୍ନାଥ ସେଠୀ, ଶିକ୍ଷାବିତ୍ ଭାବଗ୍ରାହୀ ନନ୍ଦ, ଧରଣୀଧର ବେହେରା, ସନ୍ତୋଷ ବେହୁରିଆ, ସହଦେବ ସିଂ, କବି ଗୋବିନ୍ଦ ନନ୍ଦ, କଳସପୁର ସରପଞ୍ଚ ସୁଧୀର ମଲିକ, ସମାଜସେବୀ ବିଜୟ ମହୀ ପ୍ରମୁଖ ଯୋଗଦେଇ ଦିବଂଗତ ନିତ୍ୟାନନ୍ଦ ଧଳଙ୍କ ସ୍ମୃତିଚାରଣ କରିଥିଲେ। ଆଳିର ପୂର୍ବତନ ବିଧାୟକ ଡାକ୍ତର ଦିବାକର ନାଥଶର୍ମାଙ୍କ ସହଯୋଗରେ ଆଳିର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଆଳିର ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଅପୂରଣୀୟ କ୍ଷତି ହେଲା ବୋଲି ମତ ପ୍ରକାଶ ପାଇଥିଲା।

## ହିମାଂଶୁ ପ୍ରଧାନ ମହାକାଳପଡ଼ା ଆତ୍ମା ଅଧ୍ୟକ୍ଷ



ମହାକାଳପଡ଼ା, ୧।୩ (ସମିସ): ମହାକାଳପଡ଼ା ବ୍ଲକ୍ କୃଷି ଓ ଚାଷୀ ଉନ୍ନୟନ କାର୍ଯ୍ୟକଳାପକୁ ଗତିଶୀଳ କରିବା ଲକ୍ଷ୍ୟରେ ଗଠିତ ଜିଲ୍ଲା ଆତ୍ମା କମିଟି ଅଧୀନ ବ୍ଲକ୍‌ସ୍ତରୀୟ କମିଟି ଅଧ୍ୟକ୍ଷ ଭାବେ ହିମାଂଶୁ ଶେଖର ପ୍ରଧାନ ନିର୍ବାଚିତ ହୋଇଛନ୍ତି। କମିଟିର ୨୫ ଜଣ ସଦସ୍ୟଙ୍କ ମଧ୍ୟରୁ ୨୨ ଜଣ ସଦସ୍ୟଙ୍କ ପୂର୍ଣ୍ଣ ସମର୍ଥନରେ ଶ୍ରୀ ପ୍ରଧାନ ଅଧ୍ୟକ୍ଷ ପଦକୁ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନ ପରେ ବ୍ଲକ୍‌ର ଚାଷୀ ଖୁସି ପ୍ରକଟ କରିଛନ୍ତି। ହିମାଂଶୁ ପ୍ରଧାନ କୃଷି ପ୍ରଯୁକ୍ତି ପ୍ରଚାର, ଚାଷୀ ପ୍ରଶିକ୍ଷଣ ଓ ସରକାରୀ ଯୋଜନାକୁ ଗ୍ରାମ ସ୍ତରରେ ପହଞ୍ଚାଇବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## ମଣ୍ଡଳସ୍ତରୀୟ ଶିକ୍ଷକ, ଅଭିଭାବକଙ୍କ ପ୍ରଶିକ୍ଷଣ ଶିବିର

ମହାକାଳପଡ଼ା,୧।୩(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତର ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିକ୍ଷକ, ଅଭିଭାବକ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ପିଲା କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେ ସମ୍ପର୍କରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଦଳାଇ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଚକ୍ରଧର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆରସିସି ନମିତା ରଥ, ଭିନ୍ନକ୍ଷମ ବିଭାଗର ଜିଲ୍ଲା ସଂଯୋଜକ ରାଜଲକ୍ଷ୍ମୀ ରାଉତ, ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳ, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡ଼ା, ସହାୟକ ଉମାକାନ୍ତ ନାୟକ, ସମ୍ବଳ ଶିକ୍ଷକ ଗୀତାଞ୍ଜଳି ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୫୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସନ୍ତୋଷ ଲେଙ୍କା, ଅଜୟ ରାଉତ, ଜୟନ୍ତୀ ଖଟୁଆ, ସତୀଶ ରାଉତରାୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ



ମହାକାଳପଡ଼ା,୧।୩(ସମିସ): ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ମହାକାଳପଡ଼ା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମହାକାଳପଡ଼ା ଥାନା ଅନ୍ତର୍ଗତ ବାରଡାଙ୍ଗ ଗ୍ରାମର ପୀଡ଼ିତାଙ୍କ ବାପା ମହାକାଳପଡ଼ା ଥାନାରେ ଦେଇଥିବା ଏତଲା ଅନୁଯାୟୀ ତାଙ୍କ ନାବାଳିକା ଝିଅକୁ ତନ୍ତିଆପାଳ ଥାନା ଅଧୀନ ପୋଟିଆ ଗ୍ରାମର ପ୍ରଦୀପ୍ତ ମଲିକ (୨୦) ତାଙ୍କ ବାରଡାଙ୍ଗସ୍ଥ ମାମୁଁଙ୍କ ଘରକୁ ଆସି ରୁହନ୍ତି। ପ୍ରଦୀପ୍ତ ନାବାଳିକା ପୀଡିତାକୁ ବାରମ୍ବାର ପ୍ରେମ ନିବେଦନ କରିଥିଲେ। ନାବାଳିକା ବାରମ୍ବାର ମନା କରିବା ପରେ ଅଭିଯୁକ୍ତ ତାଙ୍କୁ ଯୌନ ଶୋଷଣ କରିବାକୁ ସୁଯୋଗ ଖୋଜୁଥିଲେ। ଜାନୁଆରୀ ୨୬ ତାରିଖ ରାତି ପ୍ରାୟ ୧୨ଟାରେ ନାବାଳିକା ପଦାକୁ ଉଠିଥିବା ସମୟରେ ଅଭିଯୁକ୍ତ ହଠାତ୍ ନେଇ ଦୁଷ୍କର୍ମ କରିଥିଲା। ଏ ନେଇ ପରଦିନ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ପକ୍‌ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୁଲିସ ପ୍ରଦୀପ୍ତକୁ ଗିରଫ କରିଥିବା ଏସଆଇ ତପସ୍ୱିନୀ ବିଶ୍ୱାଳ ସୂଚନା ଦେଇଛନ୍ତି।

### ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର ଅଭିଯାନ

## ପ୍ରଥମ ପର୍ଯ୍ୟାୟରେ ୮ ଶିଶୁ ଉଦ୍ଧାର

କେନ୍ଦ୍ରାପଡ଼ା,୧।୩(ସମିସ)

କେନ୍ଦ୍ରାପଡ଼ା ସଦର ପୁଲିସ ପକ୍ଷରୁ ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଛି। ଆଜି ପ୍ରଥମ ପର୍ଯ୍ୟାୟରେ ଦୁହୁରିଆ, ଜମଧର ଓ ଶ୍ୟାମସୁନ୍ଦରପୁର ପ୍ରଭୃତି ଅଞ୍ଚଳରେ ଥିବା ହୋଟେଲ ଓ ଗ୍ୟାରେଜ୍ ଉପରେ ଚଢ଼ଉ କରାଯାଇ ୮ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଶିଶୁଙ୍କୁ ପୁଲିସ ପକ୍ଷରୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଛି। ତେବେ ପୁଲିସ ଚଢ଼ଉ ପରେ କିଛି ଶିଶୁଙ୍କ ଅଭିଭାବକ ଗରାପୁରସ୍ଥ ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ ପହଞ୍ଚି ହୋହାଲ୍ଲା କରିଥିଲେ। ସେମାନେ କୌଣସିମତେ ପିଲାମାନଙ୍କୁ ନେଇଯିବା ପାଇଁ ଉଦ୍ୟମ ମଧ୍ୟ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ପିଲାମାନେ ଶିଶୁ ଶ୍ରମିକ ନୁହଁନ୍ତି। ବରଂ କିଛି ଜରୁରୀ ସାମଗ୍ରୀ କିଣିବା ପାଇଁ ଦୋକାନକୁ ଯାଇଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ଆଣିଥିବା ଦାବି କରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଏ ସମ୍ପର୍କରେ ପୁଲିସ ପକ୍ଷରୁ କୁହାଯାଇଛି ଯେ, ଆଖପାଖରେ ଥିବା ସିସିଟିଭି କ୍ୟାମେରାର ଯାଞ୍ଚ ହେଲେ ସତ୍ୟାସତ୍ୟ ସ୍ପଷ୍ଟ ହେବ। ପୁଲିସର ଏହି ମତ ପରେ ଅଭିଭାବକ ଛତ୍ରଭଙ୍ଗ ଦେଇଥିଲେ। ଶିଶୁ ମଙ୍ଗଳ ସମିତି ପକ୍ଷରୁ କୁହାଯାଇଛି ଯେ ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଶିଶୁମାନଙ୍କ ଶିକ୍ଷା ଓ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଏହି ଅଭିଯାନକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ଜଣାପଡ଼ିଛି।

# ଦକ୍ଷତା ବିକାଶ ମନ୍ତ୍ରାଳୟ ଦ୍ୱାରା ରାଜ୍ୟସ୍ତରୀୟ କର୍ମଶାଳା

ଅନୁଗୋଳ,୧।୩(ସମିସ):

କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଉଦ୍ୟମିତା ମନ୍ତ୍ରାଳୟ ଅଧୀନ ରାଜ୍ୟର ସମସ୍ତ ଜନ ଶିକ୍ଷଣ ସଂସ୍ଥାନକୁ ନେଇ ଦୁଇଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଜେଏସ୍‌ଏସ୍ ଅନୁଗୋଳର ଉପାଧ୍ୟକ୍ଷା ସଙ୍ଗୀତା ମହାନ୍ତି ସମସ୍ତ ଜିଲ୍ଲାର ଜେଏସ୍‌ଏସ୍ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ପୂର୍ବ ପ୍ରାଶାସନିକ ଅଧିକାରୀ ହେମନ୍ତ କୁମାର ଦାଶ ପ୍ରଥମ ଦିବସରେ ଓଡ଼ିଶାର ସମସ୍ତ ଜେଏସ୍‌ଏସ୍ କାର୍ଯ୍ୟକର୍ତ୍ତାଙ୍କୁ ଦକ୍ଷତା, ସାଧାରଣ ପ୍ରଶାସନ, ନେତୃତ୍ୱ, ସମୟାନୁବର୍ତ୍ତିତା, ଯୋଗାଯୋଗ, ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସର



ପ୍ରଥମ ସତ୍ରରେ ଆଭାସୀ ମାଧ୍ୟମରେ ଜେଏସ୍‌ଏସ୍ ଅଧ୍ୟକ୍ଷା ଗାୟତ୍ରୀ ହରିହର ଆୟର ଯୋଗଦେଇଥିଲେ। ମନ୍ତ୍ରାଳୟ ପକ୍ଷରୁ ଡେପୁଟି ସେକ୍ରେଟାରୀ ଇନ୍ଦୁଭୂଷଣ ଲେଙ୍କା ଓଡ଼ିଶାର ସମସ୍ତ ଜେଏସ୍‌ଏସ୍ କାର୍ଯ୍ୟଶୈଳୀ ପରିମାର୍ଜିତ କରିବା ପାଇଁ ଉପଦେଶ ଦେଇଥିଲେ। ଉଦଯାପନୀ ଉତ୍ସବରେ ଢେଙ୍କାନାଳ ସାଂସଦ ତଥା ଲୋକସଭାର ଶ୍ରମ, ବୟନଶିଳ୍ପ, ଦକ୍ଷତା ବିକାଶ ସଂସଦୀୟ ସ୍ଥାୟୀ ସମିତି ସଦସ୍ୟ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଏବଂ ମନ୍ଦିର ପରିଚାଳନା ସମିତି ସଦସ୍ୟ ତଥା ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ପଣ୍ଡିତ ମହେଶ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଓଡ଼ିଶାର ସମସ୍ତ ଜନଶିକ୍ଷଣ ସଂସ୍ଥାନର ହିତାଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ସମାଗ୍ରୀ ପରିଦର୍ଶନ କରିଥିଲେ। ଜେଏସ୍‌ଏସ୍, ଅନୁଗୋଳ ନିର୍ଦ୍ଦେଶକ ସୌରୀରଞ୍ଜନ ପଣ୍ଡା ଏବଂ ସହକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଏମଡିସି କମ୍ପାନୀ ବୋର୍‌ୱେଲକୁ ନେଇ ଆଲୋଚନା ବିଫଳ

ଛେଣ୍ଡିପଦା,୧।୩(ସମିସ): ଛେଣ୍ଡିପଦା ବନାଞ୍ଚଳ ମାରୁଡ଼ିପ ସଂରକ୍ଷିତ ଜଙ୍ଗଲରେ ବୋରୱେଲ ସର୍ଭେକୁ ନେଇ ପୁଲିସ ଉପସ୍ଥିତିରେ କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ ବିଫଳ ହେବା ସହ ଜଙ୍ଗଲରେ



ବୋରୱେଲ ସର୍ଭେ କରାଇଦେବେ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ। କୁଡ଼ାନାଳୀ-ଲୁବୁରୀ କୋଇଲା ଖଣି ପାଇଁ ଜିଏମଡିସି କମ୍ପାନୀ ପକ୍ଷରୁ ସଂରକ୍ଷିତ ଜଙ୍ଗଲରେ କୋଇଲା ସର୍ଭେ ପାଇଁ ୪୪ଟି ବୋରୱେଲ ଖୋଳିବାକୁ ଉଦ୍ୟମ ଚାଲିଛି। ମାରୁଡ଼ିପ ସଂରକ୍ଷିତ ଜଙ୍ଗଲରେ କମ୍ପାନୀ ପକ୍ଷରୁ ବୋର ମେସିନ ନେଇ ଗାଁରେ ପହଞ୍ଚିବା ଦିନଠାରୁ ବୋରୱେଲ ଖୋଳିବାକୁ ନେଇ ଉତ୍ତେଜନା ଲାଗି ରହିଛି। ଗ୍ରାମବାସୀଙ୍କ ତୀବ୍ର ବିରୋଧ ଯୋଗୁଁ ବୋର ସର୍ଭେ ହୋଇ ପାରୁନାହିଁ। ଶୁକ୍ରବାର ଛେଣ୍ଡିପଦା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ବନବିଭାଗ, କମ୍ପାନୀ ଅଧିକାରୀ ଓ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ କୌଣସି ନିଷ୍କର୍ଷ ନ ବାହାରିବାରୁ ଶନିବାର ଗ୍ରାମ କୋଠଘରେ ପୁନର୍ବାର ବୈଠକ ହୋଇଥିଲା। ପୁଲିସ, ଗ୍ରାମବାସୀ ଓ କମ୍ପାନୀ କର୍ମଚାରୀଙ୍କ ଉପସ୍ଥିତିରେ ଗ୍ରାମବାସୀ ଜଙ୍ଗଲରେ ବୋରୱେଲ ଖନନ ଓ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ କରିବା ସହିତ ଜଙ୍ଗଲରେ ବୋର ସର୍ଭେ କରେଇଦେବେ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଫଳରେ ପୁଲିସ ଓ କମ୍ପାନୀ ଅଧିକାରୀ ଫେରିଯାଇଥିଲେ।

## ଥାନାଛକ ଟ୍ରାଫିକ ସିଗ୍ନାଲ ଲାଇଟ ଉଦଘାଟିତ

ଅନୁଗୋଳ,୧।୩(ସମିସ): ଶନିବାର ସନ୍ଧ୍ୟାରେ ଅନୁଗୋଳ ଥାନା ଛକ ଟ୍ରାଫିକ ସିଗ୍ନାଲ ଲାଇଟ ବ୍ୟବସ୍ଥାକୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉଦଘାଟନ କରିଛନ୍ତି।



ଉଦଘାଟନୀ ସମାରୋହରେ ନଗରପାଳ ଅକ୍ଷୟ ସାମନ୍ତ, ଜିଲ୍ଲାପାଳ ଅବଦାଲ ଏମ ଅଖତର, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସପି ରାହୁଲ ଜୈନ, ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା, ଅନୁଗୋଳ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଦ୍ୟୁତିକ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା ପାଇଁ ନାଲକୋ ସିଏସଆର ପାଣ୍ଠିରୁ ୬୭ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ବେଳେ ଅନୁଗୋଳ ପୌରପାଳିକା କାର୍ଯ୍ୟନିର୍ବାହ କରିଥିଲେ। ପୁଲିସ ବିଭାଗ ଏହାକୁ ପରିଚାଳନା କରିବ। ଜାତୀୟ ରାଜପଥ ସମେତ ସହର ଅନ୍ୟାନ୍ୟ ମୁଖ୍ୟ ଛକରେ ନାଲକୋ ଦ୍ୱାରା ଆଗକୁ ଏଭଳି ଟ୍ରାଫିକ ସିଗ୍ନାଲ ଲାଇଟ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

## ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ସମାବେଶ

ଅନୁଗୋଳ,୧।୩(ସମିସ): ବାସନ୍ତୀ ପାଠାଗାର ପରିସରରେ ଅନୁଗୋଳ ଢେଙ୍କାନାଳ ଜିଲ୍ଲାର ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ବାର୍ଷିକ ସମାବେଶ ରବିବାର ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଡାକ ଡିଭିଜନ ସୁପରିନଟେଣ୍ଡେଣ୍ଟ ଜମ୍ବେଶ୍ୱର ଗଡ଼ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ପ୍ରତି ଡାକ ବିଭାଗରେ ଲାଗୁ ହେଉଥିବା ଲାଭଜନକ ପଲିସି ଏବଂ ଗ୍ରାହକଙ୍କୁ



ଉତ୍ତମ ସେବା ଦେବା ପାଇଁ କିଭଳି ଉଦ୍ୟମ କରାଯାଉଛି ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ସୁପରିନଟେଣ୍ଡେଣ୍ଟ ଜୀବନ ସାହୁ, ବିଜୟ କୁମାର ଦାସ, ପ୍ରିୟବ୍ରତ ପଟ୍ଟନାୟକ, ପୂର୍ବତନ ସହକାରୀ ନିର୍ଦ୍ଦେଶକ ବାଳକୃଷ୍ଣ କର, ଡାକ ନିରୀକ୍ଷକ ଧରଣୀଧର ପ୍ରଧାନ ଏବଂ ସିଷ୍ଟମ୍ ଆଡମିନିଷ୍ଟ୍ରେଟର ସରୋଜ କୁମାର ମହାପାତ୍ର ଯୋଗଦେଇ ପୂର୍ବ ଡାକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋକପାତ କରିଥିଲେ। ସରୋଜ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ମା'ମାନେ ସଚେତନ ହେଲେ ନିଶାମୁକ୍ତ ଭାରତ ସଫଳ ହେବ



ଅନୁଗୋଳ,୧।୩(ସମିସ): ସାମାଜିକ ସଂଗଠନ "ସ୍ପନ୍ଦନ' ତରଫରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆଠମଲ୍ଲିକ ବ୍ଲକ ପାଇକସାହି ବିଡ଼ିସିଙ୍ଘ ବାସୁ ଗ୍ରାମ କୋଠଘରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ ଏହାକୁ ଉଦଘାଟନ କରିବା ସହିତ ପ୍ରଚେଷ୍ଟା ଜାରିରଖିଲେ ଆମେ ନିଶାମୁକ୍ତ ହୋଇପାରିବା ବୋଲି କହିଥିଲେ। ନିଶା ସେବନ ଦ୍ୱାରା ଆମ ଦେଶରେ ପ୍ରତିଦିନ ପ୍ରାୟ ୩୩୬ ଜଣଙ୍କ ଜୀବନ ଯାଉଛି। ତେଣୁ ସରକାର କେବଳ ରାଜସ୍ୱ ଆଦାୟରେ ବ୍ୟସ୍ତ ନ ହୋଇ ଏହି ମୂଲ୍ୟବାନ ଜୀବନ ଯେପରି ରକ୍ଷାପାଇବ ସେଥିପାଇଁ ଦୃଷ୍ଟି ଦେବାକୁ ଉତ୍କଳ ସମ୍ମିଳନୀ, ଅନୁଗୋଳର ସଦସ୍ୟ ଶ୍ରୀକାନ୍ତ ସାହୁ ଅନୁରୋଧ କରିଥିଲେ। ସମାଜସେବୀ ଲିପିକା ମହାପାତ୍ର ନାରୀମାନଙ୍କ ମିଳିତ ଉଦ୍ୟମ ଏବଂ ସହଯୋଗ ଦ୍ୱାରା ନିଶାମୁକ୍ତ ଭାରତ ଅଭିଯାନ ସଫଳ ହୋଇପାରିବ ବୋଲି ଦୃଢ଼ ଆଶା ବ୍ୟକ୍ତ କରିଥିଲେ। ଗ୍ରାମ ସଭାପତି ଭୁବନ ବେହେରା, ସଦସ୍ୟ ସୁରେଶ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ନିଶାମୁକ୍ତ ଭାରତ ସଫଳତାର ବିଭିନ୍ନ କାରଣ, ନିରାକରଣ ବିଷୟରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭୁ ଶତପଥୀ ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମ୍‌ବିକେ ରଜନୀ ବାଘ, ସସ୍ମିତା ସାହୁ, ବବିତାରାଣୀ ମହାନ୍ତି ସହଯୋଗ କରିଥିଲେ। ଶିଶିର କୁମାର ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ପତାକା ବ୍ୟବହାର ସମ୍ପର୍କିତ ସଚେତନତା

ଅନୁଗୋଳ,୧।୩(ସମିସ): ଜାତୀୟ ପତାକାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଜାତୀୟ ପତାକାକୁ ଭଲପାଇବା, ସମ୍ମାନ ଦେବା ଓ ଏହାପ୍ରତି ଆନୁଗତ୍ୟ ଦେଖାଇବା ଉଚିତ। ଜାତୀୟ ସମ୍ମାନ ନିୟମ ୧୯୭୧ ଅନୁଯାୟୀ ଜାତୀୟ ପତାକାକୁ ଅସମ୍ମାନ କଲେ ଆଇନ ଅନୁଯାୟୀ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ସେହିପରି ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ-୨୦୦୨ ଅନୁଯାୟୀ ଏହାର ବ୍ୟବହାର ସଠିକ୍ ଭାବେ କରାଯିବା ଉଚିତ। ଜାତୀୟ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ମହାକୁମ୍ଭ ସମୟରେ ପ୍ଲାଷ୍ଟିକ୍ ଜାତୀୟ ପତାକା ପରିବର୍ତ୍ତେ କାଗଜରେ ତିଆରି ଜାତୀୟ ପତାକା ବ୍ୟବହାର କରାଯିବା ଉଚିତ। ଏ ସବୁ କାର୍ଯ୍ୟକ୍ରମ ସମୟରେ ଜନସାଧାରଣ ବ୍ୟବହାର କରୁଥିବା କାଗଜ ତିଆରି ଜାତୀୟ ପତାକାକୁ ଏଣେତେଣେ ପଡ଼ିଆରେ ପକାଇଥାନ୍ତି, ଯାହାକି ଜାତୀୟ ପତାକାକୁ ଅସମ୍ମାନ ଅଟେ। ସରକାରଙ୍କ ବିନା ଆଦେଶରେ ଜାତୀୟ ପତାକାକୁ ଅର୍ଦ୍ଧନମିତ ଭାବେ ଉଡ଼ାଇବା ଅନୁଚିତ୍। ଜାତୀୟ ପତାକାକୁ ପୋଷାକ ପରିଚ୍ଛେଦ, ୟୁନିଫର୍ମ, କୌଣସି ପ୍ରକାର ଗଦି, ରୁମାଲ, ଗାମୁଛାରେ ବ୍ୟବହାର କରାଯାଇପାରିବ ନାହିଁ। ଜାତୀୟ ପତକା ଉପରେ କୌଣସି ଲେଖା ଲେଖି କରିବା ଅନୁଚିତ। ଜାତୀୟ ପତାକା ଉତ୍ତୋଳନ ପୂର୍ବରୁ ପତାକା ମଧ୍ୟରେ କେବଳ ଫୁଲ ପାଖୁଡ଼ା ରଖାଯାଇପାରିବ। ପ୍ରତିମୂର୍ତ୍ତି ଉନ୍ମୋଚନ ସମୟରେ ପ୍ରତିମୂର୍ତ୍ତିକୁ ଆଚ୍ଛାଦିତ କଲାଭଳି ଜାତୀୟ ପତାକା ବ୍ୟବହାର କରାଯାଇପାରିବ ନାହିଁ। ପ୍ରତିମୂର୍ତ୍ତି ସ୍ଥଳରେ ପୃଥକ ଭାବେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇପାରିବ। ଇଚ୍ଛାକୃତ ଭାବେ ଜାତୀୟ ପତାକାକୁ ଚଟାଣ, ଭୂମି କିମ୍ବା ଜଳରେ ସ୍ପର୍ଶ କରାଯିବା ଅନୁଚିତ। ଯାନବାହନ, ରେଳଗାଡ଼ି, ନୌକା, ବିମାନର ହୁଡ, ପଛପାଖ, ଉଭୟ ପାଶ୍ୱର୍ରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇପାରିବ ନାହିଁ। ଜନସାଧାରଣ ଓ ଅନୁଷ୍ଠାନ ଏ ସମ୍ପର୍କରେ ସଚେତନ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯା ଇଛି।

## ନୂତନ ପ୍ରକଳ୍ପ ଉଦଘାଟନ ଓ ବିଶ୍ୱଶାନ୍ତି ମହାଯଜ୍ଞ

କଣିହାଁ,୧।୩(ସମିସ): କଣିହାଁ ବ୍ଲକ ତାଳପଦା ପଞ୍ଚାୟତ କିଆଝାର ଗ୍ରାମରେ "ବିକଶିତ ଗ୍ରାମ ବିକଶିତ ଓଡ଼ିଶା' ଯୋଜନା ଅନୁଦାନରୁ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପୋଷାକ ପରିବର୍ତ୍ତନ କକ୍ଷ ଓ ବନ୍ଧ ପାହାଚ ଉଦଘାଟିତ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଗ୍ରାମରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞରେ ବିଧାୟକ ଉପସ୍ଥିତ ରହି ବାବାଙ୍କ ଆଶୀର୍ବାଦ ଗ୍ରହଣ କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। କାର୍ଯ୍ୟକ୍ରମରେ ତାଳପଦା ସରପଞ୍ଚ ରାଜେନ୍ଦ୍ର ବେହେରା, ରେଙ୍ଗାଳି ମଣ୍ଡଳ ବିଜେପି ସଭାପତି ହରେକୃଷ୍ଣ ପ୍ରଧାନ, ବିଧାନ ସାହୁ, ଅକ୍ଷୟ ସେନାପତିଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବାଲ୍ୟ ବିବାହମୁକ୍ତ ସଚେତନତା ରଥ ଉଦଘାଟିତ




କିଶୋରନଗର,୧।୩(ସମିସ): ୨୦୩୦ ସୁଦ୍ଧା ବାଲ୍ୟ ବିବାହମୁକ୍ତ ଭାରତ ଗଠନ ଲକ୍ଷ୍ୟକୁ ସାକାର କରିବା ପାଇଁ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଓ ଜଷ୍ଟ ରାଇଟ ଫର ଚିଲଡ୍ରେନ ମିଳିତ ଉଦ୍ୟମରେ ୨୦୨୩ରୁ ବାଲ୍ୟ ବିବାହ ନିଷେଧ ଅଭିଯାନ ଚାଲୁ ରହିଛି। ଉକ୍ତ ଅଭିଯାନର ଏକ କାର୍ଯ୍ୟକ୍ରମ ସ୍ୱରୂପ ଶନିବାର ସ୍ଥାନୀୟ ବିଜୁ ମୈଦାନରେ ବାଲ୍ୟ ବିବାହମୁକ୍ତ ସଚେତନତା ରଥ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ନାୟକ, ଶିଳ୍ପ ଓ ଆଇଟି ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ସହ ସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରୀ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅତିଥିମାନେ ପତାକା ଦେଖାଇ ସଚେତନତା ରଥକୁ ଉଦଘାଟନ କରିଥିଲେ। ଏହି ରଥ ଅନୁଗୋଳ ଓ ବୌଦ୍ଧ ଜିଲ୍ଲା ପରିଭ୍ରମଣ କରିବା ସହ ବିଭିନ୍ନ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ଗ୍ରାମ ସ୍ତରରେ ଲୋକଙ୍କୁ ସଚେତନ କରିବ। ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏହା ବୌଦ୍ଧ ଜିଲ୍ଲାରେ ଉଦଯାପିତ ହେବ ବୋଲି ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମହାପାତ୍ର କହିଥିଲେ।

■ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ସମସ୍ୟା

## ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ

ତାଳଚେର,୧।୩(ସମିସ): ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ସମସ୍ୟା ବିଷୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପିଏମଆଇଟିଠାରେ ସାକ୍ଷାତ କରି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧପତ୍ର ପ୍ରଦାନ କରାଯାଇଛି। କମିଟି ସଭାପତି ପଦ୍ମଚରଣ ସାମଲ, ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ, ବଳରାମ ପତି, ରଣଜିତ ମହାପାତ୍ର ମନ୍ତ୍ରୀଙ୍କ



ସହ ଆଲୋଚନା କରି ଅନୁରୋଧପତ୍ର ପ୍ରଦାନ କରିଥିଲେ। ତାଳଚେରରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଘୋଷଣା କରି ଆନୁଷଙ୍ଗିକ ବ୍ୟବସ୍ଥା କଲେ। ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲା କିନ୍ତୁ ସରକାର ମେଡିକାଲ କଲେଜର ମେଡିକାଲକୁ ପବିତ୍ର ମୋହନ ମେଡିକାଲ ବଦଳରେ ଅନୁଗୋଳ ଜିଲ୍ଲା ମେଡିକାଲକୁ ଗ୍ରହଣ କଲେ। ବର୍ତ୍ତମାନ ଜିଲ୍ଲା ମେଡିକାଲରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜର ମେଡିକାଲ କାର୍ଯ୍ୟ କରୁଛି। ତାଳଚେରବାସୀ ସରକାରଙ୍କୁ ସବୁଠାରୁ ଅଧିକ ରାଜସ୍ୱ ଦେବା ସହ ଏଠାରୁ ଅଧିକ କୋଇଲା ଓ ବିଜୁଳି ଉତ୍ପାଦନ ହେଉଛି। ଏହାଦ୍ୱାରା ଏହି ଅଞ୍ଚଳ ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳରେ ପରିଣତ ହୋଇଛି। ପ୍ରଦୂଷଣରେ ଧୂଳିଧୂଆଁ ଖାଇ ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ଜର୍ଜରିତ ହୋଇ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ଖୁବ୍ କମ୍ ବୟସରେ ଲୋକମାନେ ହାର୍ଟ, କ୍ୟାନସର ରୋଗରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ତାଳଚେରବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ମେଡିକାଲକଲେଜର ହସ୍ପିଟାଲକୁ ଜିଲ୍ଲା ହସ୍ପିଟାଲ ପରିବର୍ତ୍ତେ ପବିତ୍ର ମୋହନ ହସପିଟାଲକୁ ଗ୍ରହଣ କରିବାକୁ ଅନୁରୋଧପତ୍ରରେ ଉଲ୍ଲେଖ କରାଯାଇଛି।

## ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଅନୁଗୋଳ,୧।୩(ସମିସ): ସ୍ଥାନୀୟ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅମଲାପଡ଼ା ବସନ୍ତି ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟା ଦମୟନ୍ତି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ତାମଡ଼ା ଅଧକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ତାଳଚେର ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ଶଙ୍କର୍ଷଣ ମିଶ୍ର ଏବଂ ବୀରେନ କୁମାର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଉପଦେଷ୍ଟା ବିଦୁଭୂଷଣ ତ୍ରିପାଠୀ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ବିତରଣ କରିଥିଲେ।

## ବଡ଼ହୀରା ଉପ୍ରା ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

କଣିହାଁ,୧।୩(ସମିସ): ବ୍ରେକ୍ ଥ୍ରୁ ସାଇନ୍ସ ସୋସାଇଟି ସହବନ୍ଧିତ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶା, ଅନୁଗୋଳ ଶାଖା ଆନୁକୂଲ୍ୟରେ ଶନିବାର କଣିହାଁ ବ୍ଲକ ବଡ଼ହୀରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଭାରତର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ନୋବେଲ୍ ପୁରସ୍କାରପ୍ରାପ୍ତ ଭାରତରତ୍ନ ବୈଜ୍ଞାନିକ ସାର ସିଭି ରମଣଙ୍କ ପଦାର୍ଥବିଜ୍ଞାନ ପ୍ରତି ଅତୁଳନୀୟ ଅବଦାନ ଯୋଗୁଁ ତାଙ୍କ 'ରମଣ ପ୍ରଭାବ' ଆବିଷ୍କାର ଦିବସ ଫେବୃଆରୀ ୨୮ ତାରିଖକୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଉଛି ବୋଲି ବିଜ୍ଞାନ ଶିକ୍ଷକ ତଥା ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶାର କାର୍ଯ୍ୟକାରୀ ସଭ୍ୟ ମୁନା ନାଏକ ଅବଗତ କରିଥିଲେ। ସିଭି ରମଣଙ୍କ ଜୀବନୀ ଏବଂ ଆଲୋକର ବିଚ୍ଛୁରଣ ତତ୍ତ୍ୱ ସମ୍ପର୍କରେ



ସେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ବିଜ୍ଞାନ ପ୍ରଦର୍ଶନୀ, ବିଜ୍ଞାନ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶିକ୍ଷକ ପ୍ରଦୀପ କୁମାର ବେହେରା, ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସୁପ୍ରିୟା ପ୍ରଧାନ ସହଯୋଗ କରିଥିଲେ।

# ପୂର୍ବତନ ବିଧାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିସଭା

ଅନୁଗୋଳ,୧।୩(ସମିସ):

ନାଲକୋନଗରରେ ପୂର୍ବତନ ଅନୁଗୋଳ ବିଧାୟକ ସ୍ୱର୍ଗତ ରମେଶ ଚନ୍ଦ୍ର ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ରମେଶ ଜେନା ସ୍ମୃତି ପରିଷଦ ପକ୍ଷରୁ ଏକ ସ୍ମୃତି ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରମେଶ ଜେନା ଶ୍ରମିକ ବନ୍ଧୁ ପୁରସ୍କାର ଓ ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରିଥିବା ମେଧାବୀ ଓ ଅସହାୟ ଛାତ୍ରଛାତ୍ରୀଙ୍କୁ ରମେଶ ଜେନା ଶିକ୍ଷା ପ୍ରୋତ୍ସାହନ ପୁରସ୍କାର ଓ ରମେଶ ଜେନା ସମାଜସେବା ପୁରସ୍କାର ପ୍ରଦାନ କରାଯାଇଥିଲା। ରମେଶ ଜେନା ସ୍ମୃତି ପରିଷଦ ଚେୟାରମ୍ୟାନ ହେମନ୍ତ ସାମଲ କହିଲେ ଯେ ରମେଶ ଜେନା ସ୍ମୃତି ପରିଷଦ ସ୍ୱର୍ଗତ ରମେଶ ଜେନାଙ୍କ ମୂଲ୍ୟବୋଧ, ଶ୍ରମିକଙ୍କ ପ୍ରତି ସମର୍ପଣ ଓ ସେବା ଆଦର୍ଶକୁ ଜୀବନ୍ତ ରଖି ସମାଜ ସେବାରେ ନିରନ୍ତର କାର୍ଯ୍ୟ କରିବ। ପରିଷଦ ପକ୍ଷରୁ ଆଗାମୀ ଦିନରେ ଅସହାୟ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ଚାରାରୋପଣ, ସ୍ୱଚ୍ଛତା ଅଭିଯାନ ଓ ଶ୍ରମିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବ ବୋଲି ସେ କହିଥିଲେ।



ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ନିରଞ୍ଜନ ପଟ୍ଟନାୟକ, ସୁର ରାଉତରାୟ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପୂର୍ବତନ ସାଂସଦ ମହେଶ ସାହୁ, ବିଧାୟକ ବ୍ରଜକିଶୋର ପ୍ରଧାନ, ପ୍ରତାପ ପ୍ରଧାନ, ପୂର୍ବ ବିଧାୟକ ରଜନୀକାନ୍ତ ସିଂହ, ଶ୍ରମିକ ନେତା କିଶୋର ଜେନା, ମଦନ ମୋହନ ଧଳ, ସସ୍ମିତା ବେହେରା, ସୁନୀଲ ପ୍ରଧାନ, ଶିଳ୍ପପତି ଗଙ୍ଗାଧର ସାମଲ, ମହେଶ୍ୱର ନାଏକ, ଅକ୍ଷୟ ସାମନ୍ତ, ନିର୍ମଳ ସାମଲ, ଶକ୍ତି ପଟ୍ଟନାୟକ, ଜିତେନ୍ଦ୍ର ସାହୁଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରମିକ ନେତା ଦିଗମ୍ବର ଗଡ଼ନାୟକ, ବିଜନ ଦଳବେହେରା, ପ୍ରକାଶ ବେହେରା, ବାବୁଲି ସେଠୀ, ଅନିଲ ବରାଳ ଓ ବିଭୂତି ମହାପାତ୍ରଙ୍କୁ ରମେଶ ଜେନା ଶ୍ରମିକ ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବୁଧୁରାମ ମୁର୍ମୁ, ଅଭିଲିପ୍ସା ପ୍ରିତିପଦ୍ମା ବେହେରା, ଯାସିନା ସାହୁ, ଅର୍ପିତା ମାଝୀ, ସାଇଶକ୍ତି ବେହେରା, ସୋନାଲି ଦେହୁରୀ, ଯତୀନ ପ୍ରସାଦ ଦେହୁରୀଙ୍କୁ ରମେଶ ଜେନା ଶିକ୍ଷା ପ୍ରୋତ୍ସାହନ ପୁରସ୍କାର ଓ ଚିନ୍ମୟୀ ଦାସଙ୍କୁ ରମେଶ ଜେନା ସମାଜସେବା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସାଧାରଣ ସମ୍ପାଦକ ରାଜୀବ ଜେନା, ଉପଦେଷ୍ଟା ବିପ୍ଳବ ଜେନା, କାର୍ଯ୍ୟକାରୀ ଅଧ୍ୟକ୍ଷ ଭାସ୍କର ସାହୁ, ବସନ୍ତ ପାତ୍ର, ବିଜନ ଦଳବେହେରା, ନିରୋଦ ଧୀର, ତ୍ରିନାଥ ସାହୁ, ସନାତନ କଅଁର, ଅମିୟ ନାୟକ, ଆରକେ ସିଂହ, ମନୋଜ ସାହୁ, ବିରଞ୍ଚି ସ୍ୱାଇଁ, ବିଭବ ଜେନା, ବସନ୍ତ ଦଳବେହେରା, ମହିମା ଜେନା, ହରି ନାଥ, ବାପୁ ଭଞ୍ଜ, ସୁବ୍ରତ ତ୍ରିପାଠୀ, ପ୍ରଶାନ୍ତ ବିକ୍ରମ ସିଂହଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ଡ. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଲ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ
ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

## ନଡ଼ିଆ ଉପରେ ଶ୍ରୀକୃଷ୍ଣ ଏବଂ ରାଧାଙ୍କ ଚିତ୍ର ଅଙ୍କନ

ବାଲେଶ୍ୱର,୧।୩(ସମିସ): ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଏକ ଛୋଟ ନଡ଼ିଆ ଉପରେ ଭଗବାନ ଶ୍ରୀକୃଷ୍ଣ ଏବଂ ମାତା ରାଧାଙ୍କର ଚିତ୍ର ଆଙ୍କିଛନ୍ତି ଯୁବ ଚିତ୍ରଶିଳ୍ପୀ ଅବିନାଶ ନାଥ। ଏହା ତିଆରି କରିବାକୁ



୧ଘଣ୍ଟା ୪୫ମିନିଟ୍ ସମୟ ଲାଗିଛି ତାଙ୍କୁ। ଏକ୍ରିଲିକ୍ ରଙ୍ଗ ବ୍ୟବହାର କରି ଏହି ଚିତ୍ର ଆଙ୍କିଛନ୍ତି ଅବିନାଶ। ପୁରାଣ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ଏବଂ ମାତା ରାଧା ପ୍ରଥମ ଥର ପାଇଁ ପରସ୍ପରକୁ ଫଗୁ ଲଗାଇଥିଲେ। ସେଥିପାଇଁ ଏହା ଫଗୁ ଦଶମୀରୁ ଆରମ୍ଭ କରି ଦୋଳ ପୂର୍ଣ୍ଣିମା ଯାଏ ପାଳନ କରାଯାଏ। କୁହାଯାଏ ଯେ ଦୋଳ ପୂର୍ଣ୍ଣିମା ଦିନ ଠାକୁରଙ୍କୁ ଦୋଳି ରେ ଝୁଲାଇଲେ ସମସ୍ତ ପାପ କ୍ଷୟ ହୁଏ। ଅଲଗା ଅଲଗା ରାଜ୍ୟରେ ଏହା ପାଳନ କରାଯାଉଥିବା ବେଳେ ଆମ ଓଡ଼ିଶାରେ ଟିକେ ନିଆରା। ଏଠି ରାଧା କୃଷ୍ଣ କେବଳ ମନ୍ଦିରରେ ରୁହନ୍ତି ନାହିଁ ବରଂ ବିମାନରେ ବସି ଭକ୍ତଙ୍କ ଦୁଆରକୁ ଯାଆନ୍ତି। ଘଣ୍ଟୁଆଙ୍କ ତାଳେ ତାଳେ ଗାଁ ଗାଁ ବୁଲି ସବୁ ଦେବଦେବୀ ଏକ ନିର୍ଦ୍ଦିଷ୍ଟ ପଡ଼ିଆରେ ଏକାଠି ହୁଅନ୍ତି ଏହାକୁ ମେଳଣ କୁହାଯାଏ। ଏହା ଶାନ୍ତି ଓ ଭାଇଚାରାର ପ୍ରତୀକ। ଏହି ଦିନରେ ନୂଆ ଓଡ଼ିଆ ପଞ୍ଜିକା ପଢ଼ାଯାଏ ଏବଂ ଆଗକୁ ଆସୁଥିବା ବର୍ଷର ଭାଗ୍ୟଫଳ ଜଣାଯାଏ ବୋଲି ଅବିନାଶ ମତବ୍ୟକ୍ତ କରିଛନ୍ତି।

## ଫକୀରମୋହନ ସାହିତ୍ୟ ପରିଷଦର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୧।୩ (ସମିସ): ଫକୀରମୋହନ ସାହିତ୍ୟ ପରିଷଦର ପ୍ରତିଷ୍ଠା ଦିବସ ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାକ୍ତନ ତିନିଜଣ ସଭାପତି ଯୋଗଦେଇ ନିଜର ସଭାପତିତ୍ୱ କାଳରେ ନିଜସ୍ୱ ଅନୁଭୂତି ପ୍ରକାଶ କରିଥିଲେ। ପ୍ରଥମେ ଆଲୋଚନାରେ ଭାଗନେଇ ଡ. ହରିଶ୍ଚନ୍ଦ୍ର ବେହେରା ମତରଖି ପ୍ରକାଶ କରିଥିଲେ ଯେ ତାଙ୍କ ସମୟରେ କାର୍ଯ୍ୟ ତୁଲାଇବା ପାଇଁ ତାଙ୍କୁ ବେଶ ସଂଘର୍ଷ କରିବାକୁ ପଡିଥିଲା। ଓଡ଼ିଶାର ମୂର୍ଦ୍ଧନ୍ୟ ବ୍ୟକ୍ତିତ୍ୱ ବିଶେଷକରି ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରଭୃତିଙ୍କୁ ଅତିଥି ଭାବରେ ଫକୀର ମୋହନ ସାହିତ୍ୟ ପରିଷଦକୁ ଆମନ୍ତ୍ରିତ କରି ଆଣିପାରିଥିଲେ। ପ୍ରାକ୍ତନ ସଭାପତି କବି ବିମଳ ଜେନା ଆଲୋଚନାରେ ଭାଗନେଇ ମତବ୍ୟକ୍ତ କରି କହିଲେ ଯେ ଯାହା କରିବାର ଥିଲା ବା କରିବାର ନଥିଲା ତାହା ବେଶ ଘଟଣା ବହୁଳ। ସେ ସମୟରେ ସଭାପତିତ୍ୱ କାଳରେ କାର୍ଯ୍ୟନିର୍ବାହ ଭିତରେ ଆଜିବି ଛାତି ଭିତରେ କ୍ରୁଶବିଦ୍ଧର ଯନ୍ତ୍ରଣା ଅନୁଭବ କରନ୍ତି ବୋଲି ମତପ୍ରକାଶ କରିଥିଲେ। ତିନି ତିନି ଥରର ପ୍ରାକ୍ତନ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଭାଗନେଇ କହିଲେ ଯେ ସେ ମାତ୍ର ୧୯ ବର୍ଷରେ ପରିଷଦର କାର୍ଯ୍ୟକାରୀ ସଦସ୍ୟ ୧୯୭୫ ମସିହାରେ ହୋଇପାରିଥିଲେ। ଅତି ଦୁର୍ଲଭ ପୁସ୍ତକର ପ୍ରକାଶନ ତାଙ୍କ ସମୟରେ ଉଦ୍ୟମ କରି ଶାନ୍ତି ଘାଟରେ ସମାଧିପୀଠ ନିର୍ମାଣ, ୨୦୦୪ ଠାରୁ 'ସାହିତ୍ୟବାହିକା' ପ୍ରକାଶନ, ପରିଷଦରେ ଆୟୋଜିତ କାର୍ଯ୍ୟାବଳୀ ପ୍ରକାଶ ପାଇଁ ପ୍ରଥମ କରି ବୁଲେଟିନ ପ୍ରକାଶନ, ଭାଷା ବନ୍ଦନା ରେକର୍ଡିଂ କରି ସମ୍ମାନ ପ୍ରଦର୍ଶନ ପୂର୍ବକ ଗାନ କରାଇବା, ଫକୀର ମୋହନ ସେନାପତିଙ୍କ ଚର୍ଚ୍ଚା ପାଇଁ ରାଉରକେଲା, ଶାନ୍ତି ନିକେତନ ଓ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନରେ ଯୋଗଦେଇ ଫକୀର ମୋହନ ସେନାପତିଙ୍କ ଉପରେ ନିଜସ୍ୱ ମତ ରଖିଥିଲେ। ତାଙ୍କର ସଭାପତିତ୍ୱ କାଳରେ ଫକୀର ମୋହନ ସ୍ମୃତି ସମ୍ମାନ, ପ୍ରଥମ ଫକୀର ମୋହନ ଭାଷା ସାହିତ୍ୟ ସମ୍ମାନ, ପୂର୍ବ ସରକାର ଭାଷା ନୂଆ-ଓ-ଓଡ଼ିଶା କାର୍ଯ୍ୟକ୍ରମରେ ଫକୀର ମୋହନ ସାହିତ୍ୟ ପରିଷଦ ବିଶେଷ ସମ୍ମାନିତ ହେବା, ଏବଂ୩୬୫ଦିନର ଅଚିନ୍ତନୀୟ କାର୍ଯ୍ୟକ୍ରମ ଯାହା ଥିଲା ତାଙ୍କ ପାଇଁ ଗୌରବର ବିଷୟ।ଏହି ସଭାରେ ପ୍ରାକ୍ତନ ସମ୍ପାଦକ ଦୀନବନ୍ଧୁ ଲେଙ୍କା ଓ ପ୍ରଦୀପ ଚାଟାର୍ଜୀ ମଧ୍ୟ ପରିଷଦ ଉପରେ ମତ ରଖିଥିଲେ। ପ୍ରାରମ୍ଭରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ପରିଷଦ ଉପରେ ଲିଖିତ ସଙ୍ଗୀତଟିକୁ କଲ୍ୟାଣୀ ନନ୍ଦ ଏବଂ ସାଥୀମାନେ ପରିବେଷଣ କରିଥିଲେ।ସମ୍ପାଦକ ଡ.ରତ୍ନାକର ସିଂହ ପ୍ରାକ କଥନ ରଖିଥିବାବେଳେ ରାଜେଶ କୁମାର ଗିରି ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁବର୍ଣ୍ଣରେଖା କୂଳରେ ମାଫିଆ-ପ୍ରଶାସନର ଚୋରା ଗଠବନ୍ଧନ

# ଆଇନକୁ ବାଲିରେ ପୋତି ଜଳେଶ୍ୱରରେ ଚାଲିଛି ମହାଲୁଟ୍

ବାଲେଶ୍ୱର,୧।୩ (ଅସୀମ ମହାପାତ୍ର)





ନିୟମ ଅଛି କିନ୍ତୁ ନିୟନ୍ତ୍ରଣ ନାହିଁ, କୋର୍ଟଙ୍କ ନିର୍ଦ୍ଦେଶ ଅଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନାହିଁ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ଶିଖରପୁର ଏବଂ ରାଜନଗର ବାଲି ସୈରାତ ଏବେ ଦୁର୍ନୀତିର ଏକ ପେଣ୍ଠସ୍ଥଳୀ ପାଲଟିଛି। ଯେଉଁଠି ସରକାରୀ ବାବୁଙ୍କ ଆଶୀର୍ବାଦରେ ବାଲି ମାଫିଆମାନେ ନଦୀର ଛାତି ଚିରି ଦିନକୁ କୋଟି କୋଟି ଟଙ୍କାର ବାଲି ଲୁଟ୍ କରୁଛନ୍ତି। ଅନ୍ୟପଟେ ସାଧାରଣ ଜନତା ପ୍ରଶାସନିକ ଅପାରଗତାର ଶିକାର ହୋଇ ନିଜର ଭିଟ୍ଟିଭୂମି ଓ ପରିବେଶ ହରାଉଛନ୍ତି। ଏହି ମହାଲୁଟ୍‌ର ରୂପରେଖ ଏତେ ଭୟଙ୍କର ଯେ, ଏହାକୁ ଦେଖିଲେ ମନେହେଉଛି ସତେ ଯେମିତି ସୁବର୍ଣ୍ଣରେଖା ନଦୀର ଅସ୍ତିତ୍ୱକୁ 'ବାଲି'ରେ ପୋତି ଦେବା ପାଇଁ ପ୍ରଶାସନ ଓ ମାଫିଆ ଏକ ଚୋରା ଗଠବନ୍ଧନ କରିଛନ୍ତି। କ୍ଲଷ୍ଟର ନିୟମର ଖୋଲାଖୋଲି ଉଲ୍ଲଂଘନ ଓ ପ୍ରଶାସନିକ ନିରବତା ହିଁ ବୁଝାଉଛି ମାଫିଆ ଓ ପ୍ରଶାସନ ଗୋଟାଏ ମୁଦ୍ରାର ଦୁଇ ପାଖର୍ ପରି। ଗତ ମାର୍ଚ୍ଚ ୨୫, ୨୦୨୫ରେ ଅନୁମୋଦିତ ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସଆର) ଅନୁଯାୟୀ ଶିଖରପୁର ଓ ରାଜନଗର ବାଲି ଉତ୍ସଗୁଡ଼ିକୁ ଏକ 'କ୍ଲଷ୍ଟର' ଭାବେ ଘୋଷଣା କରାଯାଇଛି। ବାଲି ଖଣି ପାଇଁ ଥିବା ପ୍ରବର୍ତ୍ତନ ଏବଂ ମନିଟରିଂ ନିର୍ଦ୍ଦେଶାବଳୀ (ଇଏମଜିଏସଏମ) ୨୦୨୦ରୁ ସ୍ପଷ୍ଟ କହୁଛି ଯେ, ଯେଉଁଠାରେ ବାଲି ସୈରାତ ଏକ କ୍ଲଷ୍ଟରର ଅଂଶବିଶେଷ, ସେଠାରେ ବୈଧ 'କ୍ଲଷ୍ଟର ପରିବେଶ ମଞ୍ଜୁରୀ' ବିନା କୌଣସି ବ୍ୟକ୍ତିଗତ ଲିଜଧାରୀ ଖଣି କାର୍ଯ୍ୟ କରିପାରିବେ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା, ଏହି ଆଇନଗତ ବାଧ୍ୟବାଧକତାକୁ ସମ୍ପୂର୍ଣ୍ଣ ଅଣଦେଖା କରି ଏବଂ ସମ୍ପୃକ୍ତ ଲିଜଧାରୀମାନେ କୌଣସି ବୈଧ ମଞ୍ଜୁରୀ ନଥାଇ ଅବାଧ ବାଲି ଉତ୍ତୋଳନ ଜାରି ରଖିଛନ୍ତି। ଏହି ବେଆଇନ କାର୍ଯ୍ୟ କେବଳ ମାଫିଆଙ୍କ ଦ୍ୱାରା ହେଉନାହିଁ, ବରଂ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ସମର୍ଥନରେ ଚାଲିଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ ନାକ ତଳେ ଏହି ମହାଲୁଟ୍ ଚାଲିଥିବା ବେଳେ ସେ କେଉଁ ସ୍ୱାର୍ଥରେ ଚୁପ୍ ରହିଛନ୍ତି, ତାହା ଏବେ ସନ୍ଦେହକୁ ଅଧିକ ଘନୀଭୂତ କରୁଛି। ଦିବାଲୋକରେ ନ୍ୟାୟିକ ଅବମାନନା ଓ ମାଫିଆଙ୍କ ମାତିବା ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି) କୋଲକାତା ବେଞ୍ଚ ଗତ ଜୁଲାଇ ୨୪, ୨୦୨୫ରେ ବାଲେଶ୍ୱରର ପୁରୁଣା ଡିଏସଆରକୁ ରଦ୍ଦ କରିଦେଇଥିଲେ। କୋର୍ଟଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଆଧାରରେ କୌଣସି ଖଣି କାର୍ଯ୍ୟ ହୋଇପାରିବ ନାହିଁ। ଏହା ସତ୍ତ୍ୱେ ଜଳେଶ୍ୱରରେ ଖଣି କାର୍ଯ୍ୟ ଜାରି ରହିବା କେବଳ ଆଇନର ଉଲ୍ଲଂଘନ ନୁହେଁ, ବରଂ ଏହା ସମଗ୍ର ନ୍ୟାୟିକ ବ୍ୟବସ୍ଥାକୁ ଏକ ଖୋଲା ଚ୍ୟାଲେଞ୍ଜ। ପ୍ରଶାସନ ଏଠାରେ 'ନିଦାବିଷ୍ଣୁ' ସାଜି କୋର୍ଟଙ୍କ ମର୍ଯ୍ୟାଦାକୁ ଧୂଳିସାତ କରୁଛି। ନଦୀ ଶଯ୍ୟାରେ କୌଣସି ସୀମା ସ୍ତମ୍ଭ (ବାଉଣ୍ଡାରି ପିଲାର) ନଥିବାରୁ ଲିଜ୍ ପରିସର ବାହାରୁ ମଧ୍ୟ ହଜାର ହଜାର ଟ୍ରକ୍ ବାଲି ଚୋରି କରାଯାଉଛି। ଅତ୍ୟଧିକ ଏବଂ ଯାନ୍ତ୍ରିକ ନିଷ୍କାସନ ଯୋଗୁଁ ନଦୀର ପରିସଂସ୍ଥା ନଷ୍ଟ ହେବା ସହ ନଦୀକୂଳ ଅସ୍ଥିର ହୋଇପଡ଼ିଛି । ଯାହାକି ଆଗାମୀ ବନ୍ୟା ସମୟରେ ସ୍ଥାନୀୟ ଗ୍ରାମଗୁଡ଼ିକୁ ସମ୍ପୂର୍ଣ୍ଣ ଜଳମଗ୍ନ କରିବାର ଆଶଙ୍କା ସୃଷ୍ଟି କରିଛି। ଲିଜଧାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ କେବଳ ପରିବେଶ ନୁହେଁ, ବରଂ ଗ୍ରାମର ସରକାରୀ ସମ୍ପତ୍ତି ମଧ୍ୟ ନଷ୍ଟ ହେବାରେ ଲାଗିଛି। ୧୦ ଟନ୍‌ରୁ କମ୍ କ୍ଷମତା ଥିବା ସଂକୀର୍ଣ୍ଣ ଗ୍ରାମ୍ୟ ରାସ୍ତା ଦେଇ ଦିନରାତି ୪୦-୫୦ ଟନ୍‌ର ଭାରୀଯାନ ଚଳାଚଳ କରୁଛି। ଫଳରେ ନବନିର୍ମିତ 'ବିଜୁ ସେତୁ' ଏବଂ ରାଜପୁର-ଶିଖରପୁର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ସାଧାରଣ ଲୋକଙ୍କ ଯାତାୟାତ ପାଇଁ ତିଆରି ହୋଇଥିବା ରାସ୍ତାରେ ମାଫିଆଙ୍କ ହାଇୱା ଗାଡ଼ିଗୁଡ଼ିକ ରାଜ୍ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଜରୁରୀ ଯାଞ୍ଚ ହେଉନାହିଁ କି କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଉ ନାହିଁ। ଜିଲ୍ଲା ପ୍ରଶାସନ ଓ ଶାସକ ଦଳର ଛାମୁଆ ନେତାଙ୍କ ମିଳିତ ଆନୁକୂଲ୍ୟରେ ଏହି ବାଲି ଲୁଟ ଚାଲିଥିବା ଚର୍ଚ୍ଚା ହେଉଛି । ଉକ୍ତ ଛାମୁଆ ନେତା ଜଣକ ଦୈନିକ ଲକ୍ଷାଧିକ ଟଙ୍କାର ପିସି କାରବାର ଲୁଚି ରହିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସର୍ବୋଚ୍ଚ କାର୍ଯ୍ୟାଳୟରେ ଫେରାଦ, ତଥାପି ଜିଲ୍ଲା ପ୍ରଶାସନ ପକ୍ଷରୁ ଶୂନ ପଦକ୍ଷେପ, ଯାହା ଚକିତ କରିଛି। ସ୍ଥାନୀୟ ପ୍ରଶାସନର ମାଫିଆ ପ୍ରୀତିକୁ ଦେଖି ରାଜନଗର ଓ ଶିଖରପୁରର ଗ୍ରାମବାସୀମାନେ ଏବେ ଆଇନଗତ ଲଢ଼େଇକୁ ଜୋରଦାର କରିଛନ୍ତି। କେବଳ ବାଲେଶ୍ୱର ଜିଲ୍ଲାପାଳ ନୁହଁନ୍ତି, ବରଂ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ଏନେଇ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ଖଣି ବିଭାଗର ଖଣି ଉପନିର୍ଦ୍ଦେଶକ (ଭଦ୍ରକ ସର୍କଲ), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଲଘୁ ଖଣିଜ ପଦାର୍ଥ ନିର୍ଦ୍ଦେଶାଳୟ ଏବଂ ଗ୍ରାମୀଣ କାର୍ଯ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏତେ ସଂଖ୍ୟକ ବିଭାଗ ଓ ଉଚ୍ଚାଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ ମଧ୍ୟ ଗ୍ରାଉଣ୍ଡରେ କୌଣସି ପରିବର୍ତ୍ତନ ନହେବା ପ୍ରଶାସନିକ ସ୍ଥାଣୁତାକୁ ପଦାରେ ପକାଇଛି। ଗ୍ରାମବାସୀଙ୍କ ଦାବି ହେଉଛି ଯେ, ବୈଧ କ୍ଲଷ୍ଟର ଇସି ନ ମିଳିବା ପର୍ଯ୍ୟନ୍ତ ତୁରନ୍ତ ଖଣି କାର୍ଯ୍ୟ ବନ୍ଦ କରାଯାଉ ଏବଂ ଅଧିକ ଖନନ ପାଇଁ ଲିଜଧାରୀଙ୍କ ଠାରୁ କୋଟି କୋଟି ଟଙ୍କାର ପରିବେଶ କ୍ଷତିପୂରଣ ଆଦାୟ ହେଉ। ଏଥିସହ ଦାୟିତ୍ୱରେ ଅବହେଳା କରିଥିବା ତହସିଲଦାର ଓ ଅନ୍ୟ ସହଯୋଗୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଚେତାବନୀ ଦେଇଛନ୍ତି। ଯଦି ଆଗାମୀ ୭ ଦିନ ମଧ୍ୟରେ ଏହି ମହାଲୁଟ୍ ବନ୍ଦ ନହୁଏ, ତେବେ ହଜାର ହଜାର ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ରାଜପଥ ଅବରୋଧ କରିବାକୁ 'ସୁବର୍ଣ୍ଣରେଖା ବଞ୍ଚାଅ କମିଟି' ସୂଚନା ଦେଇଛି। ଏତେ ସଂଖ୍ୟକ ବିଭାଗ ଓ ଉଚ୍ଚାଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ ଜମିରେ କୌଣସି ପରିବର୍ତ୍ତନ ନହେବା ପ୍ରଶାସନିକ ସ୍ଥାଣୁତାକୁ ପଦାରେ ପକାଇଛି।

- ନଷ୍ଟ ହେଉଛି ଭିଟ୍ଟିଭୂମି, ବିପଦରେ ଜନଜୀବନ
- କ୍ଲଷ୍ଟର ଇସି ନମିଳିବା ପର୍ଯ୍ୟନ୍ତ ଖଣି କାର୍ଯ୍ୟ ତୁରନ୍ତ ସ୍ଥଗିତ ହେଉ
- ଅଧିକ ଉତ୍ତୋଳନ ପାଇଁ ଲିଜ୍‌ଧାରୀଙ୍କଠାରୁ ପରିବେଶ କ୍ଷତିପୂରଣ ଆଦାୟ ହେଉ
- ଜିପିଏସ ଆଧାରିତ ମନିଟରିଂ ଓ ସ୍ଥାୟୀ ସୀମା ସ୍ତମ୍ଭ ସ୍ଥାପନ ଦାବି

## ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବାଲେଶ୍ୱର,୧।୩ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ମହାକୁମ୍ଭ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଶେଷ ପର୍ଯ୍ୟନ୍ତ ପହଞ୍ଚିଥିଲା। ସମାପନୀ ଅବସରରେ ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ନିବେଦିତା ନାଥ ଉପସ୍ଥିତ ରହି ଖେଳାଳିମାନଙ୍କୁ ପ୍ରେରଣାଦାୟକ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଅଧ୍ୟକ୍ଷୀୟ ଉଦବୋଧନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟର ଖେଳାଳି ଛାତ୍ରଛାତ୍ରୀ ଓ କ୍ରୀଡା ଅଧିକାରୀମାନଙ୍କ ଖେଳ ପ୍ରଦର୍ଶନ, ଶୃଙ୍ଖଳିତ ଆଚରଣ, କ୍ରୀଡ଼ା ମନୋଭାବ ଓ ସହଯୋଗିତାକୁ ପ୍ରଶଂସା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଏହି କ୍ରୀଡ଼ା ଉତ୍ସବର ଆୟୋଜନ ପାଇଁ ସୁଯୋଗ ପ୍ରଦାନ କରିଥିବା ହେତୁ, ଓଡିଶା ଉଚ୍ଚଶିକ୍ଷା ବିଭାଗ ଓ ଓଡିଶା ଉଚ୍ଚଶିକ୍ଷା ପରିଷଦଙ୍କୁ ବିଶେଷ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଓ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ରମୋହନ ନାୟକ ମଧ୍ୟ ଉଦବୋଧନ ରଖି କ୍ରୀଡାର ସାର୍ଥକତା ଓ ଏକତାର ବାର୍ତ୍ତା ଉଲ୍ଲେଖ କରିଥିଲେ ଓ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ବୃହତ୍ କ୍ରୀଡା ଉତ୍ସବରେ ଓଡିଶାର ୧୫ଟି ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଅଧିକ ଖେଳାଳି ୧୧ଟି ବର୍ଗରେ ୨୫ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରୁଷ ଓ ମହିଳା ଉଭୟ ବର୍ଗରେ କ୍ରିକେଟ୍, ଫୁଟବଲ୍, କବଡ଼ି, ହକି, ଖୋ-ଖୋ, ବାସ୍କେଟବଲ୍, ଭଲିବଲ୍, ଟେବୁଲ୍-ଟେନିସ୍, ଚେସ୍, କ୍ୟାରମ୍ ଓ ବ୍ୟାଡମିଣ୍ଟନ୍ ଆଦି ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଚ୍ୟାମ୍ପିୟନ୍ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ତୃତୀୟସ୍ଥାନ ଅଧିକାର କରିଥିଲେ। ସମାପନୀ ଅବସରରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମସ୍ତ ଦଳ ଓ ଅଂଶଗ୍ରହଣକାରୀମାନଙ୍କୁ ନଗଦ ପୁରସ୍କାର, ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ଡ଼କ୍ଟର ଅମିତ କୁମାର ଶର୍ମା, ଉପ-ନିର୍ଦ୍ଦେଶକ, କ୍ରୀଡା ପରିଷଦ ଓ ବିଶ୍ୱବିଦ୍ୟାଳୟର ପିଇଓ ଶ୍ରୀ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସମାପନୀ ଅଧିବେଶନକୁ ସହାୟକ ପ୍ରଫେସର ଶଶାଙ୍କ ଶେଖର ଗଡନାୟକ ଓ ଡ. ରାଜଶ୍ରୀ ଦତ୍ତ ସଂଯୋଜନା କରିଥିଲେ।

## ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ

ସିମୁଳିଆ, ୧।୩ (ସମିସ): ସିମୁଳିଆ ବ୍ଲକ ମଇତାପୁର ପଂଚାୟତ ସାଲାମା ଗଡିଆରେ ବେଆଇନ ଭାବେ ଚାଲୁଥିବା କରତ କଳ ଉପରେ ବନବିଭାଗ ଅଚାନକ ଚଡାଉ କରି ଲକ୍ଷାଧିକ ଟଙ୍କାର କାଠ ଗଡ଼ ଓ ଯନ୍ତ୍ରାଂଶ ଜବତ କରିଛି। ବାଲେଶ୍ୱର ଜିଲ୍ଲା ବନ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ବନ ଖଣ୍ଡ ଅଧିକାରୀ ମନୋହର ଖାଁ ଙ୍କ ନେତୃତ୍ୱରେ ବନପାଳ ଦେବରାଜ ରାଉତ, ଦୁଷ୍ମନ୍ତ ଜେନା ମନୋରଞ୍ଜନ ସିଂ,. ଇତିଶ୍ରୀ ମହାପାତ୍ର ଓ ହିମାଂଶୁ ପାଢ଼ୀ ପ୍ରମୁଖ ମଇତା ପୁର ପଂଚାୟତର ସାଲାମାଗଡିଆ ଠାରେ ବିଲ ମଝିରେ ବେଆଇନ ଭାବେ ଚାଲୁଥିବା ବେଆଇନ କରତ କଳ ଉପରେ ଅଚାନକ ଚଡାଉ କରି ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରଂଶ ଜବତ କରିଥିଲେ।

### ନୀଳଗିରି ବ୍ଲକରେ ପାନୀୟ ଜଳ ସଙ୍କଟ

# ୧୪୯ କୋଟିର ମେଗା ପାନୀୟ ଜଳ ପ୍ରକଳ୍ପ ଅଧପନ୍ତରିଆ

ବାଲେଶ୍ୱର, ୧।୩ (ସମିସ)







ଗ୍ରୀଷ୍ମ ଆରମ୍ଭ ହେବା ସହିତ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ ପାନୀୟ ଜଳ ସଙ୍କଟ ଭୟାବହ ରୂପ ନେଇଛି। ଭଉଁରିଆବାଡ଼, ଗରିଡ଼ି, ପିଠାହତା, କେଶିପୁର, ଧୋବଶିଳା, ମହିଷାପଟା ସହ ୬ରୁ ଅଧିକ ପଞ୍ଚାୟତର ହଜାର ହଜାର ଲୋକ ଆଜିବି ପାନୀୟ ଜଳରୁ ବଞ୍ଚିତ। ବର୍ଷ ବର୍ଷ ଧରି ପରିତ୍ୟକ୍ତ, ଢାଙ୍କୁଣୀ ନଥିବା କୂଅରୁ ପାଣି ନେଇ ଲୋକ ଜୀବନ ଯାପନ କରୁଛନ୍ତି। ସେପଟେ ଅନେକ ସ୍ଥାନରେ ନଳକୂପରୁ ଗୋଳିଆ ଓ ଫ୍ଲୋରାଇଡ ମିଶା ପାଣି ବାହାରୁଥିବାବେଳେ ଏହି ପାଣି ପିଇ ଅନେକ ରୋଗଶଯ୍ୟାରେ ପଡ଼ିଥିବା ବେଳେ ଅନେକ ଲୋକଙ୍କ ଜୀବନ ଯାଇଥିବାର ଅଭିଯୋଗ ରହିଛି। ଏପରି ସମୟରେ ତତ୍କାଳୀନ ବିଜେଡ଼ି ସରକାରଙ୍କ ପକ୍ଷରୁ ନୀଳଗିରି ବ୍ଲକ ପାଇଁ ୧୪୯.୧୨ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିଲା, ଯାହାକୁ ରାଜସ୍ଥାନର ଯୁବେରୀ ଇଞ୍ଜିନିୟରିଂ କଂଷ୍ଟ୍ରକସନ ନାମକ ଠିକା ସଂସ୍ଥା ଟେଣ୍ଡର ନେଇଥିଲା। ଉଦ୍ଦେଶ୍ୟ ଥିଲା ସୋନ ନଦୀର ଜଳକୁ ବିଶୋଧନାଗାରରେ ବିଶୋଧନ କରାଯାଇ ଲୋକଙ୍କ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା। ହେଲେ ଛଅ ବର୍ଷ ପରେ ବି ମେଗା ପାନୀୟ ଜଳ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଗତ ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୨୦୨୫ ମସିହା ଅକ୍ଟୋବର ମାସରେ ସମ୍ପୂର୍ଣ୍ଣ ସମାପ୍ତି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏବେ ସୁଦ୍ଧା ଅନେକ ଗାଁକୁ ପାଇପ ସଂଯୋଗ ହୋଇପାରି ନାହିଁ। ଅନେକ ସ୍ଥାନରେ ପାଇପ ଲାଇନ ଅଧୁରା, ଓଭରହେଡ୍ ଟାଙ୍କ ଅସଚଳ, ଘରେ ଘରେ ପାଣି ଯୋଗାଣ ଅସ୍ତିତ୍ୱହୀନ ହୋଇ ପଡ଼ିଛି। ଲୋକେ ପାଣି ମୁନ୍ଦାଏ ପିଇବା ପାଇଁ ସଂଘର୍ଷ କାରୁଥିବାର ବାସ୍ତବ ଚିତ୍ର ଭଉଁରିଆବାଡ଼ ପଞ୍ଚାୟତର ତେନ୍ତୁଳିଆପଡା ଗ୍ରାମରୁ ଦେଖିବାକୁ ମିଳିଛି। ତେନ୍ତୁଳିଆପଡା ଗ୍ରାମବାସୀ ପିଇବା ପାଣି ଦାବିରେ ଗତ ଫେବୃଆରୀ ୨୦ ତାରିଖରେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ମହିଳା, ବୃଦ୍ଧ ଓ ଯୁବକମାନେ ପାଣି ପାଇଁ ଏପରି ପଦକ୍ଷେପ ନେବାକୁ ବାଧ ହେବା ନୀଳଗିରିର ଜଳ ସଙ୍କଟର ଗମ୍ଭୀରତାକୁ ପ୍ରକାଶ କରୁଛି। କେବଳ ତେନ୍ତୁଳିଆପଡା ଗ୍ରାମ ନୁହଁ, ଆନନ୍ଦପୁର ରେ ମଧ୍ୟ ସମାନ ସମସ୍ୟା, ଆନନ୍ଦପୁରରେ ପାନୀୟ ଜଳ ପାଇଁ ଥିବା ନଳକୂପରୁ ଗୋଳିଆ ଏବଂ ଆଇରନ ଯୁକ୍ତ ପାଣି ବାହାରୁଥିବାରୁ ୨୦ ବର୍ଷ ତଳେ ଥିବା ସରକାରୀ ପରିତ୍ୟକ୍ତ କୂଅରୁ ବିପଦ ସଂକୁଳ ଭାବେ ଦୂଷିତ ପାଣି ବାହାର କରି ପିଇବା ସମସ୍ତଙ୍କୁ ଚକିତ କରିଛି। କୂଅରେ ଢ଼ାଙ୍କୁଣୀ ନ ଥିବା ସ୍ଥଳେ ଲୋକେ ଏହି ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ସେପଟେ ମହିଷାପଟା ପଞ୍ଚାୟତର ହାତୀଆଶୀଳା ଗାଁରେ ପାନୀୟ ଜଳ ସଙ୍କଟ ସହ ଫ୍ଲୋରାଇଡ ମିଶା ପାଣି ବାହାରୁଥିବା ଗୁରୁତର ଅଭିଯୋଗ ଆସିଛି। ଦୂଷିତ ପାଣି ପିଇ ଗତ ୨-୩ ବର୍ଷରେ ପ୍ରଥମେ ହାତ-ଗୋଡ଼ ବଙ୍କା ହେବା ସହ ବିଭିନ୍ନ ରୋଗ ଦେଖାଦେବା ଓ ୧୫ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଗ୍ରାମବାସୀ ଉଠାଇଛନ୍ତି। ଏବେବି ଅନେକ ଲୋକ ରୋଗ ଶଯ୍ୟାରେ ପଡ଼ି ରହିଛନ୍ତି। ଏହା ପ୍ରଶାସନୀୟ ବିଫଳତାକୁ ପଦାରେ ପକାଇଛି। ଏପରିସ୍ଥଳେ ପାନୀୟ ଜଳ ଯୋଗାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଯୁବେରୀ ଇଞ୍ଜିନିୟରିଂ କନଷ୍ଟ୍ରକସନ କମ୍ପାନୀ ପାଇପ ଲାଇନ ବିଛାଣ ସମୟରେ ଉଚିତ ଗଭୀରରେ ପାଇପ ପିଛା ଯାଇନଥିବାର ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଅଭିଯୋଗ ଆସିଥିଲା। ଧୋବଶିଳା ପଞ୍ଚାୟତର ଗୋପୀନାଥପୁର ଗାଁ, ଯାହା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିଜ ପୈତୃକ ଗାଁ, ସେଠାରେ ସେ ଅନିୟମିତତାକୁ ପ୍ରମାଣ ସହ ଧରିଥିଲେ। ସେ ବିଭାଗକୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେ ସମୟରେ ଜଳ ଓ ପରିମଳ ବିଭାଗର ତତ୍କାଳୀନ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହାନ୍ତ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିଲେ। ନିମ୍ନମାନର କାର୍ଯ୍ୟ ହେଉଥିବା ସତ୍ତ୍ୱେ ଯନ୍ତ୍ରୀ ସଠିକ ନିରୀକ୍ଷଣ କରିନଥିବା ବେଳେ ଉପରିସ୍ଥ ଅଧିକାରୀଙ୍କୁ ବି ଅନିୟମିତତା ସମ୍ପର୍କରେ ରିପୋର୍ଟ ଦେଇନଥିଲେ। ଯାହା ଯନ୍ତ୍ରୀଙ୍କ ସହ ଠିକାସଂସ୍ଥାର ସଲାସୁତୁରା ଥିବାର ଅଞ୍ଚଳବାସୀ ଅଭିଯୋଗ ଆଣିଥିଲେ। ସାଂସଦଙ୍କ ନିଜ ପଞ୍ଚାୟତରେ ଦୁର୍ନୀତି ସାମ୍ନାକୁ ଆସିବା ପରେ ବିଭାଗ କେବଳ ଯନ୍ତ୍ରୀଙ୍କୁ ନୀଳଗିରିରୁ ବାହାନଗା ବ୍ଲକକୁ ବଦଳି କରି ନିଜକୁ ସ୍ୱଚ୍ଛ ଦେଖାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ଉଠିଛି। କେବଳ ବଦଳିରେ ସୀମିତ ରହିଛି ବିଭାଗୀୟ କାର୍ଯ୍ୟାନୁଷ୍ଠାନ। କାହା ଚାପରେ ଜଳ ଓ ପରିମଳ ବିଭାଗ ଚୁପ ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ୧୪୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରକଳ୍ପ ଯଦି ଲୋକଙ୍କୁ ସୁରକ୍ଷିତ ପାଣି ଦେଇପାରୁନାହିଁ, ଏହା ସରକାରୀ ଯୋଜନା ପ୍ରତି ଗୁରୁତର ପ୍ରଶ୍ନ ହୋଇ ଛିଡ଼ା ହୋଇଛି। ଏହା କେବଳ ଅଧୁରା କାମ ନୁହେଁ ଏହା ପ୍ରଶାସନୀୟ ଅବହେଳା, ସମ୍ଭାବ୍ୟ ଦୁର୍ନୀତି ଓ ଲୋକଙ୍କ ବିଶ୍ୱାସ ଭଙ୍ଗର କାହାଣୀ ବୋଲି ଚର୍ଚ୍ଚା ହେଉଛି। ତୁରନ୍ତ ଏ ଦିଗରେ ବିଧିବଦ୍ଧ ତଦନ୍ତ କରାଯାଇ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପାନୀୟ ଜଳ ପହଞ୍ଚାଇ ଲୋକଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବା ପାଇଁ ନୀଳଗିରିବାସୀ ଦାବି କରିଛନ୍ତି।

## ଉପଖଣ୍ଡ ଚିକିତ୍ସାଳୟ ଡାକ୍ତରଙ୍କ ମନମାନି ପ୍ରତିବାଦରେ ଧାରଣା

ନୀଳଗିରି, ୧।୩ (ସମିସ): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ମନମାନି ପ୍ରତିବାଦରେ ଆଜି ସନ୍ଧ୍ୟାରେ କିଛି ଯୁବକ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ସାନପାଟପୁର ଗ୍ରାମର ସନ୍ତୋଷ ରାଉତ (୨୯) ଏବଂ ତାଙ୍କ ସ୍ତ୍ରୀ ରାଜଶ୍ରୀ ରାଉତଙ୍କ ମଧ୍ୟରେ ପାରିବାରିକ କଳହ କାରଣରୁ ରାଜଶ୍ରୀ କସବାଜୟପୁରସ୍ଥିତ ବାପଘରେ ରହୁଥିଲେ। ଗତ ଫେବୃଆରୀ ୨୦ତାରିଖ ରାଜଶ୍ରୀ ଏବଂ ତାଙ୍କ ସାନଭଉଣୀ ଲିପ୍ସା ଦାସ ନିଜ ଛୁଆ ପାଇଁ ସାନପାଟପୁର ସ୍ଥିତ ଅଙ୍ଗନୱାଡ଼ିକୁ ଆସିଥିବା ବେଳେ ରାଜଶ୍ରୀଙ୍କ ଶାଶୂ ସୁମତି ଓ ଶଶୁର ଉମାକାନ୍ତ ବୋହୂଙ୍କୁ ଗାଳିଗୁଲଜ କରିବାସହିତ ମାରଧର କରିଥିଲେ। ଏ ନେଇ ନୀଳଗିରି ହସ୍ପିଟାଲରେ ଉଭୟ ଭଉଣୀକୁ ଆଡ଼ମିଶନ କରାଯାଇ ଚିକିତ୍ସା କରାଯାଇଥିଲା। ଏହି ଘଟଣାରେ ରାଜଶ୍ରୀଙ୍କ ମାଆ ମମତା ଦାସ ନୀଳଗିରି ଥାନାରେ ରିପୋର୍ଟ କରିବାପରେ ନୀଳଗିରି ପୁଲିସ ସନ୍ତୋଷଙ୍କ ବାପା ଏବଂ ମାଆଙ୍କୁ ଗିରଫକରି ଜେଲହାଜତକୁ ପଠାଇ ଦେଇଥିଲେ। ତେବେ ଘଟଣାର ସମାଧାନ ହୋଇଥିବା ବେଳେ ସୋମବାର ଉମାକାନ୍ତ ଏବଂ ସୁମତୀଙ୍କୁ ବେଲ୍ ହେବାର ଥିଲା। ମାତ୍ର ନୀଳଗିରି ହସ୍ପିଟାଲର ଡାକ୍ତର ସିଗମା ଶତପଥୀ ଇଞ୍ଜୁରି ରିପୋର୍ଟ ଦେବାକୁ ଥିବାବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ରବିବାର ଡାକ୍ତର ଶତପଥୀଙ୍କର ହସ୍ପିଟାଲ ଡିୟୁଟି ଚାର୍ଟରେ ରବିବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଡିୟୁଟି ଥିଲେ ହେଁ ଡାକ୍ତରଙ୍କ ଅନୁପସ୍ଥିତି ଥିବାରୁ ଇଞ୍ଜୁରୀ ରିପୋର୍ଟ ମିଳିପାରିନଥିଲା। ଫଳରେ ଦୋଳ ଏବଂ ହୋଲି ଉପଲକ୍ଷେ କୋର୍ଟ ବନ୍ଦ



ରହିବାକୁ ଆଶଙ୍କା କରି ପୁଅ ସନ୍ତୋଷଙ୍କ ସହିତ ରଣଜିତ୍ କୁମାର ପଣ୍ଡିତ, ରାଜେଶ କୁମାର ରାଉତ, ପର୍ଶୁରାମ ରାଉତ, ଜଳଧର ପଣ୍ଡିତ ଲପକ ପଣ୍ଡିତ, ବିନୋଦ ସେଠୀ, ଅଶ୍ୱିନୀ ପାତ୍ର ପ୍ରମୁଖ ବହୁ ଯୁବକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମନମାନିକୁ ବିରୋଧକରି ହସ୍ପିଟାଲ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଶେଷରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଧାରଣାସ୍ଥଳରେ ପହଞ୍ଚି ଇଞ୍ଜୁରି ରିପୋର୍ଟ ଦେବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରାତିରେ ବାରହା ଓ ଦିନରେ ମାଙ୍କଡ଼ ଉପଦ୍ରବ

# ଉଜୁଡ଼ିଯିବ ଚିନାବାଦାମ ଓ ପନିପରିବା ଚାଷ

ଚନ୍ଦନେଶ୍ୱର, ୧।୩ (ସମିସ)

ଭୋଗରାଇର ଉପାନ୍ତ ଅଞ୍ଚଳରେ ଦିନକୁ ଦିନ ମାଙ୍କଡ଼ ଓ ବାରହା ମାନଙ୍କ ଉପଦ୍ରବ ଚିନାବାଦାମ ଚାଷୀଙ୍କୁ ଯନ୍ତ୍ରଣା ଦେଉଛି। ରାତିରେ ବାରହା ଓ ଦିନରେ ମାଙ୍କଡର ଉପଦ୍ରବ ଚାଷୀର ନିଦକୁ ହଜାଇ ଦେଉଛି। ଭୋଗରାଇର ମୁଖ୍ୟ ଅର୍ଥକାରୀ ଫସଲ ଭାବରେ ଚିନାବାଦାମ ଚାଷ ଏବେ ସମ୍ପୂର୍ଣ୍ଣ ବନ୍ଦ ହେବାରେ ଲାଗିଲାଣି। ଏପରିକି ଲୋକଙ୍କ ବାଡ଼ିରେ ପନିପରିବା ଚାଷ ନ କରି ହାତ ବାନ୍ଧି ବସିଥିବାବେଳେ ପ୍ରଶାସନ ଏବାବଦରେ ନୀରବ ଦ୍ରଷ୍ଟା ସାଜିଛି। ଏ ପ୍ରସଙ୍ଗରେ ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ଅଂଚଳବାସୀଙ୍କ ଦାବି ଜୋର ଧରିଛି।

ବିବରଣୀରୁ ପ୍ରକାଶ, ଭୋଗରାଇର ବିସ୍ତୀର୍ଣ୍ଣ ଅଞ୍ଚଳ ନଦୀ ତଟ ଓ ସମୁଦ୍ର ଉପକୂଳ। ଏଣୁ ଏଠାକାର ମାଟି ବେଶ ଉର୍ବର ପାଇଁ ବହୁ ଲୋକ ପନିପରିବା ଓ ଚିନାବାଦାମ ଚାଷ କରିବା ପାଇଁ ଧାର କରଜ ଚାଷ କରିଥାନ୍ତି। ଏହାକୁ ନିଜର ଜୀବିକା ଭାବେ ଗ୍ରହଣ କରି ସାରା ବର୍ଷର ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ମାଙ୍କଡ଼ ଓ ବାରହାମାନଙ୍କ ପ୍ରାର୍ଦୁଭାବ ଯୋଗୁଁ ଚିନାବାଦାମ ଓ ପନିପରିବା ଚାଷ ଉପରୁ ଆସ୍ଥା ହରାଇଲେଣି ଚାଷୀମାନେ। ବର୍ତ୍ତମାନ ଚାଷୀ ମୁଣ୍ଡ ଝାଳ ତୁଣ୍ଡରେ ମାରି ଚିନାବାଦାମ ଓ ପନିପରିବା ଚାଷ କରିଛନ୍ତି। ଚିନାବାଦାମ ଗଛ ଉଠିବା ମାତ୍ରେ ମାଙ୍କଡ଼ ଓ ବାରହା ପଲ ତାହା ଉପାଡି ଖାଇ ଯାଉଛନ୍ତି। ବହୁ ସମୟରେ ମାଙ୍କଡ଼ ଆହତ କରିଥିବାର ନଜିର ମଧ ରହିଛି। ବର୍ତ୍ତମାନ ଚାଷୀ ଚିନ୍ତାରେ ଦିନ କାଟୁଛନ୍ତି। ଏହାଛଡା ପାନ ବରଜ ହେଉଛି ମାଙ୍କଡ଼ମାନଙ୍କର ଖେଳ ପଡିଆ। ବେଳେ ବେଳେ ସେମାନଙ୍କର ପ୍ରାଦୁର୍ଭାବରେ ପାନଗଛ ସବୁ ଭାଙ୍ଗି ନଷ୍ଟ କରିଦିଅନ୍ତି। ଯାହାକୁ ନେଇ ପାନଚାଷୀ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୁଅନ୍ତି। ଚାଷ ଜମିରେ ପଶି ମାଙ୍କଡ଼ ପନିପରିବା ଖାଉଛନ୍ତି। ଘରେ ପଶି ମଧ ସମସ୍ତ ପନିପରିବା ଖାଇଯାନ୍ତି। ଏ ସମସ୍ୟାର ସମାଧାନ ପାଇଁ ବିଗତ ଦିନରୁ ଦାବି ହୋଇ ଆସୁଥିଲେ ମଧ ତାହା କୌଣସି କାର୍ଯ୍ୟକାରୀ ହେଉନାହିଁ।ଏବେ ବି ଭୋଗରାଇର ପ୍ରତି ପଞ୍ଚାୟତରେ ପ୍ରାୟ ଏକ ହଜାରରୁ ଅଧିକ ମାଙ୍କଡ଼ ରହିଥିବା ଦେଖିବାକୁ ମିଳୁଛି। ତେଣୁ ଏହି ମାଙ୍କଡ଼ ମାନଙ୍କ ଉପଦ୍ରବରୁ ରକ୍ଷା ପାଇବା ପାଇଁ ମାଙ୍କଡ଼ ଧରାଳିମାନଙ୍କ ଦ୍ୱାରା ମାଙ୍କଡ଼ ସବୁ ଧରି କୁଲଡିହା କିମ୍ବା ଶିମିଳିପାଳରେ ଛଡା ଯିବାର ବ୍ୟବସ୍ଥା ହେବା ଆବଶ୍ୟକ। ଅଣ୍ଡିରା ମାଙ୍କଡ଼ ମାନଙ୍କୁ କୃତ୍ରିମ ଉପାୟରେ ବନ୍ଧ୍ୟାକରଣ କରାଯିବା ଉଚିତ। ରାଜ୍ୟ ସରକାର ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦେଉଥିଲାବେଳେ ଭୋଗରାଇର ପନିପରିବା ଓ ଚିନାବାଦାମ ଚାଷୀଙ୍କ ପ୍ରତି ଏମିତି ବୈମାତୃକ ମନୋଭାବ ପୋଷଣ କରିବା ଅତ୍ୟନ୍ତ ପରିତାପର ବିଷୟ। ବାରମ୍ବାର ଅଭିଯୋଗ ସ୍ୱତେ ସମାଧାନ ଦିଗରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଭୋଗରାଇ ଚାଷୀ ଆଇନକୁ ହାତକୁ ନେବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।



## କମର୍ଦ୍ଦାରେ ଯୁବ କଂଗ୍ରେସର ପ୍ରତିବାଦ ସଭା

କମର୍ଦ୍ଦା,୧।୩ (ସମିସ): ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଓ ଭୋଗରାଇ ଚାଷୀଙ୍କ ପାଇଁ ଧାନ ବିକ୍ରି ନ ହେବା କମର୍ଦ୍ଦାଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ଓ ନେତା ଶୋଭାଯାତ୍ରାରେ ପ୍ରତିବାଦ ସଭା କରି ଅଖିଳ ଭାରତ କଂଗ୍ରେସ ସଭାପତି ଉଦୟ ଭାନୁଜୀଙ୍କୁ ବିନା ଦୋଷରେ ଗିରଫଦାରୀ କରିବା ସହିତ ଭୋଗରାଇ ଚାଷୀଙ୍କ ଟୋକନ ଅବଧି ବୃଦ୍ଧି ବନ୍ଦ ଦାବିରେ ପ୍ରତିଦିନ ଭୋଗରାଇର ଚାଷୀମାନେ ହୀନସ୍ତା ହେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ତଥା ଜିଲ୍ଲାପରିଷଦ ସନ୍ତୋଷ କୁମାର ଜେନା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଭୋଗରାଇ କଂଗ୍ରେସ ସଭାପତି ଜୟଦେବ ଦାସ, ନାରୀନେତ୍ରୀ ମୀନା ରାଣୀ ଶୂର, ଜିଲ୍ଲା କଂଗ୍ରେସ ସଂପାଦକ ମମତା ସାହୁ, ସମ୍ପାଦକ ଶିଶିର ମହାପାତ୍ର, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ସୁଦର୍ଶନ ଜେନା, ଜୋନ ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର, ରାଜେନ୍ଦ୍ର ଦଳାଇ, ରାଧାବିନୋଦ ଦାସ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ସହିତ ଭୋଗରାଇର ବହୁ କଂଗ୍ରେସ ନେତା ଚାଷୀ ମାରଣ ନୀତି ପାଇଁ ପ୍ରତିବାଦ କରିଥିଲେ। ଏଥିରେ ଭୋଗରାଇ କଂଗ୍ରେସର ସହସ୍ରାଧିକ ନେତା ଓ ଦଳୀୟ କର୍ମୀ ସାମିଲ ହୋଇଥିଲେ।



## ତରତୁଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନୀଳଗିରି, ୧।୩ (ସମିସ): ଔପଦା ବ୍ଲକ ଈଶ୍ୱରପୁର ପଞ୍ଚାୟତ ଅଧୀନ ତରତୁଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଉତ୍ସବରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଭଗବାନ ଦାସ, କରୁଣାକର ସ, ତାପସ ରଞ୍ଜନ ନାୟକ, ସୁରେନ୍ଦ୍ର ଜେନା, ସୁକାନ୍ତ ନାୟକ ଏବଂ ସ୍ୱାଗତିକା ଗିରି ମଞ୍ଚାସିନ ରହି ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଉଦବୋଧନ ଦେଇଥିବା ବେଳେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସ, ଦେବି ପ୍ରସାଦ ସିଂ, ପୁରୁଷୋତ୍ତମ ବେହେରା ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ଜୟନ୍ତୀ ମଳିକ ଗ୍ରାମବାସୀ ସୁରେନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାକ୍ ହୋଲି ମିଳନ 'ପ୍ରେମ ଫଗୁଣ' କାର୍ଯ୍ୟକ୍ରମ

ବାଲେଶ୍ୱର,୧।୩ (ସମିସ): ପ୍ରାକ୍ ହୋଲି ମିଳନ 'ପ୍ରେମ ଫଗୁଣ' କାର୍ଯ୍ୟକ୍ରମ ଅବସରରେ କବିତା, ଚିତ୍ର ଓ ସଙ୍ଗୀତର ଅପୂର୍ବ ଆସର କବିତୀର୍ଥ ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ବିଧାୟିକା କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ କେଶୁ ଦାସଙ୍କ ସମେତ ଅରୁଣ ବାରିକ, ପାପୁନ ପ୍ରଧାନ, ଦେବାଶିଷ ପତି, ଶୁଭଙ୍କର ରାଉତ ପ୍ରମୁଖ ଚିତ୍ର ଆଙ୍କିଥିଲେ। ଏହି କାର୍ଯ୍ୟକ୍ରମରେ କାହ୍ନୁ ଲେଙ୍କା, ବିବ୍ୟାଣି, ରିତୁରାଣି, ଶୁଭସ୍ମିତା ପଣ୍ଡା, ଶ୍ରେୟଂସି, ହିତେଶା, ଦେବାଶିଷ ଚାଟାର୍ଜୀ, ବହ୍ନି ମାନ ରଥ, ଦିବ୍ୟଂସ, ତାନିସ, ମୌସୁମି ଦାସ, ସୁବାସିନୀ ଜେନା ପ୍ରମୁଖ ସଙ୍ଗୀତ



ସୁବାସିନୀ ଜେନା, ଆଇଟିଆର ସହ ନିର୍ଦ୍ଦେଶକ ନିଳାଦ୍ରୀ ରାୟ, ବ୍ୟବସାୟୀ ମତିସ ଜଟାନିଆ ଓ ପିତାମ୍ବର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମ ରଥ ପ୍ରାକ୍ କଥା ରଖିଥିଲେ। କୁମାର ଗୋପାଳ ଓ ଶୁଭଶ୍ରୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଗାନ କରିଥିଲେ। ରଘୁନାଥ ଲେଙ୍କା ବୃଷ କଥା ରଖିଥିଲେ। ଏଥିରେ ସମସ୍ତ କାର୍ଯ୍ୟ ଅନୁଷ୍ଠାନର ସକ୍ରିୟ ସଦସ୍ୟମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତେ ପରସ୍ପରକୁ ଅବିର ଲଗାଇ ହୋଲିର ଶୁଭେଚ୍ଛା ଜଣାଇଥିଲେ।

## ମାନସିକ ବିକାରଗସ୍ତ ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ନୀଳଗିରି, ୧।୩ (ସମିସ): ବରହମପୁର ଥାନା ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ହେଲା ଗରଡି ପଞ୍ଚାୟତର ମହେନ୍ଦ୍ର ସିଂ ଅରଫ ମୁନା (୩୫)। ଘଟଣା ନେଇ ରବିବାର ପୀଡିତାର ବାପା ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ବରହମପୁର ପୁଲିସ ତଦନ୍ତ କରିବା ସହ ଅଭିଯୁକ୍ତ ମହେନ୍ଦ୍ର ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଦନ୍ତା ଖେଳାଇଲା ଆତଙ୍କ

କୁଆମରା,୧।୩(ସମିସ): ଏକ ଦନ୍ତା ଗୋପବନ୍ଧୁନଗର ବ୍ଲକ ରାଣୀବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଶି କ୍ଷୟକ୍ଷତି ଘଟାଇଛି। ଦନ୍ତା ରାତିରେ ଆସି ଚମ୍ପାଗଡିଠାରେ ନଦୀପଠାରେ ଥିବା ପରିବା ଚାଷ ନଷ୍ଟ କରିବା ପରେ ନିକଟସ୍ଥ ଗ୍ରାମ ଟୁଙ୍ଗାଧୁଆରେ ପଶିଥିଲା। ରବିନ୍ଦ୍ର ମାରାଣ୍ଡି, ଦୁର୍ଯ୍ୟୋଧନ ସୋରେନ ଓ ହପନା ମୁର୍ମୁଙ୍କ ଚାଳ ଘର ଭାଙ୍ଗି ଘର ଭିତରେ ଥିବା ଜିନିଷ ନଷ୍ଟ କରିଥିଲା। ଗ୍ରାମରେ ଦିନବେଳା ଜାହିରା ପୂଜା ହୋଇଥିବାରୁ ପ୍ରାୟ ସମସ୍ତଙ୍କ ଘରେ ହାଣ୍ଡିଆ ପ୍ରସ୍ତୁତ ହୋଇଥିଲା। ଏଣୁ ସେ ବାସ୍ନାରେ ସେ ଘରେ ପଶିଥିଲା। ସେଠାରୁ ନାଉପଦା ଗ୍ରାମରେ ପଶି ଆତଙ୍କ ଖେଳାଇଥିଲା।



## ଚୋରି ଘଟଣାରେ ୫ କୋର୍ଟ ଚାଲାଣ

ବୈଶିଙ୍ଗା, ୧।୩(ସମିସ): ବଡ଼ଗୋପାଳପୁର ଗ୍ରାମରେ ଥିବା ଏକ ଫାର୍ମ ହାଉସରୁ ମାଛ ଦାନା ଓ ଧାନ ଚୋରି ଘଟଣାରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରିଶ ବରଜଙ୍କ ପୁଅ ଦିନେଶ ବରଜ ବଡ଼ଗୋପାଳପୁର ଗ୍ରାମରେ ଫାର୍ମ ହାଉସ କରି ସେଠାରେ ମାଛଚାଷ ସହିତ ବିଭିନ୍ନ ପ୍ରକାରର ପନିପରିବା ଚାଷ କରିଛନ୍ତି। କିଛିମାସ ପୂର୍ବେ ସେ ନ ଥିବାବେଳେ କେତେକ ଦୁର୍ବୃତ୍ତ ଫାର୍ମ ହାଉସରେ ପଶି ପାଖାପାଖି ୧ ଲକ୍ଷ ଟଙ୍କାର ମାଛ ଚୋରି କରି ନେଇଥିଲେ। ସେ ଏ ନେଇ ବୈଶିଙ୍ଗା ଥାନାରେ କୌଣସି ଅଭିଯୋଗ କରି ନ ଥିଲେ। ପୁନର୍ବାର ଗତ ୧୯ ତାରିଖ ରାତିରେ ର୍ ଫାର୍ମ ହାଉସରେ ପଶି ଗୋଦାମ ଘର ଭାଙ୍ଗି ବିପୁଳ ପରିମାଣର ଗଚ୍ଛିତ ଥିବା ମାଛ ଦାନା, ଧାନ, ପାଣି ପମ୍ପ, ୫୦୦ରୁ ଅଧିକ ଖୋଲା ବୁରା ଚୋରି କରି ନେଇଥିଲେ। ସେ ଏ ନେଇ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରାଯାଇ ଥାନା ଅଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏଏସଆଇ ସପନ ବିଶ୍ୱାଳ ତଦନ୍ତ ଚଳାଇଥିଲେ। ସେହି ଫାର୍ମରେ କାର୍ଯ୍ୟ କରୁଥିବା ବୈଶିଙ୍ଗା ଥାନା ଅଧୀନ ପାଇକଯୁଗୁପୁରା ଗ୍ରାମର ଅମିତାଂଶୁ ଖଟୁଆ ନାମକ ଜଣେ କର୍ମଚାରୀଙ୍କୁ ସନ୍ଦେହରେ ଶୁକ୍ରବାର ପୁଲିସ ଥାନାକୁ ଆଣି ପଚରାଉଚରା କରିବା ସହ ଏହି ଚୋରିରେ ଲିପ୍ତ ଥିବା ଅନ୍ୟ ୪ ଜଣ ଯୁବକଙ୍କୁ ମଧ ଥାନାରେ ଅଟକ ରଖାଯାଇଥିଲା। ସମସ୍ତ ୫ ଜଣ ଅଭିଯୁକ୍ତ ଏହି ଚୋରିରେ ସମ୍ପୃକ୍ତ ଥିବା ନେଇ ଜାଣିବାକୁ ପାଇଥିଲା ବୈଶିଙ୍ଗା ପୁଲିସ। ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଅଧୀନ ପାଇକ ଯୁଗୁପୁରା ଗ୍ରାମର ରିଙ୍କୁ ଓରଫ ଅଙ୍କିତ ଖଟୁଆ (୨୪), ରାଜା ଓରଫ ଅମିତାଂଶୁ ଖଟୁଆ (୨୭), କଦଳିଆ ଗ୍ରାମର ବାବୁଲା ଓରଫ ମନୋଜ ମହାନ୍ତ (୨୦), ମଛପଦା ଗ୍ରାମର ବାପୁନୁ ଓରଫ ସମୀର ଦାସ (୨୩) ଓ ସିକରଖୁଣ୍ଟା ଗ୍ରାମର ଦିଲ୍ଲୀପ ମହାନ୍ତ (୨୮)।

## ମାତା ପିତା ସାହିତ୍ୟ ସଂସଦ ଓ ପାଠାଗାରର ବାର୍ଷିକ ଉତ୍ସବ



ନୀଳଗିରି, ୧।୩ (ସମିସ): ଔପଦା ବ୍ଲକ ଈଶ୍ୱରପୁର ପଞ୍ଚାୟତ ଅଧୀନ ବାଙ୍କୀପଦା ଗ୍ରାମ ର କବି ଲୋଚନ ବେହେରାଙ୍କ ଦ୍ୱାରା ପ୍ରତିଷ୍ଠିତ ମାତା ପିତା ସାହିତ୍ୟ ସଂସଦ ଓ ପାଠାଗାର ର ୨୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରେମୁଣା ସାହିତ୍ୟ ସଂସଦର ସମ୍ପାଦକ ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ବାର୍ଷିକ ଉତ୍ସବ ର ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସାହିତ୍ୟ ସଂସଦର ପ୍ରତିଷ୍ଠାତା କବି ଲୋଚନ ବେହେରାଙ୍କ ୮୦ ବର୍ଷ ବୟସ ପୂର୍ତ୍ତି ଅବସରରେ ଉପସ୍ଥିତ ଅତିଥି ମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଶୁଭକାମନା ଜଣାଇଥିଲେ। ଡକ୍ଟର ରତ୍ନାକର ସିଂହ, ଇଂ. ଅଭୟ ସୁଆର, ଚିତ୍ତ ରଞ୍ଜନ କୁଣ୍ଡୁ, ପଣ୍ଡିତ ନିରଞ୍ଜନ ସାହୁ, ସମର ବଲ୍ଲଭ ଭୋଇ, ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚାସିନ ରହି ବକ୍ତବ୍ୟ ରଖିଥିବା ବେଳେ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ସତ୍ୟଭାମା ମୁଦୁଲି କବିତା ସଂଯୋଜନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଏହି ବାର୍ଷିକ ଉତ୍ସବ ରେ ଉପସ୍ଥିତ ଥିବା ଶତାଧିକ କବି ଓ କବୟିତ୍ରୀଙ୍କ ଦ୍ୱାରା କବିତା ପଠନ କରାଯାଇଥିଲା। ବାର୍ଷିକ ମୁଖପାତ୍ର ପତ୍ରିକା ସମେତ ଅନ୍ୟ ଏକ କବିତା ପତ୍ରିକା ମୁକ୍ତିସୁଧା ଅତିଥି ମାନଙ୍କ କର କମଳରେ ଶୁଭ ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ମୁକ୍ତିକାନ୍ତ ମିଶ୍ର, ଦେବକାନ୍ତ ବେହେରା, ସତ୍ୟବାନ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଉପ ସଭାପତି ଭାଗୀରଥୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର, ୧।୩ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବାସୁଚକୁରାଇ ପଞ୍ଚାୟତ ଅନ୍ତର୍ଗତ ଭୋଗୀଚକୁରାଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜ ସେବୀ ବିଜୟ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବରେ ସିଆରସିସି ଅଶୋକ ପାଢୀ ଯୋଗଦେଇ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଜୀବନ ପଥର ଆଲୋକ ସଦୃଶ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତା ଭାବରେ ପୂର୍ବତନ ସିଆରସି ପ୍ରଶାନ୍ତ ଦାସ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଧାକ୍ରିଷ୍ଣ ସାହୁ, ସରପଞ୍ଚ ପ୍ରତିନିଧି ଗୌତମ ଦାଶ, ଗ୍ରାମ ମୁଖିଆ ମାୟାଧର ବେହେରା, ଏସଏମସି ସଭାପତି ପୂର୍ଣ୍ଣଚନ୍ଦ୍ର ମାଝୀ, ନାଏବ ସରପଞ୍ଚ ଧର୍ମାନନ୍ଦ ସୋରେନ, ପୂର୍ବତନ ସିଆରସି ଉମେଶ ଚନ୍ଦ୍ର ପାଢୀ, ପ୍ରାଇମେରୀ ଶିକ୍ଷକ ସଂଘର ସଭ୍ୟ ଅଶୋକ ମଲ୍ଲିକ, ରମେଶ ଦାସ ଉପସ୍ଥିତ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ଧିନ୍ଦା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ବିଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଦ୍ରା ମୁର୍ମୁ ସହଯୋଗ କରିଥିଲେ।

## ନରଣପୁର ଉଚ୍ଚବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ନୀଳଗିରି, ୧।୩ (ସମିସ): ଦୀର୍ଘ ୪୧ବର୍ଷ ଧରି ନିଷ୍ଠାର ସହିତ କର୍ତ୍ତବ୍ୟ ସମ୍ପାଦନ କରି ଶେଷରେ ଫେବୃଆରୀ ୨୮ ତାରିଖ ଅବସର ଗ୍ରହଣ କରିଛନ୍ତି ନରଣପୁର ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ବିଜ୍ଞାନ କର୍ମଚାରୀ ଶଚିନ୍ଦ୍ର ବେହେରା। ଏହି ଅବସରରେ ଆୟୋଜିତ ବିଦାୟୀ ସମ୍ବର୍ଦ୍ଧନା ପର୍ବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ବେହେରା ସଂଯୋଜନା କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଚିତ୍ତରଞ୍ଜନ ଚୌଧୁରୀ ସଭାପତିତ୍ୱ କରିଥିଲେ। ଏହି ବିଦାୟୀ ସମାବେଶରେ ପରିଚାଳନା କମିଟିର ସଦସ୍ୟ ଅଶ୍ୱିନୀ କୁମାର ଦାସ, ରଜତ କୁମାର ପାତ୍ର, ବିଦ୍ୟାଳୟର ଅତିଥିଶିକ୍ଷକ ନରେନ୍ଦ୍ରନାଥ ବାରିକ, ଅକ୍ଷୟ କୁମାର ବେହେରା ମଞ୍ଚାସିନ ରହି ଦୀର୍ଘ ୪୧ବର୍ଷ ଧରି କର୍ତ୍ତବ୍ୟନିଷ୍ଠ ସେବାଯୋଗାଇ ଦେଇଥିବା ଶ୍ରୀ ବେହେରାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଉପଦେଷ୍ଟା କମିଟିର ସଭାପତି ବିଭୂତି ଭୂଷଣ ବେହେରା, ରତିକାନ୍ତ ପରିଡା, ପୁରାତନ ଛାତ୍ର ତଥା ଆଲୁମିନି କମିଟି ସଦସ୍ୟ ପ୍ରଦୀପ କୁମାର ଭୂୟାଁ, ଅକ୍ଷୟ କୁମାର ଦାସ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବିଦାୟ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଲୋଚନା ସିଂ, ପ୍ରତିଭାରାଣୀ ଦାସ, କ୍ରୀଡାଶିକ୍ଷକ ଅରବିନ୍ଦ ପାଢୀ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମନ୍ତ କୁମାର ନାୟକ, ସାମନ୍ତ କୁମାର ଜେନା, ମୁନି ସିଂ ପ୍ରମୁଖ ସହଯୋଗ କରିଥିଲେ।



## ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର କାୟାକଳ୍ପ ବୈଠକ

# ମୟୂରଭଞ୍ଜ ଛଉର ଭବିଷ୍ୟତ ପାଇଁ ସଂକଳ୍ପ

ବାରିପଦା, ୧।୩(ସମିସ)

ମୟୂରଭଞ୍ଜ ଶୈଳୀ ଛଉ ନୃତ୍ୟର ପ୍ରଥମ ଓ ପ୍ରମୁଖ ସଂସ୍ଥା ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ବାରିପଦା ଅମ୍ବିକା ସାହିସ୍ଥ ମୁଖ୍ୟ କାର୍ଯ୍ୟାଳୟରେ ଆବର୍ତ୍ତନୀୟ କାୟାକଳ୍ପ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରୂପାନ୍ତରମୂଳକ ବୈଠକ ମାଧ୍ୟମରେ ସଂସ୍ଥାଟି ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରି ନୂତନ ପିଢ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଦୃଢ଼ ସଙ୍କଳ୍ପ ପ୍ରକାଶ କରିଛି। ଉକ୍ତ ବୈଠକରେ ନୂଆ କମିଟି କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ, ଚୈତ୍ର ପର୍ବ ପାଇଁ ପ୍ରସ୍ତୁତି ଓ ମୟୂରଭଞ୍ଜର କଳା-ସଂସ୍କୃତି ପ୍ରଚାରରେ ଅବଦାନ ପାଇଁ ବୈଦ୍ୟୁତିକ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଛି।

ମୟୂରଭଞ୍ଜ ଛଉ ନୃତ୍ୟ ହେଉଛି ମୟୁରଭଞ୍ଜ ସଂସ୍କୃତିର ଏକ ଅମୂଲ୍ୟ ରତ୍ନ। ଏହାର ଗତିଶୀଳ ନୃତ୍ୟ, ଭବ୍ୟ ମୁଖ ଅଭିନୟ ଓ ପୌରାଣିକ କାହାଣୀର ମାଧ୍ୟମରେ ଏହା ଯୁଦ୍ଧ, ପ୍ରେମ ଓ ଧର୍ମର ସୁନ୍ଦର ଚିତ୍ରଣ କରେ। ୟୁନେସ୍କୋର ଅନଳ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ପାଇଥିବା ଏହି ନୃତ୍ୟର ପ୍ରଥମ ଓ ପ୍ରମୁଖ ସଂରକ୍ଷକ ହେଉଛନ୍ତି ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନ। ବାରିପଦାରେ ସ୍ଥାପିତ ଏହି ସଂସ୍ଥା ବର୍ଷ ବର୍ଷରୁ କାର୍ଯ୍ୟଶାଳା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ପ୍ରଦର୍ଶନୀ ମାଧ୍ୟମରେ ଏହି କଳାକୁ ବଞ୍ଚାଇ ରଖିଛି। କାୟାକଳ୍ପ ବୈଠକ ହେଉଛି ଏହାର ବାର୍ଷିକ ପୁନରୁଜ୍ଜୀବନ ପ୍ରକ୍ରିୟା। ଯାହା ସଂସ୍ଥାକୁ ନୂତନ ଶକ୍ତି ଦେଇଥାଏ। ବୈଠକ ପ୍ରାରମ୍ଭରେ ନୂଆ କମିଟି ସଦସ୍ୟ ଶପଥ ଗ୍ରହଣ କରିଥିଲେ। ନୂତନ ସଭାପତି ଭାବେ ଦିଲ୍ଲୀପ କୁମାର ମିଶ୍ର, ଉପସଭାପତି ଭାବେ ବରିଷ୍ଠ ଆଇନଜୀବୀ ସୁଜାତା ମିଶ୍ର ଓ ବିଶିଷ୍ଟ ବ୍ୟବସାୟୀ ସନ୍ଦୀପ କୁମାର ବିଶୋଇ ତଥା ସମ୍ପାଦକ ଭାବେ ବରିଷ୍ଠ ଛଉ ନୃତ୍ୟ ଗବେଷକ ସୁଧୀର କୁମାର ନାୟକ ଓ ଯୁଗ୍ମସମ୍ପାଦକ ଭାବେ ବରିଷ୍ଠ ଛଉନୃତ୍ୟ ଗୁରୁ ତଥା ଜାତୀୟ ସଙ୍ଗୀତ ନାଟକ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ ଲୋକନାଥ ଦାସ, କୋଷାଧ୍ୟକ୍ଷ ଭାବେ ବିଶିଷ୍ଟ ଟାକ୍ସ ପରାମର୍ଶଦାତା ସରୋଜ କୁମାର ଶତପଥୀଙ୍କ ସହ ଅନ୍ୟାନ୍ୟ ସଦସ୍ୟ ସଙ୍କଳ୍ପବୋଧ ଭାବେ ଶପଥ ନେଇଛନ୍ତି।

### ନୂତନ କର୍ମକର୍ତ୍ତାଙ୍କ ଶପଥ, ଚୈତ୍ର ପର୍ବ ପ୍ରସ୍ତୁତି

ସେମାନେ ମୟୂରଭଞ୍ଜ ଛଉ ନୃତ୍ୟକୁ ବିଶ୍ୱବ୍ୟାପୀ ପ୍ରତିଷ୍ଠା ଓ ପ୍ରସାର କରିବା ପାଇଁ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ, ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରଚାର ଓ ଯୁବକ/ଯୁବତୀଙ୍କୁ ସମ୍ପୃକ୍ତ କରିବା ପରିକଳ୍ପନା କରିଛନ୍ତି। ଚୈତ୍ର ପର୍ବ ହେଉଛି ମୟୂରଭଞ୍ଜର ସବୁଠାରୁ ବଡ଼ ସାଂସ୍କୃତିକ ଉତ୍ସବ। ଯେଉଁଠାରେ ଛଉ କଳାକାର ଛଉ ନୃତ୍ୟର ମହେଶ୍ୱରୀ ପ୍ରଦର୍ଶନ କରନ୍ତି। ବୈଠକରେ ୨୦୨୬ ଚୈତ୍ର ପର୍ବ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ନୂତନ କୋରିଓଗ୍ରାଫି, ମହିଳା ନର୍ତ୍ତକୀୟ ଦଳ ଗଠନ, ପରିବେଶ ସଂରକ୍ଷଣ ଥିମ୍ ସହ ନୃତ୍ୟ ଓ ଲୋଜିଷ୍ଟିକ୍ସ ଆଲୋଚନା ସ୍ଥାନ ପାଇଥିଲା।

ଏଥିସହ ଅତିଥି କଳାକାରଙ୍କୁ ଆହ୍ୱାନ ଓ ଲାଇଭ୍ ଷ୍ଟ୍ରିମିଂ ପରିକଳ୍ପନା କରାଯାଇଛି। ଏହି ପର୍ବ ମୟୂରଭଞ୍ଜକୁ ବିଶ୍ୱ ମଞ୍ଚରେ ପରିଚୟ କରିବ ବୋଲି ଯୁଗ୍ମ ସମ୍ପାଦକ ଶ୍ରୀ ଦାସ କହିଛନ୍ତି। ଏହି ଅବସରରେ ମୟୂରଭଞ୍ଜର କଳା-ସଂସ୍କୃତିକୁ ଜାତୀୟ ଓ ଅନ୍ତର୍ଜାତୀୟ ଦର୍ଶକଙ୍କ ନିକଟରେ ପହଞ୍ଚାଇବାରେ ଅବଦାନ ପାଇଁ ବୈଦ୍ୟୁତିକ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କର ନିରନ୍ତର ପରିବେଷଣ ଛଉର ମହତ୍ତ୍ୱକୁ ଉଜାଗର କରିଛି। ଗଣମାଧ୍ୟମ ହେଉଛି ଆମର ସବୁଠାରୁ ବଡ଼ ସାଥୀ ବୋଲି ଉପସଭାପତି ଶ୍ରୀମତୀ ମିଶ୍ର ଓ ଶ୍ରୀ ବିଶୋଇ କହିଛନ୍ତି। ବୈଠକରେ ନୂତନ ନିଷ୍ପତ୍ତି ଅନୁସାରେ ଯୁବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଡିଜିଟାଲ୍ ଆର୍କାଇଭ୍, ଅନ୍ତର୍ଜାତୀୟ ଫେଷ୍ଟିଭାଲରେ ଅଂଶଗ୍ରହଣ ଓ ସ୍କୁଲ୍-କଲେଜରେ ଛଉ ପରିଚୟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ଏହାସହ ସରକାରୀ ସମର୍ଥନ ଓ କର୍ପୋରେଟ୍ ସହଯୋଗ ବଢ଼ାଇବା ଉପରେ ସଭିଏଁ ଗୁରୁତ୍ୱ ଦେଇଥିଲେ।





# ଭୁବନେଶ୍ୱର ସିଟି

# ବେଙ୍ଗାଲୁରୁ ଫେରନ୍ତା ଯୁବତୀଙ୍କୁ ହୋଟେଲରେ ଦୁଷ୍କର୍ମ

**ଭୁବନେଶ୍ୱର,୧।୩ (ସମିସ):** ରାଜଧାନୀରେ ପୁଣି ଲଜ୍ଜାଜନକ ଘଟଣା ଘଟିଛି। ବାଙ୍ଗାଲୋରରୁ ଫେରିଥିବା ଯୁବତୀଙ୍କୁ ହୋଟେଲକୁ ଡାକି ଦୁଷ୍କର୍ମ କରିଛି। ରସୁଲଗଡ଼ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଯୁବତୀ ଜଣକ କନ୍ଧମାଳ ସଦର ଥାନାରେ ଏତଲା ଦେଇଛନ୍ତି। ସଦର ଥାନା ପୁଲିସ ଜିରୋ ଏଫ୍ଆଇଆର୍ ରୁଜୁ କରି ପଠାଇବା ପରେ ମାମଲା ରୁଜୁ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଘଟଣାର ଅଭିଯୁକ୍ତ ଫିରିଙ୍ଗିଆ ଥାନା ରାବିଙ୍ଗିଆର ଧର୍ମେନ୍ଦ୍ର ଦିଗାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୁଲିସ ସୂଚନାନୁଯାୟୀ, କନ୍ଧମାଳ ଜିଲ୍ଲାର ଜଣେ ୨୫ ବର୍ଷୀୟା ଯୁବତୀ ସ୍ଥାନୀୟ ଏକ ଲଙ୍କା ପୋଡ଼ି ଉତ୍ସବରେ ଧର୍ମେନ୍ଦ୍ର ସଂସ୍ପର୍ଶରେ ଆସିଥିଲେ। ୨୦୧୭ ମସିହାରେ ଯୁବତୀ ଜଣକ ଭୁବନେଶ୍ୱର ଆସି ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଥିବା ବେଳେ ଧର୍ମେନ୍ଦ୍ର ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମ ସମ୍ପର୍କ ରଖିଥିଲା। ୨୦୨୨ ମସିହା ବେଳକୁ ଯୁବତୀ ଜଣକ ବାଙ୍ଗାଲୋର ଯାଇ ସେଠାକାର ଏକ ଔଷଧ ଦୋକାନରେ ଚାକିରି କରିଥିଲେ। ଗତମାସ ୧୦ ତାରିଖରେ ଯୁବତୀ ଜଣକ ଭୁବନେଶ୍ୱର ଫେରି ମୈତ୍ରୀ ବିହାର ଥାନା ଅଞ୍ଚଳରେ ଥିବା ତାଙ୍କ ସାଙ୍ଗଙ୍କ ଘରେ ରହିଥିଲେ। ଏହାର ୪ ଦିନ ପରେ ଅର୍ଥାତ୍ ୧୪ ତାରିଖ ଦିନ ଧର୍ମେନ୍ଦ୍ର ସଂପୃକ୍ତ ଯୁବତୀଙ୍କୁ ରସୁଲଗଡ଼ ସ୍ଥିତ ଏକ ହୋଟେଲକୁ ଡକାଇଥିଲା। ଯୁବତୀ ଜଣକ ଆସି ପହଞ୍ଚିବା ପରେ ଉଭୟ ଗୋଟିଏ ରୁମରେ ରହିଥିଲେ। ସେଠାରେ ରହଣି ମଧ୍ୟରେ ଧର୍ମେନ୍ଦ୍ର ବିବାହର ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା। ଯୁବତୀ ଜଣକ ବିବାହ କରିବାକୁ କହିବାରୁ ହାଇକୋର୍ଟ ଯାଇ ବିବାହ କରିବା ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଥିଲା। ଫେବୃୟାରୀ ୧୮ ତାରିଖ ଦିନ ପୁଣିଥରେ ବିବାହ କରିବାକୁ କହିବାରୁ କନ୍ଧମାଳ କୋର୍ଟରେ ବିବାହ କରିବ ବୋଲି ଧର୍ମେନ୍ଦ୍ର କହିଥିଲା। ଏହାପରେ ବାଇକ୍ ଯୋଗେ ଉଭୟ କନ୍ଧମାଳ ଯାଇଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ବିବାହ କରିବା ପରିବର୍ତ୍ତେ ଧମକଚମକ ଦେଇଥିଲା। ଶାରୀରିକ ସମ୍ପର୍କ କଥା କାହାରିକୁ ଜଣାଇଲେ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ଯୁବତୀ ଜଣକ ଅନ୍ୟ କୌଣସି ଉପାୟ ନପାଇ କନ୍ଧମାଳ ସଦର ଥାନାରେ ଏତଲା ଦେଇଥିଲେ। ସଦର ଥାନା ପୁଲିସ ଜିରୋ ଏଫ୍ଆଇଆର୍ ରୁଜୁ କରିଥିଲା। ହେଲେ ପ୍ରଥମ ଘଟଣାଟି ରସୁଲଗଡ଼ରେ ଘଟିଥିବାରୁ ମଞ୍ଚେଶ୍ୱର ଥାନାକୁ ପଠାଇ ଦେଇଥିଲା। ମଞ୍ଚେଶ୍ୱର ଥାନା ପୁଲିସ ୧୩୮/୨୬ ରେ ଦଫା - ୬୯/୩୫୧(୨) ବିଏନ୍ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ଏଥିସହିତ ଧର୍ମେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କନ୍ଧମାଳରେ ଜିରୋ ଏଫ୍ଆଇଆର୍ ପରେ ମଞ୍ଚେଶ୍ୱର ଥାନାରେ ମାମଲା

■ ଅଭିଯୁକ୍ତ ସପକ୍ଷରେ ବିଜେପିର ଥାନା ଘେରଉ ମାମଲା

# ମୁଖ୍ୟ ଅଭିଯୁକ୍ତ ଫେରାର, ୨ ଜଣଙ୍କୁ ବାନ୍ଧିଲା ପୁଲିସ

**ଭୁବନେଶ୍ୱର,୧।୩(ସମିସ):** ସହିଦ ନଗର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅସଦାଚରଣ, ଆକ୍ରମଣ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲିକ କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଲକ୍ଷ୍ମୀନାରାୟଣ ବସ୍ତି ୟୁନିଟ୍-୯ ଫ୍ଲାଟ୍ ଅଞ୍ଚଳର ସୁନୀଲ କୁମାର ଖଟେଇ ଏବଂ ଗଣିଆ କାର୍ତ୍ତିକ। କିନ୍ତୁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ମନୋଜ ପୁଲିସ ନଜରରେ ଏବେ ବି ଫେରାର ରହିଛି। ଯିଏକି ଏକ ଗ୍ୟାଙ୍ଗର ମୁଖ୍ୟ ଥିଲା। କ୍ୟାମେରା ସାମ୍ନାରେ ଅପରାଧ ଘଟାଇବା ପରେ ବି ଖୋଲାରେ ବୁଲୁଛି। ଆଇନ୍‌ର ହାତ ତାପାଖରେ ପହଞ୍ଚି ପାରୁନି। ସେପଟେ ଅଭିଯୁକ୍ତଙ୍କ ସପକ୍ଷରେ ବିଜେପି କର୍ମୀମାନେ ଶନିବାର ସହିଦନଗର ଥାନା ଘେରଉ କରିଥିଲେ। ପୁଲିସକୁ ରାଜନୈତିକ ଘେରାବନ୍ଦୀ ଆରମ୍ଭ ହେବାରୁ ଆଗକୁ ଆଉ ଗିରଫଦାରୀ ହେବ କି ନାହିଁ ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟମାନେ ଗିରଫ ନହେବା ପର୍ଯ୍ୟନ୍ତ ମୋତେ ନ୍ୟାୟ ମିଳିବ ନାହିଁ ବୋଲି ପୀଡ଼ିତା କହିଛନ୍ତି।

## ସବୁ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ: ପୀଡ଼ିତା

ସୂଚନାଯୋଗ୍ୟ, ଗତ ୨୬ ତାରିଖ ରାତି ପ୍ରାୟ ୧.୧୦ ସମୟରେ ଅଭିଯୋଗକାରିଣୀ କଟକରୁ ଏକ ଭୋଜିରେ ଯୋଗଦେଇ ଘରକୁ ଫେରିଥିଲେ। ତାଙ୍କ ଘର ଆଗରେ ଠିଆ ହୋଇ ତାଙ୍କ ଭାଇ ଏବଂ ତାଙ୍କ ବନ୍ଧୁଙ୍କ ସହିତ କଥା ହେଉଥିଲେ। ୭ରୁ ୮ ଜଣ ଯୁବକ ସେଠାରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସେଠାରୁ ପଳାଇ ଯାଇଥିଲେ। ପ୍ରାୟ ପାଞ୍ଚ ମିନିଟ୍ ପରେ ସେମାନେ ପୁଣି ଫେରି ଆସି ଅଭିଯୋଗକାରିଣୀଙ୍କ ସହିତ ଅସଦାଚରଣ କରିବା ଆରମ୍ଭ କରିଥିଲେ। ଏ ନେଇ ଅଭିଯୋଗକାରିଣୀଙ୍କ ଭାଇ ଏବଂ ତାଙ୍କ ବନ୍ଧୁ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଧମକ ବି ଦେଇଥିଲେ। ପୁଲିସକୁ ଜଣାଇଲେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପୂର୍ବରୁ ମଧ୍ୟ ଯୁବତୀଙ୍କୁ ବାରମ୍ବାର ହଇରାଣ କରିବା ସହ ଧମକ ଦେଉଥିଲେ। ପୁଲିସ ପକ୍ଷରୁ ସିସିଟିଭି ଫୁଟେଜ୍ ଯାଞ୍ଚ ଓ ବିଶ୍ଳେଷଣ କରାଯାଇଥିଲା। ଯାଞ୍ଚ ପରେ ଦୁଇଜଣ ଅଭିଯୁକ୍ତଙ୍କୁ ସୁନିଲ ଏବଂ ଗଣିଆଙ୍କୁ ଗିରଫ କରାଯାଇଛି।

### ■ ନିଜ ଘର ସାମ୍ନାରେ ବି ଅସୁରକ୍ଷିତ ମହିଳା

ରାଜଧାନୀ ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଲାଣି। ରାତି ହେଲେ ନିଶାଶକ୍ତ ଅବସ୍ଥାରେ ଅପରାଧୀ ବୁଲୁଛନ୍ତି। ଯାହକୁ ପାରୁଛନ୍ତି ଗାଳିଗୁଲଜ କରୁଛନ୍ତି। ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଭୁବନେଶ୍ୱର ଡିସିପି ସହରର ବିଭିନ୍ନ ସ୍ଥାନରେ ନାକା ଚେକିଂ କରୁଥିବା ଦାବି କରୁଥିଲା ବେଳେ ଡିସିପିଙ୍କ କାର୍ଯ୍ୟାଳୟ ପଛପଟ ସହିଦନଗର ଅଞ୍ଚଳରେ ୮ ଯୁବକ ରାତିରେ ଉନ୍ମତ୍ତ କାଣ୍ଡ ଭିଆଇଲେ। ଜଣେ ଯୁବତୀ କଣ ପାଇଁ ରାତିରେ ତାଙ୍କ ଘର ସାମ୍ନାରେ ଛିଡା ହେଲେ ବୋଲି କହି ତାଙ୍କ ପରିବାର ସଦସ୍ୟ ଏବଂ ବନ୍ଧୁଙ୍କୁ ଆକ୍ରମଣ କଲେ। ଯାହା ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି ଯେ, ରାଜଧାନୀରେ ମହିଳାମାନେ ନିଜ ଘର ଆଗରେ ବି ଅସୁରକ୍ଷିତ।

### ■ ପୀଡ଼ିତାଙ୍କ ଚରିତ୍ର ସଂହାର କରିବାକୁ ଉଦ୍ୟମ

ପୀଡ଼ିତା ଏବଂ ତାଙ୍କ ପୁରୁଷ ବନ୍ଧୁଙ୍କୁ ଆକ୍ରମଣ ପରେ ଏକ ଭିଡିଓ ଭାଇରାଲ ହେଲା। ଯେଉଁଥିରେ ଦେଖାଯାଉଥିବା ବିଜେପି କର୍ମୀମାନେ ଏଭଳି କାଣ୍ଡ ଭିଆଇଛନ୍ତି। ମାମଲା ଆଗକୁ ବଢ଼ିବା ସହ ଦୁଇ ଜଣଙ୍କୁ ଅଟକ ରଖାଗଲା। ଏହାପରେ ବିଜେପି ପକ୍ଷରୁ ଥାନା ଘେରଉ କରାଯାଇଥିଲା। ଅଭିଯୁକ୍ତଙ୍କୁ ଛାଡ଼ ବୋଲି ଦାବି କରାଗଲା। ଯେତେବେଳେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ, ପୀଡ଼ିତାଙ୍କ ଚରିତ୍ର ସଂହାର କରିବାକୁ ଉଦ୍ୟମ କରାଗଲା। ଫଳରେ ଯୁବକମାନେ ସମାଜ ନଜରରେ ସଭ୍ୟ ହୋଇଯିବେ। ଆଉ ଗିରଫଦାରୀରୁ ବର୍ତ୍ତିଯିବେ।

# ଗୌରାଙ୍ଗ ସେବା ଫାଉଣ୍ଡେସନ ପକ୍ଷରୁ ଫୁଲର ହୋଲି ଏବଂ ଖାଦ୍ୟ ମହୋତ୍ସବ

**ଭୁବନେଶ୍ୱର,୧।୩ (ସମିସ):** ଗୌରାଙ୍ଗ ସେବା ଫାଉଣ୍ଡେସନ ଏବଂ ହରେ କୃଷ୍ଣ ମୁଭମେଣ୍ଟ ପୁରୀ ପକ୍ଷରୁ ବରମୁଣ୍ଡା ପଡ଼ିଆରେ ରବିବାର ଗୌର ପୂର୍ଣ୍ଣିମା, ଫୁଲର ହୋଲି ଓ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଗବାନ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ ତିଥି



ଉପଲକ୍ଷେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଆଧ୍ୟାତ୍ମିକ କୀର୍ତ୍ତନ ଓ ଭଜନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଚୈତନ୍ୟ ମହାପ୍ରଭୁଙ୍କ ଭକ୍ତି ଆନ୍ଦୋଳନ ଓ ଧର୍ମ ପୁନରୁଦ୍ଧାରରେ ତାଙ୍କ ଅବଦାନ ସମ୍ପର୍କରେ ପ୍ରବଚନ ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ସହ ନିତାଇଗୌରାଙ୍ଗଙ୍କ ଶୋଭାଯାତ୍ରା ବାହାରିଥିଲା। ପାରମ୍ପରିକ ବେଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଅଭିଷେକ, ପଞ୍ଚାମୃତ ସ୍ନାନ ଓ ମହାମଙ୍ଗଳ ଆରତୀ ଆୟୋଜିତ ହୋଇଥିଲା। ଭକ୍ତମାନେ ଫୁଲର ବୃଷ୍ଟି କରି ଫୁଲର ହୋଲି ପାଳନ କରିଥିଲେ। ଏଥିପାଇଁ 'ଟେଷ୍ଟ ଅଫ୍ ଭାରତ' ଖାଦ୍ୟ ମହୋତ୍ସବରେ ୫୬ ପ୍ରକାରର ବିଭିନ୍ନ ରାଜ୍ୟର ପ୍ରସାଦ ବ୍ୟବସ୍ଥା ରହିଥିଲା। ଏହାକୁ ଭକ୍ତମାନେ ଉପଭୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶ ମଧ୍ୟରେ ସୁସଂଗଠିତ ଭାବେ ସମାପ୍ତ ହୋଇଥିଲା।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନାମଫଳକ ଲେଖା ଅଭିଯାନ




**ଭୁବନେଶ୍ୱର, ୧।୩ (ସମିସ):** ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ରାଜମହଲ ଛକ ମଧ୍ୟରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକମାନଙ୍କୁ ଭେଟି ରାଜ୍ୟ ସରକାରଙ୍କ ଆଇନ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ନାମଫଳକ ଗୁଡିକରେ ସର୍ବାଗ୍ରେ ଓଡ଼ିଆ ଲିପି ବ୍ୟବ୍ହାର କରିବାକୁ ରବିବାର ସଚେତନତା ସୃଷ୍ଟି କରାଯାଇଥିଲା। ଏହା ରାଜ୍ୟ, ରାଜ୍ୟବାସୀ ଓଡ଼ିଆମାନଙ୍କ ସମ୍ମାନର ପ୍ରଶ୍ନ ଏବଂ ଖିଲାପକାରୀମାନଙ୍କ ପାଇଁ ଅର୍ଥଦଣ୍ଡର ବ୍ୟବସ୍ଥା ଥିବାରୁ ଅଧିକାଂଶ ବ୍ୟବସାୟୀ ଯଥା ଶୀଘ୍ର କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଯେଉଁମାନେ ଏହାର ଖିଲାପ କରିବେ ସେମାନଙ୍କ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିକଟରେ ସମ୍ମିଳନୀ ଦାବି କରିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଏହି ଅଭିଯାନରେ ସମ୍ମିଳନୀ ଶତାଧିକ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଏବଂ ଏହା ରାଜଧାନୀ ବାସୀଙ୍କ ଦ୍ୱାରା ଆଦୃତ ହୋଇଥିବା ମତାମତ ସଂଗ୍ରହ କରାଯାଇଥିଲା। ଆସନ୍ତା ଏକ ମାସ ପରେ ପୁଣିଥରେ ଏହି ଅଂଚଳରେ ଦୋକାନୀମାନଙ୍କ କାର୍ଯ୍ୟର ସମୀକ୍ଷା କରାଯିବା ସହ ରାଜଧାନୀର ଅନ୍ୟାନ୍ୟ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଉପସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ. ଶ୍ରୀକାନ୍ତ ମିଶ୍ର, ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି, ସନ୍ତୋଷ କୁମାର ରାଉତ, ଡା. ବାନାମ୍ବର ପରିଡା, ବିକାଶ ବେହେରା, ରାମକୃଷ୍ଣ ତ୍ରିପାଠୀ ଓ ଅତେଶ କୁମାର ପୁଷ୍ଟି ପ୍ରମୁଖ ଯୋଗ ଦେଇଥିବା ବେଳେ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଦର୍ଶକ ଦେଖିଲେ 'କୋଣାର୍କ ଆଖିରେ ଲୁହ'



**ଭୁବନେଶ୍ୱର,୧।୩(ସମିସ):** ଖଳ ପ୍ରକୃତିର ବ୍ୟକ୍ତି ମାନଙ୍କ ଦ୍ୱାରା ଏ ସମାଜ ସଂସ୍କୃତି, ପରମ୍ପରା କଳୁଷିତ ହେଇଚି। ସ୍ୱାର୍ଥପର ମନୁଷ୍ୟ, ନିଜ ଆଧିପତ୍ୟ ବିସ୍ତାର ପାଇଁ ଧରଣୀକୁ ଧରାଶାୟୀ କରିଛନ୍ତି। ପୁନଃ ଉଥାନ ପାଇଁ ଜନ୍ମିଛନ୍ତି ଅନେକ ଯୋଗଜନ୍ମା। ଅହରହ ଏମିତି ଗୋଟେ ପ୍ରବାହକୁ ପ୍ରୀତିଦାନ କରିଛି ପୃଥିବୀ। ପ୍ରବାହିତ ଅମୃତ ନଦୀରେ ସ୍ନାନ ପାଇଁ ବ୍ୟାକୁଳ ଆତ୍ମା ଗୁଡାକ ଚାତକ ପରି ଚାହିଁଥାନ୍ତି। କେହିଜଣେ ଜନ୍ମନେବ, ସେମାନଙ୍କୁ ପାପ ପଙ୍କରୁ ଉଦ୍ଧାର କରିବ। କିନ୍ତୁ ସେଇମାନେ ହିଁ, ସ୍ୱାର୍ଥର ଶୋଷରେ ସୁନା ଅଣ୍ଡାଦିଆ କୁକୁଡ଼ାର ସମାପ୍ତି ଘୋଷଣା କରନ୍ତି ଏମିତି କିଛି କାହାଣୀକୁ ନେଇ ନାଟକ 'କୋଣାର୍କ ଆଖିରେ ଲୁହ' ଆଗକୁ ଗତିଶୀଳ ହୋଇଛି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ରବିବାର ଭଞ୍ଜ ମଣ୍ଡପରେ ନାଟ୍ୟଧାରାର ନାଟକ 'କୋଣାର୍କ ଆଖିରେ ଲୁହ' ମଞ୍ଚସ୍ଥ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକ ସଂସଦ, ବ୍ରହ୍ମପୁର ଦ୍ୱାରା ଏହି ନାଟକ ପରିବେଷଣ କରାଯାଇଥିଲା। ନାଟକର ରଚନା ଓ ନିର୍ଦ୍ଦେଶନାରେ ଗିରିଜା ଶଙ୍କର ଦାଶ ରହିଥିବା ବେଳେ ସଙ୍ଗୀତରେ ଯତୀନ ଦାସ ଓ ଅଂଶୁମାନ ଦାଶ ରହିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ମଞ୍ଚ ନାଟକ ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର ଏବଂ ଓଡିଶା ନାଟ୍ୟ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ ଯୋଗ ଦେଇଥିଲେ। ନାଟ୍ୟ ସଙ୍ଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।

# କ୍ରିୟା ଫାଉଣ୍ଡେସନ ପକ୍ଷରୁ 'ଡିୟର ଜିନ୍ଦେଗୀ' ଅଭିଯାନ

**ଭୁବନେଶ୍ୱର,୧।୩(ସମିସ):** ଓଡ଼ିଶାରେ ମହିଳା କର୍କଟ ନିରାକରଣ ଓ ସଚେତନତା ସୃଷ୍ଟି ପାଇଁ କ୍ରିୟା ଫାଉଣ୍ଡେସନ ପକ୍ଷରୁ "ଡିୟର ଜିନ୍ଦେଗୀ' ଅଭିଯାନ ଅଧୀନରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। "ଓଡ଼ିଶା ସେଲିବ୍ରିଟିଂ ପିଙ୍କ ଅକ୍ଟୋବର' ଅଭିଯାନର ଅଂଶ ଭାବେ ରବିବାର ଶିଖରଚଣ୍ଡୀ ଛକଠାରେ ଏକ ୭ କିମି କ୍ଷୁଦ୍ର ଗଣଦୌଡ଼ ଓ ୩ କିମି ମନୋରଞ୍ଜନ ଦୌଡ଼ ଆୟୋଜିତ ହୋଇଥିଲା। ଏହି ଦୌଡ଼ରେ ପ୍ରାୟ ୩୦୦ ଅଂଶଗ୍ରାହୀ କର୍କଟ ନିରାକରଣର ବାର୍ତ୍ତା ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ପୁରସ୍କାର ପ୍ରାପ୍ତ ଅଲିମ୍ପିଆନ୍ ରବି କୁମାର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ଯୋଗଦେଇ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଏମ୍ସ ଭୁବନେଶ୍ୱରର ବିକିରଣ କର୍କଟ ବିଭାଗ ସହଯୋଗରେ 'ଡିୟର ଜିନ୍ଦେଗୀ' ଯୁବ ମହୋତ୍ସବର ଅନ୍ତିମ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। ୨୦୦ରୁ ଅଧିକ ଡାକ୍ତରୀ ଓ ନର୍ସିଂ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣରେ ପୋଷ୍ଟର ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ପ୍ରାୟ ୨.୫ ଲକ୍ଷ କିଶୋରୀଙ୍କୁ ଏଚପିଭି ଟିକାକରଣ ସୁନିଶ୍ଚିତ କରିବା ଓ ଓଡ଼ିଶାକୁ କର୍କଟମୁକ୍ତ ରାଜ୍ୟରେ ପରିଣତ କରିବା ହେଉଛି ସଂଗଠନର ଲକ୍ଷ୍ୟ ବୋଲି ଫାଉଣ୍ଡେସନର ଅଧ୍ୟକ୍ଷା ଲିଲି ଜେନାମଣି କହିଛନ୍ତି।

# ୨୦ କିଲୋ ଗଞ୍ଜେଇ ଜବତ; ୨ ଗିରଫ



**ଭୁବନେଶ୍ୱର,୧।୩(ସମିସ):** ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଗଞ୍ଜାମ ଜିଲ୍ଲା କୋଦଳାର ସନ୍ତୋଷ କୁମାର ଜେନା (୨୦) ଓ ଖଲ୍ଲିକୋଟ ଥାନା ବିକ୍ରମପୁରର ରାଜା ବେହେରା (୨୩)। ପୁଲିସ ସୂଚନାନୁସାରେ, ଭରତପୁର ଜିଏ କଲୋନୀ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ମାଳିମା ମନ୍ଦିର ପଛପଟେ ଚଢ଼ଉ କରି ସନ୍ତୋଷ ଓ ରାଜାକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ୨୦ କିଲୋ ୭୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା। ସେମାନେ କନ୍ଧମାଳ ଜିଲ୍ଲାରୁ ବେଆଇନ ଗଞ୍ଜେଇ ସଂଗ୍ରହ କରି ଭୁବନେଶ୍ୱରର ସ୍ଥାନୀୟ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ଅପେକ୍ଷା କରିଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏ ନେଇ ଭରତପୁର ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

# ଯୁଧିଷ୍ଠିର ଥିଏଟର ପକ୍ଷରୁ ହେବ ବାର୍ଷିକ ନାଟ୍ୟୋତ୍ସବ

**ଭୁବନେଶ୍ୱର,୧।୩(ସମିସ):** ଯୁଧିଷ୍ଠିର ଥିଏଟର ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଦୁଇ ଦିନିଆ ବାର୍ଷିକ ନାଟ୍ୟୋତ୍ସବ ୨୦୨୬ ଅନୁଷ୍ଠିତ ହେବ। ଏହି ଅବସରରେ ଆସନ୍ତା ୪ ଓ ୫ରେ ଦୁଇଟି ନାଟକ ପରିବେଷଣ ହେବ। ପ୍ରଥମ ଦିନର ନାଟକ "ଶୁକ ଶାରୀ କଥା' ପରିବେଷଣ ହେବ। କାର୍ତ୍ତିକ ରଥ ଏହାକୁ ରଚନା କରିଥିବା ବେଳେ ଏହାର ସଙ୍ଗୀତ ଦେଇଛନ୍ତି ଆଶିଷ ପୁପି। ମଞ୍ଚ ସଜ୍ଜାରେ ତ୍ରିମୂର୍ତ୍ତି, ଆଲୋକ ସମ୍ପାଦନାରେ ଶୁଭଙ୍କର, ପରିକଳ୍ପନା ଓ ନିର୍ଦ୍ଦେଶନାରେ ଦେବାନନ୍ଦ ନାୟକ ସୋନୀ ରହିଛନ୍ତି। ନାଟକଟି ଏକ ପାରମ୍ପରିକ ବାଘ ନାଚର ସଂଘର୍ଷ ମୟ ପାରିବାରିକ କଥାବସ୍ତୁ ଉପରେ ଆଧାରିତ। ସେହିପରି ଦିପିକା ଦାସଙ୍କ ରଚିତ "ଇନ୍ଦ୍ରଜାଲ' ନାଟକ ଦ୍ୱିତୀୟ ଦିବସରେ ପ୍ରଦର୍ଶିତ ହେବ। ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଶକ୍ତି ମିଶ୍ର ଦେଇଥିବା ବେଳେ ମଞ୍ଚ ତ୍ରିମୂର୍ତ୍ତି, ପରିକଳ୍ପନା ଓ ନିର୍ଦ୍ଦେଶନାରେ ଦେବାନନ୍ଦ ନାୟକ ସୋନୀ ରହିଛନ୍ତି। ନାଟକଟି ଏକ ସମସାମୟିକ କଥାବସ୍ତୁକୁ ନେଇ ଆଧାରିତ। ଗୋପାଳପୁର ସମୁଦ୍ର ତଟରେ ଥିବା ଜଣେ ଟୁରିଷ୍ଟ ଗାଇଡର ପ୍ରେମ କାହାଣୀକୁ ନେଇ ଏହା ପ୍ରସ୍ତୁତ। ଓଡ଼ିଶାର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସଂଶ୍ଳିଷ୍ଟ କରାଇବା ସହ ଉତ୍କୃଷ୍ଟ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକମାନଙ୍କୁ ନେଇ ରାଜ୍ୟରେ ଏକ ସୁଖଦ ନାଟ୍ୟ ପରିବେଶ ସୃଷ୍ଟି କରିବା ପାଇଁ ଏହି ସଂସ୍ଥା ଲକ୍ଷ୍ୟ ରଖିଛି। ଓଡିଶା ନାଟ୍ୟ ସଂଘ ସହ ଅନୁବନ୍ଧିତ ହୋଇ ନାଟକ ଉତ୍ସୋବ, ନାଟ୍ୟ ଦିବସ, ନାଟକ ପ୍ରଶିକ୍ଷଣ ଶିବିର ଆଦି କାର୍ଯ୍ୟ କରିବା ପାଇଁ ସଂସ୍ଥା ପକ୍ଷରୁ ବାର୍ଷିକ ଯୋଜନା ମଧ୍ୟ ରହିଛି। ଉକ୍ତ ଉତ୍ସବରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ କିଛି ନାଟ୍ୟ କର୍ମୀ ଏବଂ ନାଟ୍ୟ ସମୀକ୍ଷକ ତଥା ସମ୍ବାଦ ଦାତାଙ୍କୁ ମଧ୍ୟ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି।

'ସମୟ' କନ୍‌କ୍ଲେଭ୍ ୨୦୨୬

# ଗଛ ଲଗାଇଦେଲେ ହେବନି; ଲାଳନପାଳନ କରିବାକୁ ପଡ଼ିବ

**ଭୁବନେଶ୍ୱର,୧।୩(ସମିସ):** ସମଗ୍ର ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ଆହ୍ୱାନ ହୋଇ ଛିଡ଼ା ହୋଇଛି। ଯେତେବେଳେ ଜଳବାୟୁ ପରିବର୍ତ୍ତନ କଥା ଆସେ ସେତେବେଳେ ସାମାଜିକ ଦାୟିତ୍ୱବୋଧ ବଢ଼ିଯାଏ। ଗଛ ଲଗାଇଦେଲେ ହେବନି, ବରଂ ସେହି ଗଛକୁ ଲାଳନ ପାଳନ କରି ବଞ୍ଚାଇବାକୁ ପଡ଼ିବ। ତେବେ ଯାଇ ପରିବେଶ ସୁରକ୍ଷିତ ହେବ ବୋଲି ଦୈନିକ 'ସମୟ' ପକ୍ଷରୁ ଜଳବାୟୁ ପରିବର୍ତ୍ତନ ନିରାକରଣରେ ସାମାଜିକ ଦାୟିତ୍ୱବୋଧ ଶୀର୍ଷକ କନକ୍ଲେଭ-୨୦୨୬ରେ ଅତିଥିମାନେ ଏହି ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, କଳକାରଖାନାଗୁଡିକ ଯେଉଁ ହାରରେ ବଢୁଛି ତାହାର ପ୍ରଭାବ ଜଳବାୟୁ ପରିବର୍ତ୍ତନରେ ପଡୁଛି। ଏହାର ନିରାକରଣ ଆବଶ୍ୟକ। ବିକାଶ ଆସିଲେ ବିନାଶ ଯୋଡି ହେବ। ଶିଳ୍ପାୟନ ଓ ରାସ୍ତା ନିର୍ମାଣ ପାଇଁ ଗଛକଟା ହେବ। ତେଣୁ ଏହାର ସଠିକ ମୁକାବିଲା ପାଇଁ ସମଗ୍ର ବିଶ୍ୱରେ ଯୁବ ପୀଢିଙ୍କ ଭବିଷ୍ୟତ ପାଇଁ କିଛି ଛାଡିକି ଯିବାକୁ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଆମେ ଦୈନନ୍ଦିନ ବ୍ୟବହାରରେ ପରିବର୍ତ୍ତନ କରିବା। ପରିବେଶକୁ ବଞ୍ଚାଇବା ଲାଗି ସରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନେ କିପରି ତୃଣମୂଳ ସ୍ତରରେ କାର୍ଯ୍ୟ କରି ସରକାରଙ୍କ ସହିତ ସହଭାଗିତାରେ ପରିବେଶ ସୁରକ୍ଷା କରିବେ ସେ ଦିଗରେ ସଚେତନ ହେବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୁରୁତ୍ୱାରୋପ କରିଛନ୍ତି।



ଅନ୍ୟତମ ଅତିଥି ସମ୍ ଅଲଫିମେଟର ବରିଷ୍ଠ ଡାକ୍ତର ତଥା ମେଡିସିନର ବିଭାଗର ମୁଖ୍ୟ ଡା. ଶ୍ରୀକାନ୍ତ କୁମାର ଧର ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ନିହାତି ଆବଶ୍ୟକ ବୋଲି ମତ ଦେବା ସହ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଜିନ୍ଦଲ ଷ୍ଟିଲ ଲିଃ.ର ସିଏସ୍ଆର୍, ଏଜୁ୍ୟକେସନ୍ ସଭାପତି ତଥା ଗ୍ରୁପ ହେଡ୍ ପ୍ରଶାନ୍ତ ହୋତା ଜଳବାୟୁ ପରିବର୍ତ୍ତନ ସହ ମୃତ୍ତିକା ପ୍ରଦୂଷଣ କଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ।

'ସମୟ'ର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ କହିଛନ୍ତି, ଓଡ଼ିଶାରେ ବିଗତ ୨୦ ବର୍ଷରେ ସରକାର ଓ କର୍ପୋରେଟର ସଂସ୍ଥା ଗଛ ଲଗାଉଛନ୍ତି। ପ୍ରତିବର୍ଷ ଯେତିକି ଗଛ ଲଗାଯାଉଛି, ତାହା ଯଦି ବଞ୍ଚିଥାନ୍ତା ଭାରତ ବର୍ଷରେ ଏକ ଜଙ୍ଗଲ ସୃଷ୍ଟି ହୋଇସାରିଥାନ୍ତା। ସମ୍ବଲପୁରର ଏକ ଘରୋଇ ସଂସ୍ଥା ୪୦ କୋଟି ଗଛ ଲଗାଇଛି ବୋଲି କହୁଛି। କେତେକ ଗଛ ବଞ୍ଚିଛି ଓ କେତେ ଗଛ ମଲାଣି ଏହାର ତଦନ୍ତ କରାଯିବା ଦରକାର। ଭୁବନେଶ୍ୱରରେ ବାୟୁର ଏକ୍ୟୁଆଇ ମାନ ୩ ଶହ ଟପିଗଲାଣି ବୋଲି ଶ୍ରୀ ବିଶ୍ୱାଳ ଚିନ୍ତ ପ୍ରକଟ କରିବା ସହ ଆଗକୁ କ'ଣ ନିଶ୍ୱାସ ନେବା ପାଇଁ ଆମକୁ ଲଢିବାକୁ ପଡିବ କି ବୋଲି ପ୍ରଶ୍ନ କରିଛନ୍ତି। ଦିଲ୍ଲୀରେ ଗୋଟିଏ ଗଛ କାଟିବାକୁ ହେଲେ ତିନୋଟି କ୍ଲିୟରାନ୍ସ ଆଣିବାକୁ ପଡେ। ଜଳବାୟୁ ପରିବର୍ତ୍ତନ ନିରାକରଣ କେବଳ ସରକାରଙ୍କ ନୁହେଁ, ଆମେ ସମସ୍ତେ ମିଳିମିଶି ଦାୟିତ୍ୱ ନେବା ଆବଶ୍ୟକ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବା ବେଳେ 'ସମୟ'ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

ସକାଳ
THE SAKALA
କଟକ
www.sakalaepaper.com

# ଅଂଶୁପାରେ 'ହୋପ୍ ଏଜ୍ ଟ୍ରଷ୍ଟ'ର ସମାବେଶ



**କଟକ,୧।୩(ସମିସ):** ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଅନୁଷ୍ଠାନ "ହୋପ ଏଜ' ଟ୍ରଷ୍ଟର ଏକ ସମାବେଶ ଆଜି ମଧ୍ୟାହ୍ନରେ ଅଂଶୁପା ହ୍ରଦ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଟ୍ରଷ୍ଟି ଡ. ସତ୍ୟ ରାୟ, ସଭାପତି କିଶୋର ଶତପଥୀ, ସଂପାଦକ ରଞ୍ଜିତ ସାହୁ, ଅଧ୍ୟାପକ ବୃନ୍ଦାବନ ହୋତା, ଇଂ କେ.କେ. ଦାସବର୍ମା, ଧରଣୀଧର ପଟ୍ଟନାୟକ, ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ବାବାଜୀ ଚରଣ ବେହେରା, ଡ଼ଃ ପ୍ରତିମା ଷଡ଼ଙ୍ଗୀ, କସ୍ତୁରୀ ରାୟ, ବାଦଲ ମହାନ୍ତି, ପ୍ରମିଳା ଦାସ ବର୍ମା, ପୁଷ୍ପଲତା ପତି, ପି.କେ. ସାହୁ, ପ୍ରମୋଦ ପଟ୍ଟନାୟକ, ଶଶୀଭୂଷଣ ପ୍ରଧାନ, କବିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ

# ଗୋଟିଏ ବନ୍ଧ ପାଇଁ ଦୁଇଟି ସୁରକ୍ଷା ପ୍ରାଚୀର ନିର୍ମାଣ

**ନିଶ୍ଚିନ୍ତକୋଇଲି,୧।୩(ସମିସ):**

ସରକାରୀ ଅଧିକାରୀମାନଙ୍କର ଦାୟିତ୍ୱହୀନ କାର୍ଯ୍ୟ ପାଇଁ କିପରି ସରକାରୀ ଅର୍ଥ ନଷ୍ଟ ହେଉଛି ତାହାର ଏକ ନଗ୍ନ ନମୁନା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ନତକାଇ ପଞ୍ଚାୟତ ମୁକୁନ୍ଦପୁର ଛକଠାରୁ ଖସାଅଣ୍ଡା ପର୍ଯ୍ୟନ୍ତ ଯାଇଥିବା ୮ଇ (ହାପ) କେନାଲର ଗୋଟିଏ ବନ୍ଧରେ ଦୁଇଟି ସୁରକ୍ଷା ପାଚେରିରେ ନିର୍ମାଣ କରାଯାଇ ଅର୍ଥ ଅପବ୍ୟୟ କାରାଯାଇଥିବା ଜାଣିବାକୁ ମିଳିଛି। ରାଜ୍ୟ ସରକାର ବର୍ତ୍ତମାନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଋଣ ଉପରେ ଋଣ କରି ଚାଲିଥିଲା ବେଳେ ସରକାରୀ ବାବୁମାନେ ଆବଶ୍ୟକତା ନ ଥିବା ବେଳେ ଅନୁଦାନ ଖର୍ଚ୍ଚ କରି



ମାଲେ ମାଲ୍ ହେଉଥିବା ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳସେଚନ ବିଭାଗର ସମନ୍ୱୟ ଅଭାବରୁ ଏଭଳି କାର୍ଯ୍ୟ ହୋଇଥିବା ଜଣାଯାଇଛି। ଖୁବ୍ କମ୍ ଦିନ ହେବ ଏହି କେନାଲ ବନ୍ଧ ରାସ୍ତାକୁ ସୁଦୃଢ଼ କରିବା ପାଇଁ ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସୁରକ୍ଷା ପାଚେରୀ କାର୍ଯ୍ୟ କରାଯାଇଛି। ଏହି ପାଚେରି ଦ୍ୱାରା ରାସ୍ତାଟି ଓସାରିଆ ହେବା ସହିତ ଦୀର୍ଘସ୍ଥାୟୀ ହୋଇଥିବା ଦେଖିବାକୁ ମିଳିଛି। ଏବେ ଏହି ସୁରକ୍ଷା ପାଚେରୀରୁ ୨/୩ ଫୁଟ ଯାଗା ବାଦ୍ ଦେଇ ଜଳସେଚନ ବିଭାଗ ପକ୍ଷରୁ ବନ୍ଧ କଂକ୍ରିଟ ଲାଇନିଂ କରାଯିବା ଆଳରେ ଆଉ ଏକ କଂକ୍ରିଟ ପାଚେରି ନିର୍ମାଣ କାର୍ଯ୍ୟ କରାଯାଉଛି। ପୂର୍ବରୁ ଏହି କେନାଲ ବନ୍ଧ ପାଶ୍ୱର୍ରେ ଯେଉଁ ସୁରକ୍ଷା ପାଚେରୀଟି ନିର୍ମାଣ କରାଯାଇଛି ସେ ସଂକ୍ରାନ୍ତରେ ଜଳସେଚନ ବିଭାଗ ଅବଗତ ହୋଇଥିଲେ ମଧ୍ୟ ପୁନର୍ବାର ଏଠାରେ ଆଉ ଏକ ପାଚେରୀ ନିର୍ମାଣ କରିବା ପଛରେ କି ରହସ୍ୟ ଲୁଚି ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି। ଗୋଟିଏ ବନ୍ଧରେ ନିର୍ମାଣ ହୋଇଥିବା ସୁରକ୍ଷା ପାଚେରିକୁ ବାଦ୍ ଦେଇ କଂକ୍ରିଟ ଲାଇନିଂ କାର୍ଯ୍ୟ ମଧ୍ୟ କରାଯାଇ ପାରିଥାଆନ୍ତା। ହେଲେ ଏହା କରା ନ ଯିବାରୁ ଏଠାରେ ଦୁଇଟି ବିଭାଗର ଭିନ୍ନ ଭିନ୍ନ ଅନୁଦାନ ଅନାବଶ୍ୟକ ଭାବେ ଖର୍ଚ୍ଚ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟ ବନ୍ଦ୍ କରାଗଲେ ସରକାରଙ୍କର ବହୁ ଅର୍ଥ ଅପବ୍ୟୟରୁ ବଞ୍ଚି ପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

# ବଳଦେବଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ତରତ ଓ କେରିଲୋ ବିଜୟୀ

**ନିଶ୍ଚିନ୍ତକୋଇଲି,୧।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବଳଦେବଜୀଉ କ୍ରିକେଟ ଆସୋସିଏସନ (ବିସିଏ) ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ତରତ କ୍ରିକେଟ କ୍ଲବ ଓ କେରିଲୋ ହରଚଣ୍ଡି କ୍ରିକେଟ କ୍ଲବ ବିଜୟୀ ହୋଇଛନ୍ତି। ମୁକୁନ୍ଦପୁର କ୍ରିକେଟ କ୍ଲବକୁ ତରତ କ୍ରିକେଟ କ୍ଲବ ୭ ୱିକେଟରେ ହରାଇଥିବା ବେଳେ ରୌପ୍ୟରଞ୍ଜନ ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ହରଚଣ୍ଡୀ କ୍ରିକେଟକ୍ଲବ ୩୫ ରନରେ ସୁକରପଡା କ୍ରିକେଟ କ୍ଲବଠାରୁ ବିଜୟୀ ହୋଇଥିଲା ବେଳେ ଜ୍ଞାନ ରଞ୍ଜନ ପଣ୍ଡା ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ବିସିଏ ପରିଚାଳକ ରମାକାନ୍ତ ପରିଡାଙ୍କ ସଂଯୋଜନାରେ ତପନ ସିଂ, ସତ୍ୟପ୍ରଜ୍ଞା ନାୟକ, ପ୍ରଦୀପ୍ତ ଦାସ ଓ କୃଷ୍ଣଚନ୍ଦ୍ର ମହାପାତ୍ର ଖେଳ ପରିଚାଳନା କରିଥିଲେ।

# ମା' ବଡ଼ ରାଉଳାଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ତିଗିରିଆ,୧।୩(ସମିସ):** ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅଧୀନ ପାଇକିଆଁରା ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ବଡ଼ ରାଉଳାଣୀଙ୍କ ପୀଠରେ ଆଜିଠାରୁ ୫ ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଓ ସହଯୋଗୀଙ୍କ ଦ୍ୱାରା ନୀତି ଅନୁଷ୍ଠିତ ହୋଇଥିଲା। ଯଜ୍ଞର ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଙ୍କ ପୀଠରେ ନାମ ସଂକୀର୍ତ୍ତନ ସହ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପାଇକିଆଁରା ଗ୍ରାମ୍ୟ କମିଟିର ସଭାପତି ପରେଶ ନାୟକ, ଉପସଭାପତି ଦିବାକର ପ୍ରଧାନ, ସହସମ୍ପାଦକ ରଶ୍ମିରଞ୍ଜନ ନାୟକ, ସଦସ୍ୟ ହୃଦାନନ୍ଦ ରାଉତ, ମୀନକେତନ ରାଉତ, ମନ୍ଦରଧର ନାୟକ, ନିତ୍ୟାନନ୍ଦ ବେହେରା, ହୃଦାନନ୍ଦ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ମଙ୍ଗଳା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

**ତିଗିରିଆ,୧।୩(ସମିସ):** ତିଗିରିଆ ବ୍ଲକ ଅଧୀନ ଅଚଳକୋଟ ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ମଙ୍ଗଳାଙ୍କ ନୂତନ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳା ମନ୍ଦିର କର୍ମକର୍ତ୍ତା ଓ ଅଚଳକୋଟ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଦିନିକିଆ କାର୍ଯ୍ୟକ୍ରମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ୨୬ ତାରିଖ ଦିନ ଅଙ୍କୁରାରୋପଣ, ମଣ୍ଡଳୀକରଣ ନୀତି ଶେଷ ହୋଇଥିଲା। ବାର୍ଷିକ ଉତ୍ସବରେ କଳସ ପୂଜନ, ଚଣ୍ଡୀ ପାଠ ନୀତି ସମ୍ପନ୍ନ ପରେ ପୂର୍ଣ୍ଣାହୁତି ସହ ଆଜିର କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଗ୍ରାମବାସୀଙ୍କ ତରଫରୁ ମା'ଙ୍କ ପୀଠରେ ଭଜନ ସମାରୋହ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର କମିଟିର ସଦସ୍ୟଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଚୌଦ୍ୱାର କଲେଜରେ 'ଅବିର ଡାଲା'

## ■ ରଙ୍ଗ ଓ ସଙ୍ଗୀତର ଯୁଗଳବନ୍ଦୀରେ ମନ୍ତ୍ରମୁଗ୍ଧ ହେଲେ ଛାତ୍ରଛାତ୍ରୀ

**ଚୌଦ୍ୱାର,୧।୩(ସମିସ):** ଉତ୍କଳୀୟ ପରମ୍ପରାର ଅନନ୍ୟ ପର୍ବ ହୋଲିକୁ ନେଇ ଚୌଦ୍ୱାର ମହାବିଦ୍ୟାଳୟରେ ଏକ ନିଆରା ରଙ୍ଗ ଉତ୍ସବ



"ଅବିର ଡାଲା' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର "ଷ୍ଟୋରୀ ଇମେଜ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଶୀର୍ଷକ ରହିଥିଲା "ବନ୍ଧୁ ଲାଗିଲେ ଏ ରଙ୍ଗ ଛାଡ଼ିବନି'। ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ପ୍ରେମ ଓ ଭାଇଚାରାର ରଙ୍ଗରେ ସମସ୍ତେ ରଙ୍ଗେଇ ହୋଇଥିଲେ। ବିଶିଷ୍ଟ ଗୀତିକାର ଦେବୀଦତ୍ତ ମହାନ୍ତି, ଅରୁଣ ମନ୍ତ୍ରୀ, ଅଶୋକ ପଣ୍ଡା, ଗଣେଶ୍ୱର ସ୍ୱାଇଁ ଏବଂ ପ୍ରଯୋଜକ ତଥା ଯାଦୁଗର ବାପୁ ଲେଙ୍କା ଯୋଗ ଦେଇଥିଲେ। ଯାଦୁଗର ବାପୁ ଲେଙ୍କା ନିଜର ଚମତ୍କାର ଯାଦୁ ବିଦ୍ୟା ପ୍ରଦର୍ଶନ କରିଥିଲେ। ସଙ୍ଗୀତର ମଧୁର ମୂର୍ଚ୍ଛନା ସାଙ୍ଗକୁ ଅବିରର ଖେଳ ପୂରା ପରିବେଶକୁ ଉତ୍ସବମୁଖର କରିଥିଲା। ପ୍ରଯୋଜକ ଦିଲ୍ଲୀପ ସାହୁ, ନାଟ୍ୟ ନିର୍ଦ୍ଦେଶକ ସୁକାନ୍ତ ରାଉତ, କବି ପ୍ରଫେସର ନିଖିଳେଶ ମହାନ୍ତି, ଅଧ୍ୟାପିକା ପୁଷ୍ପଲତା ରଥ, ଦୀପକ ଦାସ, କଣ୍ଠଶିଳ୍ପୀ ଘନଶ୍ୟାମ ତ୍ରିପାଠୀ, କବି ବୈଦନାଥ ଖିଲାର, ଉତ୍କଳ ସାହିତ୍ୟ ସଂସଦ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଅଧ୍ୟାପିକା ସଂଘମିତ୍ରା ଦାସ, ସାହିତ୍ୟିକ ରମାନାଥ ଆଚାର୍ଯ୍ୟଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଦୀର୍ଘ ୨୦ ବର୍ଷ ଧରି ଏହି ଅନୁଷ୍ଠାନ ଯୁବ ପିଢ଼ିଙ୍କ ମଧ୍ୟରେ କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପାଇଁ କାର୍ଯ୍ୟ କରିଆସୁଛି ବୋଲି ଅଧ୍ୟାପକ ଦୀପକ ବେହେରା ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣା; ଜଣେ ଗିରଫ

କଟକ,୧।୩(ସମିସ): କଟକ ସଦର ଥାନା ଖଲର୍ଦା ମହେଶପୁରଠାରେ ଗତ ୨୭ ତାରିଖ ଅପରାହ୍ନ ପ୍ରାୟ ୩ଟା ବେଳେ ସେହି ଗ୍ରାମର ଭାସ୍କର ସାହୁ (୫୨) ନାରାୟଣ ମହାପାତ୍ର ଓରଫ ବାବୁଲି (୫୭)ଙ୍କ ବାଡ଼ି କଡ଼ରେ ଘାସ କାଟୁଥିଲା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତକରି କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ପରିବାର ପକ୍ଷରୁ ଅଭିଯୋଗ ଅନୁଯାୟୀ, ଥାନାଧିକାରୀ ତୁଷାରକାନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ପ୍ରଶାନ୍ତ ପରିଡ଼ା ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ନାରାୟଣଙ୍କ ବାଡ଼ିରେ ପରିବା ବାଡ଼ ଚାରିପଟେ ଷଣ୍ଢକୁ ମାରିବା ପାଇଁ ସେଥିରେ ବେଆଇନ ଭାବେ ବିଦ୍ୟୁତ ସଂଯୋଗ କରାଯାଇଥିଲା।

# ହିନ୍ଦୁସେନା ବଡ଼ମ୍ବା ଶାଖାର ନୂତନ କର୍ମକର୍ତ୍ତା




**ବଡ଼ମ୍ବା,୧।୩(ସମିସ):** ବଡ଼ମ୍ବା ହାଟସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁସେନା ବଡ଼ମ୍ବା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଦେବାଶିଷ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସଭାପତି ଆଶିଷ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ବଡ଼ମ୍ବା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚିନ୍ମାମ୍ବି ମହାନ୍ତିଙ୍କୁ ନୂତନ ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ମନୋଜ କୁମାର ସାହୁଙ୍କୁ କାର୍ଯ୍ୟକାରୀ ସଭାପତି ଏବଂ ସହଦେବ ମଲ୍ଲିକଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏହି ଅବସରରେ ଆସନ୍ତା ମାର୍ଚ୍ଚ ୨୭ ତାରିଖ ଶ୍ରୀରାମ ନବମୀ ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ହିନ୍ଦୁସେନା ପକ୍ଷରୁ ଏହି ଦିନ ଏକ ବିରାଟ ଶୋଭାଯାତ୍ରା ବଡ଼ମ୍ବା ଅଞ୍ଚଳରେ ପରିକ୍ରମା କରିବ। ନୂତନ ଭାବେ ଚୟନ ହୋଇଥିବା ଉପସଭାପତି ନିଗମାନନ୍ଦ ନାୟକ, ସମ୍ପାଦକ ଧନରାଜ ପାଟଶାଣି, କୋଷାଧ୍ୟକ୍ଷ ଜୟନ୍ତ ମଲ୍ଲିକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଲିପୁ ମଲ୍ଲିକ, ନୀଳକଣ୍ଠ ପଣ୍ଡା ଓ ଚନ୍ଦନ ସ୍ୱାଇଁଙ୍କ ସମେତ ଅନେକ ସକ୍ରିୟ ସଦସ୍ୟ ଉପସ୍ଥିତ ରହି ଶ୍ରୀରାମ ନବମୀ ପ୍ରସ୍ତୁତି ଉପରେ ନିଜ ନିଜର ମତାମତ ରଖିଥିଲେ।

# ନରସିଂହପୁର ତୈଳିକ ସମାଜର ବାର୍ଷିକ ଉତ୍ସବ



**ନରସିଂହପୁର,୧।୩(ସମିସ):** ସରଧାପୁର ପଞ୍ଚାୟତ ବରଡିହ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ଦିନ ଧରି ତୈଳିକ ସମାଜର ୪୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଚିଲିକା ବିଧାୟକ ରଘୁବର ସାହୁ, ଜିଲ୍ଲା ପରିଷଦ କିଶୋର ମିଶ୍ର ଯୋଗଦେଇଥିଲେ। ତୈଳିକ ସମାଜର ଗରିବ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସାହାର୍ଯ୍ୟ, ବିଧବା ମହିଳାଙ୍କୁ ସିଲେଇ ମେସିନ୍, ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ କରାଯାଇଥିଲା। ସମାଜର ନୂଆ ସଭାପତି ରୂପେ ବସନ୍ତ ସାହୁ, ଉପସଭାପତି ଭାବେ ପ୍ରଶାନ୍ତ ମହାପାତ୍ର, ସଂପାଦକ ଭାବେ ବୈକୁଣ୍ଠ ନାଥ ସାହୁ, ସହସଂପାଦକ ଭାବେ ପ୍ରଦୀପ ସାହୁ, ଶିକ୍ଷା ସଂପାଦକ ରୂପେ ହରିଶ୍ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଭାବେ କୈଳାସଚନ୍ଦ୍ର ସାହୁ ଓ ଉପଦେଷ୍ଟା ଅଲେଖ ପ୍ରସାଦ ସାହୁଙ୍କୁ ମନୋନୀତ କରାଯାଇଥିଲା।

# ଡ୍ରିମ୍ସ ପଲିଟେକ୍ନିକରେ ଜାତୀୟ ବିଜ୍ଞାନ ଦିବସ



**କଟକ,୧।୩(ସମିସ):** ଡ୍ରିମ୍ସ ପଲିଟେକ୍ନିକ (ସ୍ୱୟଂଶାସିତ) ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ସାଇନ୍ସ ଓ ହ୍ୟୁମାନିଟିସ୍ ବିଭାଗ ଏବଂ ଇନ୍ଷ୍ଟିଚ୍ୟୁଟ୍ ଇନୋଭେସନ୍ କାଉନସିଲ (ଆଇଆଇସି) ମିଳିତ ଆନୁକୂଲ୍ୟରେ ବିଜ୍ଞାନ ଭିତ୍ତିକ ପ୍ରଦର୍ଶନୀ ସହ 'ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହାରିକ ପଦାର୍ଥର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁଙ୍କ ପୋ÷ରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଭୁବନାନନ୍ଦ ସ୍କୁଲ ଅଫ ଇଂଜିନିୟରିଂର ପ୍ରାଧ୍ୟାପକ ବିଶ୍ୱମ୍ଭର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଅଭିମତ ପ୍ରଦାନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅଧ୍ୟାପିକା ଦୀପ୍ତିମୟୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ ଏବଂ ଅଧ୍ୟାପିକା ଜୟନ୍ତୀ କାଳିଆ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ୨୭ ଗୋରୁ ଉଦ୍ଧାର, ଟ୍ରକ୍ ଜବତ

ନରସିଂହପୁର,୧।୩(ସମିସ): ନରସିଂହପୁର ଥାନାଞ୍ଚଳରୁ ଗୋରୁ ସଂଗ୍ରହ କରି ଅନ୍ୟତ୍ର ଚାଲାଣ ହେଉଥିବା ବେଳେ କିଛି ଯୁବଗୋଷ୍ଠୀ ଖବର ପାଇ ଏକ ଆଇଚର ଟ୍ରକଟିକୁ ଗୋଡ଼ାଇ ଥିଲେ। ଟ୍ରକ ଚାଳକ ଦ୍ରୁତଗତିରେ ଆସି କାନପୁର ଥାନା ଅଧୀନ କରିଲୋ



ଗ୍ରାମ ରାସ୍ତାରେ ଗାଡି ଛାଡି ଫେରାର ହୋଇଯାଇଥିଲା। ସୂଚନା ପାଇ କାନପୁର ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ଆଇଚରରେ ଥିବା ୨୭ଟି ଗୋରୁଙ୍କୁ ଉଦ୍ଧାର କରିବା ସହିତ ଉକ୍ତ ଟ୍ରକଟିକୁ ଜବତ କରିଛି। ଜବତ ଗୋରୁଙ୍କୁ ପୁଲିସ ଉଦ୍ଧାର କରି ଢେଙ୍କାନାଳ ଗୋଶାଳାକୁ ପଠାଇଥିବା ବେଳେ ଟ୍ରକଟିକୁ ଜବତ କରାଯାଇ ତଦନ୍ତ ଜାରି ରହିଛି ବୋଲି କାନପୁର ଥାନାଧିକାରୀ ସୁଶୀଲ ନାୟକ ପ୍ରକାଶ କରିଛନ୍ତି। ଗତ ଦୁଇମାସ ଭିତରେ ନରସିଂହପୁର ଓ କାନପୁର ଥାନାଞ୍ଚଳରୁ ବେଆଇନ ଗୋଚାଲାଣ ଚାଲିଥିବା ବେଳେ ଗୋରୁ ବ୍ୟବସାୟରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କର ଟେର ପୁଲିସ ପାଇ ପାରିନାହିଁ।

# ଆମ ବସ୍-ସ୍କୁଟି ଧକ୍କା



**କଟକ,୧।୩(ସମିସ):** କଟକ ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ବାଲିକୁଦା ଛକ ଉପରେ ଆମ ବସ ଧକ୍କାରେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି ଜଣେ ସ୍କୁଟି ଚାଳକ। ରବିବାର ଦିନ ପ୍ରାୟ ୨ଟା ବେଳେ ଭୁବନେଶ୍ୱର ଦିଗରୁ ସ୍କୁଟି ଚାଳକ ଟ୍ରାଫିକ ଛକରେ ଅଟକିଥିଲେ। ସମାନ ଦିଗରୁ ଆମ ବସ ଓଡି ୩୩ ଓ ୪୫୬୧ ତାଙ୍କୁ ପଛପଟୁ ଧକ୍କାଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡିଥିଲେ। ଟ୍ରାଫିକ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଅଟକ ରଖିବା ପରେ ସ୍କୁଟି ଚାଳକଙ୍କୁ କ୍ଷତିପୂରଣ ବାବଦରେ ବସର କଣ୍ଡକ୍ଟର କିଛି ଟଙ୍କା ଦେଇ ମାମଲାକୁ ରଫାଦଫା କରିଦେଇଥିବା ଜଣାପଡିଛି।

# ଘରୁ ଚୋରି କରି ଚୋର ଗିରଫ

**କଟକ,୧।୩(ସମିସ):** କଟକ ସଦର ଥାନା ପୁଲିସ ଜଣେ ପେସାଦାର ଚୋରକୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲା ଏହି ଥାନା ଅଧୀନ ସଇନ୍ଦା କାଜିପୁରର ଦାଶରଥୀ ସାହୁଙ୍କ ପୁଅ ଆକାଶ (୨୬)। ଗତ ୨୭ ତାରିଖ ବିଳମ୍ବିତ ରାତିରେ ଆକାଶ ସଇନ୍ଦା ଗ୍ରାମର ବିଜୟ ସାହୁଙ୍କ ଘରେ ପଶି ୪ହଜାର ୭ଶହ ଓ ଅନ୍ୟ ଜଣକ ଘରୁ ୨ହଜାର ୭ ଶହ ଟଙ୍କା ଚୋରାଇ ନେଇଥିଲା। ବିଜୟ ଏ ସଂକ୍ରାନ୍ତରେ ସଦର ଥାନାରେ ଲିଖିତ ଜଣାଇଥିଲେ। ପୁଲିସ ମାମଲା ରୁଜୁକରି ଆକାଶକୁ ଗିରଫ କରିଛି।

# ପ୍ରସିଦ୍ଧ ଆଗ୍ରାହାଟ ରାଜ ଦୋଳ ମେଳଣ



**ଚୌଦ୍ୱାର,୧।୩(ସମିସ):**

ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରସିଦ୍ଧ ଆଗ୍ରାହାଟ ମେଳଣ ଜାକ ଜମକରେ ଅନୁଷ୍ଠିତ ହୋଇଯାଇଛି। ୪୪ ମଣ୍ଡଳ ରାଜଦୋଳ ସମିତି ଆୟୋଜନରେ ଶୁକ୍ରବାର ସଂଧ୍ୟାରୁ ଆରମ୍ଭ ହୋଇଥିବା ଏହି ମେଳଣ ଯାତ୍ରାରେ ମଣ୍ଡଳ ଅନ୍ତର୍ଭୁକ୍ତ ମୋଟ ୪୪ଟି ବିମାନ ଅଂଶଗ୍ରହଣ କରିଥିଲେ। ଥାନପତି ଦଧିବାମନଜୀଉ ଶୋଭାଯାତ୍ରାରେ ଆସି ପ୍ରଥମେ ମେଳଣ ମଣ୍ଡପରେ ଅଧିଷ୍ଠିତ ହେବା ପରେ ଚୌଦ୍ୱାର, ପାଇକରାପୁର, ଦେବୀନଗର, ଯାଜଭୈରବ ନୂଆଗାଁ, ଚଷାପଡ଼ା, ଚିତ୍ରେଶ୍ୱର, ଜଗତପୁର, ଫକୀରପୁର, ନାନକାର, ତୋରଳ ଆଦି ଅଞ୍ଚଳର ମଠ ଓ ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ସୁସଜ୍ଜିତ ବିମାନ ସବୁ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ପହଞ୍ଚି ମେଳଣ କରିଥିଲେ। ରାଜଦୋଳ ସମିତି ତରଫରୁ ପ୍ରତ୍ୟେକ ବିମାନକୁ ସ୍ୱାଗତ କରାଯିବା ସହିତ ଛନ୍ଦା ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଚାଲିଥିବା ଏହି ଯାତ୍ରାର ଦ୍ୱିତୀୟ ଦିନ ଶନିବାର ରାତିରେ ପାରମ୍ପରିକ ଆତସବାଜି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ସୁଦୃଶ୍ୟ ଆତସବାଜି କାର୍ଯ୍ୟକ୍ରମ ଦେଖିବା ପାଇଁ ଯାତ୍ରାପଡ଼ିଆ ଲୋକାରଣ୍ୟ ହୋଇଥିଲା। ଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଆଇଆଇସି ରଜନିକାନ୍ତ ଦାସଙ୍କ ନେତୃତ୍ୱରେ ବହୁ ପୁଲିସ ଅଧିକାରୀ ଓ ଫୋର୍ସ ମୁତୟନ ହେବା ସହିତ ଚୌଦ୍ୱାର ଦମକଳ ବାହିନୀ ମେଳାରେ ସଜାଗ ରହିଥିଲେ। ରାଜଦୋଳ ସମିତି ସଭାପତି ଦୀପକ ମଙ୍ଗରାଜ, ହରିହର ପଣ୍ଡା, ନବ କୁମାର ସାହୁ, ଆଗ୍ରାହାଟ ମେଳଣ କମିଟି ସଭାପତି ପ୍ରମୋଦ ପଣ୍ଡା, ପର୍ଶୁରାମ ପରିଡ଼ା, ଜୟନ୍ତ ବରାଳ, ପ୍ରିୟବ୍ରତ ସ୍ୱାଇଁ, ହୃଷିକେଶ ରାଉତ, ଶିବ ଶଙ୍କର ସାହୁ, ରବିନାରାୟଣ ସାହୁ, ହୃଷିକେଶ ରାଉତଙ୍କ ସମେତ ସମସ୍ତ ସଦସ୍ୟ ବୃନ୍ଦ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରମ୍ପରା ଅନୁଯାୟୀ ଶନିବାର ସଂଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଗତପୁରଠାରେ ମଣ୍ଡଳର ଦ୍ୱିତୀୟ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ମାର୍ଚ୍ଚ ୧ ତାରିଖରେ ଗୋଡ଼ିପାଟଣା ମେଳଣ, ୩ ତାରିଖରେ ଚୌଦ୍ୱାର ମେଳଣ ଏବଂ ୪ ତାରିଖରେ ଫକୀରପୁର ମେଳଣ ଅନୁଷ୍ଠିତ ହେବ ବୋଲି ମଣ୍ଡଳ ସଭାପତି ଦୀପକ ମଙ୍ଗରାଜ ସୂଚନା ଦେଇଛନ୍ତି। ବିମାନଗୁଡ଼ିକ ମେଳଣ ସାରି ମାର୍ଚ୍ଚ ୫ ତାରିଖ ଦିନ ନିଜ ନିଜ ମଠ ମନ୍ଦିରରେ ପହଞ୍ଚିବା ପରେ ହୋଲିକା ଦହନ ବା ମେଣ୍ଢାଗୁଳି ପୋଡ଼ା ପରେ ଦିଅଁମାନେ ଯମୁନା ସ୍ନାନ ସାରି ସ୍ୱଆସ୍ଥାନରେ ବିଜେ ହେବାର ପରମ୍ପରା ରହିଛି।

# କୁଳିଆ ଦୋଳ ମେଳଣ; ୨୮ ବିମାନ ଅଧିଷ୍ଠିତ

**ନିଶ୍ଚିନ୍ତକୋଇଲି,୧।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତ ଗୁରେଇପୁର ମହାଜନ ସାହିର ଅଧିଷ୍ଠାତ୍ରୀ ଦେବୀ ରତିଠାକୁରାଣୀଙ୍କ ଆନୁକୂଲ୍ୟରେ କଟକ-ଚାନ୍ଦବାଲି ରାସ୍ତା ପାଶ୍ୱର୍ କୁଳିଆ ମେଳଣ ପଡିଆରେ ମହା ଆଡମ୍ବରରେ ଦୋଳ ମେଳଣ ଅନୁଷ୍ଠିତ ହୋଇଛି। ପ୍ରଥମେ ଏହି ମେଳଣରେ ଗାଦିଶ୍ୱର ଭାବେ ରତିଠାକୁରାଣୀଙ୍କ ବିମାନ ଅଧିଷ୍ଠିତ ହେବା ପରେ ବିଭିନ୍ନ ଅଞ୍ଚଳରୁ ମୋଟ ୨୭ଟି ବିମାନ ପଟୁଆରରେ ଆସି ମେଳଣ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ରବିନାରାୟଣ ସାହୁ, ହୃଷିକେଶ ସାହୁଙ୍କ ସଂଯୋଜନାରେ ପୂଜକଙ୍କ ଦ୍ୱାରା ସମସ୍ତ ବିମାନରେ ଥିବା ଦେବାଦେବୀଙ୍କୁ ନୂତନ ବସ୍ତ୍ର, ନୈବେଦ୍ୟ ହାଣ୍ଡି ପ୍ରଦାନ କରାଯିବା ସହିତ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମସ୍ତ ଗାଦି ମାଲିକଙ୍କୁ ନେଇ ଏକ ଧର୍ମ ସମନ୍ୱୟ ବୈଠକ କରାଯିବା ସହ ହରିନାମ ସଂକୀର୍ତ୍ତନ କରାଯାଇଥିଲା। ଧିରେନ୍ଦ୍ର ନାଥ ସାହୁ, ଗିରିଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ନଟବର ସାହୁ, ଅଞ୍ଜନ ସାହୁ, ବଳରାମ ସାହୁ, କ୍ଷୀରୋଦ ସାହୁ ପ୍ରମୁଖ ମେଳଣ କାର୍ଯ୍ୟ ପରିଚାଳନା କରିଥିଲେ। ଉକ୍ତ ମେଳଣରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସାଲେପୁର ଥାନା ପୁଲିସ ପକ୍ଷରୁ ସୁରକ୍ଷା ରକ୍ଷା କରାଯାଇଥିଲା।



### ଯାଜପୁରରେ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ

# ଜିଲ୍ଲାର ୧୪, ୪୯୬ କିଶୋରୀଙ୍କୁ ଦିଆଯିବ ଟିକା



**ଯାଜପୁର, ୧।୩(ସମିସ)**

ଯାଜପୁର ଜିଲ୍ଲାରେ ଏଚ୍‌ପିଭି (ହ୍ୟୁମାନ୍ ପାପିଲୋମା ଭାଇରସ୍) ଟିକାକରଣ ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ସିଏଚ୍ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଡା. ସଂଯୁକ୍ତା ପଣ୍ଡା, ଡିଏମଓ ସୁପରିଣ୍ଟେଣ୍ଡେଣ୍ଟ ଡା. ହାଁସଦା, ପେଡ଼ିଆଟ୍ରିକ ବିଶେଷଜ୍ଞ ଡା. ଜେଜେ ମିଶ୍ର, ଡା. ଏଚ୍‌କେ ରାଉଳ, ନର୍ସିଂ ଅଫିସର, ଏଏନ୍‌ଏମ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀମାନେ, ୧୪ ବର୍ଷର କିଶୋରୀ ବାଳିକାମାନେ ଓ ସେମାନଙ୍କର ଅଭିଭାବକ ମାନେ ଏହି ଶୁଭାରମ୍ଭରେ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର କହିଲେ ଏହି ଏଚ୍‌ପିଭି ଟିକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି କିଶୋରୀମାନଙ୍କୁ ଏଚ୍‌ପିଭି ସଂକ୍ରମଣରୁ ସୁରକ୍ଷା ଦେବା, ଯାହା ଜରାୟୁ ଗ୍ରୀବା କର୍କଟର ପ୍ରମୁଖ କାରଣ। ଜିଲ୍ଲାରେ ୧୪ ବର୍ଷ ବୟସ୍କ ମୋଟ ୧୪, ୪୯୬ ଜଣ କିଶୋରୀଙ୍କୁ ଏହି ଅଭିଯାନ ଅଧୀନରେ ଟିକା ପ୍ରଦାନ କରାଯିବ।

ଏହି ଅଭିଯାନରେ ପ୍ରତ୍ୟେକ କିଶୋରୀଙ୍କୁ ଗାର୍ଡାସିଲ-୪ ଟିକାର କେବଳ ଏକମାତ୍ର ଡୋଜ୍ ଦିଆଯିବ। ଏହି ଟିକାକରଣ ଅଭିଯାନକୁ ପର୍ଯ୍ୟାୟକ୍ରମେ ସମଗ୍ର ଜିଲ୍ଲାରେ ଚାଲୁ କରାଯିବ। ଜିଲ୍ଲାର ୧୦ଟି ବ୍ଲକ, ଯାଜପୁର ରୋଡ, ଯାଜପୁର ଟାଉନ ମୁଖ୍ୟାଳୟ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗ୍ରାମ୍ୟସ୍ତରର ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ଟିକାକରଣ କାର୍ଯ୍ୟକ୍ରମ ଚାଲିବ। ଏହି ଟିକାକରଣ ଅଭିଯାନ ସମୟସୀମା ମାର୍ଚ୍ଚରୁ ମେ’ ପର୍ଯ୍ୟନ୍ତ ଚାଲୁ ରହିବ।

### ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଜାରକାକୁ ହରାଇ ରାଛିପୁର ଚାମ୍ପିଅନ



**ଧର୍ମଶାଳା, ୧।୩(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଦନାମଠ ଖେଳ ପଡ଼ିଆଠାରେ ଚାଲିଥିବା ତୃତୀୟ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜାରକା ଜିତୁ ଏକାଦଶ ଓ ରାଛିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜିତୁ ଏକାଦଶକୁ ହରାଇ ରାଛିପୁର ଦଳ ଚମ୍ପିଆନ ହୋଇଛି। ରାଛିପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୨୯୩ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଜିତୁ ଏକାଦଶ ଦଳ ୧୬ ଓଭରରେ ସମସ୍ତ ୱିକେଟ ହରାଇ ୧୫୯ ସଂଗ୍ରହ କରି ପରାଜିତ ହୋଇଥିଲା। ଚମ୍ପିଆନ ରାଛିପୁର ଦଳକୁ ପୁରସ୍କାର ସ୍ୱରୂପ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫିସହ ୭୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ରାଜ୍ ମିଶ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ପିତାମ୍ବର ରାଉତଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ, ଦେବାଶିଷ ମହାରଣାଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଦିଲକ ଜେନା ଓ ମୃତ୍ୟୁଞ୍ଜୟ ବରାଳ ଏହି ମ୍ୟାଚକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସିତିକଣ୍ଠ କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଚିକିତ୍ସାରେ ଅବହେଳା ଯୋଗୁଁ ରୋଗୀ ମୃତ୍ୟୁ ଅଭିଯୋଗ

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

**ତୁରୁମୁଙ୍ଗା,୧।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁଁ ରୋଗୀର ମୃତ୍ୟୁ ହୋଇଥିବାରୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପଇଛି। ମୃତକ ହେଲେ ତେଲକୋଇ ଥାନା ମାଲଦା ଗ୍ରାମର ଭୂୟାଁ ମୁଣ୍ଡା। ତାଙ୍କଘର ହାତୀ ଭାଙ୍ଗି ଦେଇଥିବାରୁ ୬ ମାସ ହେଲା ଘଟଗାଁ ଥାନା ରାମଚନ୍ଦ୍ରପୁର ଗ୍ରାମର ଶ୍ୱଶୁର ଘରେ ସ୍ତ୍ରୀ ପିଲା ଛୁଆଙ୍କ ସହ ରାହୁଥିଲେ। ଜ୍ୱରରେ ପୀଡ଼ିତ ହୋଇ ଗୁରୁତର ହେବାରୁ ପରିବାରଲୋକେ ଶନିବାର ରାତିରେ ପାଟଣା ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଚିକିତ୍ସା ପରେ



ଅବସ୍ଥା ଗୁରୁତର ହେବାରୁ ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ, ମାତ୍ର କେନ୍ଦୁଝର ନେବାପାଇଁ ଦେଢ଼ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁଁ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତଖାନା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ରୋଗୀର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଥିବା ବେଳେ ଚିକିତ୍ସା କରିଥିବା ଡାକ୍ତର ନିରଞ୍ଜନ ସାହୁ ଚିକିତ୍ସାରେ କୌଣସି ଅବହେଳା କରି ନ ଥିବା କହିଥିଲେ। ସେ କାହାରିକୁ ଦୁର୍ବ୍ୟବହାର କରିନଥିବା କହିଥିବାବେଳେ ରାତି ୧୨ଟାରେ ୨ ଜଣ ନିଶାସକ୍ତ ଯୁବକ ଆସି ପ୍ରଥମେ ସିକ୍ୟୁରିଟି ପରେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବା କହିଥିଲେ। ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିବା ବେଳେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଅପରାହ୍ନ ୪ ଟାପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ▸▸ ବିନା ଫଳକରେ ଚାଲିଛି କାଡ଼ା ନାଳ ମରାମତି କାମ

# କାମ କେନ୍ଦୁଝର ଜିଲ୍ଲାରେ, କାର୍ଯ୍ୟାଳୟ ଭଦ୍ରକରେ

**ହାଟଡ଼ିହୀ,୧।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ବିଭିନ୍ନ ପାଣି ପଞ୍ଚାୟତରେ ଏବଂ କାଡ଼ା ନାଳ କାମ ଜୋରସୋରରେ ଚାଲିଛି। ବିଭିନ୍ନ ସ୍ଥାନର କାମ ଗୁଡ଼ିକରେ ଠିକା ନେଇଥିବା ମିସ୍ତ୍ରୀ ଓ ଲେବର ମାନଙ୍କ ଦ୍ୱାରା କାମ ଚାଲୁଛି। ଅନେକ ସମୟରେ କାମ ସ୍ଥାନରେ ଠିକାଦାରଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳୁନାହିଁ। ଚଳିତବର୍ଷ କେଉଁ ପାଣି ପଞ୍ଚାୟତରେ କାର୍ଯ୍ୟ ଚାଲିଛି ଜାଣିବା ସମ୍ବନ୍ଧରେ ଗଣମାଧ୍ୟମ ପ୍ରତିନିଧି ଫୋନ୍ କଲେ ମଧ୍ୟ ସମ୍ପୃକ୍ତ କାର୍ଯ୍ୟର କନିଷ୍ଠଯନ୍ତ୍ରୀ ଆଦୌ ଫୋନ୍ କଲ୍ ଗ୍ରହଣ କରୁ ନାହାନ୍ତି । ଧର୍ମକୁ ଆଖିଠାର ମାରି କେବଳ ମିସ୍ତ୍ରୀ ଓ ଲେବରଙ୍କ ତତ୍ତ୍ୱାବଧାନରେ ହିଁ କାମ ଚାଲିଛି। କେନ୍ଦୁଝର ଜିଲ୍ଲାରେ କାମ ଚାଲୁଥିବା ବେଳେ ଏହାର ମୁଖ୍ୟ କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲାରେ ଅବସ୍ଥିତ । କାର୍ଯ୍ୟ ଆରମ୍ଭରୁ ଶେଷ ଯାଏଁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କ ପାଦ ପଡୁନାହିଁ। ଭଦ୍ରକ ଜିଲ୍ଲାରେ ଅଫିସ ଥିବାରୁ ଯନ୍ତ୍ରୀମାନେ ୩୦କିମି ଦୂରତା ଅତିକ୍ରମ କରି ଆସିବାକୁ ମନ ବଳାନ୍ତି ନାହିଁ କି କୌଣସି କାମର ସଠିକ୍ ତଦାରଖ କରନ୍ତି ନାହିଁ। ଯାହାଫଳରେ ସରକାରୀ ଅର୍ଥ ଖର୍ଚ୍ଚ ହେଉଥିଲେ ବି ସଠିକ୍ ଢ଼ଙ୍ଗରେ ବିନିଯୋଗ ହେଉଛି କି ନାହିଁ ଜଣାପଡୁନାହିଁ। କାର୍ଯ୍ୟଶେଷ ପରେ ଫଳକ ଲାଗୁଥିବାବେଳେ ଆରମ୍ଭରୁ ଶେଷ ଯାଏଁ ବିନା ଫଳକରେ କାମ ଚାଲୁଛି। କାଡ଼ା ନାଳ ମରାମତି କାମ ଆଳରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବାଟ ମାରଣା କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟପ୍ରତି ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଚ୍‌ପିଭି. ଟିକାକରଣ

**କେନ୍ଦୁଝର,୧।୩(ସମିସ):** କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଦ୍ୱାରା ଏଚପିଭି. ଟୀକାକରଣର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ଶ୍ରୀ ନାଏକ ନିଜ ବକ୍ତବ୍ୟରେ କହିଥିଲେ ଯେ ହ୍ୟୁମାନ ପାପିଲୋମା ଭାଇରସ (ଏଚ.ପି.ଭି.) ଟୀକାକରଣ ମହିଳାମାନଙ୍କର ଜରାୟୁ ଗ୍ରୀବା କର୍କଟ ରୋଗର ପ୍ରତିରୋଧ ପାଇଁ ସୁରକ୍ଷା ପ୍ରଦାନ କରିଥାଏ। ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀମାନଙ୍କୁ ଦିଆଯିବ। ଏହା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସମେତ ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପ୍ରଦାନ କରାଯିବ। ଏହି ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ଏଚ.ପି.ଭି. ଟିକାକରଣ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡା ପୁରୁଷୋତ୍ତମ ମହାନ୍ତ, ଏଡିପିଏଚଓ(ପରିବାର କଲ୍ୟାଣ) ଡା.ଲକ୍ଷ୍ମୀଧର ମହାନ୍ତ, ଡା.ଅଶୋକ କୁମାର ନାଏକ, ରୋଟାରୀ କ୍ଲବର ସଭାପତି ହରିହର ମହାନ୍ତ, ସମ୍ପାଦକ ବିଜୟ କୁମାର ବେହେରା, ସଦସ୍ୟ ବିଜୟ ଏନ କାପୁର, ଡିପିଏଚସିଓ ଭରତ କୁମାର ସାହୁ, ଡିଭିଏଲଏମ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଆଇସିଏ ଚିତ୍ତରଞ୍ଜନ ଜେନା, ଏଏମ୍ ସିପି ପ୍ରସନ୍ନ କୁମାର ଦେବତ୍ତା, ଏସ୍‌ଏ ବୃନ୍ଦାବନ ସାହୁ, ଏଚ.ଏମ୍ ରଞ୍ଜନା ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ନିତ୍ୟରଞ୍ଜନ ବରାଳ ପରିଚାଳନା କରିବା ସହିତ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ।

# ବିଜେଡି ପକ୍ଷରୁ ସାଂଗଠନିକ ବୈଠକ




**ଧର୍ମଶାଳା, ୧।୩(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ହାଟପଡ଼ିଆ ନିକଟରେ ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ବିଜେଡି ସଭାପତି ପ୍ରସନ୍ନ କୁମାର ରାଉତ ସଭାପତିତ୍ୱରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ୨୪ ବର୍ଷର ଶାନ୍ତ ଧର୍ମଶାଳାକୁ ଆଜି ଅଶାନ୍ତ ଭିତରକୁ ଠେଲି ଦିଆଯାଇଛି। ଏଣୁ ସମସ୍ତେ ସଂଗଠିତ ହୋଇ ପଞ୍ଚାୟତ ନିର୍ବାଚନରେ ଜବାବ ଦେବାକୁ ଶ୍ରୀ ବଳବନ୍ତରାୟ ଆହ୍ୱାନ ଦେଇଛନ୍ତି। ସାଙ୍ଗଠନିକ ବୈଠକରେ ୧୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସରପଞ୍ଚ ସନ୍ଧ୍ୟାରାଣୀ ନାୟକ, ବରିଷ୍ଠ ନେତା ଦୁଃଶାସନ ନାୟକ, ଉତ୍ତମ କୁମାର ଦାସ, ରାଜକିଶୋର ମହାନ୍ତି, ଅମରେନ୍ଦ୍ର ରାୟ, ବିଜେଡି ନେତ୍ରୀ ମମତା ଦଣ୍ଡପାଟ, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ଓ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ଗୋରୁ ଚମଡ଼ା ଜବତ; ୨ ଗିରଫ

**କର୍ଯ୍ୟାଁଗୋଲା, ୧।୩(ସମିସ):** ଆଜି ଦଶରଥପୁର ଥାନା ଅଞ୍ଚଳରେ ଦୁଇ ଗାଈ ଚମଡ଼ା ଏବଂ ଗୋମାଂସ ବ୍ୟବସାୟୀକୁ ଦଶରଥପୁର ପୁଲିସ ଗିରଫ କରିଛି। ସୂଚନା ମୁତାବକ ଆଜି ଗୋପାଳପୁର ଗ୍ରାମର ମିର୍ ଅଲିମନ ଓ ମିର ଅକ୍ତର ଅହିୟାସ ଏରିଆ କିଛି ଗୋରୁ ଚମଡ଼ା ଏବଂ ମାଂସ ନେଇ ଫେରୁଥିବା ସମୟରେ ଦଶରଥପୁର ବ୍ଲକର ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ତରପଦା ପଞ୍ଚାୟତ ଖୋସାଲପୁର ଠାରେ ୨ ବ୍ୟବସାୟୀଙ୍କୁ ଅଟକାଇଥିଲେ। ଏହାପରେ ଦଶରଥପୁର ଥାନାକୁ ଖବର ଦେବାରୁ ଏସ୍‌ଆଇ ଦୁଷ୍ମନ୍ତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଦୁଇ ବେଆଇନ ଚମଡ଼ା ତଥା ଗୋମାଂସ ବେପାରୀଙ୍କୁ ୫୬/୨୬ ରେ ମାମଲା ରୁଜୁ କରି ଗିରଫ କରି ଅଦାଲତ ଚାଲାଣ କରିଥିଲେ। ଏ ନେଇ ଦଶରଥପୁର ଥାନା ଏସ୍‌ଆଇ ଶ୍ରୀଯୁକ୍ତ ଦାସ ସୂଚନା ଦେଇଥିଲେ।



# ଶିଶୁ ବିଦ୍ୟାମନ୍ଦିରରେ ରକ୍ତଦାନ ଶିବିର

**ମଙ୍ଗଳପୁର, ୧।୩(ସମିସ):** ଦଶରଥପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଙ୍ଗଳପୁର ବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁରାତନ ଛାତ୍ରସଂସଦ ପକ୍ଷରୁ ରକ୍ତଦାନ ଶିବିର ଓ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିସରରେ ରବିବାର ଏହି ରକ୍ତଦାନ ଶିବିରର ଉଦ୍‌ଘାଟନୀ ସଭାରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଆଚାର୍ଯ୍ୟ ଆଲୋଚନା କରିବା ସହ ପୁରାତନ ଛାତ୍ରଛାତ୍ରୀଙ୍କ ଏମିତି ପ୍ରୟାସକୁ ପ୍ରଶଂସା କରିଥିଲେ। କଟକ ରେଡ୍‌କ୍ରସ ପକ୍ଷରୁ ରକ୍ତ ସଂଗ୍ରହ କରିଥିଲେ। ଆୟୋଜକଙ୍କ ସହ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ରକ୍ତଦାନ କରିଥିଲେ। ମୋଟ ୭୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପୁରାତନ ଛାତ୍ରସଂସଦ ସଂଯୋଜକ ରଶ୍ମିରଞ୍ଜନ ସାହୁ, ସହସମ୍ପାଦକ ବନ୍ଦନା ବନ୍ଦିତା



ଅଧ୍ୟକ୍ଷତା କରିଥିବା ବେଳେ ପୁରାତନ ଛାତ୍ରସଂସଦର ସଭାପତି ସ୍ମୃତିରଞ୍ଜନ ସାମଲ ସଂଯୋଜନା କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଦିଗମ୍ବର ସାହୁ, ସମାଜସେବୀ ସରୋଜ ବିଶ୍ୱାଳ, କଟକ ରେଡ୍‌କ୍ରସ ସଭ୍ୟ ମିହିର ପରିଡ଼ା, ଉପସଭାପତି ଦିଲୀପ ସାମଲ, ସମ୍ପାଦକ କୈଳାସ ସାମଲ, କୋଷାଧ୍ୟକ୍ଷ ରବୀନ୍ଦ୍ର ପୃଷ୍ଟି, ଉପଦେଷ୍ଟା ପ୍ରବୀର ରାୟ, ଅଶୋକ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାନ ସମ୍ପର୍କରେ ସାମଲ, ସବ୍ୟସାଚୀ ନାୟକ, ସତ୍ୟଓଁକାର ମହାପାତ୍ର, ଅବିନାଶ ସାମଲ, ଶୁଭାଶିଷ ମହାପାତ୍ର, ସନ୍ଦୀପ ସତ୍ୟଜିତ ବେହେରା, ଯୋଗମାୟା ନାୟକ, ଐଶ୍ୱର୍ଯ୍ୟା ରାୟ, ସୋମ୍ୟରଞ୍ଜନ ସାମଲ, ସମ୍ବିତ କୁମାର ମଲ୍ଲିକ, ଚନ୍ଦନ ରାୟ, ଶିବାଶିଷ ପୃଷ୍ଟି, ଆଦିତ୍ୟ ହୋତା, ଚିନ୍ମୟ ଦାସ, ସ୍ନେହାଞ୍ଜନା ବିଶ୍ୱାଳ, ରାଜେଶ୍ୱରୀ ମଲ୍ଲିକ, ପ୍ରୀତିପ୍ରଜ୍ଞା ନାୟକ, ପ୍ରିୟଙ୍କା ସାମଲ, ଅଂଶୁଲିପ୍ସା ବାରିକଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

### ସ୍ମୃତିଲିପିର ୩୧ତମ ବାର୍ଷିକ ଉତ୍ସବ ସମାରୋହ

# ସାହିତ୍ୟକୁ ସମୃଦ୍ଧ କରିବାରେ ଲେଖକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧।୩(ସମିସ)**




ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ଲେଖକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଓଡ଼ିଆ ଜାତିର ସ୍ୱାଭିମାନକୁ ରକ୍ଷା କରିବା ପ୍ରତିଟି ଓଡ଼ିଆଙ୍କର କର୍ତ୍ତବ୍ୟ ବୋଲି ‘ସ୍ମୃତିଲିପି’ ସାହିତ୍ୟ ପତ୍ରିକାର ୩୧ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ‘ଚଲାପଥ’ର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀରଙ୍କ ସଭାପତିତ୍ୱରେ ଭୁବନେଶ୍ୱର ବୁଦ୍ଧମନ୍ଦିରରେ ଅନୁଷ୍ଠିତ ଉତ୍ସବକୁ ବର୍ଷିୟାନ ସମାଜସେବୀ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ସଭାପତି ପଦ୍ମଚରଣ ନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବରଣ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନ୍‌ହୁର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ କାର୍ଯ୍ୟନିର୍ବାହୀ ସମ୍ପାଦକ ଦୟାନିଧି ନାୟକ, ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ପଦ୍ମାକର ଗୁରୁ ପ୍ରମୁଖ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ମୃତିଲିପିର ସମ୍ପାଦକ ଭୁବନମୋହନ ମହାନ୍ତି ପତ୍ରିକାର ଅଭିବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିବା ବେଳେ ଇଂ. ଡ. ଲଡୁକିଶୋର ପଡ଼ିଆରୀଙ୍କ ସଭାପତିତ୍ୱରେ ଓ ଡ. ଅଜୟ କୁମାର ଜେନା, କବି ପ୍ରତିଭା ସାହୁ, କବି ବିଷ୍ଣୁପ୍ରିୟା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ୪୧ ଜଣ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଏହି ଉତ୍ସବରେ ଡ. ମାନସୀ କରଙ୍କ ‘ଜୀବନ ସଞ୍ଜ’, ଗାଳ୍ପିକ ପ୍ରକାଶ ଚନ୍ଦ୍ର ସାହୁଙ୍କ ‘କିଏ ରାଧା କିଏ ମିରା’ ଗଳ୍ପ ସଂକଳନ ଓ ‘ଲାଜ’ କବିତା ସଂକଳନ, ପ୍ରତିଭା ସାହୁଙ୍କର କବିତା ସଂକଳନ ‘ପ୍ରୀୟାର ନାଁ ଚନ୍ଦ୍ରଭାଗା’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରଜନୀ ରଣସିଂହ ଓ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ।

ପତ୍ରିକା ପକ୍ଷରୁ ପ୍ରଦତ୍ତ ଆଇନୀଜୀବୀ ପ୍ରଫୁଲ କୁମାର ଧଳ ସ୍ମୃତି ସମ୍ମାନ କବି ଶ୍ୱେତା ରାଉତ, ଅବଦୁଲ୍ ସତ୍ତାର ସେବା ସ୍ମୃତି ସମ୍ମାନ ସାହିତ୍ୟିକ ସଂଗଠକ ତଥା ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ରଜନୀ ମିଶ୍ର ସ୍ମୃତି ସମ୍ମାନ କବି ଇଂ. ସରୋଜ କୁମାର ମହାପାତ୍ର ଓ ରୀନା ମହାପାତ୍ର ସ୍ମୃତି ସମ୍ମାନ ସୁସଂଗଠିକା ସରୋଜିନୀ ପତି ପାଇଥିଲେ। ସେହିପରି ସ୍ମୃତିଲିପି ପ୍ରତିଭା ସମ୍ମାନ ଡ. ପ୍ରମୋଦିନୀ ହୋତା, ଡ. ରଘୁ ସାହୁ, ଆଇନଜୀବୀ କବୀର କୁମାର ଜେନା, କଣ୍ଠଶିଳ୍ପୀ ସାଇଶ୍ରୀ ବିଶ୍ୱଜୀତା ରାୟ, ଡ. ଗୀତାଞ୍ଜଳୀ ପୃଷ୍ଟି, ସଞ୍ଜୀବ କୁମାର ଦେଓ, ଗୋଲକ ବିହାରୀ ବେହେରା, ଧ୍ରୁବ ଚରଣ ସେଠୀ, ବଂଶୀଧର ସାହୁ, ଇଂ.ଫକିର ମୋହନ ସାହୁ, ସୌମ୍ୟରଞ୍ଜନ ପରିଡ଼ା, ଝରଣା ମଲ୍ଲିକ, ପଣ୍ଡିତ ରଜନୀକାନ୍ତ ତ୍ରିପାଠୀ, ଶ୍ରୀମତୀ ବସନ୍ତମଞ୍ଜରୀ ଦାସ, ଶାନ୍ତନୁ କୁମାର ରାଉତ, ବିଶ୍ୱନାଥ ପାଢ଼ୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ସୁଶ୍ରୀ ମିନାକ୍ଷୀ ପ୍ରିୟଦର୍ଶନୀ ମହାନ୍ତି, ଲଗ୍ନଜିତ୍ ମହାନ୍ତି, ନବଘନ ସ୍ୱାଇଁ ପ୍ରମୁଖ। ଶେଷରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶରତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



## ଆଗକୁ ଗ୍ରୀଷ୍ମ ଋତୁ: ହୋଇପାରୁନି 'ବସୁଧା' ଯୋଜନାର ସଫଳ ରୂପାୟଣ

# ୭ ବର୍ଷ ପୂରିଲା; ତଥାପି ସରୁନି ନିର୍ମାଣ



ବନ୍ତ/ଆଗରପଡ଼ା, ୧।୩(ସମିସ)

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ରାଜ୍ୟ ସରକାର ୨୦୧୮ ନଭେମ୍ବର ମାସରେ 'ବସୁଧା' ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନାକୁ ୭ବର୍ଷ ପୂରି ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଉକ୍ତ ଯୋଜନା ସରିବାର ନାଁ ଧରୁନି। ଯାହାକି ଯୋଜନାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତରେ ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତର ୧୦ଟି ରାଜସ୍ୱ ଗ୍ରାମ ପାହାଡ଼ପୁର, ତାଜିପୁର, କାଳିମଙ୍ଗା(ସାନସନ୍ଦାଡ଼ୋ), ବଡ଼ସନ୍ଦାଡ଼ୋ, ଗୋପିନାଥପୁର, ତୁଳିପଦା, ପାନବର୍ଜ, ଶ୍ରୀରାମପୁର, ସାହୁପଡ଼ା ଓ କାଣ୍ଡବାରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ମାଧ୍ୟମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ 'ବସୁଧା' ଯୋଜନାରେ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ କୋଟିକୋଟି ଟଙ୍କାରେ ପ୍ରକଳ୍ପ ନିର୍ମିତ ହୋଇଛି। ନିର୍ମିତ ହୋଇଥିବା ୧୦ଟି ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପ ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବାବେଳେ ଆହୁରି ୩ଟି ସ୍ଥାନରେ ନିର୍ମିତ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ୩ଟି ପ୍ରକଳ୍ପ ମଧ୍ୟରୁ ବଡ଼ସନ୍ଦାଡ଼ୋ ଓ ସାନସନ୍ଦାଡ଼ୋରେ ନିର୍ମିତ ପ୍ରକଳ୍ପ ୧୫ ମାସ ହେବ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ବେଳେ କାଣ୍ଡବାରେ ନିର୍ମିତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିଥିବାବେଳେ ବିଦ୍ୟୁତ୍ ସଂଯୋଗୀକରଣ ହୋଇପାରିନାହିଁ। ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ୭ଟି ପ୍ରକଳ୍ପ ମଧ୍ୟରୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ବିଛାଯାଇଥିବା ପାଇପ୍ ସବୁ ସ୍ଥାନେ ସ୍ଥାନେ କଟି ନଷ୍ଟ ହୋଇଯାଇଥିବାରୁ ସାହୁପଡ଼ା ଓ ଗୋପିନାଥପୁର ବାସିନ୍ଦା ବର୍ତ୍ତମାନ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସବିଶେଷ ବିବରଣୀ ଅନୁଯାୟୀ, ପ୍ରତି ବିଭାଗର ସମନ୍ୱୟର ଅଭାବ ଯୋଗୁଁ ଉକ୍ତ ଯୋଜନା ଏଠାରେ ଫେଲ୍ ମାରିବାକୁ ବସିଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୂର୍ତ୍ତ ବିଭାଗ କିମ୍ବା ଗ୍ରାମ୍ୟ ସଡ଼କ(ଆର୍‌ଡି) ବିଭାଗର ସହମତି ନ ଲୋଡ଼ି ପାଇପ୍ ସବୁ ବିଛେଇଥିବାରୁ ବର୍ତ୍ତମାନ ରାସ୍ତା କାମ ଚାଲୁଥିବାରୁ ତାହା ପ୍ରାୟ ନଷ୍ଟ। ସେହିପରି ବିଦ୍ୟୁତ୍ ବିଭାଗର ଅସହଯୋଗତା ଯୋଗୁଁ କାର୍ଯ୍ୟ ସମାପ୍ତ ପରେ ମଧ୍ୟ ଜଳ ଯୋଗାଣ ହୋଇପାରୁ ନାହିଁ। ଅପରପକ୍ଷରେ ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ପ୍ରକଳ୍ପଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି। ଏହିସବୁ ଦୃଷ୍ଟିକୋଣରୁ 'ବସୁଧା' ଯୋଜନା ଉକ୍ତ ପଞ୍ଚାୟତରେ ଫେଲ୍ ମାରିବାକୁ ବସିଛି। ଗୋଟେ ଗୋଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୧୩୫.୯୫ ଲକ୍ଷ ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବାବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଏବଂ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରୁ ପ୍ରକଳ୍ପର ସଫଳ ରୂପାୟଣ ହେବା ପରିବର୍ତ୍ତେ ଅର୍ଥ ଚଳୁ ହୋଇଯାଉଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିବା ସହ ବହୁ ଜାଗାରେ ପାଣି ପହଞ୍ଚି ପାରୁନି। ଏହି ସବୁ କାରଣରୁ ଅଞ୍ଚଳବାସୀ ବିଶୁଦ୍ଧ ପାନୀୟ ଜଳ ପାଇବା ନେଇ ସନ୍ଦେହ ହୋଇପଡ଼ିଛନ୍ତି।

ସେହିପରି କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟସ୍ଥଳ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବହୁ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହିସବୁ ସମସ୍ୟାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଯେଉଁ ଯେଉଁ ସ୍ଥାନରେ ସମସ୍ୟା ଦେଖାଯାଉଛି ସେହିସବୁ ସମସ୍ୟାର ସମାଧାନ ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯାଉଥିବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ପ୍ରକୃତପକ୍ଷେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଜଣାପଡ଼ିଛି। ତେଣୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ପ୍ରହସନରେ ପରିଣତ ନ କରି ନିର୍ମିତ ପ୍ରକଳ୍ପଗୁଡ଼ିକର ପୁନଃ ତଦାରଖ କରିବା ଏବଂ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଠିକ୍ ଭାବେ କରିବା ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଯୋଜନାର ସଫଳ ରୂପାୟଣ କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ଗ୍ରାମର ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବନ୍ତ/ଆଗରପଡ଼ା, ୧।୩(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଅଣିଜୋ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉ.ପ୍ରା. ବିଦ୍ୟାଳୟ, ଚକ୍ରାପାଢ଼ୀର ପ୍ରଧାନଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ସମିତିସଭ୍ୟ ଧରଣୀଧର କର, ସିନ୍ଧୁକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁକ୍ତିକାନ୍ତ ନାୟକ, ସିଆର୍‌ସିସି ଅକ୍ଷୟ କୁମାର ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ, ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପତି, ରବୀନ୍ଦ୍ର କୁମାର ଯେନା, ଗଣେଶ ପ୍ରସାଦ ପଣ୍ଡା, ଗୋପୀନାଥ ପୁହାଣ, ବସନ୍ତ ଜେନା, ବିକ୍ରମ କେଶରୀ ପାଳ, ପଞ୍ଚଶିକ୍ଷା ସେତୁ କମିଟି ସଭାପତି ଜୟଦେବ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ଭୋଳ, ଅନନ୍ତ ପ୍ରସାଦ ସାହୁ, ମଧୁସୂଦନ ସାହୁ, ବରିଷ୍ଠ ନାଗରିକ ପର୍ଶୁରାମ ପାଣିଗ୍ରାହୀ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବିଜୟ କୁମାର ଦାସ, ବିଶ୍ୱନାଥ ଯେନା, ବୃନ୍ଦାବନ ଯେନା, ନିରୁପମା ଦାଶ, କଳ୍ପନା ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ, ପିତାମାତା, ଅଭିଭାବକ ଅଭିଭାବିକା, ବିଦ୍ୟାଳୟପରିଚାଳନାସମିତିର ସଭ୍ୟସଭ୍ୟା ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟ ପ୍ରତି ଥିବା ଉତ୍ସର୍ଗୀକୃତ ସେବା, ତ୍ୟାଗ, ନିଷ୍ଠାପରତା, ଦାୟିତ୍ୱବୋଧତା, ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣତା ଆଦି ମହାନ ଗୁଣଗୁଡ଼ିକ ଉପରେ ତାଙ୍କର ହୃଦୟସ୍ପର୍ଶୀ ବକ୍ତବ୍ୟମାନ ପ୍ରଦାନ କରିଥିଲେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏକ ବିରାଟ ପଟୁଆରରେ ତାଙ୍କ ବାସଗୃହ ପର୍ଯ୍ୟନ୍ତ ନିଆଯାଇଥିଲା।

# ପ୍ରଭୁ ଶ୍ରୀହନୁମାନଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା, ୧।୩(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ନିମାପଡ଼ାସ୍ଥିତ ହନୁମାନ ମହାପ୍ରଭୁଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ୨୧ଟି କଳସ ନରେନ୍ଦ୍ର ପୁଷ୍କରିଣୀରେ ଘଟ ଉତ୍ତୋଳନ କରାଯାଇ ବାଜା ବାଣ ରୋଷଣିରେ ଗ୍ରାମ ବଜାର ପରିକ୍ରମା



ପରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପୂଜକ ବିରେନ୍ଦ୍ର ତ୍ରିପାଠୀ, ସରୋଜ କୁମାର ମିଶ୍ର, ନାରାୟଣ ଚନ୍ଦ୍ର ତ୍ରିପାଠୀ, ଅନାଦିକର ଶର୍ମା, ବିଶ୍ୱଜିତ୍ କରଶର୍ମା, ସତ୍ୟବ୍ରତ ତ୍ରିପାଠୀ ସୂର୍ଯ୍ୟପୂଜା, ଗୋ ପୂଜା, ଅଗ୍ନି ସ୍ଥାପନ, ଷୋଡ଼ଶ ଉପଚାର ପୂଜା, ମହାସ୍ନାନ, ଗୀତାଯଜ୍ଞ ସମେତ ବିଭିନ୍ନ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ସୁବାସ ଚନ୍ଦ୍ର ବିଶ୍ୱାଳ, କାମିନୀ ବିଶ୍ୱାଳ, କୈଳାଶ ରାଉତ୍, ଜଗନ୍ନାଥ ବିଶ୍ୱାଳ, ଅନାଦି ବିଶ୍ୱାଳ, ତୁଷାରକାନ୍ତ ବିଶ୍ୱାଳ, ବସନ୍ତ ରାଉତ୍, ଅର୍ଜୁନ ରାଉତ୍ କାର୍ଯ୍ୟ ତୁଲାଇଥିଲେ। ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ବିଶ୍ୱାଳ, ବିଦ୍ୟୁଭୂଷଣ ବିଶ୍ୱାଳ, ଶୁଭେନ୍ଦୁ ବିଶ୍ୱାଳ, ପ୍ରତାପ ବିଶ୍ୱାଳ, ବିଜୟ ବିଶ୍ୱାଳ, ଗଣନାଥ ବିଶ୍ୱାଳ, ନକୁଳ ବାରିକ୍, ମନୋଜ ବାରିକ୍, ପୂର୍ଣ୍ଣଚନ୍ଦ୍ର ବାରିକ୍, ବନମାଳୀ ବାରିକ୍‌ଙ୍କ ସମେତ ନିମାପଡ଼ା ଗ୍ରାମର ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତିରେ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ଓ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗ୍ରାମ ଦେବତୀ ମା' ଥାନପତିଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବନ୍ତ/ଆଗରପଡ଼ା, ୧।୩(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ନାରାୟଣପୁର ଗ୍ରାମର ଗ୍ରାମ ଦେବତୀ ମା' ଥାନପତିଙ୍କ ମନ୍ଦିର ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାମକୃଷ୍ଣପୁର ଗୋପାଳସାହି ଗ୍ରାମ୍ୟ ପୁଷ୍କରିଣୀରୁ ୧୦୮ କଳସ ଘଟ ଉତ୍ତୋଳନ କରାଯାଇ ବାଜା, ବାଣ, ରୋଷଣୀରେ ଗ୍ରାମ ବଜାର ପରିକ୍ରମା ପରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପଣ୍ଡିତ ଜଗନ୍ନାଥ ପାଣିଗ୍ରାହୀ, ପରମାନନ୍ଦ ପାଣିଗ୍ରାହୀ, ସତ୍ୟବ୍ରତ ପଣ୍ଡା, ଜଗମୋହନ ପାଣିଗ୍ରାହୀ, ଦେବବ୍ରତ ପଣ୍ଡା, ଲୋକନାଥ ପାଣିଗ୍ରାହୀ, ମନୋରଞ୍ଜନ ପାଣିଗ୍ରାହୀ ଆଦି ଅଙ୍କୁରାଧିବାସ, ପଞ୍ଚଗବ୍ୟ ଶୋଧନ, ସୂର୍ଯ୍ୟପୂଜା, ଗୋ ପୂଜା, ସୂର୍ଯ୍ୟାଗ୍ନି ଆହରଣ, କଳସ ଯାତ୍ରା, ଦ୍ୱାରପାଳ ପୂଜା, ଅଗ୍ନି ସ୍ଥାପନ, ଧ୍ୱଜା ଉତ୍ତୋଳନ, ସପ୍ତଚଣ୍ଡୀ ଯଜ୍ଞ, ବାସ୍ତୁ ମଣ୍ଡଳ ପୂଜା, ମହାସ୍ନାନ, ଅଭିଷେକ, ପ୍ରତିଷ୍ଠା ଉତ୍ସବ, ମା' ଥାନପତିଙ୍କ ନୂତନ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ପୂଜା କାର୍ଯ୍ୟ ନିର୍ବାହ କରିଥିବାବେଳେ କର୍ତ୍ତା କାର୍ଯ୍ୟ ସନ୍ତୋଷ ରଣା, ରୁକ୍ମଣୀ ରଣା, ବନମାଳୀ ଦାସ, ସରସ୍ୱତୀ ଦାସ, ଅଭିମନ୍ୟୁ ବାରିକ୍, ଦେବକୀ ବାରିକ୍ ତୁଲାଇଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମକୁ ନିରଞ୍ଜନ ରଣା, ନିରାକାର ସାହୁ, ସୁଧାକର ସାହୁ, ବିଶ୍ୱନାଥ ପାଣିଗ୍ରାହୀ, କାଳନ୍ଦୀ ଦାସ, ବିଷ୍ଣୁ ମୋହନ ସାହୁ, ଭୀମସେନ ଦାସ, ପ୍ରଭାକର ସାହୁ, କମଳାକାନ୍ତ ଦାସ, ମଧୁସୂଦନ ପାଣିଗ୍ରାହୀ, ବିଶ୍ୱନାଥ ପାଣିଗ୍ରାହୀ, ବାସୁଦେବ ସାହୁ, ଗଙ୍ଗାଧର ସାହୁ, ଯୁଧିଷ୍ଠିର ଦାସ, ମଣିଭଦ୍ର ଜେନା, ଜନାର୍ଦ୍ଦନ ପାଣିଗ୍ରାହୀ, ମାୟାଧର ସାହୁ, ସୁଦର୍ଶନ ଦାସ, ପଶରତ ବାହାଲିଆ, ରମାକାନ୍ତ ବାରିକ୍, ଅଜୟ ବାରିକ୍‌ଙ୍କ ସମେତ ସମସ୍ତ ନାରାୟଣପୁର ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଉପସ୍ଥିତ ହୋଇ ମା'ଙ୍କ ଆଶିଷ କୃପା ଲାଭ କରିଥିଲେ।

# ୟୁନିଟ୍ ଫର୍ ସେବା ପରିବାରର ବାର୍ଷିକ ମହୋତ୍ସବ



**ବନ୍ତ/ଆଗରପଡ଼ା, ୧।୩(ସମିସ):** ବନ୍ତ ବ୍ଲକ ରାମପୁର ପଞ୍ଚାୟତ ଅନ୍ତର୍ଗତ ଅଳଉତି ଗ୍ରାମରେ ୟୁନିଟ୍ ଫର୍ ସେବା ପରିବାରର ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ପରିବାର ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ସୁବ୍ରତ ଦାସ, ରାଜ କିଶୋର ସ୍ୱାଇଁ, ସରପଞ୍ଚ ଗିରିଧାରୀ ସାହୁ, ପୂର୍ବତନ ସରପଞ୍ଚ ମାଳିରାମ ବେହୁରିଆ, ସମାଜସେବୀ ଜିତେନ୍ଦ୍ର ନାୟକ, ଅଳଉତି ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ନୃସିଂହ ଚରଣ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି, ସୁଧିର ରାଉତ, ନିର୍ମଳ ଚନ୍ଦ୍ର ଭୂୟାଁ, ପ୍ରତାପ ଚନ୍ଦ୍ର ବେହୁରିଆ, ବିଶ୍ୱମ୍ଭର ପଣ୍ଡା, କାଳନ୍ଦି ଚନ୍ଦ୍ର ପଲେଇ, ବିଚିତ୍ର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେବା ପରିବାର ତରଫରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସନ୍ଧ୍ୟାରେ କୁନି ତାରକାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅମରେନ୍ଦ୍ର ବାରିକ, ରାକେଶ ଭୂୟାଁ, ଆଶିଷ ଭୂୟାଁ, ଅଜିତ୍ ଭୂୟାଁ, ଦେବାଶିଷ ଭୂୟାଁ, ସତ୍ୟବ୍ରତ ଭୂୟାଁ, ଶୁକଦେବ ଦାସ, ସତ୍ୟପ୍ରକାଶ ପଲେଇ, ମନୋରଞ୍ଜନ ଦାସ, ତାପସ କୁମାର ଭୂୟାଁ, ସମରେନ୍ଦ୍ର ଭୂୟାଁ, ଦେବାଶିଷ ନାୟକ, ଗଙ୍ଗାଧର ନାୟକ, ବନମାଳୀ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ଶଙ୍କର୍ଷଣ ଓଝା ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ




**ବନ୍ତ/ଆଗରପଡ଼ା, ୧।୩(ସମିସ):** ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବାଲୁକେଶ୍ୱର କ୍ଲଷ୍ଟର ଅନ୍ତର୍ଗତ କୌଶଲ୍ୟା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ଗିରିଧାରୀ ସାହୁ, ମୁଖ୍ୟବକ୍ତା ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ରାଉତ୍, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲ୍ଲିକ, ବିଦ୍ୟାଳୟର ପ୍ରତିଷ୍ଠାତାର ପିଢ଼ି ଦେବଦାସ ମହାନ୍ତି, ପ୍ରାକ୍ତନ ବିଆର୍‌ସିସି ସୋମନାଥ ସୁତାର, ରାମଚନ୍ଦ୍ର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ଦାସ, ବାଲୁକେଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ପ୍ରାକ୍ତନ ସିଆର୍‌ସିସି ସୁକାନ୍ତ କୁମାର ବେହେରା, ଏନ୍‌ପିଏସ୍ ସଂଘ ସମ୍ପାଦକ ସତ୍ୟରଞ୍ଜନ ଦାସ, କୁଣ୍ଡୁଲା ଏସ୍‌ବିଏନ୍‌କେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ନାୟକ, ବିଦ୍ୟାଳୟ କମିଟି ସଭାପତି ବିଜେନ୍ଦ୍ର ବେହୂରିଆ, ଶିକ୍ଷକ ପ୍ରକାଶ ଜେନା ଓ ଅଶୋକ କୁମାର ପହି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ମନୋରମା ପାଢ଼ୀ ବାର୍ଷିକ ବିବରଣୀ ପଠନ, ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନ ଶିକ୍ଷକ ନରେନ୍ଦ୍ର କୁମାର ସାହୁ, ଶିକ୍ଷକ ମନୋରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସୁଦାମ ଦାସ, ସସ୍ମିତା ସାହୁ, ଜୟନ୍ତୀ ମଲ୍ଲିକ, ଗୌରୀରାଣୀ ବେହେରା, ଅଲେଖ ପଣ୍ଡା, ଅକ୍ଷୟ କୁମାର ଦାସ, ନିରୂପମା ବିଶ୍ୱାଳ, ଅନୁପମା ବିଶ୍ୱାଳ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ବସନ୍ତ ନାୟକ, କାଇରୀ ମୁଣ୍ଡାଙ୍କ ସମେତ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମକୁ ସମସ୍ତ ସଦସ୍ୟସଦସ୍ୟା, ଅଭିଭାବକ ଓ ଗ୍ରାମବାସୀ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତାର ପିଢ଼ି ଦେବଦାସ ମହାନ୍ତିଙ୍କ ଦ୍ୱାରା ଧୀରେନ୍ଦ୍ର ମହାନ୍ତି ପ୍ରତିଭା ସମ୍ମାନ ୧ମରୁ ୮ମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୮ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ଭଦ୍ରକରେ ଜାତୀୟ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ



**ଭଦ୍ରକ, ୧।୩(ସମିସ):** ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗେଲପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜରାୟୁ ଗ୍ରୀବା କର୍କଟରୁ କିଶୋରୀ ବାଳିକାମାନଙ୍କୁ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଜାତୀୟ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ରବିବାର ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସବୁଜ ପତାକା ଦେଖାଇ ଟିକାକରଣ ଅଭିଯାନର ଔପଚାରିକ ଆରମ୍ଭ କରିଥିଲେ। ଏହି ଅଭିଯାନ ଅନୁସାରେ, ୧୪ରୁ ୧୫ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାଙ୍କୁ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିନାମୂଲ୍ୟରେ ଏଚ୍‌ପିଭି ଟିକା ପ୍ରଦାନ କରାଯିବ। ଭଦ୍ରକ ଜିଲ୍ଲାରେ ପ୍ରାୟ ୧୨ ହଜାରରୁ ଅଧିକ କିଶୋରୀ ବାଳିକାଙ୍କୁ ଏହି ଟିକା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହିଅବସରରେବିଧାୟକଶ୍ରୀମହାପାତ୍ର କହିଥିଲେ ଯେ, ଜରାୟୁ ଗ୍ରୀବା କର୍କଟ ରୋକ୍ଥାମରେ ଏହି ଟିକା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଏହି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିବ ଏବଂ ସମସ୍ତ ଯୋଗ୍ୟ କିଶୋରୀଙ୍କୁ ଟିକା ଆବଣ୍ଟନ ମଧ୍ୟରେ ଆଣିବାକୁ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଓ କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅଭିଭାବକମାନଙ୍କୁ ନିଜ କନ୍ୟାମାନଙ୍କୁ ଏହି ଟିକା ଦେବା ପାଇଁ ସଚେତନ ହେବାକୁ ଅନୁରୋଧ କରାଯାଇଛି।

## ଆଗରପଡ଼ାରେ ଶ୍ରୀରାମ ନବମୀ ପାଇଁ ପ୍ରସ୍ତୁତି ବୈଠକ

# ୨୬ରେ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା



**ବନ୍ତ/ଆଗରପଡ଼ା, ୧।୩(ସମିସ):** ଭଦ୍ରକ ଜିଲ୍ଲା ଆଗରପଡ଼ା ଅଞ୍ଚଳର ଐତିହ୍ୟସମ୍ପନ୍ନ ପାରମ୍ପରିକ ଶ୍ରୀରାମ ନବମୀ ସମିତି ପକ୍ଷରୁ ଆଗାମୀ ଶ୍ରୀରାମ ନବମୀ-୨୦୨୬ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୧ଟି ମେଢ଼ କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଚଳିତ ବର୍ଷର କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମିତି ସମ୍ପାଦକ ବାବୁରାମ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ସଭାପତି ତୃପ୍ତି ରଞ୍ଜନ ଦାଶ, ଉପଦେଷ୍ଟା ଭାସ୍କର ଦାସ, ରାଜିବ ଲୋଚନ ରାୟ ଓ ଅଶୋକ ପରିଡ଼ା ପ୍ରମୁଖ ଯୋଗଦେଇ ମହୋତ୍ସବର ପରିଚାଳନା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଚଳିତ ବର୍ଷ ମାର୍ଚ୍ଚ ୨୬ ତାରିଖରେ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଚଳିତ ବର୍ଷ ଅଷ୍ଟମ ବର୍ଷରେ ପଦାର୍ପଣ କରିଥିବାବେଳେ ଏଥିରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଲକ୍ଷ୍ୟ ରଖାଯାଇଛି। ଶୋଭାଯାତ୍ରା ବ୍ୟତୀତ ସମିତି ପକ୍ଷରୁ ଏକତା ଦୌଡ଼, କଳସ ଶୋଭାଯାତ୍ରା, ସାଂସ୍କୃତିକ ସନ୍ଧ୍ୟା ଏବଂ ଭବ୍ୟ ଯଜ୍ଞ ପୂଜାର୍ଚ୍ଚନା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବୈଠକରେ ବିଭିନ୍ନ ମେଢ଼ କମିଟିର ସଦସ୍ୟ ସୁଶିଲ ପୃଷ୍ଟି, ଲିପୁ ତିଆଡ଼ି, ସନ୍ତୋଷ ପୁହାଣ, ବାବୁଲୁ ସାହୁ, ଯତୀନ ଖୁଣ୍ଟିଆ, ବିନୟ ରଞ୍ଜନ ଜେନା, ମହେଶ୍ୱର ଦାସ, ସୌରଭ ଦାସ, ଦେବାଶିଷ ଦାସ, ପ୍ରଦୀପ୍ତ ସେଠୀ, ଶ୍ରୀତମ୍ ସିଂହ ଓ ସଞ୍ଜୟ ସିଂହଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା ନେଇ ଆଲୋଚନା କରିଥିଲେ।

## ବିଶିଷ୍ଟ ଜନନେତା ହୃଦାନନ୍ଦ ମଲ୍ଲିକଙ୍କ ୩୬ତମ ଶ୍ରାଦ୍ଧୋତ୍ସବ

# 'ସବୁବେଳେ ଗରିବଙ୍କ ହୃଦୟରେ ରହୁଥିଲେ ହୃଦାନନ୍ଦ'

ଭଦ୍ରକ/ଧାମନଗର/ଅସୁରାଳି, ୧।୩(ସମିସ)

ଧାମନଗର ପୂର୍ବତନ ବିଧାୟକ ତଥା ଅବିଭକ୍ତ ବାଲେଶ୍ୱର-ଭଦ୍ରକ ଜିଲ୍ଲାର ଜନନେତା, ସାହିତ୍ୟ ପତ୍ରିକା 'ଆସନ୍ତାକାଲି', 'ଅଗ୍ରଣୀ' ଓ ଦୈନିକ ସମ୍ବାଦପତ୍ର 'ସକାଳ'ର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କର ୩୬ତମ ଶ୍ରାଦ୍ଧୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରର ତାଙ୍କ ଜନ୍ମ ସ୍ଥାନ ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ଗୋପବନ୍ଧୁ ନଗରଠାରେ ହୃଦାନନ୍ଦ ସ୍ମୃତି କମିଟି ଆନୁକୂଲ୍ୟରେ ରବିବାର ସକାଳ ୬ଟାରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ହୃଦାନନ୍ଦ ସ୍ମୃତି କମିଟି ସଭାପତି ତଥା ସମାଜସେବୀ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ବିଜେଡି ଜିଲ୍ଲା ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ






ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବିଜେଡି ନେତା ଡ. ସଞ୍ଜୟ କୁମାର ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ, ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲାଓ୍ୱାଜି ହାବିବ ଯୋଗଦେଇଥିଲେ। ସେହିପରି ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଧାମନଗର ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉମେଶ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ପାଢ଼ୀ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ହସନାବାଦ ସରପଞ୍ଚ ଅଜୟ କୁମାର ମଲ୍ଲିକ, ସମିତିସଭ୍ୟା ଅଭିଲିପ୍ସା ରାଉତ, ଜିଲ୍ଲା ପରିଷଦ ସାରଦା ପ୍ରସନ୍ନ ସାହୁ, ପ୍ରଦୀପ କୁମାର ମଲ୍ଲିକ, ଦୟାନିଧି ମିଶ୍ର, ରବୀନ୍ଦ୍ର କୁମାର ବେହୁରିଆ, ବିନୋଦ କୁମାର ନାୟକ, ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ର, ଅତିଶ ବେହେରା, ପାର୍ଥସାରଥୀ ନାୟକ, ସେକ୍ ଜାଫର ଅଲ୍ଲୀ, ସଞ୍ଜୀବ ନାୟକ, ଭଗବାନ ସାମଲଙ୍କ ସମେତ ବହୁ ସାମ୍ବାଦିକ ଯୋଗଦେଇଥିବା ବେଳେ ଭଦ୍ରକ, ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି ନିର୍ବାଚନମଣ୍ଡଳୀରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ବ୍ଲକ ଏବଂ ନଗର ସଭାପତି ସହ ବହୁ ବ୍ଲକସ୍ତରୀୟ ନେତା ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ମଲ୍ଲିକଙ୍କ ଚିନ୍ତାଧାରା, କାର୍ଯ୍ୟଶୈଳୀ ଓ ଦକ୍ଷତା ବଳରେ ଜିଲ୍ଲା ତଥା ଧାମନଗର ଅଞ୍ଚଳର ସବୁ ବର୍ଗର ଲୋକଙ୍କ ପାଖରେ ବେଶ୍ ଆଦୃତ ହେବା ସହ ଗରିବଙ୍କ ହୃଦୟରେ ରହୁଥିଲେ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଛାମୁଆ ନେତା, ଶୁଭେଚ୍ଛୁ, ଆଇନଜୀବୀ, ବୁଦ୍ଧିଜୀବୀ, ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ବଡ଼ ନାତି ଅଶୋକ କୁମାର ମଲ୍ଲିକ ଉପସ୍ଥିତ ଥିବାବେଳେ ସାନ ନାତି ତଥା 'ସକାଳ' ଖବରକାଗଜର ପ୍ରକାଶକ ଅମିତ୍ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ତାଙ୍କର ସୁଯୋଗ୍ୟ ସନ୍ତାନ ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୧/୩/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୩୧,୮୬୫/- ସୁନା:୦୪.୧୦୦ ଗ୍ରାମ୍ ରୁପା: ୦୬.୫୦୦ ଗ୍ରାମ୍





## ଆଜି ମେଣ୍ଢାପୋଡ଼ି ନୀତି

**ପୁରୀ,୧।୩(ସମିସ):** ସୋମବାର ଅନୁଷ୍ଠିତ ହେବ ସ୍ୱତନ୍ତ୍ର ମେଣ୍ଢାପୋଡ଼ି ନୀତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା, ଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ଦୋଳବେଦୀକୁ ବିଜେ କରିବେ। ସେଠାରେ ଗଜପତିଙ୍କ ପ୍ରତିନିଧି ମୁଦିରସ୍ତଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ହୋମ, ଦେବନୀତି, ବନ୍ଦାପନା ପରେ ଭୋଗ ଅନୁଷ୍ଠିତ ହେବ। ମାରୱାଡି ସମ୍ପ୍ରଦାୟର ପୁରୁଷ ଓ ମହିଳାଙ୍କ ଦ୍ୱାରା ପୂର୍ବରୁ ସଂଗୃହୀତ ଘଷି କାଠରେ ଅଗ୍ନି ସଂଯୋଗ କରାଯିବ। ହୋଲିକା ରାକ୍ଷାସୀକୁ ଦହନର ପ୍ରତିଫଳନ ସ୍ୱରୂପ ଏହି ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହୋଇଥାଏ। ଆମ ଓଡ଼ିଆମାନଙ୍କର ବାର ମାସରେ ତେର ପର୍ବ। ଏଥିମଧ୍ୟରୁ ଅନ୍ୟତମ ହେଉଛି ଦୋଳ ପୂର୍ଣ୍ଣିମା। ଏହାର ଅବ୍ୟବହିତ ପୂର୍ବରୁ ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହୋଇଥାଏ।

## ଅବସର ନେଲେ ୪ ପୁଲିସ ଅଧିକାରୀ



**ପୁରୀ,୧।୩(ସମିସ):** ପୁରୀ ଜିଲ୍ଲାରେ କାର୍ଯ୍ୟରତ ୪ ଜଣ ପୁଲିସ ଅଧିକାରୀ ତାଙ୍କ ସେବା ଜୀବନ ଶେଷ କରି ଶନିବାର ଶୃଙ୍ଖଳିତ ଭାବେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପୁରୀ ପୁଲିସ୍ ତରଫରୁ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହେଶ୍ୱର ସେଠୀ ୧୯୮୯ ମସିହାରେ ଓଡ଼ିଶା ପୁଲିସ୍ ବିଭାଗରେ ଯୋଗଦେଇ ପୁରୀ ଜିଲ୍ଲାରେ ଡିଏସ୍‌ପି ଭାବେ ନିଷ୍ଠା ଓ କର୍ତ୍ତବ୍ୟନିଷ୍ଠା ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଭୁବନମୋହନ ସାମନ୍ତରାୟ ୧୯୯୨ରେ ଓଡ଼ିଶା ପୁଲିସ୍ ବିଭାଗରେ ଯୋଗଦେଇ ପୁରୀ ଜିଲ୍ଲାରେ ଇନ୍ସପେକ୍ଟର ଭାବେ ଦାୟିତ୍ୱ ନେଇ ସେବାରେ ଉତ୍କୃଷ୍ଟ ଅବଦାନ ରଖିଥିଲେ। ରବୀନ୍ଦ୍ରନାଥ ବେହେରା ୧୯୯୨ରେ କନେଷ୍ଟବଳ ଭାବେ ଯୋଗଦେଇ ପରବର୍ତ୍ତୀ ସମୟରେ ଏଏସ୍‌ଆଇ ପଦକୁ ପଦୋନ୍ନତି ପାଇ ପୁରୀ ଜିଲ୍ଲାରେ କର୍ତ୍ତବ୍ୟ ପାଳନ କରିଥିଲେ। ସେହିପରି କୃଷ୍ଣଚନ୍ଦ୍ର ସେଠୀ ୧୯୯୧ରେ କନେଷ୍ଟବଳ ଭାବେ ଯୋଗଦେଇ ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ଶୃଙ୍ଖଳାପୂର୍ଣ୍ଣ ଭାବରେ କାର୍ଯ୍ୟ କରିଥିଲେ। ଏହି ଅବସରରେ ଏସ୍‌ପି ପ୍ରତୀକ୍ ସିଂ ସେମାନଙ୍କର ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ସେବା ପ୍ରତି ଅଙ୍ଗୀକାର ନିମନ୍ତେ ସମ୍ମାନିତ କରିବା ସହ ଭବିଷ୍ୟତ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

## ବିଷାକ୍ତ ମାଛ କାମୁଡ଼ାରେ ପର୍ଯ୍ୟଟକ ଆହତ!



**ପୁରୀ,୧।୩(ସମିସ):** ପୁରୀ ସମୁଦ୍ରରେ ଅଘଟଣ। ବିଷାକ୍ତ ମାଛ କାମୁଡ଼ାର ଶିକାର ହୋଇ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ପର୍ଯ୍ୟଟକ। ସ୍ନାନ କରୁଥିବାବେଳେ ମାଛ କାମୁଡ଼ିଥିବା ଅଭିଯୋଗ କରିଛନ୍ତି ସମ୍ପୃକ୍ତ ପର୍ଯ୍ୟଟକ। ତେବେ ଆହତ ପର୍ଯ୍ୟଟକ ହେଉଛନ୍ତି ରାୟଗଡ଼ାର ହୃଷୀକେଶ ସାହୁ ଏବଂ ଖୋର୍ଦ୍ଧା ଅଞ୍ଚଳର ପ୍ରକାଶ କୁମାର ସାହୁ। ମାଛ କାମୁଡ଼ିବା ଯୋଗୁଁ ଉଭୟଙ୍କ ପାଦରେ ଗଭୀର କ୍ଷତ ସୃଷ୍ଟି ହେବା ସହ ସମ୍ପୃକ୍ତ ସ୍ଥାନ କଳା ପଡ଼ିଯାଇଛି। ଚିକିତ୍ସା ପାଇଁ ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ସମୁଦ୍ରରେ ସ୍ନାନ କରୁଥିବା ପର୍ଯ୍ୟଟକଙ୍କୁ ପ୍ରଶାସନ ପକ୍ଷରୁ ସଚେତନ କରାଇବା ଆବଶ୍ୟକ ରହିଛି ବୋଲି ନିବେଦନ କରିଛନ୍ତି ପର୍ଯ୍ୟଟକ। ନଚେତ୍ ଆଗାମୀ ଦିନରେ ବିଷାକ୍ତ ମାଛ କାମୁଡ଼ାର ଶିକାର ହୋଇ ବହୁ ପର୍ଯ୍ୟଟକ ଆହତ ହେବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ସେମାନଙ୍କୁ ସମୁଦ୍ର ଭିତରେ ମାଛ ନା ଆଉ କିଛି ଜଳଜୀବ କାମୁଡ଼ିଛନ୍ତି ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ଯେହେତୁ ସେମାନେ ସମୁଦ୍ର ଭିତରେ ଗାଧୋଉଥିଲେ ଅନ୍ୟ କୌଣସି ସାମୁଦ୍ରିକ ଜୀବ କାମୁଡ଼ି ଥାଇପାରନ୍ତି ବୋଲି ମଧ୍ୟ କୁହାଯାଉଛି।

## ବିଦ୍ୟୁତ୍ ଆଘାତରେ ବିଦ୍ୟୁତ୍ କର୍ମଚାରୀ ଗୁରୁତର

**ଅସ୍ତରଙ୍ଗ,୧।୩(ସମିସ):** ରବିବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟରେ କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ୍ ଆଘାତରେ ଉକ୍ତ କର୍ମୀ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଅସ୍ତରଙ୍ଗ ବ୍ଲକ୍ ନୂଆଗଡ଼ ଅଞ୍ଚଳର ବଟକୃଷ୍ଣ ବେହେରା ଅସ୍ତରଙ୍ଗ ବିଦ୍ୟୁତ୍ ଡିଭିଜନ ଅଧୀନରେ କାମ କରନ୍ତି। ନୂଆଗଡ଼ ଅଞ୍ଚଳରେ କାର୍ଯ୍ୟ କରୁଥିବାବେଳେ ଏହି ଅଘଟଣ ଘଟିଛି। ଉକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହିଭଳି ଘଟଣା ଜଣେ ବିଦ୍ୟୁତ୍ କର୍ମଚାରୀଙ୍କ ସହ କିପରି ଘଟିଲା ତାହା ଏବେ ଅସ୍ପଷ୍ଟ ରହିଛି।

# ଶ୍ରୀଜଗନ୍ନାଥ ସକଳ ସମ୍ପ୍ରଦାୟର ଆରାଧ୍ୟ

ପୁରୀ,୧।୩(ସମିସ)

ସ୍ଥାନୀୟ ସଂସ୍କୃତି ଭବନଠାରେ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମତ ପ୍ରକାଶ ପାଇଥିଲା ଯେ, ଭଗବାନ ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥ ଏକ ଓ ଅଭିନ୍ନ। ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ସ୍ତୁତି କରିଥିବା

### ଭଗବାନ ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥ ଏକ ଓ ଅଭିନ୍ନ

ଶ୍ରୀଜଗନ୍ନାଥ ଅଷ୍ଟକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପରେ ଶ୍ରୀକୃଷ୍ଣ ଓ ରାଧାଙ୍କର ଯୁଗଳ ମୂର୍ତ୍ତିକୁ ବନ୍ଦନା କରିଥିଲେ। ଶ୍ରୀମଦ୍ ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀର ଗୀତଗୋବିନ୍ଦ ରଚୟିତା ଜୟଦେବ, ଆସାମର ଶଙ୍କରାନନ୍ଦ ଏବଂ ପଞ୍ଚଦଶ ଶତାବ୍ଦୀର ପଞ୍ଚସଖା ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ବଳରାମ ଓ ଜଗନ୍ନାଥ ଦାସ ଉତ୍କଳୀୟ ବୈଷ୍ଣବ ଚେତନାରେ ଶ୍ରୀଜଗନ୍ନାଥଙ୍କୁ ଆରାଧ ଓ ଶ୍ରୀଚୈତନ୍ୟ ଠାକୁର ଗୌଡ଼ୀୟ ବୈଷ୍ଣବ ପରମ୍ପରାରେ




ଶ୍ରୀକୃଷ୍ଣଙ୍କୁ ଆରାଧନା କହିଥିଲେ। ଯାହା ଜ୍ଞାନମିଶା ଭକ୍ତି ଓ ରାଗାନୁଗା ଭାବ ରୂପେ ସମସ୍ତ ଭକ୍ତ ସମାଜକୁ ଅନୁପ୍ରାଣିତ କରିଛି। ତେଣୁ ଶ୍ରୀଜଗନ୍ନାଥ ସକଳ ସମ୍ପ୍ରଦାୟର ଆରାଧ ଓ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାୟୀ ଅଟନ୍ତି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ କୁଳପତି ଡ. ହରିହର ହୋତା, ବିଶିଷ୍ଟ ଅତିଥି ଭାବେ ଉତ୍ତରାଖଣ୍ଡର ବ୍ରହ୍ମଚାରୀ ମହେଶ ପ୍ରକାଶଜୀ ମହାରାଜ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଇଂ. ରାଜେଶ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ପ୍ରଫେସର କାର୍ତ୍ତିକ କୁମାର ଦାସ, ଡ. ହରପ୍ରିୟା ଦାଶ, ଡ. ଅଭିମନ୍ୟୁ ଭୂୟାଁ ଓ ସୂଚନା ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉପସ୍ଥିତ ଥିଲେ। ଏଥିରେ ଅଧ୍ୟକ୍ଷତା କରିଥିଲେ ପ୍ରତିଭା ତ୍ରିପାଠୀ। ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ। ଏହି ଆଲୋଚନାରେ ଅଧ୍ୟାପକ ଅଶୋକ କୁମାର ମିଶ୍ର, ପ୍ରଫେସର ନୃସିଂହାନନ୍ଦ ମହାପାତ୍ର, ବିଶିଷ୍ଟ ଗବେଷିକା ଗୋଲାପ ନନ୍ଦ, ଶାନ୍ତିଲତା ରଥ, ଦୟାନିଧି ତ୍ରିପାଠୀ, ପ୍ରଫେସର ରବିଶଙ୍କର ମିଶ୍ର, ସୁରେଶ ପଟ୍ଟନାୟକ, ଗବେଷକ ଭାଗିରଥି ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଡ. ଶାନ୍ତିଲତା ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଡ. ହରିହର ହୋତା, ବ୍ରହ୍ମଚାରୀ ମହେଶ ପ୍ରକାଶଜୀ ମହାରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଐତିହାସିକ ମଦନ ମୋହନ ମହାପାତ୍ର ଆଲୋଚନଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ଶିକ୍ଷାବିତ୍ ଚାରୁଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଘାଟନୀ ଉତ୍ସବ ଅବସରରେ ବିଶ୍ୱରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ପାଇଁ ଟ୍ରଷ୍ଟର ଉପଦେଷ୍ଟା ପ୍ରାକ୍ତନ ବିଚାରପତି ମାନସ ମିଶ୍ରଙ୍କ ନେତୃତ୍ୱରେ ଏକ ନିରବ ଶାନ୍ତି ଓ ସଦ୍‌ଭାବନା ଶୋଭାଯାତ୍ରା ଆଚାର୍ଯ୍ୟ ହରିହର ଛକଠାରୁ ବାହାରି ସୁଭାଷ ବୋଷ ଛକଠାରେ ଶେଷ ହୋଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଯୋଗାଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଦର୍ଶନୀ ଓ ଶାସ୍ତ୍ରୀୟନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସର୍ବାଣୀ ଦାସ। ସମସ୍ତ କାର୍ଯ୍ୟକ୍ରମକୁ ତପନ କୁମାର ସେଠୀ, ସୌମ୍ୟରଞ୍ଜନ ମଲ୍ଲିକ, ନୃସିଂହ ଚରଣ ମହାନ୍ତି, ବନମାଳୀ ପୃଷ୍ଟି, ସନ୍ଦୀପ କର୍ମକାର, ଟି. ପ୍ରକାଶ ରାଓ ପ୍ରମୁଖ ପରିଚାଳନା କରିଥିଲେ।

### ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ରାଜ୍ୟସ୍ତରୀୟ ବିତର୍କ

# 'ଗଣମାଧ୍ୟମ ଆଉ ଜନଗଣଙ୍କ ବିଶ୍ୱାସ ଭିତରେ ନାହିଁ'

**ପୁରୀ,୧।୩(ସମିସ):** ଯେଉଁ ଗଣତନ୍ତ୍ରରେ ଗଣମାଧ୍ୟମ ଜନହିତ ଓ ରାଜହିତ ମଧ୍ୟରେ ସମନ୍ୱୟ ରକ୍ଷା କରେ ସେଠାରେ ଦେଶ ସମୃଦ୍ଧ ହୁଏ। ହେଲେ ଯେଉଁ ଗଣତନ୍ତ୍ରରେ ଗଣମାଧ୍ୟମର ସ୍ୱାଧୀନତା ନାହିଁ, ସେଠାରେ ବିକଶିତ ଭାରତ ଏକ ସ୍ୱପ୍ନ ବୋଲି କହିଛନ୍ତି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ। ପୁରୀ କ୍ଲବ୍ ସମ୍ମିଳନୀ କକ୍ଷରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ 'ଜନହିତ ନା' ରାଜନୈତିକ ହିତରେ ଆଜିର ସମ୍ବାଦପତ୍ର' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ କହିଥିଲେ ଯେ ଆଜି ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସରେ ଭାରତବର୍ଷ ଏବେ ବିଶ୍ୱର ୫୨ତମ ସ୍ଥାନକୁ ଖସିଆସିଛି। ଜନହିତ ଓ ଦେଶ ହିତ ପାଇଁ ସୃଷ୍ଟି ହୋଇଥିବା ଗଣମାଧ୍ୟମ ଆଉ ଜନଗଣଙ୍କ ବିଶ୍ୱାସ ଭିତରେ ନାହିଁ। ସତ୍ୟ ସମ୍ବାଦ ପରିବେଷଣ କରି ୧୫୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଗିରଫ ଘଟଣା ଆଜି ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିକୁ ସ୍ମରଣ କରାଉଛି। ଯେଉଁଠି ରାଜନେତା ଓ ଗଣମାଧ୍ୟମର ମାଲିକ ସତ୍ୟର କଣ୍ଠରୋଧ କରୁଛନ୍ତି ସେଠାରେ ଜନହିତ ଆସିବ କେଉଁଠୁ?

ଅନୁଷ୍ଠାନ ତଥା ସମ୍ବାଦପତ୍ରର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିତର୍କରେ ଭାଗ ନେଇ ବିଜେଡିର ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଥିଲେ ଯେ କେବଳ ଦେଶ ନୁହେଁ, ବିଭିନ୍ନ ରାଜ୍ୟରେ ବିଗତ ଅନେକ ବର୍ଷ ଧରି ବିଭିନ୍ନ ସରକାରୀ ଦଳ, ଗଣମାଧ୍ୟମକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି, ଯଦ୍ୱାରା ବିଶ୍ୱରେ ମିଡିଆ ସ୍ୱଚ୍ଛତାରେ ଭାରତର ସ୍ଥାନ ୧୬୧କୁ ଖସିଛି। ବିତର୍କରେ ଯୋଗଦେଇ ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା କହିଥିଲେ, ଆଜିର ଗଣମାଧ୍ୟମ ଜନଗଣଙ୍କ ଘର ଭାଙ୍ଗୁଛି, ବିଜ୍ଞାପନ ପାଇଁ ସତ୍ୟ ସମ୍ବାଦରୁ ଦୂରେଇ ଯାଉଛି। ଏପରିକି ଗଣମାଧ୍ୟମର ନିରବତା ଭିତରେ ଜଣେ ଶିକ୍ଷକ ଏବେ କର୍ମଚାରୀ ପାଲଟିଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ କିଟ୍ ସ୍କୁଲ ଅଫ୍ ମାସ୍ କମ୍ୟୁନିକେସନର ଡିନ୍ ଡ. ରାଜୀବ କୁମାର ପଣ୍ଡା କହିଥିଲେ ଯେ, ଶୃଙ୍ଖଳିତ ସମାଜ ଓ ବିକଶିତ ଭାରତ ବର୍ଷ ପାଇଁ ଗଣମାଧ୍ୟମ ରାଜହିତ ସହ ଜନହିତ ପାଇଁ ସମର୍ପିତ ହେବା ଆବଶ୍ୟକ। ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ କହିଥିଲେ ଯେ, ଏହି

### ଜନହିତରେ ଉପଯୋଗ ହେଉ ଗଣମାଧ୍ୟମ

### ଜୀବନବ୍ୟାପୀ ସାଧନା ପାଇଁ ନବୀନ ଦାସ ସମ୍ମାନିତ

ଜନହିତ ଓ ରାଜହିତ ଉଭୟେ ପରିପୂରକ। ହେଲେ ଆଜିର ଶୀର୍ଷକ ସୂଚାଇ ଦେଇଛି ଯେ ଉଭୟଙ୍କ ଭିତରେ ଆଉ ସମ ବିଚାର ନାହିଁ। ବିତର୍କରେ ଭାଗ ନେଇ ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ କହିଥିଲେ ଯେ ଆଜି ଅନୁସନ୍ଧାନମୂଳକ ସମ୍ବାଦ ନାହିଁ। ଏଣୁ ଏକ ସମୃଦ୍ଧ ଭାରତବର୍ଷ ପାଇଁ ଗଣମାଧ୍ୟମ ଜନହିତ ପାଇଁ ସମର୍ପିତ ହେବା ଉଚିତ। ବରିଷ୍ଠ ସ୍ତମ୍ଭକାର ବଦ୍ରି ମିଶ୍ର କହିଥିଲେ ଯେ, ଲାଭଜନକ ବ୍ୟବସାୟ ପାଇଁ ଗଣମାଧ୍ୟମ ଆଜି ଅପରାଧ କାହାଣୀ, ଅରୁଚିକର ବିଜ୍ଞାପନ ଓ ସିରିଏଲ୍, ପ୍ରେମ କାହାଣୀ, ସାଇବର ଠକେଇର କାହାଣୀ ଭିତରେ ସମାଜକୁ ପଥଭ୍ରଷ୍ଟ କରୁଛି। ମାଲିକର ବିଚାରଧାରାକୁ ନିଃସର୍ତ୍ତ ସହଯୋଗ ଦେଇ ଗଣମାଧ୍ୟମ, ଗଣତନ୍ତ୍ରକୁ ବିପଦମୁହାଁ କରୁଛି। ସିନେ କଳାକାର କେଦାର ମିଶ୍ର ଗଣମାଧ୍ୟମ ଜନହିତ ପାଇଁ ବଦ୍ଧପରିକର ହେବା ଆଜିର ଆବଶ୍ୟକତା ବୋଲି ମତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନର ମୁଖ୍ୟଅତିଥି ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ କହିଥିଲେ ଯେ, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଗଣମାଧ୍ୟମ ରାଜହିତ ଓ ଜନହିତକୁ ସମନ୍ୱୟ କରି ନିର୍ଭିକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଦରକାର। ସମାଜରେ ଶୃଙ୍ଖଳା ଓ ରାଜ୍ୟର ସମୃଦ୍ଧି ପାଇଁ ଗଣମାଧ୍ୟମ ସେମାନଙ୍କ କଲମ ଓ କ୍ୟାମେରା ଚଳାଇବା ଏବେ ବଡ଼ ଆବଶ୍ୟକତା। ଏହି ଅଧିବେଶନରେ ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରେଇ ଓ ସୂର୍ଯ୍ୟ ରଥ ଯୋଗଦେଇଥିବା ବେଳେ ରାଜେଶ୍ ମହାନ୍ତିଙ୍କ ସମ୍ପାଦନାରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ସ୍ୱନକ୍ଷତ୍ର ସଂଖ୍ୟାକୁ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ଦୈନିକ ସମ୍ବାଦପତ୍ର ନିର୍ଭୟର ସମ୍ପାଦକ ନବୀନ ଦାସଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶାର ବିଶିଷ୍ଟ ଉଦ୍‌ଘୋଷକ ତଥା ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ରଥ ଓ ଡ. ବିଶ୍ୱନାଥ ମିଶ୍ର ସଂଯୋଜନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଭରତ ନାୟକ। ପରିଚାଳନାରେ ସହଯୋଗ କରିଥିଲେ ସନ୍ତୋଷ ମହାନ୍ତି, ରାଜକିଶୋର ପାଣିଗ୍ରାହୀ, ଭବାନୀ ଶଙ୍କର ସାହୁ, ବିଦ୍‌ରୋହ ସିଂ, ରୀତେଶ ମହାନ୍ତି, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ନୃସିଂହ ଦାସ, ଶିବସୁନ୍ଦର ମିଶ୍ର ଓ ଦେବେନ୍ଦ୍ର ମହାପାତ୍ର।

## ଗାଡ଼ି ସାଇଡ୍ ମାରିବା ଘଟଣାକୁ ନେଇ ହାତାହାତି

**ପୁରୀ,୧।୩(ସମିସ):** ରବିବାର ପୂର୍ବାହ୍ଣରେ ପୁରୀର ପ୍ରବେଶ ପଥ ଅଠରନଳାଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କାର୍ ସାଇଡ୍ ମାରିବାକୁ ନେଇ କଥା କଟାକଟି ସହ ହାତାହାତି ପରି ଘଟଣା ଦେଖିବାକୁ ମିଳିଛି। ତେବେ ସବୁଠାରୁ ବଡ଼ କଥା ହେଲା ପୁଲିସ ଉପସ୍ଥିତି ଥାଇ ମଧ୍ୟ ଉଭୟଙ୍କ ମଧ୍ୟରେ ମାର୍‌ପିଟ୍ ହେଉଥିବା ଦେଖିବାକୁ ମିଳିଛି। ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ତେବେ ଖବର ପାଇ ପୁଲିସ ଘଟଣାରେ ହସ୍ତକ୍ଷେପ କରି ଦୁଇଜଣଙ୍କୁ ଥାନାକୁ ନେଇ ଅଟକ ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଅଠରନଳା ମୁଖ୍ୟ ପ୍ରବେଶ ପଥରେ ଦୁଇଟି କାର୍ ପୁରୀ ଟାଉନ୍ ଭିତରକୁ ପ୍ରବେଶ କରୁଥିବା ସମୟରେ ଆଉ ଏକ କାର୍ ଅନ୍ୟ କାର୍‌କୁ ସାଇଡ୍ ମାରିଥିଲା। ସାଇଡ୍ ମାରିବାରୁ ଉଭୟ ଗାଡ଼ି ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ବଚସା ଉଗ୍ରରୂପ ନେଇଥିଲା। ଉଭୟ କାର୍ ଚାଳକଙ୍କ ମଧ୍ୟରେ କଥା କଟାକଟି ହେବା ସହ ହାତାହାତି ହୋଇଥିଲେ। ଉଭୟ ଉଭୟଙ୍କୁ ତଳେ ପକାଇ ମାଡ଼ ମାରିଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ଜଣେ ପୁଲିସ ସାମ୍ନାରେ ଉଭୟ ମାର୍‌ପିଟ୍ ହେଉଥିଲେ। ପୁଲିସ ଜଣକ ଉଭୟଙ୍କୁ ଅଟକାଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ପରେ ଏନେଇ ଥାନାକୁ ଖବରଦେବା ପରେ ଖବର ପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ଥାନା ଓ ସଦର ଥାନା ପୁଲିସ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରିଥିଲା। ଘଟଣା ସହ ଜଡ଼ିତ ଦୁଇଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

## ୫ ଯୁବକ ଗିରଫ; ଖଣ୍ଡା ଓ ଭୁଜାଲି ଜବତ

**ପୁରୀ,୧।୩(ସମିସ):** ଏକ ପଡ଼ିଆରେ ବସି ଡକାୟତି ଯୋଜନା କରୁଥିବା ଖବର ପାଇ କୁମ୍ଭାରପଡ଼ା ଥାନା ପୁଲିସ ଚଢ଼ଉ କରି ୫ ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖାକିମଠ ନୂଆସାହିର ଲୋକନାଥ ଦାସ (୨୯), ଅଠରନଳା ଖଣ୍ଡିଆବନ୍ଧର ସୌମ୍ୟରଞ୍ଜନ ପ୍ରଧାନ (୨୮), ଫ୍ରେଣ୍ଡସ କ୍ଲବ୍ ଲେନ୍‌ର ରମେଶ ପରିଡ଼ା ଓରଫ ଡେଙ୍ଗା ମୁନା (୩୫), ପତିତପାବନ ଲେନ୍‌ର ଶିବ ଶଙ୍କର ବେହେରା (୨୨) ଏବଂ କୁମ୍ଭାରପଡ଼ା ମସ୍‌ଜିଦ ଲେନ୍‌ର ଅମିତାଭ ପ୍ରଧାନ (୨୩)। ପୁଲିସ ସୂଚନା ଅନୁଯାୟୀ, ଶନିବାର କୁମ୍ଭାରପଡ଼ା ଥାନା କର୍ମଚାରୀ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କିଶୋର କ୍ଲବ୍ ନିକଟ ଏକ ପଡ଼ିଆରେ ୫/୬ ଜଣ ବ୍ୟକ୍ତି ମାରଣାସ୍ତ୍ର ସହ ବସି ଡକାୟତି ଯୋଜନା କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ପାଟ୍ରୋଲିଂ କର୍ମଚାରୀ ସେଠାରେ ଚଢ଼ଉ କରି ୫ ଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ୩ଟି ମୋବାଇଲ୍ ଫୋନ୍, ଗୋଟିଏ ଖଣ୍ଡା, ଗୋଟିଏ ଭୁଜାଲି, ଗୋଟିଏ ଛୁରି, ଫାଙ୍କା ବିୟର ବୋତଲ, ଅଧାଜଳା ୪ଟି ସିଗାରେଟ୍ ଏବଂ ଦିଆସିଲି ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୭/୨୬) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

### ଆଇଏମ୍‌ଟି ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ

# ଛାତ୍ରଛାତ୍ରୀଙ୍କୁ ଉତ୍ତମ ସେବକ ଓ ଚରିତ୍ରବାନ ହେବାକୁ ପରାମର୍ଶ

ପୁରୀ,୧।୩(ସମିସ)

ଓଡ଼ିଶାର ଅନ୍ୟତମ ପୁରାତନ ତଥା ପ୍ରତିଷ୍ଠିତ ଫାର୍ମାସୀ ଶିକ୍ଷାନୁଷ୍ଠାନ ଆଇଏମ୍‌ଟି ଫାର୍ମାସୀ କଲେଜର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋପାଳପୁରସ୍ଥିତ କଲେଜ ପରିସରରେ ଆୟୋଜିତ ଏହି ଦୁଇଦିନିଆ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ

### କୁଶଳୀ ପାରା ମେଡିକାଲ ସୃଷ୍ଟି କରିବାରେ ଆଇଏମ୍‌ଟିର ଭୂମିକା ଉଲ୍ଲେଖନୀୟ

ଉଦ୍‌ଘାଟିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଶତ୍ରୁଘ୍ନ ପାଣିଗ୍ରାହୀ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ଡା. କୌଶିକ ମିଶ୍ର, ପୁରୀ ସଞ୍ଜୀବନୀ




ହସ୍ପିଟାଲର ମୁଖ୍ୟ ଡା. ଦେବେନ୍ଦ୍ରନାଥ ତରାଇ ଯୋଗଦେଇଥିଲେ। ଅନୁଷ୍ଠାନର ଚେୟାରପର୍ସନ ପଙ୍କଜିନୀ ରଥଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଫେସର ଡ. ଅନ୍ନଦା ପ୍ରସାଦ ମହାପାତ୍ର। ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ ଯେ ଆଇଏମ୍‌ଟି ବିଗତ ୩୬ ବର୍ଷରେ ଶତାଧିକ କୁଶଳୀ ପାରାମେଡିକାଲ ପ୍ରଫେସନାଲ ସୃଷ୍ଟି କରି ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ସମୃଦ୍ଧ କରିଛି। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଫ୍ୟାସନ ଶୋ', ସଙ୍ଗୀତ ଓ ନୃତ୍ୟ ସମସ୍ତଙ୍କୁ ଆମୋଦିତ କରିଥିଲା।

ରବିବାର ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଯୋଗଦେଇ ଆଗାମୀ ଦିନରେ ଆହୁରି ନୂଆ ନୂଆ ପାଠ୍ୟକ୍ରମ ଖୋଲି ଅନୁଷ୍ଠାନ ଗୁଣାତ୍ମକ ଶିକ୍ଷାଦାନ କରିବ ବୋଲି ଆଶା କରୁଛି। ସମ୍ମାନିତ ଅତିଥି ଭାବେ ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ଇ-୨୪ ହସ୍ପିଟାଲର ନିର୍ଦ୍ଦେଶକ ଇଂ. ରାଜେଶ ମିଶ୍ର, ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ସେବକ ଓ ଚରିତ୍ରବାନ ହେବାକୁ ପରାମର୍ଶ ଦେଇ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ବିଭିନ୍ନ ପାଠ୍ୟକ୍ରମରେ ଶୀର୍ଷସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ ପ୍ରଫେସର ଅନ୍ନଦା ପ୍ରସାଦ ମହାପାତ୍ର। ପରିଶେଷରେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ, ଦେବସ୍ମିତା ରଥ, ଉପାଧ୍ୟକ୍ଷ ଡ. ତୁଷାର ମହାପାତ୍ର, ବିଭାଗ ମୁଖ୍ୟ ସମୀର ପାତ୍ର, ଜଗନ୍ନାଥ ମିଶ୍ର, କମଳାକାନ୍ତ ଆଚାର୍ଯ୍ୟ, ଡ. ନିର୍ମାଲ୍ୟ ଚନ୍ଦନ, ଡ. ନିଗମ ମାଇତି, ଅଧ୍ୟାପକ ଦେବଦତ୍ତ ସାହୁ, ଦେବାଶିଷ ଦାସ, ଡିଲେନା ନାୟକ, ସୁଜିତ୍ ହରିଚନ୍ଦନ, ଜ୍ୟୋତିର୍ମୟୀ ଦାଶ, ସହାୟକ ପ୍ରଦୀପ ସ୍ୱାଇଁ, ନିରଞ୍ଜନ ନାୟକ, ଭବାନୀ ସାମନ୍ତରାୟ, ରବି ସାହୁ, ଆଦିତ୍ୟ ପ୍ରଧାନ, ପ୍ରଭାତ ପଣ୍ଡା, ସଞ୍ଜୟ ବେହେରା, ଶଚିନ୍ଦ୍ର ପ୍ରଧାନ, ମନୋରଞ୍ଜନ ବେହେରା, ବିଜୟ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ■ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର...

# ରୋଗୀ ଭର୍ତ୍ତି ଆମ୍ବୁଲାନ୍ସକୁ ଠେଲିଲେ




**ଗୋପ,୧।୩(ସମିସ):** ରାଜ୍ୟ ସରକାର ଜନସାଧାରଣଙ୍କୁ ସଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ କରିଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ଅଧିକାଂଶ ସମୟରେ ରୋଗୀଙ୍କ ଲାଗି ଆମ୍ବୁଲାନ୍ସ ଉପଲବ୍ଧ ହେଉ ନ ଥିବାବେଳେ କର୍ମଚାରୀଙ୍କ ଇଚ୍ଛାରେ ଆମ୍ବୁଲାନ୍ସ ସେବା ଚାଲିଥିବା ଅଭିଯୋଗ ହୋଇଛି। ରବିବାର ଜନୈକ ରୋଗୀଙ୍କୁ ନେଇ ଏକ ଆମ୍ବୁଲାନ୍ସ ଭୁବନେଶ୍ୱର ଅଭିମୁଖେ ଗୋପ ବଜାର ନିକଟରେ ଆମ୍ବୁଲାନ୍ସଟି ହଠାତ୍ ଅଚଳ ହୋଇପଡ଼ିଥିଲା। ରୋଗୀଙ୍କ ସମ୍ପର୍କୀୟ ଓ କେତେକ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ପେଲୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଦୈନିକ ଆମ୍ବୁଲାନ୍ସର ସମସ୍ତ ଯନ୍ତ୍ରାଂଶ ପରୀକ୍ଷା କରିବାକୁ ନିୟମ ରହିଥିବାବେଳେ ମାସିକ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଆମ୍ବୁଲାନ୍ସ ସଠିକ୍ ଥିବା ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟକୁ ଯାଉଥିଲେ ମଧ୍ୟ କର୍ମଚାରୀଙ୍କ ଲାଭଖୋର୍ ମନୋବୃତ୍ତି ଯୋଗୁଁ ଆମ୍ବୁଲାନ୍ସଗୁଡ଼ିକ ବାଟରେ ଅଚଳ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେବାରେ ଲାଗିଛି। ଏହା ଉପରେ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## କାର୍ ସହିତ ୩୨ ପେଟି ମଦ ଜବତ; ଜଣେ ଗିରଫ



ଜଗତସିଂହପୁର,୧।୩(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପାକନପୁର ନିକଟରୁ ଏକ ମାରୁତି ସୁଇଫ୍ଟ କାର ସହିତ ୩୨ ପେଟି (୮୮୦ ବୋତଲ) ବିଦେଶୀ ମଦ ପୁଲିସ ଜବତ କରିଛି । ଅନ୍ଧାର ରାତିର ସୁଯୋଗ ନେଇ କାର୍ ଆଗରେ ବସିଥିବା ନୂଆପଡା ଗ୍ରାମର ସଂଗ୍ରାମ ପ୍ରଧାନ ଓରଫ ମୁନ୍ନା ଫେରାର ହୋଇଯାଇଥିବା ବେଳେ ଡ୍ରାଇଭର ନୂଆପଡା ଗ୍ରାମର ଶିବପ୍ରସାଦ ଦାସ ଓରଫ ଚନ୍ଦନକୁ ପୁଲିସ ଗିରଫ କରିଛି । ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଓଡି-୩୩-୩୫୦୦ ନମ୍ବର ମାରୁତି ସୁଇଫ୍ଟ କାରରେ ଡିହସାହିରେ ଥିବା ଏକ ବିଦେଶୀ ମଦ ଦୋକାନାରୁ ଚୋରା ମଦ ଚାଲାଣ ହେଉଥିବା ପୁଲିସକୁ ଖବର ମିଳିଥିଲା । ଏହି ଖବରକୁ ଆଧାର କରି ସଦର ଥାନା ପୁଲିସର ଏକ ଟିମ୍ ପାକନପୁର ନିକଟରେ ଉକ୍ତ କାରକୁ ଅଟକାଇଥିଲା । ପୁଲିସକୁ ଦେଖି କାରରେ ବସିଥିବା ସଂଗ୍ରାମ ପ୍ରଧାନ ଗାଡ଼ିରୁ ଡେଇଁ ଫେରାର ହୋଇଯାଇଥିଲା । ତେବେ ଡ୍ରାଇଭରକୁ ପୁଲିସ ନିଜ ହେପାଜତକୁ ନେଇ ୩୨ଟି ପେଟିରେ ଥିବା ୮୮୦ ବୋତଲ ବିଦେଶୀ ମଦ ଜବତ କରିବାରେ ସଫଳ ହୋଇଥିଲା । ଉକ୍ତ ମଦ ଦୋକାନର ପରିଚାଳକ ଦିଲୀପ ରାୟ ଏବଂ ଫେରାର ସଂଗ୍ରାମ ପ୍ରଧାନକୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି ।

## ନିଜ ଚକ୍ରବ୍ୟୂହରେ ଫସିଲେ ବିଦ୍ୟୁତ୍ କର୍ମଚାରୀ

ନାଉଗାଁ,୧।୩(ସମିସ): ନିଜେ ରଚିଥିବା ଚକ୍ରବ୍ୟୂହରେ ନିଜେ ଫସିଛନ୍ତି ନାଉଗାଁ ବିଦ୍ୟୁତ ବିଭାଗର କର୍ମଚାରୀ । ଲକ୍ଷାଧିକ ଟଙ୍କା ଲୁଟ୍ କହି ଫସିଗଲେ କର୍ମଚାରୀ । ସୂଚନା ମୁତାବକ ଆଜି ନାଉଗାଁ ଥାନା ଅଞ୍ଚଳର ବୋଦଲରୁ ବାଂଶ ସଂଯୋଗ କରୁଥିବା ରାସ୍ତାର ବାଂଶ ନିକଟରେ ବିଦ୍ୟୁତ୍ କର୍ମଚାରୀ ଗୌତମ ପରିଡ଼ା ଲକ୍ଷାଧିକ ଟଙ୍କା ବିଦ୍ୟୁତ୍ ବିଲ୍ ଆଦାୟ କରି ନାଉଗାଁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଆସୁଥିବା ବେଳେ ଟଙ୍କା ଲୁଟ୍ ହୋଇଥିଲା ଅଭିଯୋଗ ହୋଇଥିଲା । କିଛି ଅଚିହ୍ନା ଯୁବକ କଳା ପଲସର ଯୋଗେ ଆସି ତାଙ୍କୁ ଅଟକାଇ ପ୍ରଥମେ ବନ୍ଧୁକ ଦେଖାଇ ଭୟଭୀତ କରାଇବା ପରେ ଏକ ଧାରୁଆ ଛୁରି ସାହାଯ୍ୟରେ ଆକ୍ରମଣ କରି ଟଙ୍କା ଲୁଟ୍ କରି ଚମ୍ପଟ ମାରିଥିବା ଘଟଣା ସିଏ ଅଭିଯୋଗ କରିଥିଲେ । କିନ୍ତୁ ଏହି ଘଟଣାରେ ନିଜେ ଅଭିଯୁକ୍ତ ସାମିଲ ଥିବା ନାଉଗାଁ ପୁଲିସ୍ କହିଛି । ଲୁଟ୍ ଷଡ଼ଯନ୍ତ୍ରର ବ୍ୟୂହ ନିଜେ ଗୌତମ ରଚନା କରିଥିବା ପୁଲିସ୍ କହିଛି । ଘଟଣା ସମ୍ପର୍କରେ ନାଉଗାଁ ପୁଲିସ ଅବଗତ ହେବା ପରେ ଘଟଣାସ୍ଥଳରେ ଥାନା ଅଧିକାରୀ ଦେବାଶିଷ ପଣ୍ଡା ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ଆହତ ଗୌତମଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇବା ପରେ ପ୍ରାଥମିକ ତଦନ୍ତରେ ପୁଲିସ ପଚାରିବା ସମୟରେ ଯୁବକ ଜଣକ ସବୁ ଘଟଣା ନିଜେ ରଚି ଟଙ୍କାକୁ ଆତ୍ମସାତ କରିଥିବା ନେଇ ପୁଲିସ ଆଗରେ ସତ ମାନିଯାଇଥିଲେ । ଏ ନେଇ ପୁଲିସ୍ ତାଙ୍କୁ ଅଧିକ ପଚରାଉଚୁରା କରୁଛି ।

## ରକ୍ତଦାନ ଶିବିର; ୬୪ ୟୁନିଟ ରକ୍ତ ସଂଗ୍ରହ



ଏରସମା,୧।୩(ସମିସ): ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତ ସ୍ଥିତ ଝାଟିପାରୀ ଗ୍ରାମ ଶ୍ରୀହରି କ୍ଲବ ଆନୁକୂଲ୍ୟରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜପା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେପିର କାର୍ଯ୍ୟକର୍ତ୍ତା ତପନ ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ ଶ୍ରୀହରୀ କ୍ଲବର ୬ମ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । କଟକ ରେଡ୍‌କ୍ରସର କର୍ମକର୍ତ୍ତା ସହାୟତାରେ ୬୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏରସମା ମଣ୍ଡଳ ସଭାପତି ଅମରେନ୍ଦ୍ର ଦଳାଇ ଶିବିରକୁ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ବିଜେପି ନେତା ନୃସିଂହ ସାହୁ, ସମ୍ମାନିତ ଅତିଥି ଭାବେ ବିଜେପି କର୍ମକର୍ତ୍ତା ମାନସ ସ୍ୱାଇଁ, କେସିପୁର ମଣ୍ଡଳର ସାଧାରଣ ସଂପାଦକ ହେମନ୍ତ ରାଉତ ଯୋଗ ଦେଇଥିଲେ । ଏଥିରେ କ୍ଲବର ସଭାପତି କୁଶକୁମାର ଦାସ, ସମ୍ପାଦକ ରାଜୁ ଜେନା, ବିଷ୍ଣୁପଦ ଦାସ, ଶ୍ରୀକାନ୍ତ ଦାସ, କାର୍ତ୍ତିକ ମଣ୍ଡଳ, କାର୍ତ୍ତିକ ଜେନା, ସନାତନ ଦାସ, ଶୁବଳ ଗାଉଣିଆ, ବାସୁଦେବ ଜେନା, ସହଦେବ ଜେନାଙ୍କ ସହିତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।

## ଶିକ୍ଷା କର୍ମଚାରୀ ହରେକୃଷ୍ଣ ସାହୁଙ୍କ ଅବସର

ରଘୁନାଥପୁର,୧।୨(ସମିସ): ଦୀର୍ଘ ୪୦ ବର୍ଷ ଧରି ରଘୁନାଥପୁର ବ୍ଲକ ଗୋକୁଳପୁର ସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ସେବା ଯୋଗାଇଦେଇ ଆସିଥିବା ଶିକ୍ଷା କର୍ମଚାରୀ ହରେକୃଷ୍ଣ ସାହୁ କାର୍ଯ୍ୟରୁ ଅବସର ନେଇଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଅବସରକାଳୀନ ସଭାରେ ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝାଙ୍କ ପୌରୋହିତ୍ୟ କରିଥିଲେ । ଏଥିରେ ବିରିଡି ଶିକ୍ଷା ମଣ୍ଡଳର ପ୍ରାକ୍ତନ ବିଇଓ ତଥା ଏହି ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସର୍ବେଶ୍ୱର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ରଘୁନାଥପୁର ମଣ୍ଡଳର ପ୍ରାକ୍ତନ ବିଇଓ ବିଜୟ କୁମାର ସ୍ୱାଇଁ ମୁଖ୍ୟବକ୍ତା, ପୂରଣ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା ନାୟକ, ରେଢୁଆ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ, ଚିକଣିଆ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଶାନ୍ତ ସାମଲ, ଶିକ୍ଷାବିତ ଅମୂଲ୍ୟ ଚନ୍ଦ୍ର ଦାସ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ବିନୋଦ ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଛାତ୍ରୀଛାତ୍ର, ଶିକ୍ଷକ ତଥା ପୁରାତନ ଛାତ୍ରଙ୍କ ପକ୍ଷରୁ ସାହୁଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ସୁଜିତ କୁମାର ବେହେରା ଅତିଥି ପରିଚୟ ଓ ମୌସୁମୀ ରଥ ଧନ୍ୟବାଦ ଦେଇଥିଲେ ।

### ଶିଶୁ ବିଦ୍ୟାମନ୍ଦିରରେ ପରିବେଶ ଓ ମହିଳା ସମ୍ମେଳନ

# ‘ପରିବେଶ ସୁରକ୍ଷାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

ଜଗତସିଂହପୁର,୧।୩(ସମିସ)




ସେବା ଓ ତ୍ୟାଗର ଅନନ୍ୟା ସ୍ୱାଧୀନତା ସଂଗ୍ରାମୀ ମା’ ରମାଦେବୀଙ୍କ ପାଇଁ ଉତ୍ସର୍ଗୀକୃତ ଏବଂ ୪୦ତମ ଜାତୀୟ ବିଜ୍ଞାନ ଦିବସର ଶୁଭ ଅବସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଏବଂ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିକୁଦା ଠାରେ ପରିବେଶ ଓ ମହିଳା ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ସମ୍ମେଳନର ଆଭିମୁଖ୍ୟ ସମ୍ପର୍କରେ ବିଶଦ ଭାବେ ଆଲୋକପାତ କରିଥିବା ବେଳେ ସଂଯମ କିଶୋର ମହାନ୍ତି ସ୍ୱାଗତଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏଥିରେ ନାରାୟଣ ବୀରବର ସାମନ୍ତ କଲେଜ, ଝିମାଣୀର ଅଧ୍ୟକ୍ଷା ଡ. ବନପ୍ରଭା ପରିଡା ସମ୍ମାନିତ ବକ୍ତା, ବାଲିକୁଦା ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ତନୁଜା କାନୁନ୍‌ଗୋ ଓ ଅବସରପ୍ରାପ୍ତ ଅଧ୍ୟାପିକା ସରସ୍ୱତୀ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ବିଦ୍ୟାମନ୍ଦିରର ବରିଷ୍ଠ ଗୁରୁଜୀ ବିଜୟ କୁମାର ମୁଦୁଲି ଅଧ୍ୟକ୍ଷତା କରିଥିଲେ । ଇନ୍‌ସାଫର ପରିବେଶ ବୈଷୟିକ ପରାମର୍ଶଦାତା ଡ. ପ୍ରିୟଙ୍କା ମହାନ୍ତିଙ୍କ ସମ୍ପାଦନାରେ ପ୍ରସ୍ତୁତ ବୈଷୟିକ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚିତ ହୋଇଥିଲା । ବୈଷୟିକ ସମ୍ମାନରେ ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ରାମଦେବୀ ମହିଳା ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ କାଉନ୍‌ସିଲର ନିର୍ଦ୍ଦେଶିକା ପ୍ରଫେସର ସସ୍ମିତା ମହାନ୍ତି ଏବଂ ସହକାରୀ ପ୍ରଫେସର ଡ. ସୁଶୀଲ ପଟ୍ଟନାୟକ ବରେଣ୍ୟ ଆଲୋଚକ ଭାବେ ଯୋଗଦେଇ ପରିବେଶ ଜନିତ ବିଭିନ୍ନ ସମସ୍ୟାର ଉପଯୁକ୍ତ ସମାଧାନ ଓ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିବାରେ ମହିଳାମାନଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡିନ୍ଦାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ନାୟକଙ୍କୁ ରାହାସ ବିହାରୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ସ୍ୱାମୀ ବିବେକାନନ୍ଦ ଲୋକସଂସଦର ସମ୍ପାଦକ ଅଧ୍ୟାପକ ଗୋପାଳ କୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଗ୍ରାମ୍ୟ ଜଳ ଓ ପରିମଳ ସଂସ୍ଥାର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଅଜିତ୍ ସାମଲ ମୁଖ୍ୟଅତିଥି, ସାଇନ୍ସ ଫର୍ କମନ ପିପୁଲ ସୋସାଇଟି, ଭୁବନେଶ୍ୱରର ସମ୍ପାଦକ ଡ. ନିହାର ରଞ୍ଜନ ଦାସ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ କୃତୀ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ‘ସବୁଜିମା’ ପତ୍ରିକାର ମୁଖ୍ୟ ସମ୍ପାଦିକା ଡ. ବନପ୍ରଭା ପରିଡା ଓ ବୃକ୍ଷପ୍ରେମୀ କନକଲତା ପରିଡାଙ୍କୁ ସଫଳ ମହିଳା ଭାବେ ‘ସବୁଜ ରାଷ୍ଟ୍ରଦୂତ’ ସମ୍ମାନରେ ସମ୍ମାନିତ କରାଯାଇଥିଲା । କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ୧୨ଜଣ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାମନ୍ଦିରର ଗୁରୁଜୀ ସୁଦାମ ଚରଣ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ସଂଯୋଜକ ଭାବେ ସୁମନ୍ତ ଭୂଷଣ ପଟ୍ଟନାୟକ, ପ୍ରିତୀଶ୍ ମହାନ୍ତି, ରାଜ କିଶୋର ବିଶ୍ୱାଳ, ଦେବର୍ଷି ମହାନ୍ତି, ଧାରାଶ୍ରାବଣୀ ସାହୁ, ପ୍ରିୟଦର୍ଶିନୀ ଜେନା, ଅଧ୍ୟାପିକା ସୌଦାମିନୀ ଶତପଥୀ, ପ୍ରଦୀପ୍ତ କିଶୋର ଶତପଥୀ, ଅବନୀକାନ୍ତ ମହାରଣା, ମନୋଜ କୁମାର ନାୟକ, ଗୁରୁଜୀ ପ୍ରଦୀପ୍ତ କୁମାର ସ୍ୱାଇଁ ଓ ସୁବାସ ଚନ୍ଦ୍ର ବିଶ୍ୱାଳ, ଗୁରୁମା ମନସ୍ୱିନୀ ମହାନ୍ତି, ସଙ୍ଗୀତା ମହାନ୍ତି, ସୁପ୍ରିୟା ନାୟକ, ମିନତୀ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଗୋରେଖନାଥ ପୀଠରେ ଅଘଟଣ

## ଦୀପରୁ ନିଆଁ ଲାଗି ମହିଳା ଗୁରୁତର

ରଘୁନାଥପୁର,୧।୩(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଦୀପଷ୍ଟାଣ୍ଡରୁ ନିଆଁ ଲାଗି ଜଣେ ବୟସ୍କ ମହିଳା ଗୁରୁତର ହୋଇପଡ଼ିଛନ୍ତି । ତାଙ୍କ ହାତ ଓ ଶରୀର ନିଆଁରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ସେ ଜଗତସିଂହପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ତେବେ ସବୁଠୁ ବଡ଼ କଥା ହେଲା ରବିବାର ଛୁଟିଦିନ ଥିବା ଓ ବିଭାହ ଋତୁ ଉପଲକ୍ଷେ ପୀଠରେ ଶତାଧିକ ଲୋକ ଥିବା ବେଳେ ହଠାତ ଆସନ୍ନ ବିପଦରୁ ସୁରକ୍ଷା ଦେବାପାଇଁ କୌଣସି କର୍ମଚାରୀ ସେଠାରେ ନିୟୋଜିତ ନ ରହିବା ନେଇ ଭକ୍ତଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏହାଛଡା ପୀଠ କାର୍ଯ୍ୟାଳୟରେ ଅଗ୍ନି ନିର୍ବାପକ ଯନ୍ତ୍ର ଥାଇ ସୁଧା ଆବଶ୍ୟକ ସମୟରେ କାର୍ଯ୍ୟରେ ଲଗା ଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।



ସୂଚନାଯୋଗ୍ୟ କି ଜଗତସିଂହପୁର ଅଞ୍ଚଳର ରାମକୃଷ୍ଣ ମେକାପ ନିଜ ପରିବାର ସହ ପୀଠକୁ ଦର୍ଶନ ପାଇଁ ଆସିଥିଲେ । ତାଙ୍କ ସହ ଆସିଥିବା ବୟସ୍କ ମହିଳା ଜଣଙ୍କ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରୁଥିବା ବେଳେ ହଠାତ ପବନରେ ଶାଢ଼ିର କାନି ଉଡ଼ି ଦୀପଷ୍ଟାଣ୍ଡରୁ ନିଆଁ ଲାଗିଯାଇଥିଲା । ସେଠାରେ ଥିବା ଲୋକେ କୌଣସି ପ୍ରକାରେ ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ମହିଳାଙ୍କ ଶାଢ଼ି ସମ୍ପୂର୍ଣ୍ଣ ପୋଡି ଯାଇଥିଲା । ବିଳମ୍ବ ନକରି ତୁରନ୍ତ ରାମକୃଷ୍ଣ ନିଜ ଗାଡ଼ିରେ ମହିଳାଙ୍କୁ ମେଡିକାଲ ନେଇଯାଇଥିଲେ । ପୀଠ କିରାଣି ସରୋଜ ସାହାଣୀ ନିଆଁ ଲାଗିବା ସମ୍ପର୍କରେ ଜାଣିନଥିବା ଓ ଖବର ପାଇ ଆସିଲା ବେଳକୁ ଉକ୍ତ ମହିଳା ମେଡିକାଲ ଯାଇଥିବାର ସେ ପ୍ରକାଶ କରିଛନ୍ତି । ଏହାଛଡା ଅଗ୍ନି ନୀର୍ବାପକ ଯନ୍ତ୍ର ବ୍ୟବହାର ସମ୍ପର୍କରେ ସେ ଜାଣିନାହାନ୍ତି ବୋଲି କହିଛନ୍ତି । ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଅବଗତ ଥିବା ଓ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ ଜରୁରୀ ବୋଲି ପ୍ରକାଶ କରିଥିଲେ । ଆଗାମୀ ଦିନରେ କର୍ମଚାରୀଙ୍କୁ ଉକ୍ତ ସ୍ଥାନରେ ନିୟୋଜିତ କରାଯିବା ସହ ଆପାତ କାଳୀନ ମୁକାବିଲା ପାଇଁ ସମସ୍ତ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି ।

## ରବି ଫସଲ ଉତ୍ପାଦନର ବୃଦ୍ଧି ପାଇଁ ପ୍ରୋତ୍ସାହନ ଦାବି

କୁଜଙ୍ଗ,୧।୩(ସମିସ): ଓଡ଼ିଶା ସରକାର ଖରିଫ ଏବଂ ରବି ଋତୁରେ ଧାନଚାଷୀଙ୍କୁ କ୍ୱିଣ୍ଟାଲ ପ୍ରତି ଆଠଶହ ଟଙ୍କା ବୋନସ୍ ଦେଉଥିବାରୁ ଚାଷୀମାନେ ଉଭୟ ଋତୁରେ ଧାନ ଚାଷ କରିବାକୁ ପ୍ରାଧାନ୍ୟ ଦେଉଛନ୍ତି । ରବି ଋତୁରେ ହେଉଥିବା ଆଳୁ, ମୁଗ, ବିରି, ହରଡ଼, ଚିନାବାଦାମ, ସୋରିଷ, ଖସା ଇତ୍ୟାଦି ଫସଲ ଚାଷ କରିବାକୁ ଓଡ଼ିଶାର ଚାଷୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ବର୍ଷୀୟାନ ଶିକ୍ଷାବିତ୍ ନିଶାକର ମୁଦୁଲି ଅଭିଯୋଗ କରୁଛନ୍ତି । ପ୍ରତିବର୍ଷ ନିର୍ଦ୍ଦିଷ୍ଟ କ୍ଷେତରେ ରାସାୟନିକ ସାର ଓ କୀଟନାଶକ ଔଷଧ ବହୁଳ ଭାବେ ବ୍ୟବହାର ହେଉଥିବାରୁ ମାଟି ଉପରେ ଅମ୍ଳତାର ସ୍ତର ବୃଦ୍ଧି ପାଇଛି । ଯଦ୍ୱାରା ମାଟିର ପାଣି ଧାରଣର କ୍ଷମତା ହ୍ରାସ ପାଉଥିବାରୁ ମାଟିତଳେ ଥିବା ଜଳସ୍ତର କ୍ରମଶଃ ତଳକୁ ଚାଲିଯାଉଅଛି । ଭବିଷ୍ୟତରେ ପାନୀୟ ଜଳର ଉତ୍କଟ ଅଭାବ ହେବାର ସମ୍ଭାବନା ରହୁଅଛି । ଧାନର ଅଧିକ ଅମଳ ପାଇଁ ଚାଷୀମାନେ ପ୍ରଚୁର ପରିମାଣରେ ରାସାୟନିକ ସାର ଏବଂ କ୍ଷତିକାରକ କୀଟନାଶକ ଔଷଧ ଧାନ ଚାଷରେ ବ୍ୟବହାର କରୁଛନ୍ତି । ଯଦ୍ୱାରା ଉକ୍ତ ଚାଉଳରୁ ପ୍ରସ୍ତୁତ ଖାଦ୍ୟ ଖାଇ ମଣିଷ ଶରୀର ରୋଗାକ୍ରାନ୍ତ ହେଉଛି ବୋଲି ଅଭିଯୋଗ କରିବା ସହ ବରଗଡ଼ ଆଜି କର୍କଟ ରୋଗ ର ହବ ହୋଇଛି । ପ୍ରତି ବର୍ଷ ଉଭୟ ଋତୁ ରେ ଧାନ ଉତ୍ପାଦନ ବୃଦ୍ଧି ପାଉଥିବାରୁ ଆମ୍ଭ ରାଜ୍ୟରେ ଥିବା ସେବା ସମବାୟ ସମିତିମାନଙ୍କରୁ ଧାନ ଉଠାଇବା ପାଇଁ ଆବଶ୍ୟକ ସଂଖ୍ୟକ ମିଲର ଅଭାବ ରହୁଥିବାରୁ କେତେକ ମିଲର ଅଧିକ ଲାଭ ଆଶାରେ ଚାଷୀଙ୍କୁ ଅସୁବିଧାରେ ପକାଉଛନ୍ତି । ଯଦ୍ୱାରା ଓଡ଼ିଶାର ଧାନଚାଷୀମାନେ ଉତ୍ପାଦିତ ଧାନ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସମ୍ପୃକ୍ତ ସେବା ସମବାୟ ସମିତିମାନଙ୍କରେ ବିକ୍ରୟ କରି ନ ପାରି ଖୋଲା ବଜାରରେ କମ୍ ଦରରେ ବିକ୍ରୟ କରି କ୍ଷତି ସହୁଛନ୍ତି । ସରକାର କେବଳ ଖରିଫ ଋତୁରେ ଧାନଚାଷୀଙ୍କୁ ବୋନସ୍ ଆକାରରେ କ୍ୱିଣ୍ଟାଲ ପ୍ରତି ଆଠଶହ ଟଙ୍କା ଏବଂ ରବି ଋତୁରେ ଜୈବିକ ପଦ୍ଧତିରେର ଆଳୁ, ଡାଲି ଜାତୀୟ ଶସ୍ୟ ଏବଂ ତୈଳବୀଜ ଜାତୀୟ ଶସ୍ୟର ଉତ୍ପାଦନର ବୃଦ୍ଧି ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ ଦିଅନ୍ତୁ ବୋଲି ସେ କୃଷି ମନ୍ତ୍ରୀ ତଥା ମୁଖ୍ୟ ମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରି ପତ୍ର ଲେଖିଛନ୍ତି । ଯାହା ଫଳରେ ଓଡ଼ିଶାର ଖାଉଟିମାନଙ୍କୁ ଡାଲି, ଆଳୁ, ତୈଳବୀଜ ଜାତୀୟ ଶସ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ବିଶେଷ ନିର୍ଭର କରିବାକୁ ପଡ଼ିବ ନାହିଁ ସେ ତାଙ୍କ ପତ୍ର ରେ ଦର୍ଶାଇଛନ୍ତି ।

## ଗୀତା ମିଶନର ବସନ୍ତ ମହୋତ୍ସବ



ତିର୍ତ୍ତୋଲ,୧।୩(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ତେନ୍ତୁଳିପଦା ସ୍ଥିତ ଆଦିକବି ସାରଳା ଦାସଙ୍କ ସମାଧି ପୀଠ ପରିସର ଆଦିକବି ଭବନରେ ସାହିତ୍ୟ, ସଂସ୍କୃତି, ସଂସ୍କାର ଓ ସେବା ପାଇଁ ସମର୍ପିତ ଇଣ୍ଟର ନେସନାଲ ଗୀତା ମିଶନ ଆନୁକୂଲ୍ୟରେ ବସନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମିଶନର ସଭାପତି ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ‘ଆଧୁନିକ ସମାଜରେ ବିପନ୍ନ ପୁସ୍ତକ ଓ ପୁସ୍ତକାଗାର’ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ଚିନ୍ମୟ ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ଡ. ଉମାକାନ୍ତ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଦ୍ୱୈତ୍ୟ କୁମାର ସାହୁ, ଝଙ୍କଡ଼ ସାହିତ୍ୟ ସଂସଦର ସମ୍ପାଦକ ଗୋଲକ ବିହାରୀ ପଲାଇ, ସାହିତ୍ୟକା ରୁନିବାଳା ମଲ୍ଲିକ ଯୋଗଦେଇଥିଲେ । ଏହି ଅବସରରେ ଡା. ସତ୍ୟ କାନୁନଗୋ ଓ ପରମାନନ୍ଦ ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ମେଜର ଭରତ ଚନ୍ଦ୍ର ଜେନାଙ୍କ କବିତା ସଙ୍କଳନ ପୁସ୍ତକ “ବସନ୍ତ ବିଳାସ’ ଉନ୍ମୋଚିତ ହୋଇଥିଲା । ପଣ୍ଡିତ ବାସବ ନନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନିତ୍ୟାନନ୍ଦ ନାୟକ ଧନ୍ୟବାଦ୍ ଦେଇଥିଲେ ।


## ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ମରାମତି କାର୍ଯ୍ୟ

ନାଉଗାଁ,୧।୩(ସମିସ): ରାସ୍ତା ମରାମତି କାର୍ଯ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସାମ୍ନାକୁ ଆସିଲା ବ୍ୟାପକ ଦୁର୍ନୀତି । ତରବରିଆ ଭାବେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ରାସ୍ତାର ମରାମତ କାର୍ଯ୍ୟ । ସୂଚନା ମୁତାବକ ଜଗତସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷ୍ୟରୁ ଚନ୍ଦ୍ରପୁରରୁ ଅଲଣା ୨ ପର୍ଯ୍ୟନ୍ତ ରାସ୍ତାର ମରାମତି କାର୍ଯ୍ୟ କରିବା ପାଇଁ ଟେଣ୍ଡର ପକ୍ରିୟା ମାଧ୍ୟମରେ ଲକ୍ଷାଧିକ ଟଙ୍କା ବିନିମୟରେ ଠିକାଦାର ନିଯୁକ୍ତି କରାଯାଇଥିବା ବେଳେ, କିନ୍ତୁ ଏବେ ଏହି ମରାମତି କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷେ ଏହି ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ମନମୁଖୀ ଭାବେ ପିଚୁକୁ ରାସ୍ତାରେ ପକାଇବା ପୂର୍ବରୁ ରାସ୍ତାକୁ ଠିକ୍ ଭାବରେ ସଫା କରା ନଯାଇ ଅତି ନିମ୍ନମାନର କାର୍ଯ୍ୟ କରା ଯାଉଥିବା ଯାହା ଏବେ ସାଧାରଣରେ ଅସନ୍ତୋଷ ଦେଖାଯାଇଛି । ତେବେ ଏହି ନିମ୍ନମାନର ରାସ୍ତାର ନିର୍ମାଣ କାର୍ଯ୍ୟକୁ ସଠିକ ଭାବରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଉଚ୍ଚ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।



# ଏଚ୍‌ପିଭି ଟିକାକରଣ ଅଭିଯାନ ଶୁଭାରମ୍ଭ

ଜଗତସିଂହପୁର,୧।୩(ସମିସ):



ଜଗତସିଂହପୁର ଜିଲ୍ଲାରେ ଏଚ୍‌ପିଭି (ହ୍ୟୁମାନ୍ ପାପିଲୋମା ଭାଇରସ୍) ଟିକାକରଣ ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ବାରିକ, ଡ. ସନ୍ତୋଷ ବେହେରା, ମେଡିସିନ ବିଶେଷଜ୍ଞ ଡ. ଶ୍ରୀହର୍ଷ ଦାସ, ଶିଶୁ ରୋଗ ବିଶେଷଜ୍ଞ ଡ. ଶାହିଦ ସର୍ବର୍ ଆଲି, ରାଜେଶ ପଟ୍ଟନାୟକଙ୍କ ସହିତ ସନ୍ଧ୍ୟାରାଣୀ ପଣ୍ଡା, ଡେପୁଟି ମ୍ୟାନେଜର, ସୁବ୍ରତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ବାରିକ କହିଥିଲେ ଯେ,ଏହି ଟିକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି କିଶୋରୀମାନଙ୍କୁ ଏଚ୍‌ପିଭି ସଂକ୍ରମଣରୁ ସୁରକ୍ଷା ଦେବା । ଯାହା ଜରାୟୁ ଗ୍ରୀବା କର୍କଟର ପ୍ରମୁଖ କାରଣ । ଜିଲ୍ଲାରେ ୧୪ ବର୍ଷ ବୟସ୍କ ମୋଟ ୭,୪୯୭ ଜଣ କିଶୋରୀଙ୍କୁ ଏହି ଅଭିଯାନ ଅଧୀନରେ ଟିକା ପ୍ରଦାନ କରାଯିବ । ଏହି ଟିକା ଚାରି ପ୍ରକାର ଏଚ୍‌ପିଭି ଭାଇରସ୍ ବିରୋଧରେ ସୁରକ୍ଷା ଦେଇଥାଏ । ବିଧାୟକ ଶ୍ରୀ ଦାସ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ପରେ ଏହି ଟିକାକରଣ ଅଭିଯାନକୁ ପର୍ଯ୍ୟାୟକ୍ରମେ ସମଗ୍ର ଜିଲ୍ଲାରେ ଚାଲୁ କରିବା ସହିତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗ୍ରାମସ୍ତରର ଉପସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ଟିକାକରଣ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ । ଏହି ଟିକାକରଣ ଅଭିଯାନ ମାର୍ଚ୍ଚରୁ ମେ’ ମାସ ପର୍ଯ୍ୟନ୍ତ ଚାଲୁରହିବ । ଏହି ସମୟସୀମା ମଧ୍ୟରେ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷ ଟିକାକରଣ ଅଧିବେଶନ ଆୟୋଜନ କରାଯିବ । ଅଭିଯାନ ପରେ ଯେଉଁ ୧୪ ବର୍ଷ ବୟସ୍କ କିଶୋରୀମାନେ ଟିକା ପାଇନାହାନ୍ତି, ସେମାନଙ୍କୁ ରୁଟିନ୍ ଇମ୍ୟୁନାଇଜେସନ୍ କେନ୍ଦ୍ର ମାଧ୍ୟମରେ ଟିକା ପ୍ରଦାନ ଜାରି ରହିବ । ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କର୍ମକ୍ଷେତ୍ରରେ ମହିଳା ନିର୍ଯାତନା ସମ୍ପର୍କିତ ସଚେତନତା



ଜଗତସିଂହପୁର,୧।୩(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମହିମା ନର୍ସିଂ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଫାଷ୍ଟଟ୍ରାକ ଅଦାଲତର ଆଡହକ୍ ଅତିରିକ୍ତ ଜିଲ୍ଲା ଜଜ ଏସ୍‌ଏକେ ଜେଡ୍ ଯାହିରା ଅହମଦ, ଅତିରିକ୍ତ ଜିଲ୍ଲା ଜଜ ହରପ୍ରସାଦ ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନୀଳିମା ପଣ୍ଡା, ମହିଳା ଅଦାଲତ ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ଆଇନଜୀବୀ ତଥା ମହାବିଦ୍ୟାଳୟର ନିର୍ଦ୍ଦେଶକ ଗଣେଶ୍ୱର ମାଣିଆ, ଅଧ୍ୟକ୍ଷା ଖୁଲଣା କୁମାରୀ ଦେଇ, ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ-୨୦୧୩ ଅନୁଯାଇ ଯଦି କୌଣସି ଅଧ୍ୟାପକ ଛାତ୍ରୀଙ୍କୁ ଯୌନ ନିର୍ଯାତନ ଦିଅନ୍ତି ତେବେ ଏହି ଆଇନ ଅନୁଯାଇ ଦଣ୍ଡିତ ହେବେ ବୋଲି ଅତିଥିମାନେ ମତ ଦେଇଥିଲେ । ସେଜେଏମ୍ ଶ୍ରୀମତୀ ପଣ୍ଡା ଆଇନ ସେବା ପ୍ରାଧିକରଣର କାର୍ଯ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସେହିପରି ମହିଳା ଅଦାଲତ ବିଚାରପତି ଶ୍ରୀମତୀ ନାୟକ ମହିଳା ଯୌନ ନିର୍ଯାତନାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ପରିଚାଳନା କରିଥିଲେ ।

ସକାଳ
THE SAKALA



## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ଖୁଣ୍ଟା/ଉଦଳା,୧।୩ (ସମିସ):** କୁଣ୍ଡାବାଇ (ବଳଭଦ୍ରପୁର) ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପରାମର୍ଶଦାତା ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ କୁମାର ସିଂ ଯୋଗ ଦେଇ ଶିଶୁଙ୍କ ମଧ୍ୟରେ ରହିଥିବା ସୁପ୍ତ ପ୍ରତିଭାକୁ ବିକଶିତ କରିବାରେ ବାର୍ଷିକ ଉତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଶିଶୁଙ୍କୁ ବାସ୍ତବ ଶିକ୍ଷା ପ୍ରଦାନ ଦିଗରେ ସେମାନଙ୍କ ପିତାମାତା ଓ ଗୁରୁଜୀ ଗୁରୁମାଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବନମାଳୀ ସିଂ, ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ବିଜୟ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଅଯୋଧ୍ୟା ନନ୍ଦ ପାତ୍ର, ପ୍ରଧାନ, ନଛିପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ଯୋଗେଶ୍ୱର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତି ସିଂ, କୁଣ୍ଡାବାଇ ପଞ୍ଚାୟତ ସଦସ୍ୟା ସୀତା ବାସ୍କେ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭାରତ ମାତା ଓ ସ୍ୱାମୀ ବିବେକାନନ୍ଦଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସହକାରୀ ପ୍ରଧାନଆଚାର୍ଯ୍ୟ ରାବଣେଶ୍ୱର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅତିଥିମାନେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦନ୍ତା ଖେଳାଇଲା ଆତଙ୍କ



**କୁଆମରା,୧।୩(ସମିସ):** ଏକ ଦନ୍ତା ଗୋପବନ୍ଧୁନଗର ବ୍ଲକ ରାଣୀବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଶି କ୍ଷୟକ୍ଷତି ଘଟାଇଛି। ଦନ୍ତା ରାତିରେ ଆସି ଚମ୍ପାଗଡିଠାରେ ନଦୀପଠାରେ ଥିବା ପରିବା ଚାଷ ନଷ୍ଟ କରିବା ପରେ ନିକଟସ୍ଥ ଗ୍ରାମ ଟୁଙ୍ଗାଧୁଆରେ ପଶିଥିଲା। ରବିନ୍ଦ୍ର ମାରାଣ୍ଡି, ଦୁର୍ଯ୍ୟୋଧନ ସୋରେନ ଓ ହପନା ମୁର୍ମୁଙ୍କ ଚାଳ ଘର ଭାଙ୍ଗି ଘର ଭିତରେ ଥିବା ଜିନିଷ ନଷ୍ଟ କରିଥିଲା। ଗ୍ରାମରେ ଦିନବେଳା ଜାହିରା ପୂଜା ହୋଇଥିବାରୁ ପ୍ରାୟ ସମସ୍ତଙ୍କ ଘରେ ହାଣ୍ଡିଆ ପ୍ରସ୍ତୁତ ହୋଇଥିଲା। ଏଣୁ ସେ ବାସ୍ନାରେ ସେ ଘରେ ପଶିଥିଲା। ସେଠାରୁ ନାଡପଦା ଗ୍ରାମରେ ପଶି ଆତଙ୍କ ଖେଳାଇଥିଲା।

## ପ୍ରତାପପୁର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ସାନକେରକୋ,୧।୩(ସମିସ):** ପ୍ରତାପପୁର ଶିଶୁ ବିଦ୍ୟାମନ୍ଦିରରେ ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସଞ୍ଜୀବ ମଣ୍ଡଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଧ୍ୟାପକ ସମରେନ୍ଦ୍ର ବସା, ଅଞ୍ଜନ ନାୟକ ଓ ଦେବଦତ୍ତ ଗିରି ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁମା ଦୀପାଳି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ଦିଲ୍ଲୀପ ଗିରି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ମହୁଲଡିହା,୧।୩(ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଗୁହାଳିଡିହିସ୍ଥ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାତା ତଥା ସମ୍ପାଦକ ଭୁବନେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ୍ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଉଦ୍ୟାନବିତ ପ୍ରିୟବ୍ରତ ନାରାୟଣ ସିଂ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ହାତୀଗୋଡା ସମିତିସଭ୍ୟ ପ୍ରତାପ ନାଏକ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ମାଣିକ ରାମ କେରାଇ ଅତିଥି ପରିଚୟ ଓ ନିରୂପମା କେରାଇ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ରଶ୍ମିତା ପଟ୍ଟନାୟକ, ସାବିତ୍ରୀ ମହାନ୍ତ, ସୁମିତ୍ରା ମହାନ୍ତ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସଭାପତି ଭାରତ ଭୂଷଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା



**ଶୁକ୍ଳି, ୧।୩(ସମିସ):** ଟଙ୍ଗାବିଲ୍ଲା ରୟାଲ କ୍ଲବ ଆନୁକୂଲ୍ୟରେ ୧୯ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଷ, ମହିଳା, ବାଳକ, ବାଳିକାଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଜୟନାଥ ମହାନ୍ତ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶରତ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ସାମ୍ବାଦିକ ସନ୍ତୋଷ ମହାନ୍ତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୁରେନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ଉତ୍ସବକୁ ରୟାଲ କ୍ଲବ୍ ସଭାପତି, ସମ୍ପାଦକ, ସଭ୍ୟ ଓ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ପରିଚାଳନା କରିଥିଲେ।

### ଛଉ ପଡ଼ିଆ ପାଲଟିଛି ଓପନ ବାର୍

# ରାତି ବଢ଼ିଲେ ବଢୁଛି ନିଶାଡ଼ିଙ୍କ ଆଡ୍ଡା



**ବାରିପଦା,୧।୩(ସମିସ):**

ନୂଆଦିଲ୍ଲୀର ଯନ୍ତରମନ୍ତର ହେଉ ଅବା ଭୁବନେଶ୍ୱରର ଜନତା ମଇଦାନ ଭଳି ବେଶ ପ୍ରସିଦ୍ଧ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ରହିଛି ଛଉ ପଡ଼ିଆ। ଏହି ପଡିଆରେ ବର୍ଷକ ବାରମାସରେ ତେର ଯାତ ହେଲା ଭଳି କୌଣସି ନା କୌଣସି ଦିନ ଏଠାରେ କିଛି ନା କିଛି କାର୍ଯ୍ୟକ୍ରମ ଆୟୋଜିତ ହୁଏ। ତେବେ ଏହି ପଡ଼ିଆ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି। ଏଠାରେ ରାତି ହେଲେ ତାତି ବଢୁଛି।୨୦ ଏକରରୁ ଅଧିକ ପରିମିତ ଏହି ପଡ଼ିଆରେ ସନ୍ଧ୍ୟା ହେଲେ ମଦ୍ୟପ ଓ ଅସାମାଜିକଙ୍କ ଆଡ୍ଡା ଜମୁଛି। ଏଠାରୁ ସହରରେ ହେଉଥିବା ଚୋରି, ଡକାୟତି ଓ ରାହାଜାନୀର ପ୍ଲଟ ଅପରାଧୀ ପ୍ରସ୍ତୁତ କରୁଥିବାବେଳେ ପଡ଼ିଆରେ ସକାଳୁ ଗଡୁଛି ଗଣ୍ଡା ଗଣ୍ଡା ମଦ ବୋତଲ ଓ ବହୁ ଆପତ୍ତିଜନକ ସାମଗ୍ରୀ। ଏଠାରେ ଦେହ ବ୍ୟବସାୟ ଭଳି କାର୍ଯ୍ୟ ଚାଲୁଥିବାବେଳେ ସ୍ଥାନୀୟ ପୁଲିସ ଜାଣି ଅଜଣା ରହିଛି।

ଏପରିକି କ୍ରୀଡ଼ା ଭିତ୍ତିଭୂମିକୁ ମଧ୍ୟ କବଜାକୁ ନେଇ ସାରିଲେଣି ଅପରାଧୀ। ସକାଳୁ ଏଠାକୁ ଆସୁଥିବା କ୍ରୀଡାବିତ ଓ ସଚେତନ ନାଗରିକ ନାନା ସମସ୍ୟାରେ ପଡୁଛନ୍ତି। ପ୍ରାୟ ୧.୫ କିମି ବ୍ୟାପ୍ତ ଏହି ପଡ଼ିଆରେ ସକାଳୁ ଲୋକେ ମର୍ଣ୍ଣିଂ ୱାର୍କ କରିବା ସହ କ୍ରୀଡାବିତ ନିଜର ଅଭ୍ୟାସ କରିବା ସହ ବହୁ ରାଜ୍ୟସ୍ତରୀୟ ଆଥଲେଟ୍, ଫୁଟବଲର ଓ କ୍ରିକେଟର ନାନା ସମସ୍ୟା ଭୋଗୁଛନ୍ତି। ରାତି ହେଲେ ଏଠାରେ ଲାଗିଥିବା ଆଲୁଅ ଅଚଳ ହୋଇଯାଇଥିବାରୁ ଅପରାଧୀଙ୍କୁ ବେଶ ସୁହାଉଛି। ଏଥିସହ ଚାରିପାଶ୍ୱର୍ରେ ବେଆଇନ ନିଶା ଦୋକାନ ରହିଥିବାରୁ ନିଶାଖୋରଙ୍କ ପାଦୁର୍ଭାବ ଏଠାରେ ଆଶାତୀତ ଭାବେ ଅଧିକ। ୨୦୨୫ ସେପ୍ଟେମ୍ବର ୧୫ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରିପଦାରେ ଏହି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଛଉ ପଡ଼ିଆରେ ନୂତନ ପେଣ୍ଡାଲ୍ ନିର୍ମାଣ ଓ ସମ୍ବେଦନଶୀଳ ବିକାଶ କାର୍ଯ୍ୟକ୍ରମକୁ ସମୃଦ୍ଧ କରୁଛି। ଯାହା ଛଉ ନୃତ୍ୟ ପ୍ରଦର୍ଶନ ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ମଜବୁତ ମଞ୍ଚ ପ୍ରଦାନ କରିବ। ଏଥିପାଇଁ ୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ନାନା ସମସ୍ୟା ମଧ୍ୟରେ ରହିଛି। ଖାଲି ସେତିକି ନୁହେଁ ଏଠାକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ କୌଣସି ଶୌଚାଳୟ ନ ଥିବାବେଳେ ପଡିଆର ଏକ ଭାଗ ଅତି ସନ୍ତସନ୍ତିଆ ରହୁଥିବାରୁ ନାନା ସମସ୍ୟା ଦେଖିବାକୁ ମିଳୁଛି।

### ସେମାନେ ଯାହା କୁହନ୍ତି



ଅବସର ପରେ ସକାଳୁଆ ଚାଲିବା ମୋର ଏକ ଅଭ୍ୟାସ। ପ୍ରାୟ ୧୦ ବର୍ଷ ହେଲା ଏଠାକୁ ଆସୁଛି, ହେଲେ ଦିନକୁ ଦିନ ଏହିଠାରେ ମର୍ଣ୍ଣିଂ ୱାର୍କ କରିବା ସମ୍ଭବପର ହେଉନାହିଁ। ଅସାମାଜିକ ଲୋକ ଟ୍ରାକ୍‌ରେ ମଦ ବୋତଲ ସହ ବହୁ ଆପତ୍ତିଜନକ ଜିନିଷ ପକାଇ ଅସୁବିଧା କରୁଛନ୍ତି।

**ବୈଦ୍ୟନାଥ କର, ବରିଷ୍ଠ ନାଗରିକ**



ଛଉ ପଡ଼ିଆ ଆଉ ଛଉ ପଡ଼ିଆ ହୋଇ ନାହିଁ। ଏହାକୁ ଜିଲ୍ଲା ପ୍ରଶାସନ ଅପରାଧୀଙ୍କ ପାଇଁ ଛାଡି ଦିଅନ୍ତୁ। ସନ୍ଧ୍ୟା ହେଲେ ଯେପରି ସ୍ଥିତି ହେଉଛି ସାଧାରଣ ଲୋକଟିଏ ମୁଣ୍ଡ ଟେକି ଚାଲି ପାରିବନାହିଁ। ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନିଅନ୍ତୁ।

**ବିପ୍ଳବ ବାରିକ, ଆଇନଜୀବୀ**




ଛଉ ପଡ଼ିଆର ଉନ୍ନତିକରଣ କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ସିନା କିନ୍ତୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନି। ଏଠାରେ ପାନୀୟ ଜଳ ବ୍ୟବସ୍ଥା ନ ଥିବାବେଳେ ଶୌଚାଳୟ ନାହିଁ। ମହିଳାମାନେ ଆସିଲେ ଯାହା ହଇରାଣ ହେଉଛନ୍ତି ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ।

**ସୁକୁଲାଲ୍ ମୁର୍ମୁ, ଯୁବନେତା**



ଏହି ପଡ଼ିଆକୁ ବହୁ ଛାତ୍ର ନିଜର ଜୀବନ ଗଢିବାକୁ ଆସୁଛନ୍ତି। ହେଲେ ଏଠାରେ ଖେଳ ଓ ଖେଳୁଆଡ ମନଭାବ ନେଇ ଫେରୁନାହାନ୍ତି। ଏଠାରେ ରହିଥିବା ଅସ୍ୱାସ୍ଥ୍ୟକର ପରିବେଶ ସେମାନଙ୍କୁ ଲକ୍ଷ୍ୟରୁ ବିଚ୍ୟୁତ କରୁଛି। ବର୍ଷାଦିନେ ପଚ ପଚ କାଦୁଆ ହେଉଥିବା ଟ୍ରାକରେ ସକାଳୁ ପ୍ରାକ୍ଟିସ କରିବା ଆସିବା ବେଳେ ମଦବୋତଲ ଉଠାଇ କ୍ରୀଡା ଅଭ୍ୟାସ କରିବା ସମ୍ଭବପର ହେଉନାହିଁ।

**ସୁନୀଲ ନାୟକ, ଛାତ୍ରନେତା**



ସବୁ ସମୟରେ ଏ ଅଞ୍ଚଳରେ ପାଟ୍ରୋଲିଂ ହେଉଛି। ହେଲେ ବି ଅନ୍ଧାର ସୁଯୋଗ ନେଇ ଏଭଳି କଳା କାରନାମା କରୁଥିବା ଖବର ଆମ ନିକଟରେ ରହିଛି।

**ଅଜୟ ଜେନା, ଭଞ୍ଜପୁର ଆଇଆଇସି**

## କାଦପାଣି ଗ୍ରାମରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ





**ବିଶୋଇ,୧।୩(ସମିସ):** ବିଶୋଇ ବ୍ଲକ୍ ଅନ୍ତର୍ଗତ କାଦପାଣି ଗ୍ରାମରେ ନ୍ୟୁ ୟୁଥ କ୍ଲବ୍ ଆନୁକୂଲ୍ୟରେ ୧୧ତମ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବାଳକ ବାଳିକା ବିଭାଗର ଦୌଡ଼, ଲମ୍ବଡ଼ିଆ ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ମହିଳାଙ୍କ ବଲ ପାସ ଓ ବୋତଲରେ ପାଣି ପ୍ୟାକ୍ ପ୍ରତିଯୋଗିତା ବେଶ ଆକର୍ଷଣୀୟ ହୋଇଥିଲା। ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ୍ ହାଁସଦା ଓ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ମୁଣ୍ଡା ସମ୍ପ୍ରଦାୟର ପାରମ୍ପରିକ କରମା ନାଚ ହୋଇଥିଲା।

କ୍ଲବ୍ ସଭାପତି ମନୋଜ ମୁଣ୍ଡାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ମାର୍ଣ୍ଡି, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, କାଦପାଣି ୱାର୍ଡସଭ୍ୟା ଡୁମୁନି ମୁଣ୍ଡା, ସାମ୍ବାଦିକ ଅମିତ ଦାସ, ସାମ୍ବାଦିକ ଅନୱାର ହୁସେନ, ସମାଜସେବୀ ନଟବର ସିଂ, ସାମଜସେବୀ ଦଶରଥ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳରେ ଭାଇଚାରା ବଢାଇବା ପାଇଁ ଉତ୍ସବ ଆୟୋଜନ ଯୋଗସୂତ୍ର ସାଜିଛି ବୋଲି ମତ ଦେଇଥିଲେ। ଅତିଥିମାନେ କୃତୀ କ୍ରୀଡା ପ୍ରତିଯୋଗୀ ଓ ନୃତ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମାଜସେବୀ ନଟବର ସିଂ ମଞ୍ଚ ପରିଚାଳନା କରିଥିବାବେଳେ ସଭାପତି ଶ୍ରୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଜିତେନ ମୁଣ୍ଡା, ଉପସଭାପତି କୁଁଜାର ନାଏକ, ସହସମ୍ପାଦକ ଭାସ୍କର ପାତ୍ର, ଶଙ୍କର ପାତ୍ର, ସଦାନନ୍ଦ ନାଏକ, ନାରାୟଣ ନାଏକ, ଛୁଟୁ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

**ଉଦଳା,୧।୩(ସମିସ):** ଉଦଳା ବ୍ଲକ ଅନ୍ତର୍ଗତ ବହୁବନ୍ଧ କ୍ଲଷ୍ଟର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଦିଲ୍ଲୀପ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ବିଦ୍ୟାଳୟରେ ନୂତନ ପେନସନଭୁକ୍ତ ସଙ୍ଘ ପକ୍ଷରୁ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ଦାସ ସଭାପତିତ୍ୱ କରିବା ସହ ସଙ୍ଘ ସଭାପତି ବୀରେନ୍ଦ୍ର ନାଥ ମଢେଇ, ସଂଘର ବରିଷ୍ଠ କର୍ମକର୍ତ୍ତା ଅଜୟ ପଣ୍ଡା, ସୁଧାଂଶୁ ବେହେରା ଯୋଗ ଦେଇଥିଲେ। ଏକ୍କ କ୍ୟାଡର ଶିକ୍ଷକ ସଙ୍ଘ ସଭାପତି ଶାନ୍ତନୁ ନାୟକ, କର୍ମକର୍ତ୍ତା ମୁକେଶ ରଣା, ରମେଶ ଖଣ୍ଡେଇ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମାଳତୀ ବେହେରା, ମଙ୍ଗଳା କୁମାରୀ ନାଏକ, ରାଧାରାଣୀ ମହାପାତ୍ର, ଅଶୋକ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଢ଼ିଚାଲିଛି ବାଲି ମାଫିଆଙ୍କ ରାଜୁତି

**କରଞ୍ଜିଆ,୧।୩(ସମିସ):** କରଞ୍ଜିଆ ଓ ଆଖପାଖ ସ୍ଥାନରେ ଏବେ ବଢ଼ିଚାଲିଛି ବାଲି ମାଫିଆଙ୍କ ରାଜୁତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ରାତିର ଅନ୍ଧାର ଭିତରେ ଯେଉଁ ଚୋରା ବ୍ୟବସାୟ ଚାଲିଥିଲା, ଏବେ ଦିନର ଆଲୁଅରେ ଖୁଲମଖୁଲା ରାସ୍ତା ଉପରେ ବାଲି ମାଫିଆଙ୍କ ଆଧିପତ୍ୟ ଚାଲିଛି। ପ୍ରଶାସନ ଜାଣି ମଧ୍ୟ ଅଜଣା। ଯଦ୍ୱାରା ବାଲି ମାଫିଆ ତାଙ୍କର ରାଜୁତି ଚଳାଇଛନ୍ତି। ଗାଡ଼ିରୁ ବାଲି ଅନଲୋଡ୍ ପାଇଁ ଘଣ୍ଟା ଘଣ୍ଟା ଧରି ସାଧାରଣ ଯିବା ଆସିବା ରାସ୍ତା ବନ୍ଦ କରୁଛନ୍ତି। ଫଳରେ ସ୍କୁଲ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ, ସାଧାରଣ ଲୋକେ ଭୟରେ ଠିଆ ହୋଇ ରହୁଛନ୍ତି। ଏସବୁ ଆଉ କେତେ ଦିନ ଧରି ଚାଲିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏଥିପ୍ରତି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମରେ ବିଜ୍ଞାନ ଦିବସ

**ବାରିପଦା,୧।୩(ସମିସ):** ତକତପୁରସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟେରିୟମରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳନ ଉପଲକ୍ଷେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଉଚ୍ଚବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନବମରୁ ଦ୍ୱାଦଶ ଶ୍ରେଣୀ ବରିଷ୍ଠ ବର୍ଗ ବକ୍ତୃତା ପ୍ରତିଯୋଗିତାରେ ଦିବ୍ୟାଂଶୀ ଦାସ, ସ୍ମୃତିରେଖା



ପୂର୍ତ୍ତି, ଅନନ୍ୟା ପାଣିଗ୍ରାହୀ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ବର୍ଗ ବକ୍ତୃତା ପ୍ରତିଯୋଗିତାରେ ଦିବ୍ୟାସିନୀ ଦାସ, ବିବେକ ସୋ, ଲକ୍ଷ୍ମୀପ୍ରିୟା ଜେନା ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ସେହିପରି କୁଇଜ ପ୍ରତିଯୋଗିତାରେ ସ୍ମୃତିରେଖା ପୂର୍ତ୍ତି, ଦିବ୍ୟାଂଶୀ ଦାସ, ଅନନ୍ୟା ପାଣିଗ୍ରାହୀ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟର ବାଳିକା ସଂଯୋଜକ ପ୍ରଫୁଲ୍ଲ ବାରିକ, ପ୍ଲାନେଟେରିୟମର ସହକାରୀ କ୍ୟୁରେଟର ଶତାବ୍ଦୀ ଷଡ଼ଙ୍ଗୀ ଓ ବିଜ୍ଞାନ ପ୍ରଦର୍ଶକ ପ୍ରଶାନ୍ତ ସ୍ୱାଇଁ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ବରିଷ୍ଠ ଶିକ୍ଷକ ନିଗମାନନ୍ଦ ମହାପାତ୍ର, ଶିଶିର ନାୟକ, ଶିକ୍ଷକ ସୁବ୍ରତ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ ଯୋଗ ଦେଇଥିଲେ। ପ୍ଲାନେଟେରିୟମର ସମସ୍ତ ସଦସ୍ୟ, ଶିକ୍ଷକ ମନୋଜ ପରିଡା, ଦୀପକ ରାମ, ଅଫିସ ସହାୟକ ଦେବଦର୍ଷି ପ୍ରସାଦ କର ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ରାଗିଙ୍ଗ୍ ନେଇ ଅଭିଭାବକଙ୍କ ଅସନ୍ତୋଷ

**କୁଆମରା,୧।୩(ସମିସ):** ଗୋପବନ୍ଧୁନଗର ବ୍ଲକ୍ ଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟରେ ନବମ ଓ ସପ୍ତମ ଶ୍ରେଣୀ ଛାତ୍ରଙ୍କ ରାଗିଙ୍ଗ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରାଯାଇଛି। ଉକ୍ତ ବିଦ୍ୟାଳୟ ଛାତ୍ରାବାସରେ ତିନିଶହ ସିଟ୍ ଥିବାବେଳେ ବାଳକ ଛାତ୍ରାବାସ ପିଲାଙ୍କୁ ନେଇ ଏଭଳି ଘଟଣା ଘଟିଛି। ଶୁକ୍ରବାର ଅପରାହ୍ନରେ ଛାତ୍ରାବାସରେ ସପ୍ତମ ଓ ନବମ ଶ୍ରେଣୀର ଛାତ୍ର ବିଦ୍ୟାଳୟ ପରିସରରେ ନ ଖେଳି ବିଦ୍ୟାଳୟ ବାହାରେ ଥିବା ଏକ ପଡ଼ିଆରେ ଖେଳୁଥିଲେ। ସୁପରିଟେଣ୍ଡେଣ୍ଟ କିମ୍ବା ଡେପୁଟି କେହି ନ ଥିବାବେଳେ ଏକମାତ୍ର କର୍ମଚାରୀ ସେଠାକୁ ଯାଇ ଖେଳୁଥିବା ନବମ ଶ୍ରେଣୀ ଛାତ୍ରଙ୍କୁ ଭୁଲ ପାଇଁ ଦଣ୍ଡ ସ୍ୱରୂପ କାନଧରା କରାଇଥିଲେ। ନବମ ଶ୍ରେଣୀର ଦଣ୍ଡ ପାଇଥିବା ଛାତ୍ର ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଦଣ୍ଡ ଦେବାକୁ ଦାବି କରିଥିବାବେଳେ କର୍ମଚାରୀ ଜଣକ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ କାନଧରି ଉଠବସ କରାଇଥିଲେ। ସେଠାରେ ଦଣ୍ଡ ପାଉଥିବା ସପ୍ତମ ଶ୍ରେଣୀର ୩ ଛାତ୍ରଙ୍କ ଭିଡିଓ ଭାଇରାଲ ହୋଇଥିଲା। ଏ ଘଟଣାକୁ ନେଇ ବିଦ୍ୟାଳୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ, ବିଡ଼ିଓ ପୃଥିରାଜ ପରିଡା, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାନୁ ସର୍ଦାର ସିଂ, ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ର ଦୁଃଖ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଡେପୁଟିଙ୍କ ଅନୁପସ୍ଥିତିର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଜ୍ଞାନ ଦିବସ

● ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ସେମିନାର



**ବାରିପଦା, ୧।୩(ସମିସ):** ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯିବା ସହ ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରଫେସର ଡକ୍ଟର ଶରତ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ ଯୋଗଦେଇ ବୈଜ୍ଞାନିକ ସିଭି ରମଣଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ସେମିନାରରେ ରିସର୍ସ ପାର୍ସନ ଭାବେ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏକାଡେମୀକ ବର୍ଷର ଡକ୍ଟର ବିଦ୍ୟୁତପ୍ରଭା ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ସୁଧୀର କିସ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥବାବେଳେ ସହକାରୀ ପ୍ରଫେସର ଡକ୍ଟର ଗୋବିନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଫେସର ଡ. ସରୋଜ ନାୟକ, ଡ. ସ୍ୱାଗତିକା ସାହୁ, ମୁରଲୀଧର ପାତ୍ର, ସୁପ୍ରିମ ମଣ୍ଡଳ, ବିଦ୍ୟତପ୍ରଭା ନାୟକ, ବି ଶର୍ମିଷ୍ଠା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ପରୀକ୍ଷାଗାର ସହାୟକ ଦେବାଶିଷ ସେଠୀ, ପ୍ରିୟଙ୍କା ମହାନ୍ତି, ମନୋଜ ବାର, ପ୍ରଜ୍ଞାଶ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମୟୂରଭଞ୍ଜବାସୀଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ଅଭିନବ କାର୍ଯ୍ୟକ୍ରମ

# ଭଞ୍ଜସେନା ପକ୍ଷରୁ ସର୍ବଭାରତୀୟ ରିଲ୍ସ ପ୍ରତିଯୋଗିତା

**ବାରିପଦା,୧।୩(ସମିସ):**

ମୟୂରଭଞ୍ଜ ଜିଲ୍ଲାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ବାସ୍ତବ ତଥା ମୌଳିକ ସମସ୍ୟା ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା ସହିତ ଚାଷୀ ସମୂହଙ୍କ ସମସ୍ୟା ବାବଦରେ ଲୋକଙ୍କୁ ସଚେତନତା କରିବା ପାଇଁ ଭଞ୍ଜସେନା ପକ୍ଷରୁ ପୁଣିଥରେ ରିଲ୍ସ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ବର୍ତ୍ତମାନ ସମୟରେ ସମାଜରେ ବହୁଳ ଆଦୃତ ସାମାଜିକ ଗଣମାଧ୍ୟମ ଜରିଆରେ ସରକାରଙ୍କ ସମ୍ମୁଖରେ ଜିଲ୍ଲାବାସୀଙ୍କ ମୌଳିକ ସମସ୍ୟାକୁ ଅନ୍ୟଏକ ଢଙ୍ଗରେ ଉପସ୍ଥାପନ କରିବା ପାଇଁ ଭଞ୍ଜସେନା ତରଫରୁ ଦ୍ୱିତୀୟ ଥର ହେବାକୁ ଥିବା ସର୍ବଭାରତୀୟ ରିଲ୍ସ ପ୍ରତିଯୋଗିତା ଉତ୍କଳ ଦିବସ ଅପ୍ରେଲ ପହିଲା ସକାଳ ୬ ଘଟିକାରୁ ପଣା ସଂକ୍ରାନ୍ତି ଅପ୍ରେଲ ୧୫ ତାରିଖ ସକାଳ ୬ ଘଟିକା ମଧ୍ୟରେ ପ୍ରତିଯୋଗୀ ଭଞ୍ଜସେନା ଇନଷ୍ଟାଗ୍ରାମ ଆକାଉଣ୍ଟରେ କଲାବୋରେଟ କରିପାରିବେ। ଏହି ସମୟ ଅତିକ୍ରମ କଲାପରେ ଅନ୍ୟକୌଣସି ରିଲ୍ସ ଗ୍ରହଣ କରାଯିବନାହିଁ। ଏହି ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ରାଶି ୧,୫୦,୦୦୦ ଟଙ୍କା ଥିବାବେଳେ, ଦ୍ୱିତୀୟ ପୁରସ୍କାର ରାଶି ୧,୨୫,୦୦୦ ଟଙ୍କା, ତୃତୀୟ ପୁରସ୍କାର ରାଶି ୧,୦୦,୦୦୦ ଟଙ୍କା, ଚତୁର୍ଥ ପୁରସ୍କାର ରାଶି ୭୫,୦୦୦ ଟଙ୍କା, ପଞ୍ଚମ ପୁରସ୍କାର ରାଶି ୫୦,୦୦୦ ଟଙ୍କା ରହିଥିବାବେଳେ ସାନ୍ତ୍ୱନାମୂଳକ ପୁରସ୍କାର ରାଶି ୧୦,୦୦୦ ଟଙ୍କା ଲେଖାଏଁ ୧୦ ଜଣଙ୍କୁ ପ୍ରଦାନ କରାଯିବ। ସର୍ବମୋଟ ଏହି ପ୍ରତିଯୋଗିତାରେ ୧୫ ଜଣଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ। ଏହି ପୁରସ୍କାର ରାଶି ୨୦୨୬ ମେ ମାସ ୧ ତାରିଖ ବିଶ୍ୱ ଶ୍ରମିକ ଦିବସ ଦିନ ଭୁବନେଶ୍ୱରରେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଦାନ କରାଯିବ ବୋଲି ସଂଗଠନ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ପ୍ରଦାନ କରିଛନ୍ତି। ଏହି ରିଲ୍ସ ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସଡ଼ର ଭାବେ ମୟୂରଭଞ୍ଜ ସନ୍ତାନ ଆନ୍ତର୍ଜାତିକ ୟୁଟ୍ୟୁବର୍ ତଥା ବ୍ଲୋଗର ଲବ ହାଁସଦା ରହିବେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

### ଶ୍ରେଷ୍ଠ ୧୫ ଜଣ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର

● ବିନା ଫଳକରେ ଚାଲିଛି କାଡ଼ା ନାଳ ମରାମତି କାମ

# କାମ କେନ୍ଦୁଝର ଜିଲ୍ଲାରେ, କାର୍ଯ୍ୟାଳୟ ଭଦ୍ରକରେ

ହାଟଡ଼ିହୀ,୧।୩(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ବିଭିନ୍ନ ପାଣି ପଞ୍ଚାୟତରେ ଏବଂ କାଡ଼ା ନାଳ କାମ ଜୋରସୋରରେ ଚାଲିଛି। ବିଭିନ୍ନ ସ୍ଥାନର କାମ ଗୁଡ଼ିକରେ ଠିକା ନେଇଥିବା ମିସ୍ତ୍ରୀ ଓ ଲେବର ମାନଙ୍କ ଦ୍ୱାରା କାମ ଚାଲୁଛି। ଅନେକ ସମୟରେ କାମ ସ୍ଥାନରେ ଠିକାଦାରଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳୁନାହିଁ। ଚଳିତବର୍ଷ କେଉଁ ପାଣି ପଞ୍ଚାୟତରେ କାର୍ଯ୍ୟ ଚାଲିଛି ଜାଣିବା ସମ୍ବନ୍ଧରେ ଗଣମାଧ୍ୟମ ପ୍ରତିନିଧି ଫୋନ୍ କଲେ ମଧ୍ୟ ସମ୍ପୃକ୍ତ କାର୍ଯ୍ୟର କନିଷ୍ଠଯନ୍ତ୍ରୀ ଆଦୌ ଫୋନ୍ କଲ୍ ଗ୍ରହଣ କରୁ ନାହାନ୍ତି । ଧର୍ମକୁ ଆଖିଠାର ମାରି କେବଳ ମିସ୍ତ୍ରୀ ଓ ଲେବରଙ୍କ ତତ୍ତ୍ୱାବଧାନରେ ହିଁ କାମ ଚାଲିଛି। କେନ୍ଦୁଝର ଜିଲ୍ଲାରେ କାମ ଚାଲୁଥିବା ବେଳେ ଏହାର ମୁଖ୍ୟ କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲାରେ ଅବସ୍ଥିତ । କାର୍ଯ୍ୟ ଆରମ୍ଭରୁ ଶେଷ ଯାଏଁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କ ପାଦ ପଡୁନାହିଁ। ଭଦ୍ରକ ଜିଲ୍ଲାରେ ଅଫିସ ଥିବାରୁ ଯନ୍ତ୍ରୀମାନେ ୩୦କିମି ଦୂରତା ଅତିକ୍ରମ କରି ଆସିବାକୁ ମନ ବଳାନ୍ତି ନାହିଁ କି କୌଣସି କାମର ସଠିକ୍ ତଦାରଖ କରନ୍ତି ନାହିଁ। ଯାହାଫଳରେ ସରକାରୀ ଅର୍ଥ ଖର୍ଚ୍ଚ ହେଉଥିଲେ ବି ସଠିକ୍ ଢ଼ଙ୍ଗରେ ବିନିଯୋଗ ହେଉଛି କି ନାହିଁ ଜଣାପଡୁନାହିଁ। କାର୍ଯ୍ୟଶେଷ ପରେ ଫଳକ ଲାଗୁଥିବାବେଳେ ଆରମ୍ଭରୁ ଶେଷ ଯାଏଁ ବିନା ଫଳକରେ କାମ ଚାଲୁଛି। କାଡ଼ା ନାଳ ମରାମତି କାମ ଆଳରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବାଟ ମାରଣା କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟପ୍ରତି ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

ଚିକିତ୍ସାରେ ଅବହେଳା ଯୋଗୁଁ ରୋଗୀ ମୃତ୍ୟୁ ଅଭିଯୋଗ

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

ତୁରୁମୁଙ୍ଗା,୧।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁଁ ରୋଗୀର ମୃତ୍ୟୁ ହୋଇଥିବାରୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ତେଲକୋଇ ଥାନା ମାଳଦା ଗ୍ରାମର ଭୂୟାଁ ମୁଣ୍ଡା। ତାଙ୍କଘର ହାତୀ ଭାଙ୍ଗି ଦେଇଥିବାରୁ ୬ ମାସ ହେଲା ଘଟଗାଁ ଥାନା ରାମଚନ୍ଦ୍ରପୁର ଗ୍ରାମର ଶ୍ୱଶୁର ଘରେ ସ୍ତ୍ରୀ ପିଲା ଛୁଆଙ୍କ ସହ ରହୁଥିଲେ। ଜ୍ୱରରେ ପୀଡ଼ିତ ହୋଇ ଗୁରୁତର ହେବାରୁ ପରିବାରଲୋକେ ଶନିବାର ରାତିରେ ପାଟଣା ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ, ମାତ୍ର କେନ୍ଦୁଝର ନେବାପାଇଁ ଦେଢ଼ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ ଆମ୍ବୁଲାନ୍ସ



ଆସିବାରେ ବିଳମ୍ବ ଯୋଗୁଁ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତଖାନା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ରୋଗୀର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଥିବା ବେଳେ ଚିକିତ୍ସା କରିଥିବା ଡାକ୍ତର ନିରଞ୍ଜନ ସାହୁ ଚିକିତ୍ସାରେ କୌଣସି ଅବହେଳା କରି ନ ଥିବା କହିଥିଲେ। ସେ କାହାରିକୁ ଦୁର୍ବ୍ୟବହାର କରିନଥିବା କହିଥିବାବେଳେ ରାତି ୧୨ଟାରେ ୨ ଜଣ ନିଶାସକ୍ତ ଯୁବକ ଆସି ପ୍ରଥମେ ସିକ୍ୟୁରିଟି ପରେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବା କହିଥିଲେ। ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିବା ବେଳେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଅପରାହ୍ନ ୪ ଟାପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଚ୍‌ପିଭି. ଟିକାକରଣ



କେନ୍ଦୁଝର,୧।୩(ସମିସ):କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଦ୍ୱାରା ଏଚପିଭି. ଟୀକାକରଣର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ଶ୍ରୀ ନାଏକ ନିଜ ବକ୍ତବ୍ୟରେ କହିଥିଲେ ଯେ ହ୍ୟୁମାନ ପାପିଲୋମା ଭାଇରସ (ଏଚ.ପି.ଭି.) ଟୀକାକରଣ ମହିଳାମାନଙ୍କର ଜରାୟୁ ଗ୍ରୀବା କର୍କଟ ରୋଗର ପ୍ରତିରୋଧ ପାଇଁ ସୁରକ୍ଷା ପ୍ରଦାନ କରିଥାଏ। ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀମାନଙ୍କୁ ଦିଆଯିବ। ଏହା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସମେତ ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପ୍ରଦାନ କରାଯିବ। ଏହି ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ଏଚ.ପି.ଭି. ଟିକାକରଣ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡା ପୁରୁଷୋତ୍ତମ ମହାନ୍ତ, ଏଡିପିଏଚଓ(ପରିବାର କଲ୍ୟାଣ) ଡା.ଲକ୍ଷ୍ମୀଧର ମହାନ୍ତ, ଡା.ଅଶୋକ କୁମାର ନାଏକ, ରୋଟାରୀ କ୍ଲବର ସଭାପତି ହରିହର ମହାନ୍ତ, ସମ୍ପାଦକ ବିଜୟ କୁମାର ବେହେରା, ସଦସ୍ୟ ବିଜୟ ଏନ କାପୁର, ଡିପିଏଚସିଓ ଭରତ କୁମାର ସାହୁ, ଡିଭିଏଲଏମ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଆଇସିଏ ଚିତ୍ତରଞ୍ଜନ ଜେନା, ଏଏମ୍ ସିପି ପ୍ରସନ୍ନ କୁମାର ଦେବତ୍ତା, ଏସ୍ଏ ବୃନ୍ଦାବନ ସାହୁ, ଏଚ.ଏମ୍ ରଞ୍ଜନା ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ନିତ୍ୟରଞ୍ଜନ ବରାଳ ପରିଚାଳନା କରିବା ସହିତ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ।

# ଟାଟାଷ୍ଟିଲ୍ ପକ୍ଷରୁ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ

ଯୋଡ଼ା,୧।୩(ସମିସ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଆୟୋଜିତ 'ସବଳ' କାର୍ଯ୍ୟକ୍ରମ ଅଧୀନରେ ଯୋଡ଼ାରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଆର୍ଟିଫିସିଆଲ ଲିମ୍ବସ ମାନ୍ୟୁଫାକ୍ଚରିଂ କର୍ପୋରେସନ ଅଫ୍ ଇଣ୍ଡିଆ (ଏଲିମ୍କୋ) ସହଯୋଗରେ ଭାରତ ସରକାରଙ୍କ ଏଡିଆଇପି ଏବଂ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଡ଼ା ଓ ଏହାର ଆଖପାଖ ଅଞ୍ଚଳର ୨୨୨ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ଅଧୀନରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଟିମ୍, ଅଙ୍ଗନବାଡ଼ି କର୍ମୀ ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କ ସହାୟତାରେ ୨୮୮ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଗତ ଫେବୃଆରୀ ୩ ରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ସ୍କ୍ରିନିଂ ଏବଂ ଯାଞ୍ଚ ଶିବିର ପରେ ୨୨୨ ଜଣଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ଫେବୃଆରୀ ୨୫ ଏବଂ ୨୬ ତାରିଖରେ ଯୋଡ଼ା, ବିଚାକୁଣ୍ଡି, ବିଲେଇପଦା ଏବଂ ଖଣ୍ଡବନ୍ଧଠାରେ ବଣ୍ଟନ ଶିବିର ଆୟୋଜିତ ହୋଇଥିଲା।



ଏହି ଅବସରରେ ଏଲିମକୋର ବୈଷୟିକ ବିଶେଷଜ୍ଞମାନେ ଉପକରଣଗୁଡ଼ିକର ସଠିକ୍ ବ୍ୟବହାର ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ହିତାଧିକାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଲିମିଟେଡର ଫେରୋ ଆଲୟଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏଏମ୍‌ଡି) ମୁଖ୍ୟ ଶମ୍ଭୁନାଥ ଝା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଫଏଏମ୍‌ଡିର ସିନିୟର ମ୍ୟାନେଜର (ସୁରକ୍ଷା) ଅନୁଜ କୁମାର, ସିନିୟର ମ୍ୟାନେଜର (ସେଫ୍ଟି) ଜୀବିତେଶ ଅନୋଖେଙ୍କ ସମେତ ବାଲଦା ସରପଞ୍ଚ ବରୁଣ ନାୟକ, ବିରକଳା ସରପଞ୍ଚ ମୁଖା ନାୟକ ଏବଂ ପଞ୍ଚାୟତ ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ ଉପସ୍ଥିତ ଥିଲେ।

● କେନ୍ଦୁଝର ଗସ୍ତରେ ରାଜସ୍ୱ ମନ୍ତ୍ରୀ

# ଜମି ଅଧିଗ୍ରହଣ ଓ ରାଜସ୍ୱ ମାମଲାର ସମୀକ୍ଷା

କେନ୍ଦୁଝର,୧।୩(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି କେନ୍ଦୁଝର ଜିଲ୍ଲା ଗସ୍ତକରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ମନ୍ତ୍ରୀ ଆଜି ସକାଳେ ସମ୍ବଲପୁରରୁ ବାହାରି ଘଟଗାଁରେ ପହଞ୍ଚି ମା' ତାରିଣୀଙ୍କ ଦର୍ଶନ କରିବା ସହ ମଧ୍ୟାହ୍ନରେ ମନ୍ତ୍ରୀ କେନ୍ଦୁଝର ସାର୍କିଟ ହାଉସରେ ପହଞ୍ଚି ଜିଲ୍ଲାସ୍ତରୀୟ ରାଜସ୍ୱ ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରାୟ ୩୧୨.୮୭ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ମୋଟ ୬୨.୬୦ ଏକର ଜମିର ଆବଶ୍ୟକତା ରହିଛି। ଏଥିମଧ୍ୟରୁ ୧୩.୫୦ ଏକର ସରକାରୀ ଜମି ଏବଂ ୧୫.୩୫ ଏକର ବେସରକାରୀ ଜମିର ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ଯାତ୍ରୀ ନିବାସ ଓ ପ୍ରସାଦ ସେବନ ହଲ୍ ପାଇଁ ମାଟି ପରୀକ୍ଷା ସରିଥିବା ବେଳେ ୪୦ଧ ଜମି ନିର୍ମାଣକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ବିଶେଷ କରି 'ପାଟଣା ମେଗା ଷ୍ଟିଲ ପ୍ଲାଣ୍ଟ' ପାଇଁ ଆବଶ୍ୟକ ହେଉଥିବା ୨୪୦୭.୩୬ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ପ୍ରକଳ୍ପରେ ଚେମନା ଓ ଯମୁନାପୋଷୀ ପଞ୍ଚାୟତର ୧୨ଟି ଗ୍ରାମ ଅନ୍ତର୍ଭୁକ୍ତ ହେଉଥିବାରୁ ସାମାଜିକ ପ୍ରଭାବ ଆକଳନ ପାଇଁ ପାଣ୍ଠି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ମାନ୍ୟବର ମନ୍ତ୍ରୀ କେବଳ ପୃଥକ ଭାବେ ଯୋଜନା କରିବା ଯଥେଷ୍ଟ ନୁହେଁ, ବରଂ ବିଭିନ୍ନ ସରକାରୀ ଯୋଜନାର ସମନ୍ୱୟ ବା 'ଇଣ୍ଟିଗ୍ରେସନ' ଜରୁରୀ। ଏହାଦ୍ୱାରା ଜଣେ ହିତାଧିକାରୀ ସମସ୍ତ ସୁବିଧା ଏକାସାଙ୍ଗରେ ପାଇପାରିବେ। ଜମିହୀନଙ୍କ



ପାଇଁ ସ୍ୱତନ୍ତ୍ର 'ଲେ-ଆଉଟ୍' ବ୍ୟବସ୍ଥା ରେ ଯେଉଁ ଲୋକଙ୍କ ପାଖରେ ନିଜସ୍ୱ ଜମି ନାହିଁ, ସେମାନଙ୍କ ପାଇଁ ସରକାରୀ ସିଙ୍ଗଲ୍ ଜାଗାରେ ଏକ ମାଷ୍ଟର ପ୍ଲାନ୍ ବା 'ଲେ-ଆଉଟ୍' ପ୍ରସ୍ତୁତ କରାଯିବ। ପ୍ରଶାସନ ପକ୍ଷରୁ ସେହି ସ୍ଥାନରେ ଘର ପାଇଁ ପ୍ଲଟ୍ ଚିହ୍ନଟ କରି ସେଥିରେ ଆବଶ୍ୟକୀୟ ରିମାର୍କ ପ୍ରଦାନ କରାଯିବ, ଯାହାଫଳରେ ସେମାନେ ସେଠାରେ ସ୍ଥାୟୀ ଭାବେ ବସବାସ କରିପାରିବେ। ଏହି ବ୍ୟବସ୍ଥାକୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ସହ ଯୋଡ଼ିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ଅତି ଗରିବ ଶ୍ରେଣୀର ଲୋକମାନେ ଜମି ପାଇବା ସହ ସରକାରୀ ସହାୟତାରେ ପକ୍କାଘର ନିର୍ମାଣ କରିପାରିବେ। ଏହି ପଦକ୍ଷେପ ଦ୍ୱାରା ଲୋକଙ୍କ ବହୁଦିନର କଷ୍ଟ ଦୂର କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ବର୍ତ୍ତମାନର ବାଲି ଘାଟ ନିଲାମ ପ୍ରକ୍ରିୟା ପରିବର୍ତ୍ତେ ଏଣିକି 'ଇ-ଲଟେରୀ'ବ୍ୟବସ୍ଥା କରାଯିବ। ଏହି ବ୍ୟବସ୍ଥାରେ ବାଲିର ଏକ ସର୍ବାଧିକ ଦର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯିବ। ଏହାଦ୍ୱାରା ବଜାରରେ ବାଲିର ଦର ନିୟନ୍ତ୍ରଣରେ ରହିବ। ତହସିଲ ସ୍ତରରେ ଇ-ଲଟେରୀ ପ୍ରକ୍ରିୟାକୁ ପରିଚାଳନା କରିବା ଏବଂ ଲିଜ୍ ପ୍ରଦାନ କରିବା ଏହି ବିଭାଗର ଦାୟିତ୍ୱ ବୋଲି ଏହି ବୈଠକ ରେ ମନ୍ତ୍ରୀ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡ. ଫକୀରମୋହନ ନାୟକ, ଉପଜିଲ୍ଲାପାଳ ଉମାକାନ୍ତ ଦଳାଇ, ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ତହସିଲଦାର ଓ ବିଭାଗର ଉପରିସ୍ଥ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# କଇନିପୁରା ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

ଆନନ୍ଦପୁର,୧।୩(ସମିସ): ଘସିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତ କଇନିପୁରା ଉପ୍ରା ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଦିବସରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଭୟ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଜାତୀୟ ବିଜ୍ଞାନ ଦିବସର ଆଭିମୁଖ୍ୟ ଏବଂ



ସାମ୍ପ୍ରତିକ ପରିବେଶରେ ବିଜ୍ଞାନର ଅବଦାନ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦିଆଯାଇଥିଲା। ଶିକ୍ଷୟିତ୍ରୀ କଲ୍ୟାଣୀ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ କୁଇଜ୍ ପ୍ରତିଯୋଗିତାର ଉଭୟ ଗ୍ରୁପର ଶ୍ରେଷ୍ଠ ତିନି ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ପୁରସ୍କାର ଦିଆଯାଇଥିଲା। ତତ୍‌ସହିତ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କ ମା'ତାରିଣୀ ଦର୍ଶନ ଓ ମନ୍ଦିର ପ୍ରକଳ୍ପ ସମୀକ୍ଷା

ଘଟଗାଁ,୧।୩(ସମିସ): ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଘଟଗାଁ ଗସ୍ତରେ ଆସି ତାରିଣୀ ଦର୍ଶନ କରିଥିଲେ। ପରେ ସ୍ଥାନୀୟ ଡାକ ବଙ୍ଗଳାକୁ ଯାଇ ତାରିଣୀ ମନ୍ଦିର ସମନ୍ୱିତ ବିକାଶ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପର ମାନଚିତ୍ରକୁ ଦେଖିବା ସହ କେତେ ସରକାରୀ ଜାଗା ଓ କେତେ ବେସରକାରୀ ଜାଗା ଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ସମୀକ୍ଷା ବୈଠକରେ ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଫକୀର ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ସାଂସଦ ପ୍ରତିନିଧି ଅଖିଳ ପାତ୍ର, ଓବିସିସିର ଅଧିକ୍ଷଣ ଯନ୍ତ୍ରୀ ପ୍ରୟାଗ ଚାନ୍ଦ



ବେହେରା, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରାଜଶ୍ରୀ ବେହେରା, ଉପ ଜିଲ୍ଲାପାଳ ଉମାକାନ୍ତ ଦଳେଇ, ତହସିଲଦାର ଚାରୁଲତା ସିଂହ, ବିଡିଓ ଖଗେଶ୍ୱର ବରାଳ, ପୂର୍ବତନ ମନ୍ଦିର ପରିଚାଳନା ବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଜନସାଧାରଣ ତହସିଲ କାର୍ଯ୍ୟାଳୟରେ ବ୍ୟାକପ ଅବ୍ୟବସ୍ଥା ସମ୍ପର୍କରେ ରାଜସ୍ୱ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ହେଲିପ୍ୟାଡ ପଡିଆରେ ସାଂସଦ, ବିଧାୟକଙ୍କ ସମେତ ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଘସିପୁରା ବିଜେପି ବିଧାୟକ ପ୍ରାର୍ଥୀ ଡ଼ ଶମ୍ଭୁ ନାଥ ରାଉତ, ପୃଥ୍ୱୀବ କୁଅଁର, ବରିଷ୍ଠ ବିଜେପି ନେତା ଜଗବନ୍ଧୁ ସା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

ଗୋଟିଏ କାମ ପାଇଁ ଲାଗିଛି ଦୁଇଟି ଫଳକ

# ଡ୍ରେନ୍ କାମକୁ ନେଇ ଦୁଇ ଗୋଷ୍ଠୀ ଛକାପଞ୍ଝା

ଆନନ୍ଦପୁର,୧।୩(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅଧୀନ ସାଇଁକୁଳ ଗ୍ରାମର ମହାଦେବ ସାହିର ମହାଦେବ ମନ୍ଦିରଠାରୁ କ୍ଷୀରବାଟି ପର୍ଯ୍ୟନ୍ତ ନୂତନ ଡ୍ରେନ ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୫/୨୦୨୬ର ପଞ୍ଚାୟତ ସମିତି ଘଷିପୁରା ପକ୍ଷରୁ ଅଟକଳ ମୂଲ୍ୟ ତିନିଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଯିବା ନିୟମ ରହିଛି। ହେଲେ ଏଠାରେ ଦେଖିବାକୁ ମିଳୁଛି ଗୋଟିଏ କାମ ପାଇଁ ଦୁଇ ଦୁଇଟି ଫଳକ ଲାଗିଛି। ଗୋଟିଏ ସୂଚନା ଫଳକରେ ସମସ୍ତ ପ୍ରକାରର ବିବରଣୀ ଉଲ୍ଲେଖ ଥିବା ବେଳେ





ଅନ୍ୟଟି କେବଳ ନିର୍ମାଣ କରି ସେମିତି ଛାଡ଼ି ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଖବର ଅନୁଯାୟୀ ଗୋଟିଏ କାମ, କିନ୍ତୁ ଲାଗିଛି ଦୁଇଟି ସୂଚନା ଫଳକ। ଡ୍ରେନ୍ ନିର୍ମାଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଛି ଛକାପଞ୍ଝା। କାମଟି ଯନ୍ତ୍ରୀଙ୍କ ନାମରେ ରେକର୍ଡ ହୋଇଥିବା ସତ୍ତ୍ୱେ ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଆରମ୍ଭ ହୋଇଛି ଦାୟିତ୍ୱ ନେବାର ଦୌଡ଼। ଗୋଟିଏ କାମ ପାଇଁ ଦୁଇଟି ଫଳକ କାହିଁକି? ସ୍ପଷ୍ଟତା ନଥିଲେ ଆଗକୁ ଅନିୟମିତତା ହେବାର ଆଶଙ୍କା ରହିଛି। ଘଟଣାକୁ ଗୁରୁତ୍ୱ ଦେଇ ବିଡିଓ ହସ୍ତକ୍ଷେପ କରିଥିବା କୁହାଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ସମ୍ମତି ହୋଇ ନ ଥିବାରୁ ସମସ୍ୟାର ସମାଧାନ ହୋଇପାରିନାହିଁ। ଗ୍ରାମବାସୀ ଦାବି କରିଛନ୍ତି ଯେ, ପ୍ରଶାସନ ତୁରନ୍ତ ସ୍ପଷ୍ଟ କରନ୍ତୁ କାମର ଅସଲି ଦାୟିତ୍ୱ କାହା ପାଖରେ ଅଛି ଓ ଅନିୟମିତତା ରୋକିବା ପାଇଁ କଠୋର ପଦକ୍ଷେପ ନିଆଯାଉ। ତେବେ ଏହି ବିଷୟରେ ଯନ୍ତ୍ରୀ ସସ୍ମିତା ହେମ୍ବ୍ରମଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଦୁଇ ଗୋଷ୍ଠୀଙ୍କୁ ନେଇ ଆଲୋଚନା ହେବାପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ।

# ନୂଆଗାଁରେ ନିଶା ମୁକ୍ତି ଭାରତ ଅଭିଯାନ

ଆନନ୍ଦପୁର,୧।୩(ସମିସ): ସାମାଜିକ ଅନୁଷ୍ଠାନ ଦିଶା ତରଫରୁ ନୂଆଗାଁ ବିଦ୍ୟାଳୟରେ ନିଶାମୁକ୍ତି ଭାରତ ଅଭିଯାନ କାର୍ଯ୍ୟକମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନିଶା ନିବାରଣ ଉପରେ ଛିତ୍ରାଙ୍କନ, କୁଇଜ, ପ୍ରବନ୍ଧ ପତ୍ରିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଶା ସମ୍ପାଦକ ସଞ୍ଜୀବ କୁମାର ପଣ୍ଡା ମୁଖ୍ୟ ଅତିଥି, ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ଦାସ ମୁଖ୍ୟବକ୍ତା, ଦିଶାର ପ୍ରକଳ୍ପ ସଂଯୋଜକ ଅମୀୟ କୁମାର ସା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଞ୍ଜଳି ଗୁରୁମା, ଦୀପାଞ୍ଜଳି ଗୁରୁମା, ମୋନାଲିଶା ଗୁରୁମା ଛାତ୍ରଛାତ୍ରୀଙ୍କୁ ନିଶା ନିବାରଣ ଉପରେ ଦିଗଦର୍ଶନ କରିଥିଲେ। ଦିଶାର ସାମାଜିକ କର୍ମୀ ରାଜ ନାରାୟଣ ରାଉତ, ବୈକୁଣ୍ଠ ସାହୁ, ରାଜଲକ୍ଷ୍ମୀ ସାହୁ ସହଯୋଗ କରିଥିଲେ।

# ଜାତୀୟ ବିଜ୍ଞାନ ଦିବସ

ତୁରୁମୁଙ୍ଗା,୧।୩(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ଗଦଗଦି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷକ ଯତୀନ କୁମାର ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ନାଟକ 'ଅନ୍ଧ ବିଶ୍ୱାସ' ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାନ୍ତ ବିଭିନ୍ନ ପରୀକ୍ଷା କରି ଶିଶୁମାନଙ୍କୁ ଦେଖାଇଥିଲେ। ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ଉଦ୍‌ଘାଟନ ଉତ୍ସବରେ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତାପ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟୁମତୀ ମହାନ୍ତ ସଂଯୋଜନା କରିଥିବାବେଳେ ସେବକ ସେବିକା ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ.ଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୪୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା, ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ, ବରୁଣ, ଶ୍ରେୟାସ୍, କେତଭ, ଶିବାନୀ, ଅନୁଷ୍କା, ଓମ୍ ଏବଂ
ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।